

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ


The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.109, Friday, 7 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୯, ଶୁକ୍ରବାର, ୭ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.109, Friday, 7 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୯, ଶୁକ୍ରବାର, ୭ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା




# ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.109, Friday, 7 August 2026, Puri, Pages - 25, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୯, ଶୁକ୍ରବାର, ୭ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


# ଆଜି ସନ୍ଧ୍ୟାସୁଦ୍ଧା ବନ୍ୟା କ୍ଷୟକ୍ଷତି ରିପୋର୍ଟ

- ଡିବିଟି ମାଧ୍ୟମରେ ଲୋକଙ୍କ ଆକାଉଣ୍ଟକୁ ଯିବ ଟଙ୍କା
- ସୁଦୃଢ଼ ହେବ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି
- ନିର୍ଭୁଲ୍ ହେବ ପାଣିପାଗ ବିଭାଗର ପୂର୍ବାନୁମାନ
- ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣ ତ୍ୱରାନ୍ୱିତ ଲାଗି ନିର୍ଦ୍ଦେଶ
- ପ୍ରତ୍ୟେକ ଟାୱାରରେ ଲାଗିବ ୩୬୦ଡିଗ୍ରୀ କ୍ୟାମେରା



ଭୁବନେଶ୍ୱର(ବ୍ୟୁରୋ)

ଶୁକ୍ରବାର ସନ୍ଧ୍ୟା ୫ଟା ସୁଦ୍ଧା ଆସିବ ବନ୍ୟା କ୍ଷୟକ୍ଷତି ରିପୋର୍ଟ । ରିପୋର୍ଟ ଆସିବା ପରେ ବସିବ ବୈଠକ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସରକାର ୨୨ଟି ଜିଲ୍ଲାକୁ ୧୧୦ କୋଟି ବନ୍ୟା ସହାୟତା ଦେଇଛନ୍ତି। ଡିବିଟି ମାଧ୍ୟମରେ ଲୋକଙ୍କ ଆକାଉଣ୍ଟକୁ ସିଧା ଟଙ୍କା ଯିବ। ବାଲେଶ୍ୱର, ଭଦ୍ରକ, ଯାଜପୁରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାଲେଶ୍ୱରକୁ ୨୨.୦୩ କୋଟି, ଯାଜପୁରକୁ ୨୦.୨୦ କୋଟି ଏବଂ ଭଦ୍ରକକୁ ୨୦.୧୨ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅନ୍ୟପଟେ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ସାମ୍ପ୍ରତିକ ବନ୍ୟା ପରିସ୍ଥିତିର ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ବିଭିନ୍ନ ସ୍ଥାନରେ ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣ ତ୍ୱରାନ୍ୱିତ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ବନ୍ୟା ପରେ ପରେ କ୍ଷୟକ୍ଷତି ଆକଳନ ତ୍ୱରାନ୍ୱିତ ହେବା ସହ ବିଭିନ୍ନ ସ୍ଥାନରୁ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟକୁ ଆସୁଛି । ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବନ୍ୟା ଜଳ ଛାଡ଼ିବାର ୭୨ଘଣ୍ଟା ମଧ୍ୟରେ କ୍ଷୟକ୍ଷତି ଆକଳନ ଅବ୍ୟାହତ ରହିଛି । ଇତି ମଧ୍ୟରେ ପ୍ରଭାବିତ ୨୨ଟି ଜିଲ୍ଲାକୁ ସମୁଦାୟ ୧୧୦କୋଟିର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତନ୍ମଧ୍ୟରେ ବାଲେଶ୍ୱର ଜିଲ୍ଲାକୁ ୨୨.୦୩ କୋଟି, ଯାଜପୁରକୁ ୨୦.୨୦ ■ ପୃଷ୍ଠା-୧୫

## ବଜ୍ରପାତ ରୋକିବାକୁ ଚାଷଜମିର ହିଡ଼ରେ ଲାଗିବ ତାଳଗଛ

ବଜ୍ରପାତ। ପ୍ରତିବର୍ଷ ଛଡ଼ାଇ ନେଉଛି ଜୀବନ, ରଚୁଛି ମୃତ୍ୟୁର ତାଣ୍ଡବ। ଆଉ ଏହି ବିପଦରୁ ରକ୍ଷା ପାଇଁ ଏବେ ତାଳଗଛକୁ ଢାଲ କରିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର। ଏଣିକି ଚାଷ ଜମିର ହିଡରେ ଲାଗିବ ତାଳଗଛ। ଜମି ମାଲିକଙ୍କୁ ମିଳିବ ତାଳ ଚାରା ସହ ଆର୍ଥିକ ସହାୟତା। ରାଜ୍ୟରେ ବଢୁଥିବା ବଜ୍ରପାତ ଜନିତ ମୃତ୍ୟୁକୁ ଦେଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏଭଳି ବଡ଼ ପଦକ୍ଷେପ ନେଇଛି। ରେକର୍ଡ କହୁଛି, ବିଗତ ୫ ବର୍ଷରେ ରାଜ୍ୟରେ ୧୪୧୮ ଜଣଙ୍କ ଜୀବନ ନେଇଛି ବଜ୍ରପାତ। ଯେଉଁଥିରେ ଅଧିକାଂଶ ଚାଷୀ। ପ୍ରତିବର୍ଷ ଏହି ସଂଖ୍ୟା ବଢି ଚାଲିଥିବାରୁ ଚିନ୍ତା ଘାରିଛି ସରକାରଙ୍କୁ। ଏଣୁ ରାଜ୍ୟରେ ୧ କୋଟି ୭୧ ଲକ୍ଷ ପଟ୍ଟା ଥିବା ସବୁ ଜମିର ହିଡରେ ତାଳଗଛ ଲଗାଇବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଜଙ୍ଗଲ ବିଭାଗକୁ ୩୫ କୋଟି ଦେଇଛି ରାଜସ୍ୱ ବିଭାଗ। ଅନ୍ୟପଟେ ସହରାଞ୍ଚଳରେ ବଜ୍ରପାତରୁ ବର୍ତ୍ତିବାକୁ ବିକଳ୍ପ ବ୍ୟବସ୍ଥା ପ୍ରସ୍ତୁତ ହେବ।

### ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ କଲେ ନେତାନ୍ୟାହୁ

## ରଣନୈତିକ ସହଭାଗିତା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ



ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ କରିଥିଲେ। ସେମାନେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ରଣନୈତିକ ସହଭାଗୀତା ଉପରେ ଆଲୋଚନା କରିଥିଲେ। ୨୮ ଫେବୃଆରୀ, ୨୦୨୬ରେ ଇରାନ ଉପରେ ଇସ୍ରାଏଲ-ଆମେରିକା ମିଳିତ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା; ଭାରତ ଉଭୟ ରାଷ୍ଟ୍ରକୁ ଶାନ୍ତି ବଜାୟ ରଖିବାକୁ ନିରନ୍ତର ଅନୁରୋଧ କରିଆସିଛି। ଦୁଇ ନେତା ପଶ୍ଚିମ ଏସିଆ (ମଧ୍ୟପ୍ରାଚ୍ୟ)ରେ ସାମ୍ପ୍ରତିକ ଘଟଣାବଳୀ ଉପରେ ଆଲୋଚନା କରିଥିଲେ ଏବଂ ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ। କଲ ସମୟରେ, ପ୍ରଧାନମନ୍ତ୍ରୀ ମୋଦି ଏବଂ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ବିଭିନ୍ନ କ୍ଷେତ୍ରରେ ପାରସ୍ପରିକ ସହଯୋଗକୁ ମଜବୁତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର, ୬ ଅଗଷ୍ଟ, ୨୦୨୬ରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କଠାରୁ ଫୋନ ପାଇଥିଲେ। ସେମାନେ ଭାରତ-ଇସ୍ରାଏଲ ସ୍ୱତନ୍ତ୍ର ରଣନୈତିକ ସହଭାଗୀତାରେ ଚାଲିଥିବା ବିକାଶର ସମୀକ୍ଷା କରିଥିଲେ। ଭାରତ ଏବଂ ଇସ୍ରାଏଲ ଏକ ସ୍ୱତନ୍ତ୍ର ରଣନୈତିକ ସହଭାଗୀତା ଭାବରେ ପରିଭାଷିତ ଏକ ସମ୍ପର୍କ ବାଣ୍ଟନ୍ତି। ଏହି ସମ୍ପର୍କ ମୁଖ୍ୟତଃ ପ୍ରତିରକ୍ଷା, ଉଚ୍ଚ-ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ଗଭୀର ରଣନୈତିକ ବିଶ୍ୱାସ ଉପରେ ନିର୍ମିତ। ୧୯୯୨ ମସିହାରେ ଦୁଇ ଦେଶ ମଧ୍ୟରେ ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳରେ ଏହି ସମ୍ପର୍କ ନୂତନ ଉଚ୍ଚତାରେ ପହଞ୍ଚିଛି ବୋଲି ବ୍ୟାପକ ଭାବରେ ସ୍ୱୀକୃତ। ■ ପୃଷ୍ଠା-୧୫

## ଅଗ୍ନି-୪ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା

ବାଲେଶ୍ୱର(ଅମୃତ ମିଡ଼ିଆ)



ଚାନ୍ଦିପୁରରୁ ଅଗ୍ନି-୪ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା। । ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର)ରୁ ମଧ୍ୟମ ଦୂରତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି-୪ର ସଫଳ ପରୀକ୍ଷା କରିଛି। ଏହି ପରୀକ୍ଷା ରଣନୀତିକ ବାହିନୀ କମାଣ୍ଡର ତତ୍ତ୍ୱାବଧାନରେ କରାଯାଇଥିବାବେଳେ କ୍ଷେପଣାସ୍ତ୍ରର ସମସ୍ତ ପରିଚାଳନାଗତ ଓ ପ୍ରଯୁକ୍ତିଗତ ମାନଦଣ୍ଡ ସଫଳତାର ସହ ପରୀକ୍ଷିତ ହୋଇଛି। ଏହା ନିୟମିତ 'ୟୁଜର ଟ୍ରାଏଲ୍',ଦେଶର ରଣନୀତିକ ପ୍ରତିରୋଧ କ୍ଷମତାର ପ୍ରସ୍ତୁତି ଓ ନିର୍ଭରଯୋଗ୍ୟତାକୁ ପୁଣିଥରେ ଯାଞ୍ଚ କରିବା ଉଦ୍ଦେଶ୍ୟ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

## ଆଜିଠୁ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ବୈଠକ

ଭୁବନେଶ୍ୱର(ବ୍ୟରୋ)

ଶୁକ୍ରବାର ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କର ତ୍ରୟୋଦଶ ବୈଠକ ଅନୁଷ୍ଠିତ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଏହି ବୈଠକରେ ଅଂଶଗ୍ରହଣ କରିବେ । ଦକ୍ଷତା ବିକାଶ, ଗବେଷଣା ଓ ଉଦ୍ଭାବନ, ଯୋଗ୍ୟତା ଓ ଶିକ୍ଷାଗତ ନେତୃତ୍ୱର ଆପୋସ ମାନ୍ୟତା ସମେତ ପ୍ରମୁଖ ପ୍ରାଥମିକତା ଉପରେ ବୈଠକରେ ବିଚାରବିମର୍ଶ କରାଯିବ । ଅନ୍ୟପଟେ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ଭୁବନେଶ୍ୱରରେ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀର ବରିଷ୍ଠ ଶିକ୍ଷା ଅଧିକାରୀମାନଙ୍କ ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ରାଜିଲ, ରୁଷ, ଚୀନ, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଇରାନ, ଇଥିଓପିଆ ଏବଂ ୟୁଏଇ ସମେତ ବ୍ରିକ୍ସ ସଦସ୍ୟ ଦେଶର ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସେମାନେ ବ୍ରିକ୍ସ ଏଜୁକେସନ ଟ୍ରାକ୍ ଅଧୀନରେ ସହଯୋଗକୁ ଆଗକୁ ବଢ଼ାଇବା ନେଇ ଆଲୋଚନା କରିଥିଲେ । ଏହି ବୈଠକ ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ଘୋଷଣାପତ୍ର ଉପରେ ବିସ୍ତୃତ ଆଲୋଚନା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ଅଧିକାରୀମାନେ ଘୋଷଣାପତ୍ରର ପ୍ରସ୍ତାବିତ ବିଷୟବସ୍ତୁ ସମୀକ୍ଷା କରିବା ସହିତ ମତାମତ ଓ ବିଚାରବିମର୍ଶ ବିନିମୟ କରିଥିଲେ । ଶିକ୍ଷା ମନ୍ତ୍ରୀମାନଙ୍କ ବୈଠକ ସମୟରେ ବିଚାର ଏବଂ ଗ୍ରହଣ ପାଇଁ ଉପସ୍ଥାପିତ ହେବାକୁ ଥିବା ପ୍ରମୁଖ ବିଷୟ ଉପରେ ଆଲୋଚନା ହୋଇଥିଲା।ବ୍ରିକ୍ସ ଶିକ୍ଷା ଟ୍ରାକ ଅଧୀନରେ ଚିହ୍ନଟ ହୋଇଥିବା ପ୍ରମୁଖ ପ୍ରାଥମିକତା କ୍ଷେତ୍ରଗୁଡ଼ିକ, ଯଥା ଇସିସିଇ, ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷା ଓ ତାଲିମ (ଟିଭିଇଟି), ସହଯୋଗୀ ଗବେଷଣା ଓ ନବସୃଜନ, ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି, ଶୈକ୍ଷିକ ନେତୃତ୍ୱ ଏବଂ ପାରମ୍ପରିକ ଓ ସ୍ୱଦେଶୀ ଜ୍ଞାନ ପ୍ରଣାଳୀ ଉପରେ ବ୍ରିକ୍ସର ମାର୍ଗଦର୍ଶକ ନୀତି, ସମସ୍ତ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ଘୋଷଣାପତ୍ରକୁ ଆହୁରି ସମୃଦ୍ଧ କରିବା ନେଇ ଆଲୋଚନା ହୋଇଥିଲା । ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ସାମୂହିକ ଆକାଂକ୍ଷା ଏବଂ ପ୍ରାଥମିକତାକୁ ପ୍ରତିଫଳିତ କରିବା ପାଇଁ ପ୍ରତିନିଧିମାନେ ସେମାନଙ୍କର ବିଚାର ଏବଂ ପ୍ରସ୍ତାବ ଦେଇଥିଲେ ।

### ଏଡିଆର୍ ରିପୋର୍ଟରେ ଆଞ୍ଚଳିକ ଦଳ ଚାନ୍ଦା ତାଲିକା

## ଡିଏମ୍‌କେ ପ୍ରଥମ, ଟିଏମ୍‌ସି ଦ୍ୱିତୀୟ



ନୂଆଦିଲ୍ଲୀ

ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର) ପକ୍ଷରୁ ପ୍ରକାଶିତ ଏକ ନୂତନ ବିଶ୍ଳେଷଣାତ୍ମକ ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ 'ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ' (ଏଆଇଟିସି) ଦେଶର ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ରାଜନୈତିକ ଚାନ୍ଦା ହାସଲ କରିଛି। ଏହି ସମୟ ମଧ୍ୟରେ ଦଳ ମୋଟ ୧୮୪.୯୬ କୋଟି ଟଙ୍କାର ଚାନ୍ଦା ପାଇଥିବା ବେଳେ ଆଂଚଳିକ ଦଳ ତାଲିକାରେ ଡିଏମ୍‌କେ ସବୁଠାରୁ ଆଗରେ ରହିଛି। ଭାରତୀୟ ନିର୍ବାଚନ କମିସନ(ଇସିଆଇ)ଙ୍କ ତଥ୍ୟକୁ ଆଧାର କରି ପ୍ରସ୍ତୁତ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ଆଂଚଳିକ ରାଜନୈତିକ ଦଳଗୁଡ଼ିକ ୨୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ମୋଟ ୮,୧୫୮ଟି ଚାନ୍ଦା ଘୋଷଣା କରିଛନ୍ତି, ଯାହାର ମୋଟ ପରିମାଣ ୧,୩୯୯.୨୪୯ କୋଟି ଟଙ୍କା ଅଟେ। ରିପୋର୍ଟ ଅନୁଯାୟୀ, ଚାନ୍ଦା ବୃଦ୍ଧି ମୂଲ୍ୟ ଦୃଷ୍ଟିରୁ ଡିଏମ୍‌କେ ୨୦୨୩-୨୪ ଆର୍ଥିକ ବର୍ଷରେ ୨୧.୫୨ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ୩୪୪.୨୨୨ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୩୬୫.୭୮୪ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ, ତୃଣମୂଳ କଂଗ୍ରେସର ଚାନ୍ଦା ପରିମାଣରେ ଦ୍ୱିତୀୟ ସର୍ବାଧିକ ବୃଦ୍ଧି ଘଟିଛି। ଦଳର ଚାନ୍ଦା ପରିମାଣ ୨୦୨୩-୨୪ ଆର୍ଥିକ ବର୍ଷରେ ମାତ୍ର ୬.୪୨୪ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ଏହା ୧୭୮.୫୩୬ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୧୮୪.୯୬ କୋଟି ଟଙ୍କା ହୋଇଛି। ୨୦୨୪-୨୫ ବର୍ଷରେ ରାଜନୈତିକ ପାଣ୍ଠି ଗ୍ରହଣ କରିବାରେ ■ ପୃଷ୍ଠା-୧୫

## ଦୁର୍ନୀତି ଅଭିଯୋଗରେ ପୂର୍ବତନ ଯନ୍ତ୍ରୀ-ଏମ୍ଇ-ଠିକାଦାର ଗିରଫ

ଗଜପତି(ଅମୃତ ମିଡ଼ିଆ)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ପଟ୍ଟନାୟକ ପୋଖରୀର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟରେ ୫୫ ଲକ୍ଷ ୬୯ ହଜାର ୩୩ ଟଙ୍କାର ସରକାରୀ ପାଣ୍ଠି ଅପବ୍ୟବହାର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ବୁଧବାର ପୂର୍ବତନ କନିଷ୍ଠ ଯନ୍ତ୍ରୀ (ଜେଇ), ମ୍ୟୁନିସିପାଲ ଇଞ୍ଜିନିୟର (ଏମ୍ଇ) ଓ ସମ୍ପୃକ୍ତ ଠିକାଦାରଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି। ଭିଜିଲାନ୍ସ ସୂଚନାନୁସାରେ, ୨୦୧୯ରୁ ୨୦୨୨ ମଧ୍ୟରେ ପଟ୍ଟନାୟକ ପୋଖରୀର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ପାଇଁ ମୋଟ୍ ୧ କୋଟି ୨୨ ଲକ୍ଷ ୪୦ ହଜାର ୭୦୦ ଟଙ୍କା ତିନୋଟି ରନିଂ ଆକାଉଣ୍ଟ (ଆରଏ) ବିଲ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ତଦନ୍ତରେ ପୂର୍ବତନ ଜେଇ ଡି. ଯୁଧିଷ୍ଠିର ସରକାରୀ ମେଜରମେଣ୍ଟ ବୁକ (ଏମ୍ବି)ରେ ମିଥ୍ୟା ଓ ବଢ଼ାଇ ଦିଆଯାଇଥିବା ମାପଚୋପ ଲିପିବଦ୍ଧ କରିଥିବା ଅଭିଯୋଗ ହୋଇଛି।

### ସେ କହିଲେ...



୨୦୩୫ ସୁଦ୍ଧା ୬୦% ଅଣ-ପାରମ୍ପରିକ ଶକ୍ତି କ୍ଷମତା ହାସଲ କରିବା ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' (ଶୂନ୍ୟ ନିର୍ଗମନ) ଲକ୍ଷ୍ୟ ପୂରଣ କରିବାର ଜାତୀୟ ଲକ୍ଷ୍ୟ ସହିତ ତାଳ ମିଳାଇ ଓଡ଼ିଶା ୨୦୩୦ ସୁଦ୍ଧା ୧୧ ଗିଗାୱାଟ୍ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ରାଜ୍ୟର ୫୭୫ କିମି ଉପକୂଳ ଓ ବନ୍ଦରଗୁଡ଼ିକୁ ବ୍ୟବହାର କରି ବଡ଼ ଶିଳ୍ପସଂସ୍ଥାଗୁଡ଼ିକୁ କାର୍ବନମୁକ୍ତ କରିବା ସହ ଓଡ଼ିଶାକୁ ଦକ୍ଷିଣ-ପୂର୍ବ ଏସିଆରେ ଏକ ପ୍ରମୁଖ 'ଗ୍ରୀନ୍ ହାଇଡ୍ରୋଜେନ୍ ହବ୍' ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି।

**କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ

### ପୁରୀ ସ୍ଥିତି ଉଦ୍‌ବେଗଜନକ

## ସ୍ୱର୍ଗଦ୍ୱାର ଶବଦାହ ଧୂଆଁରୁ ବଢୁଛି ପ୍ରଦୂଷଣ

ସ୍ୱର୍ଗଦ୍ୱାରକୁ ନେଇ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି ଏନ୍‌ଜିଟି। ପ୍ରଦୂଷଣ ମାତ୍ରା କମ୍ କରିବା ଲାଗି ବ୍ୟବସ୍ଥା କରିବାକୁ କୁହାଯାଇଛି। କ୍ରମାଗତ ଭାବେ ଶବଦାହ ସଂଖ୍ୟା ବଢୁଥିବାରୁ ସରକାର ଏହାର ପରିସୀମା ବୃଦ୍ଧି କରିବାକୁ ମଧ୍ୟ ଯୋଜନା କରିଥିଲେ। ନିର୍ଦ୍ଦେଶ ମୁତାବକ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚିମିନି ଲଗାଇଥିଲା। ଶବଦାହ ଧୂଆଁ ଓ ପାଉଁଶ ପ୍ରାୟ ୬୦ ଫୁଟ୍ ଉଚ୍ଚାକୁ ଛାଡ଼ି ଦିଆଯାଉଥିଲା। ହେଲେ ଗୋଟିଏ ବର୍ଷ ଚାଲିବା ପରେ ଏହା ନଷ୍ଟ ହୋଇଗଲା। ଏବେ ପୁଣି ପୁରୀ ପ୍ରଦୂଷଣ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ପରିସ୍ଥିତି ଅସମ୍ଭାଳ ହେବ।






- ସ୍ୱର୍ଗଦ୍ୱାରରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସାହିବାସିନ୍ଦା ଅଣନିଃଶ୍ୱାସୀ
- ଚିମିନି ଭାଙ୍ଗି ଛାତ ପକାଇବାରୁ ଜଟିଳ ହେଉଛି ସ୍ଥିତି
- ଶବଦାହ ଲାଗି ମିଳୁନି ପର୍ଯ୍ୟାପ୍ତ ପରିମାଣର କାଠ
- ସ୍ୱର୍ଗଦ୍ୱାର ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଜରୁରୀ

ଭୁବନେଶ୍ୱର (ବ୍ୟୁରୋ)

ଉଦ୍‌ବେଗଜନକ ସ୍ଥିତିରେ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ପୁରୀର ପ୍ରଦୂଷଣ ମାତ୍ରା। ସ୍ୱର୍ଗଦ୍ୱାରରେ ପ୍ରଦୂଷଣ ମାତ୍ରା ସର୍ବାଧିକ ରହୁଛି। ଏହାର ମୁଖ୍ୟ କାରଣ ସ୍ୱର୍ଗଦ୍ୱାରର ଶବଦାହ ଧୂଆଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ପୂର୍ବରୁ ଏହାର ପ୍ରଦୂଷଣ ମାତ୍ରା କମ୍ କରିବାକୁ ଏନ୍‌ଜିଟିଙ୍କ ଆଦେଶକ୍ରମେ ଚିମିନି ସ୍ଥାପନ କରାଯାଇଥିଲା। ହେଲେ ଏହାକୁ ଭାଙ୍ଗି ଛାତ ପକାଇ ଦିଆଯାଇଥିବାରୁ ସ୍ଥିତି ଭୟଙ୍କର ହେବାରେ ଲାଗିଛି। ସେପଟେ ସ୍ୱର୍ଗଦ୍ୱାରରେ ପୂର୍ବରୁ ୫୦ରୁ ୬୦ ଶବଦାହ ହେଉଥିଲା ବେଳେ ଏବେ ଏହା ୧୪୦ରେ ପହଞ୍ଚିଲାଣି। କ୍ରମାଗତ ଭାବେ ଶବଦାହ ସଂଖ୍ୟା ବଢୁଥିବାରୁ ସରକାର ଏହାର ପରିସୀମା ବୃଦ୍ଧି କରିବାକୁ ମଧ୍ୟ ଯୋଜନା କରିଥିଲେ। ନିର୍ଦ୍ଦେଶ ମୁତାବକ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚିମିନି ଲଗାଯାଇଥିଲା। ଶବଦାହ ଧୂଆଁ ଓ ପାଉଁଶ ପ୍ରାୟ ୬୦ ଫୁଟ୍ ଉଚ୍ଚାକୁ ଛାଡ଼ି ଦିଆଯାଉଥିଲା। ହେଲେ ଗୋଟିଏ ବର୍ଷ ଚାଲିବା ପରେ ଏହା ନଷ୍ଟ ହୋଇଗଲା। ଏହା ଭାଙ୍ଗିଯିବା ପରେ ସ୍ୱର୍ଗଦ୍ୱାରର ସମଗ୍ର ଅଞ୍ଚଳକୁ କଂକ୍ରିଟ୍ ଛାତ ପକାଇ ଦିଆଗଲା। ଫଳରେ ଧୂଆଁ ସବୁ ଉପରକୁ ଯାଇ ନପାରି ସେହି ଅଞ୍ଚଳରେ ଘୂରିବୁଲୁଛି। ସ୍ୱର୍ଗଦ୍ୱାରରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ରହିଥିବା ସାହିବାସିନ୍ଦା ଏହି ଧୂଆଁର ଶିକାର ହେଉଛନ୍ତି। ଏହି ଧୂଆଁ ଯୋଗୁଁ ସେମାନଙ୍କୁ ବିଭିନ୍ନ ରୋଗର ଶିକାର ହେବାକୁ ମଧ୍ୟ ପଡୁଛି।

ଆସ୍ଥା ଆଉ ବିଶ୍ୱାସର କେନ୍ଦ୍ର ସ୍ୱର୍ଗଦ୍ୱାର। ତେଣୁ ପ୍ରତ୍ୟେକ ଦିନ ଶହଶହ ଲୋକ ଶବସତ୍କାର ପାଇଁ ଏଠାକୁ ଆସିଥାନ୍ତି। ସ୍ୱର୍ଗଦ୍ୱାରରେ କ୍ରମାଗତଭାବେ ଶବଦାହ ସଂଖ୍ୟା ବଢୁଛି। ହେଲେ ଅଣ୍ଟୁନି କାଠ। ଅନ୍ୟପଟେ ଏହି ଅଞ୍ଚଳରେ ପ୍ରଦୂଷଣ ମାତ୍ରା ବଢ଼ି ବଢ଼ି ଚାଲିଛି। ଏହାକୁ ରୋକିବାକୁ ହେଲେ ସ୍ୱର୍ଗଦ୍ୱାର ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ପାଇଁ ମଧ୍ୟ ଆଦେଶ ରହିଥିଲା। ଏଥିସହ ଅନ୍ୟ ବିକଳ୍ପ ବ୍ୟବସ୍ଥା କରିବାକୁ କୁହାଯାଇଛି। ସେପଟେ କିପରି କମ୍ କାଠରେ ସଂସ୍କାର କରିହେବ ଏବଂ ସ୍ୱର୍ଗଦ୍ୱାରରୁ ବାହାରୁଥିବା ଧୂଆଁର ମାତ୍ରାକୁ କମାଇବା ପାଇଁ କ'ଣ ପଦକ୍ଷେପ ନିଆଯାଇ ପାରିବ ତା ଉପରେ ଆଲୋଚନା କରାଯାଉଥିବା କହିଛନ୍ତି ଜିଲ୍ଲାପାଳ। ଖୁବ୍‌ଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ସ୍ୱର୍ଗଦ୍ୱାର କମିଟି ସଦସ୍ୟ। ଅପରପକ୍ଷରେ ଗୋବର ଘଷିରେ ଶବସତ୍କାର କରିବା କଥା ସରକାରଙ୍କ ତରଫରୁ ଆଲୋଚନା କରାଯାଉଛି। କିନ୍ତୁ କେବେ ଏହା କାର୍ଯ୍ୟକାରୀ ହେବ, ତା ଉପରେ ରହିଛି ନଜର। ପୁରୀ ଭଳି ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରୁ ପ୍ରଦୂଷଣ ହାର କମାଇବା ଲାଗି ସରକାର ଏବେଠାରୁ ପ୍ରୟାସ କରିବା ଉଚିତ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ନହେଲେ ପରିସ୍ଥିତି ବିଷମୟ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ।

ସଦ୍ୟସମାପ୍ତ ତିନି ରାଜ୍ୟର ୩ ବିଧାନସଭା ଆସନରେ ଉପନିର୍ବାଚନ ଶେଷ ହୋଇଛି। ଏହି ଉପନିର୍ବାଚନରେ ବିଜେପି ଓ ଆର୍‌ଜେଡିକୁ ବଡ଼ ଝଟକା ଲାଗିଛି। ୩ ଆସନରୁ ବିଜେପି କେବଳ ଗୋଟିଏ ଆସନରେ ବିଜୟୀ ହୋଇଛି। ବିହାରର ବାଙ୍କୀପୁର ଆସନଟି ବିଜେପି ହାତରୁ ଖସିଯାଇଛି। ଏହି ଆସନ ବିଜେପିର ଜାତୀୟ ସଭାପତି ନିତିନ ନବୀନଙ୍କ ଗଡ଼ ଭାବେ ପରିଚିତ। ଏଠାରେ ବିଜେପି ପ୍ରାର୍ଥୀ ପରାଜିତ ହେବା ପରେ ଦିଲ୍ଲୀ ଦରବାର ଦୋହଲି ଯାଇଛି। ଏବେ ଏନେଇ ଚାଲିଛି ସମୀକ୍ଷା। ସେହିପରି ମଧ୍ୟପ୍ରଦେଶର ଦତିଆ ଆସନରେ ବି ବିଜେପିକୁ ପରାଜୟ ରାସ୍ତା ଦେଖିବାକୁ ମିଳିଛି। ଏଠାରେ ବିଜେପି ପ୍ରାର୍ଥୀ ପୂର୍ବରୁ ବିଜୟୀ ହୋଇଥିଲେ। କେବଳ ଗୁଜରାଟର ମାଞ୍ଜଲପୁରରେ ବିଜେପିକୁ ସଫଳତା ମିଳିଛି। ୩ ଆସନରୁ ୨ଟି ହାରିବା ବିଜେପିର ଲୋକପ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ବାଙ୍କୀପୁର ଉପନିର୍ବାଚନରେ ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କ ବିଜୟ ବିହାର ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଭାବେ ଦେଖାଯାଉଛି। ଏହି ବିଜୟ କେବଳ ବିଜେପିର ୩୫ ବର୍ଷର ଦବ୍‌ଦବାକୁ ଶେଷ କରିନାହିଁ, ବରଂ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ଭବିଷ୍ୟତକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ପ୍ରଶାନ୍ତ କିଶୋର ବିଜେପି ପ୍ରାର୍ଥୀ ନୀରଜ କୁମାରଙ୍କୁ ୧୯,୩୨୪ ଭୋଟରେ ପରାସ୍ତ କରିଥିଲେ। କିନ୍ତୁ ଏହି ଉପନିର୍ବାଚନର ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ହେଉଛି ଆରଜେଡିର ଦୁର୍ବଳ ପ୍ରଦର୍ଶନ। ଦଳର ପ୍ରାର୍ଥୀ ରେଖା କୁମାରୀ ତୃତୀୟ ସ୍ଥାନରେ ରହି ମାତ୍ର ୧୪,୨୭୩ ଭୋଟ ପାଇଥିଲେ। ଏହି ଫଳାଫଳ ବିହରରେ ଆର୍‌ଜେଡିର ଲୋକପ୍ରିୟତା ହ୍ରାସ ନେଇ ସଙ୍କେତ ଦେଇଛି।



# ଉପନିର୍ବାଚନ ପରେ ବିଜେପି, ଆରଜେଡି ଛାନିଆ





ସୁଶାନ୍ତ କୁମାର ଦାସ

ବାଙ୍କୀପୁର ବିଧାନସଭା ଆସନରେ ପ୍ରାୟ ୪ ଲକ୍ଷ ମତଦାତା ଥିବାବେଳେ ଉପନିର୍ବାଚନରେ ମାତ୍ର ୩୪.୨୪ ପ୍ରତିଶତ ମତଦାନ ହୋଇଥିଲା। ଏହି ଫଳାଫଳରେ ବିଜେପି ନିଜର ଏକ ସୁରକ୍ଷିତ ଗଡ଼ ହରାଇଥିଲେ ମଧ୍ୟ ଦଳ ଏବେ ବିହାରରେ କ୍ଷମତାରେ ରହିଛି। କିନ୍ତୁ ଆରଜେଡି ପାଇଁ ତୃତୀୟ ସ୍ଥାନରେ ରହିବା ଏକ ବଡ଼ ରାଜନୈତିକ ସତର୍କ ସଙ୍କେତ ବୋଲି ମନେ କରାଯାଉଛି। ବିଜେପି ବିରୋଧୀ ଭୋଟ ବହୁ ପରିମାଣରେ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଆଡ଼କୁ ଯାଇଥିବା ଚର୍ଚ୍ଚା ହେଉଛି। ଯଦି ବାଙ୍କୀପୁରର ଏହି ଫଳାଫଳକୁ ବିହାରର ବଦଳୁଥିବା ରାଜନୈତିକ ପରିବେଶର ସଙ୍କେତ ବୋଲି ଧରାଯାଏ, ତେବେ ପ୍ରଶାନ୍ତ କିଶୋର କେବଳ ବିଜେପିର ଗଡ଼କୁ ଭାଙ୍ଗିନାହାନ୍ତି, ବରଂ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ଭାବେ ଆର୍‌ଜେଡିର ସ୍ଥିତିକୁ ମଧ୍ୟ ଚ୍ୟାଲେଞ୍ଜ କରିଛନ୍ତି।



## ଚର୍ଚ୍ଚିତ ଲଢ଼େଇରେ ବିଜେପି ଚିତ୍‌ପଟାଙ୍ଗ

ବିଜେପିର ଜାତୀୟ ଅଧକ୍ଷ ନିତିନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ବାଙ୍କୀପୁର ଆସନ ଖାଲି ପଡ଼ିଥିଲା। ଗତ ୩୫ ବର୍ଷ ଧରି ଏହି ଆସନ ନବୀନ ପରିବାରର ଦଖଲରେ ଥିଲା। ପ୍ରଥମେ ନବୀନ କିଶୋର ପ୍ରସାଦ ସିହ୍ନା ୧୫ ବର୍ଷ ଏବଂ ପରେ ତାଙ୍କ ପୁଅ ନିତିନ ନବୀନ ୨୦ ବର୍ଷ ଧରି ଏହି ଆସନର ପ୍ରତିନିଧିତ୍ୱ କରିଥିଲେ। ୨୦୨୪ରେ ଗଠିତ ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ନିର୍ବାଚନ ଲଢ଼ିବା ପରେ ଏହି ଉପନିର୍ବାଚନ ବିହାରର ସବୁଠାରୁ ଚର୍ଚ୍ଚିତ ରାଜନୈତିକ ଲଢ଼େଇରେ ପରିଣତ ହୋଇଥିଲା।

## ବିହାରରେ ଆର୍‌ଜେଡିର ଦୁର୍ବଳ ପ୍ରଦର୍ଶନ

ରାଜନୈତିକ ବିଶ୍ଳେଷକ ଏବଂ ଭୋଟ ଭାଇବର ପ୍ରତିଷ୍ଠାତା ଅମିତାଭ ତିୱାରୀଙ୍କ କହିବା ଅନୁଯାୟୀ, 'ପ୍ରଶାନ୍ତ କିଶୋରଙ୍କ ବିଜୟର ଏକ ବଡ଼ କାରଣ ହେଉଛି ଆରଜେଡିର ଦୁର୍ବଳତା। ଦଳର ପାରମ୍ପରିକ ମୁସଲିମ-ଯାଦବ ଭୋଟ ବ୍ୟାଙ୍କରେ ବିଭାଜନ ଦେଖିବାକୁ ମିଳିଛି।' ଉଲ୍ଲେଖଯୋଗ୍ୟ ଯେ, ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଜନ ସୁରାଜ ପାର୍ଟି ଗୋଟିଏ ମଧ୍ୟ ଆସନ ଜିତିପାରିନଥିଲା। କିନ୍ତୁ ବାଙ୍କୀପୁର ଉପନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ବିଜୟ ସହ ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାରେ ଦଳ ପ୍ରଥମଥର ପାଇଁ ନିଜର ଖାତା ଖୋଲିଛି। ପ୍ରାୟ ତିନି ଦଶକ ଧରି ବିହାରର ରାଜନୀତି ଦୁଇଟି ପ୍ରମୁଖ ଶକ୍ତିକୁ କେନ୍ଦ୍ର କରି ଘୂରିଛି। ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ନୀତିଶ କୁମାରଙ୍କ ଜନତା ଦଳ (ୟୁନାଇଟେଡ୍)। ପରବର୍ତ୍ତୀ ସମୟରେ ବିଜେପିର ଉଦୟ ରାଜନୈତିକ ସମୀକରଣକୁ ବଦଳାଇ ଦେଇଥିଲେ ମଧ୍ୟ, ବିରୋଧୀ ରାଜନୀତିର କେନ୍ଦ୍ରବିନ୍ଦୁ ଭାବେ ଆର୍‌ଜେଡି ରହିଆସିଥିଲା।

## ସମୀକରଣ ବଦଳାଉଛି ଜେଏସ୍‌ପି

ପ୍ରଶାନ୍ତ କିଶୋରଙ୍କ ପ୍ରଥମ ନିର୍ବାଚନୀ ବିଜୟ ପରେ ଏହି ସମୀକରଣ ବଦଳିବାର ସଙ୍କେତ ମିଳୁଛି। ଏପ୍ରିଲରେ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପରେ ଜେଡି(ୟୁ)ର ପ୍ରଭାବ କମିଛି। ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱରେ ବିଜେପି ସରକାରର ସିଧାସଳଖ ନେତୃତ୍ୱ ନେଇଛି। ଏଭଳି ସ୍ଥିତିରେ ଆର୍‌ଜେଡି ସରକାର ବିରୋଧରେ ପ୍ରମୁଖ ଶକ୍ତି ଭାବେ ଉଭା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ବାଙ୍କୀପୁର ଉପନିର୍ବାଚନର ଫଳାଫଳ ଏବେ ସୂଚନା ଦେଉଛି ଯେ, ସେହି ସ୍ଥାନକୁ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଦଖଲ କରିପାରେ। ଏହି ଫଳାଫଳ କେବଳ ବିଜେପିର ପରାଜୟ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ବରଂ ଏହା ଦର୍ଶାଉଛି ଯେ, ଆର୍‌ଜେଡିର ପାରମ୍ପରିକ ରାଜନୈତିକ କ୍ଷେତ୍ରରେ ଏବେ ଜେଏସ୍‌ପି ନିଜର ସ୍ଥାନ ସୃଷ୍ଟି କରୁଛି। '୨୦୧୦ରେ ଆରଜେଡି ମାତ୍ର ୨୨ଟି ବିଧାନସଭା ଆସନକୁ ସୀମିତ ହୋଇଯାଇଥିଲା। ପରେ ୨୦୧୫ରେ ମହାଗଠବନ୍ଧନରେ ନୀତିଶ କୁମାରଙ୍କ ସମର୍ଥନରେ ଦଳ ପ୍ରାୟ ୮୦ଟି ଆସନକୁ ଫେରିଥିଲା। କିନ୍ତୁ ୨୦୨୫ ବିଧାନସଭା ନିର୍ବାଚନରେ ଆରଜେଡି ପୁଣି ପ୍ରାୟ ୨୫ଟି ଆସନକୁ ଖସି ଆସିଥିଲା। ଏବେ ବାଙ୍କୀପୁରରେ ତୃତୀୟ ସ୍ଥାନରେ ରହିବା ଦଳର ଭବିଷ୍ୟତକୁ ନେଇ ଚିନ୍ତା ବଢ଼ାଇଛି। ଜନ ସୁରାଜ ପାର୍ଟି ଯଦି ଏହି ଗତିରେ ବିସ୍ତାର ଜାରି ରଖେ, ତେବେ ଆଗାମୀ ଦିନରେ ବିଜେପି ବିରୋଧରେ ବିହାରର ପ୍ରମୁଖ ବିରୋଧୀ ଦଳ ଭାବେ ଉଭା ହୋଇପାରେ। ଜେଏସପି ଧୀରେ ଧୀରେ ଆରଜେଡିର ପାରମ୍ପରିକ ରାଜନୈତିକ କ୍ଷେତ୍ରକୁ ଦଖଲ କରୁଛି। ଏହାସହ କଂଗ୍ରେସ ମଧ୍ୟ ଆର୍‌ଜେଡି ନେତୃତ୍ୱାଧୀନ ମେଣ୍ଟଠାରୁ ଦୂରେଇ ଯାଉଥିବା ଦେଖାଯାଉଛି। ଏପରି ସ୍ଥିତିରେ ବିହାରର ବିରୋଧୀ ରାଜନୀତିରେ ବଡ଼ ଧରଣର ପୁନଃସମୀକରଣ ଦେଖିବାକୁ ମିଳିପାରେ।'







## ପିକେଙ୍କ ଆଡ଼କୁ ଢଳୁଛନ୍ତି ମୁସଲିମ୍ ଭୋଟର

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ରାଜନୈତିକ ପରିଚୟ ଦୀର୍ଘଦିନ ଧରି ମୁସଲିମ-ଯାଦବ ସାମାଜିକ ସମୀକରଣ ଉପରେ ଆଧାରିତ। ୧୯୯୦ ଦଶକରେ ଲାଲୁ ପ୍ରସାଦ ଯାଦବ ଏହି ଭୋଟବ୍ୟାଙ୍କକୁ ଗଢ଼ିଥିଲେ, ଯାହା ଆର୍‌ଜେଡିର ରାଜନୈତିକ ଶକ୍ତିର ମୂଳ ଆଧାର ରହିଆସିଛି। ନିର୍ବାଚନ ପରବର୍ତ୍ତୀ ବିଭିନ୍ନ ସର୍ଭେ ମଧ୍ୟ ଏହାକୁ ସମର୍ଥନ କରିଛି। ସର୍ଭେ ଅନୁସାରେ, ୨୦୨୫ ବିହାର ବିଧାନସଭା ନିର୍ବାଚନରେ ପ୍ରାୟ ୭୪% ଯାଦବ ଓ ପ୍ରାୟ ୭୦% ମୁସଲିମ ମତଦାତା ଆରଜେଡିକୁ ସମର୍ଥନ କରିଥିଲେ। ୨୦୨୦ରେ ଏହି ହାର ଯାଦବଙ୍କ ପାଇଁ ୮୩% ଏବଂ ମୁସଲିମଙ୍କ ପାଇଁ ୬୨% ଥିଲା। ଏବେ ଏହି ଭୋଟ ପିକେଙ୍କ ଜନସୁରାଜ ପାର୍ଟି ଆଡ଼କୁ ଢଳୁଥିବା ଜଣାପଡ଼ିଛି।

ତେବେ ବାଙ୍କୀପୁର ଉପନିର୍ବାଚନର ସବୁଠାରୁ ବଡ଼ ପରିବର୍ତ୍ତନ ମୁସଲିମ ଭୋଟରଙ୍କ ମଧ୍ୟରେ ଦେଖାଯାଇଛି। ତାଙ୍କ କହିବା ଅନୁଯାୟୀ, ଅନେକ ମୁସଲିମ ମତଦାତା ଆରଜେଡି ପରିବର୍ତ୍ତେ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟିକୁ ସମର୍ଥନ କରିଥିବା ଦେଖାଯାଉଛି। କାରଣ ସେମାନଙ୍କ ମନେ ହେଉଛି ବିଜେପିକୁ ଟକ୍କର ଦେବା ପାଇଁ ଜନସ୍ୱରାଜ ପାର୍ଟି ସବୁଠାରୁ ସକ୍ଷମ ଦଳ। ସେଥିପାଇଁ ସେମାନେ ଆର୍‌ଜେଡି ବଦଳରେ ଜନ ସୁରାଜକୁ ସମର୍ଥନ କଲେ। ଏହା ଆରଜେଡିକୁ ତୃତୀୟ ସ୍ଥାନକୁ ଠେଲିଦେଇଥିଲା।

## ଦତିଆ ପରାଜୟ ବିଜେପିକୁ ଚେତାବନୀ

ମଧ୍ୟପ୍ରଦେଶର ଦତିଆ ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନ ପରାଜୟ ଭାରତୀୟ ଜନତା ପାର୍ଟି ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ବଡ଼ ପରାଜୟ ପରେ ଭାଜପା ନେତୃତ୍ୱ ତୁରନ୍ତ ଆକ୍ସନ ମୋଡ୍‌କୁ ଆସିଛି ଏବଂ ଦଳ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଦତିଆ ଉପନିର୍ବାଚନରେ ପରାଜୟର କାରଣ ସମୀକ୍ଷା ପାଇଁ ଭାଜପା ଦୁଇ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିଛି। ପ୍ରଦେଶ ମହାମନ୍ତ୍ରୀ ଗୌରବ ରଣଦିଭେ ଏବଂ ପୂର୍ବତନ ସଂଗଠନ ମନ୍ତ୍ରୀ ଅମ୍ବାରାମ କରାଡାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଏହି ଦୁଇ ସଦସ୍ୟ ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିବା ସମସ୍ତ ମନ୍ତ୍ରୀ, ବିଧାୟକ ଏବଂ ଭାଜପାର ପଦାଧିକାରୀଙ୍କ ସହ ଆଲୋଚନା କରି ପରାଜୟର କାରଣ ଅନୁଧ୍ୟାନ କରିବେ। ଆଲୋଚନା ଶେଷହେବା ପରେ କମିଟି ନିଜର ରିପୋର୍ଟ ଭାଜପା ହାଇକମାଣ୍ଡଙ୍କୁ ପ୍ରଦାନ କରିବ। ଏହି ରିପୋର୍ଟ ଆଧାରରେ ସମସ୍ତଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରାଯିବ। ଦାୟିତ୍ୱ ନିର୍ଦ୍ଧାରଣର ନିଷ୍ପତ୍ତି ପରେ ପରାଜୟ ପାଇଁ ଦାୟୀ ନେତାମାନଙ୍କ ବିରୋଧରେ ଦଳ କଠୋର କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି।









**ବିକାଶର ବାସ୍ତବ ଚିତ୍ର**

## ରାସ୍ତା ଭାଙ୍ଗିଲା, ବ୍ୟବସ୍ଥା ବି ଭାଙ୍ଗିପଡ଼ିଲା

### ■ ୧୦ ଦିନ ଧରି ଗାଁକୁ ବିଚ୍ଛିନ୍ନ କରିଛି ଭଙ୍ଗାରାସ୍ତା



**ଖପ୍ରାଖୋଲ(ଅମୃତ ମିଡିଆ) ଅଶୋକ କୁମାର ବାଗ :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସାହାଯପାଣି ପଞ୍ଚାୟତ ଅନ୍ତର୍ଗତ ସୁଲିଆବାହାଲ ଗ୍ରାମରେ ବିକାଶର ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। ଗତ ଲଗାଣ ବର୍ଷାରେ ଗ୍ରାମର ଏକମାତ୍ର କଂକ୍ରିଟ ରାସ୍ତାର ପ୍ରାୟ ୨୫ରୁ ୩୦ ଫୁଟ ଅଂଶ ଧୋଇ ଯାଇ ବଡ଼ ଗାତ ସୃଷ୍ଟି ହୋଇଛି। ଏହାର ପରିଣାମରେ ପ୍ରାୟ ୪୦୦ ଲୋକଙ୍କ ଜୀବନ ଏକପ୍ରକାର ଅଚଳ ହୋଇପଡ଼ିଛି। ଦୁର୍ଘଟଣାକୁ ୧୦ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ରାସ୍ତାର ସ୍ଥାୟୀ ମରାମତି କରାଯାଇନାହିଁ। ବର୍ଷା ପରେ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷେ ସିଂ ମାଝୀଙ୍କୁ ମରାମତିର ଦାୟିତ୍ୱ ଦେଇଥିବା କୁହାଯାଉଛି। କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗ, କେବଳ କିଛି ମାଟି ପକାଇ ଓ ପ୍ଲାଷ୍ଟିକ ବସ୍ତାରେ ମାଟି ଭରି ରଖି ଦାୟିତ୍ୱ ସାରି ଦିଆଯାଇଛି। ଏହାରେ ରାସ୍ତାର ଅବସ୍ଥାର କୌଣସି ସୁଧାର ହୋଇନଥିବାରୁ ଆଜି ମଧ୍ୟ ଗାଁକୁ ଗାଡ଼ି ଯିବା ସମ୍ଭବ ହେଉନାହିଁ। ଭଙ୍ଗା ରାସ୍ତା ପାଇଁ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀମାନେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି। ଗାଁ ଭିତରକୁ ଆମ୍ବୁଲାନ୍ସ ପ୍ରବେଶ କରିପାରୁନାହିଁ, ଏପରିକି ମୋଟରସାଇକେଲ ମଧ୍ୟ ଯାଇପାରୁନାହିଁ। କୌଣସି ଗୁରୁତର ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ନେବାକୁ ପଡ଼ିଲେ ପରିସ୍ଥିତି କେତେ ଭୟଙ୍କର ହୋଇପାରେ, ତାହା ସହଜରେ ଅନୁମାନ କରାଯାଇପାରେ। ଅନ୍ୟପଟେ, ରାସ୍ତାଠାରୁ ଅଳ୍ପ ଦୂରରେ ସ୍ଥାନୀୟ ସରପଞ୍ଚଙ୍କ ବାସଭବନ ଥିଲେ ମଧ୍ୟ ଗ୍ରାମବାସୀଙ୍କ ସମସ୍ୟା ପ୍ରତି ସେ ଆବଶ୍ୟକୀୟ ପଦକ୍ଷେପ ନେଇନଥିବା ବୋଲି ଅଭିଯୋଗ ଉଠିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ପ୍ରଶାସନର ପରିଦର୍ଶନ କେବଳ ଫଟୋ ଉଠାଇବା ପାଇଁ ଥିଲା କି ? ନା ଲୋକଙ୍କ ଦୁର୍ଭୋଗର ସ୍ଥାୟୀ ସମାଧାନ କରିବା ପାଇଁ? ଯଦି କାମ ହୋଇଛି, ତେବେ ରାସ୍ତା ଆଜି ବି କାହିଁକି ଅଚଳ? ଲୋକଙ୍କ ଜୀବନଠାରୁ କି ପ୍ରଶାସନିକ ଅବହେଳା ବଡ଼ ? ଏବେ ଦେଖିବାକୁ ବାକି ରହିଲା, ଜିଲ୍ଲା ପ୍ରଶାସନ ଏହି ଗୁରୁତର ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ସ୍ଥାୟୀ ମରାମତି କରୁଛି, ନା ଆଉ କୌଣସି ବଡ଼ ଅଘଟଣା ଘଟିବା ପରେ ଚେତୁଛି।

## ୧୪ ଦିନ ଧରି ନାବାଳିକା ନିଖୋଜ

### ଶିଶୁ ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନର ଭୂମିକା ଶୂନ

**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅନ୍ତର୍ଗତ ସୁଲିଆବାହାଲ ଗ୍ରାମର ଜଣେ ୧୫ ବର୍ଷୀୟ ଆଦିବାସୀ ନାବାଳିକା ଗତ ଜୁଲାଇ ୨୪ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବାହୁଡ଼ାଯାତ୍ରା ଦେଖିବା ପାଇଁ ଘରୁ ବାହାରିଥିଲେ। ସେହି ଦିନଠାରୁ ସେ ଆଉ ଘରକୁ ଫେରିନାହାନ୍ତି। ଆଜକୁ ୧୪ ଦିନ ବିତିଯାଇଥିଲେ ମଧ୍ୟ ନାବାଳିକାଙ୍କର କୌଣସି ସନ୍ଧାନ ମିଳିନଥିବା ଜଣାପଡ଼ିଛି। ସ୍ଥାନୀୟ ସ୍ତରରେ ଚର୍ଚ୍ଚା ରହିଛି ଯେ, ନାବାଳିକା ସାହାଯପାଣି ଗ୍ରାମର ଜଣେ ଯୁବକଙ୍କ ସହ ଚାଲିଯାଇଥାଇପାରନ୍ତି। ତେବେ ଏହି ସୂଚନାର କୌଣସି ସ୍ୱାଧୀନ ପୁଷ୍ଟି ହୋଇନାହିଁ ଏବଂ ପୋଲିସ ପକ୍ଷରୁ ମଧ୍ୟ ଏଭଳି କୌଣସି ସୂଚନା ନିଶ୍ଚିତ କରାଯାଇନାହିଁ। ଅଭିଯୋଗ ଅନୁଯାୟୀ, ସାମାଜିକ ଲୋକଲଜ୍ଜା ଓ ଭୟ କାରଣରୁ ନାବାଳିକାଙ୍କ ବାପା-ମାଆ ଲାଠୋର ଥାନାରେ କୌଣସି ଲିଖିତ ଅଭିଯୋଗ ଦାଖଲ କରିନାହାନ୍ତି। ଫଳରେ ୧୪ ଦିନ ଧରି ଜଣେ ନାବାଳିକା ନିଖୋଜ ଥିଲେ ମଧ୍ୟ ଆଇନଗତ ତଦନ୍ତ ଓ ସନ୍ଧାନ ପ୍ରକ୍ରିୟା ସମୟରେ ଆରମ୍ଭ ହୋଇପାରିନଥିବା ଅଭିଯୋଗ ଉଠିଛି। ସୂଚନା ଅନୁଯାୟୀ, ନିଖୋଜ ନାବାଳିକା ମାଲପଡାସ୍ଥିତ ଏକ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ଏଠି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମଧ୍ୟ ଉଠୁଛି। ଜଣେ ସ୍କୁଲ ଛାତ୍ରୀ ଲଗାତାର ୧୪ ଦିନ ଧରି ଅନୁପସ୍ଥିତ ଥିବା ସତ୍ତ୍ୱେ ବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କ ସହ ଯୋଗାଯୋଗ କରାଯାଇଥିଲା କି ? ଘଟଣା ସମ୍ପର୍କରେ ସ୍ଥାନୀୟ ପୋଲିସ, ଶିଶୁ ସୁରକ୍ଷା ବିଭାଗ, ଚାଇଲ୍ଡଲାଇନ୍ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ କୌଣସି ସୂଚନା ଦିଆଯାଇଥିଲା କି ? ଯଦି ଦିଆଯାଇନାହିଁ, ତେବେ ଶିଶୁ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ନାବାଳିକାଙ୍କ ନିଖୋଜ ହେବା କେବଳ ପରିବାରର ବ୍ୟକ୍ତିଗତ ବିଷୟ ନୁହେଁ। ଆଇନ ଅନୁଯାୟୀ ଜଣେ ନାବାଳକ କିମ୍ବା ନାବାଳିକା ନିଖୋଜ ହେବା ଏକ ଗୁରୁତର ବିଷୟ ଏବଂ ଏପରି ଘଟଣାରେ ତୁରନ୍ତ ପୋଲିସକୁ ଅବଗତ କରି ସନ୍ଧାନ ପ୍ରକ୍ରିୟା ଆରମ୍ଭ କରିବା ଅତ୍ୟାବଶ୍ୟକ। ପରିବାର ଅଭିଯୋଗ କରିନଥିଲେ ମଧ୍ୟ, ବିଦ୍ୟାଳୟ, ସ୍ଥାନୀୟ ପ୍ରଶାସନ ଓ ଶିଶୁ ସୁରକ୍ଷା ସହ ଜଡ଼ିତ ସଂସ୍ଥାଗୁଡ଼ିକ ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ନେବା ଦାୟିତ୍ୱବୋଧର ଅଂଶ। ଏହି ଘଟଣା କେବଳ ଜଣେ ନାବାଳିକାଙ୍କ ନିଖୋଜ ହେବାର ପ୍ରସଙ୍ଗ ନୁହେଁ, ବରଂ ସାମାଜିକ କୁସଂସ୍କାର, ଲୋକଲଜ୍ଜାର ଭୟ ଓ ଶିଶୁ ସୁରକ୍ଷା ବ୍ୟବସ୍ଥାର ସମ୍ଭାବ୍ୟ ଦୁର୍ବଳତାକୁ ସାମ୍ନାକୁ ଆଣୁଛି। ସନ୍ତାନଙ୍କ ସୁରକ୍ଷାଠାରୁ ଯଦି ସାମାଜିକ ଭୟ ବଡ଼ ହୋଇଯାଏ ଏବଂ ସେହି ସହ ବିଦ୍ୟାଳୟ ଓ ସମ୍ପୃକ୍ତ ବ୍ୟବସ୍ଥା ମଧ୍ୟ ସକ୍ରିୟ ଭୂମିକା ନ ନିଏ, ତେବେ ଏହା ସମାଜ ଓ ପ୍ରଶାସନ ଉଭୟଙ୍କ ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ।

## ନିଶାସକ୍ତ ବାପାର ଆକ୍ରମଣରେ ପୁଅର ମୃତ୍ୟୁ



**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମରେ ଘଟିଛି ଏକ ହୃଦୟବିଦାରକ ଘଟଣା। ପାରିବାରିକ ବିବାଦକୁ ନେଇ ନିଜ ବାପାଙ୍କ ଆକ୍ରମଣରେ ପୁଅର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତକ ହେଲେ ନୂଆଗୁଡ଼ା ଗ୍ରାମର ଆଲୋକ ରଞ୍ଜନ ଗହିର (୨୦)। ଅଭିଯୋଗ ଅନୁଯାୟୀ, ଆଲୋକଙ୍କ ବାପା ମାନସିଂ ଗହିର (୫୫) ଟଙ୍କା ମାଗିଥିଲେ। ଟଙ୍କା ନମିଳିବାରୁ ବାପା-ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉତ୍ତେଜିତ ହୋଇ ମାନସିଂ କାଠ ଫାଳିଆରେ ଆଲୋକଙ୍କ ମୁଣ୍ଡକୁ ଆଘାତ କରିଥିବା ଅଭିଯୋଗ ରହିଛି।ଗୁରୁତର ଅବସ୍ଥାରେ ଆଲୋକଙ୍କୁ ତାଙ୍କ ବଡ଼ ଭାଇ ଦୀପକ ରଞ୍ଜନ ଗହିର ଓ ପରିବାର ଲୋକେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଆଶୁତୋଷ ପରିଡ଼ା ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ହସ୍ପିଟାଲ ପକ୍ଷରୁ କଲମପୁର ପୁଲିସକୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା।ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବାପା ମାନସିଂ ଗହିରଙ୍କୁ ଅଟକ ରଖିଛି। ଏହାସହ ଭାରତୀୟ ନ୍ୟାୟ ସଂହିତା (BNS)ର ଧାରା ୧୦୩(୧) ଅନୁଯାୟୀ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖୁଛି।ଏହି ଘଟଣାକୁ ନେଇ ନୂଆଗୁଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତରଙ୍କ ଜୀବନ ବଞ୍ଚାଇଲେ ପୂର୍ବତନ ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର

**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା ଭାଲୁମୁଣ୍ଡା -ବେଳପଡ଼ା ମୁଖ୍ୟ ରାସ୍ତା ରେ ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଛି । ରାସ୍ତା ରେ ଗାଈ ଗୋରୁ ବୁଲୁଥିବା ବେଳେ ଆଜି ବଡ଼ ଦୁର୍ଘଟଣା ଘଟିଥିବା ନେଇ ସୂଚନା ମିଳିଛି । ନୂଆପଡ଼ା ଗାଁର ତିନି ଜଣ କୌଣସି କାମ କୁ ନେଇ ଭାଲୁମୁଣ୍ଡା କୁ ଆସିଥିଲେ । କାମ ସାରି ନିଜ ଗାଁ କୁ ରାସ୍ତା ରେ ଯାଉଥିବା ବେଳେ ଗାଈରେ ପିଟି ହୋଇଯାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ତେଣୁ ବାଇକରୁ ପଡି ଯାଇ ୩ ଜଣ



ମିଶନ ହସ୍ପିଟାଲ କୁ ନେଇଥିଲେ। ନୂଆପଡା ର କୁଞ୍ଜବିହାରି ତାଣ୍ଡି ବାପ୍ପା ତାଣ୍ଡି, କାଳିଆ ନେତାମ ଗୁରୁତର ହୋଇଥିଲା । ରାସ୍ତାରେ ୧୦ ରୁ ୧୫ ଗୋଟି ଗାଈ ଥିବା ବେଳେ ଗୋଟିଏ ଗାଈ ମଧ୍ୟ ଗୁରୁତ୍ର ଥିବା ଜଣାପଡିଛି। ଶ୍ରୀ ମେହେର ସେ ନିଜେ ଖର୍ଚ୍ଚ

### ନିଜସ୍ୱ ଆମ୍ବୁଲାନ୍ସରେ ଉଦ୍ଧାର କରି ଡାକ୍ତରଖାନାରେ କଲେ ଭର୍ତ୍ତି

ଗୁରୁତର ହୋଇପଡିଥିଲେ । ତୁରନ୍ତ ଖବର ପାଇଁ ଭାଲୁମୁଣ୍ଡା ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଉପେନ୍ଦ୍ର ମେହେର ତାଙ୍କ ନିଜ ଆମ୍ବୁଲାନ୍ସ ରେ ନୂଆପଡା ଜିଲ୍ଲା ଖଡ଼ିଆଳ କରି ଔଷଧ ମଧ୍ୟ ଗୁରୁତର ଙ୍କୁ ଦେଇଥିବା ନେଇ ସୂଚନା ମିଳିଛି । ଶ୍ରୀ ମେହେରଙ୍କ ଏହି ମହତ କାର୍ଯ୍ୟକୁ ଦେଖି ବିଭିନ୍ନ ମହଲରେ ପ୍ରସଂଶା କରାଯାଉଛି ।

## ଭୂଷଲାଡ଼ ଭୀମ ଭୋଇ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଭୁସଲାଡ଼ ଗ୍ରାମରେ ଥିବା ଭୀମ ଭୋଇ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମିଶ୍ର ଙ୍କୁ ବିଦ୍ୟାଳୟସ୍ତରୀୟ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା । ବର୍ତ୍ତମାନ କାର୍ଯ୍ୟଭାର ତୁଲାଉଥିବା ପ୍ରଧାନଶିକ୍ଷକ କବିରାଜ ସାହୁଙ୍କ ତତ୍ତ୍ୱାବଧାନ ରେ ଏହି ସଭା ଆୟୋଜନ କରାଯାଇଥିଲା। ଭୂଷଲାଡ ପଞ୍ଚାୟତ ସରପଞ୍ଚ



ଦୀପକ୍ ଛୁରା, ଆଲୁମିନି ସଭାପତି ଯୁବରାଜ ବେହେରା,ବିଦ୍ୟାଳୟର ସମସ୍ତ ପୂର୍ବତନ ଶିକ୍ଷକ ତଥା ବଙ୍ଗୋମୁଣ୍ଡା ବ୍ଲକ୍ ର ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ, ପୂର୍ବତନ ଛାତ୍ର ଓ ଗ୍ରାମବାସୀ ମାନେ ଉପସ୍ଥିତ ରହି ତାଙ୍କର ଅବସର ସମୟ ମଙ୍ଗଳମୟ ଓ ଆନନ୍ଦମୟ କାମନା କରିଥିଲେ ।ସନ୍ତୋଷ ମିଶ୍ର ୨୬ ଅକ୍ଟୋବର ୧୯୮୯ ରେ ଶିକ୍ଷକ ଭାବେ ଯୋଗଦାନ କରି ଦୀର୍ଘ ୩୬ ବର୍ଷ ଧରି ନିଷ୍ଠା, ସତ୍ୟନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ର ସହ ଶିକ୍ଷା ପ୍ରଦାନ କରି ଏହି ମଣିଷ ତିଆରି କାରଖାନା ରେ ଭଲ ମଣିଷ ତିଆରି କରୁଥିଲେ। ତାଙ୍କ ଅବଦାନ ଏହି ଭୂଷଲାଡ ମାଟି ତଥା ଏହି ଅଞ୍ଚଳ ପାଇଁ ଅତୁଳନୀୟ । ୧ ଜୁଲାଇ ୨୦୨୧ ରୁ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରି ବିଦ୍ୟାଳୟର ଶିକ୍ଷାର ଗୁଣାତ୍ମକ ବିକାଶ, ଶୃଙ୍ଖଳା ଓ ସାମଗ୍ରିକ ଉନ୍ନତିରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ସେ ୩୧ ଜୁଲାଇ ୨୦୨୬ ରେ ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି। ପରିଶେଷ ରେ ବାଜା ରୋଷଣୀ ରେ ଗାଁ ପରିକ୍ରମା କରାଯାଇଥିଲା । ଏଥିରେ ଯୋଗେନ୍ଦ୍ର ସାହୁ, ଲୋଚନ ସାହୁ, ଜଗନ୍ନାଥ ବେହେରା, ଟିକେରାଜ୍ ସାହୁ, ତପନ ସାହୁ, ବଢ଼ିଆ ବେହେରା, ଚୁଲଧର ବେହେରା,ହସମୁଖ ସାହୁ ପ୍ରମୁଖ ଙ୍କ ସହ ପୁରାତନ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ ।

## ଭାରତୀୟ ସେନାରେ 'କଳିଙ୍ଗ ରେଜିମେଣ୍ଟ' ପ୍ରତିଷ୍ଠା ସମ୍ପର୍କରେ ନିବେଦନ

**ରାଉରକେଲା(ଅମୃତ ମିଡିଆ):** ସବିନୟ ନିବେଦନ ଯେ, ଭାରତୀୟ ସେନାରେ "କଳିଙ୍ଗ ରେଜିମେଣ୍ଟ" ପ୍ରତିଷ୍ଠା ସମ୍ପର୍କରେ ଏହି ନିବେଦନଟି ଆପଣଙ୍କ ସଦୟ ବିଚାରାର୍ଥ ଉପସ୍ଥାପନ କରୁଛି । ଏହା ଓଡ଼ିଶାବାସୀଙ୍କର ଦୀର୍ଘଦିନର ଦାବି, ଯାହାର ଉଦ୍ଦେଶ୍ୟ ପ୍ରାଚୀନ କଳିଙ୍ଗର ଗୌରବମୟ ସାମରିକ ପରମ୍ପରାକୁ ସମ୍ମାନ ଜଣାଇବା ସହିତ ଦେଶର ସୁରକ୍ଷାରେ ଓଡ଼ିଆ ସୈନିକମାନଙ୍କର ଅପରିମିତ ଅବଦାନକୁ ଯଥୋଚିତ ସ୍ୱୀକୃତି ପ୍ରଦାନ କରିବା । ବର୍ଷ ୨୦୨୧ ଠାରୁ ମୁଁ ବିଭିନ୍ନ ସାମ୍ବିଧାନିକ ମଞ୍ଚ ମାଧ୍ୟମରେ ଏହି ପ୍ରସଙ୍ଗକୁ ନିରନ୍ତର ଉଠାଇ ଆସୁଛି । ୦୪ ଡିସେମ୍ବର ୨୦୨୧ ତାରିଖରେ ରାଉରକେଲା ଜାଗରଣ ମଞ୍ଚ ମାଧ୍ୟମରେ ମୁଁ କଳିଙ୍ଗ ରେଜିମେଣ୍ଟ ପ୍ରତିଷ୍ଠା ପାଇଁ ଏକ ବିସ୍ତୃତ ପ୍ରତିନିଧିତ୍ୱ ପତ୍ର ଦାଖଲ କରିଥିଲି । ପରବର୍ତ୍ତୀ ସମୟରେ, ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପତ୍ର ସଂଖ୍ୟା ୪୫୮୨୩/ HOME-POLT-ASSN-୦୦୦୧-୨୦୨୧, ତାରିଖ ୨୪ ଡିସେମ୍ବର ୨୦୨୧ ମାଧ୍ୟମରେ ମୋର ଏହି ପ୍ରତିନିଧିତ୍ୱ ପତ୍ରକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପ୍ରେରଣ କରିଥିଲେ । ଉକ୍ତ ପତ୍ରର ଏକ ପ୍ରତି ଆପଣଙ୍କ ସଦୟ ଅବଲୋକନାର୍ଥ ସଂଲଗ୍ନ କରାଯାଇଛି । ଓଡ଼ିଶା ଭାରତର ଇତିହାସରେ ସର୍ବାଧିକ ଗୌରବମୟ ସାମରିକ ପରମ୍ପରାର ଅଧିକାରୀ । ପ୍ରାଚୀନ କଳିଙ୍ଗର ବୀର ଯୋଦ୍ଧାମାନଙ୍କର ସାହସ, ସମ୍ରାଟ ଖାରବେଳଙ୍କ ଦୂରଦର୍ଶୀ ନେତୃତ୍ୱ, ୧୮୧୭ ମସିହାର ଐତିହାସିକ ପାଇକ ବିଦ୍ରୋହ ଏବଂ ଭାରତୀୟ ସଶସ୍ତ୍ର ବାହିନୀରେ ହଜାର ହଜାର ଓଡ଼ିଆ ସୈନିକଙ୍କର ଅନୁକରଣୀୟ ସେବା ଏକ ଏପରି ଗୌରବମୟ ଐତିହ୍ୟର ସୃଷ୍ଟି କରିଛି, ଯାହା ଜାତୀୟ ସ୍ତରରେ ସମ୍ମାନ ଓ ସ୍ୱୀକୃତି ପାଇବାର ଯୋଗ୍ୟ । ଏତେ ସମୃଦ୍ଧ ଐତିହ୍ୟ ଥିବା ସତ୍ତ୍ୱେ ଓଡ଼ିଶା ଆଜି ମଧ୍ୟ ସେହି ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ରହିଛି, ଯାହାର ପରିଚୟ ଓ ସାମରିକ ଐତିହ୍ୟକୁ ପ୍ରତିନିଧିତ୍ୱ କରୁଥିବା କୌଣସି ରେଜିମେଣ୍ଟ ଭାରତୀୟ ସେନାରେ ନାହିଁ। କଳିଙ୍ଗ ରେଜିମେଣ୍ଟ ପ୍ରତିଷ୍ଠା କେବଳ କଳିଙ୍ଗର ଗୌରବମୟ ଐତିହ୍ୟକୁ ସମ୍ମାନିତ କରିବ ନାହିଁ, ବରଂ ଓଡ଼ିଶାର ଯୁବପିଢ଼ିଙ୍କୁ ଭାରତୀୟ ସଶସ୍ତ୍ର ବାହିନୀରେ ଯୋଗଦେଇ ଦେଶସେବା ପାଇଁ ପ୍ରେରଣା ମଧ୍ୟ ଯୋଗାଇବ । ଏପରି ଏକ ରେଜିମେଣ୍ଟ ଜାତୀୟ ଏକତାକୁ ଆହୁରି ସୁଦୃଢ଼ କରିବା ସହିତ ଭାରତର ପ୍ରତିରକ୍ଷା ଓ ସାମରିକ ଇତିହାସରେ ଓଡ଼ିଶାର ଅବଦାନକୁ ଯଥୋଚିତ ସମ୍ମାନ ପ୍ରଦାନ କରିବ । ଏହି ଦାବି ବର୍ତ୍ତମାନ ବ୍ୟାପକ ଜନସମର୍ଥନ ଓ ସଂସଦୀୟ ସମର୍ଥନ ଲାଭ କରିଥିବାରୁ ମୁଁ ଉତ୍ସାହିତ । ନିକଟରେ ମାନ୍ୟବର ରାଜ୍ୟସଭା ସାଂସଦ ଦିଲୀପ ରାୟ ମଧ୍ୟ କଳିଙ୍ଗ ରେଜିମେଣ୍ଟ ପ୍ରତିଷ୍ଠା ପକ୍ଷରେ ଦୃଢ଼ ସମର୍ଥନ ଜଣାଇଛନ୍ତି, ଯାହା ଓଡ଼ିଶାବାସୀଙ୍କର ଏହି ଦୀର୍ଘଦିନର ଆକାଂକ୍ଷାକୁ ଆହୁରି ସୁଦୃଢ଼ କରିଛି ।

## ପ୍ରାକୃତିକ କୃଷି ସମ୍ବନ୍ଧୀୟ ତାଲିମ ଶିବିର

**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କନଫରେନ୍ସ ହଲ ଠାରେ ପ୍ରଦାନ ଭୁବନେଶ୍ୱର ଙ୍କ ଆୟୋଜନ କ୍ରମେ ଏକ ଦିନିକିଆ ପ୍ରାକୃତିକ କୃଷି ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ର ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର କୃଷି ମିତ୍ର, କୃଷି ସାଥି ଓ ଏପିସି ପ୍ରୋଗ୍ରାମ ର କ୍ଷେତ୍ର କର୍ମୀ ଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସାଂପ୍ରତିକ ସମୟ ରେ ପରିବେଶ ଅନୁକୂଳ ପାଇଁ ପ୍ରାକୃତିକ ଉପାୟ ରେ କିପରି ଚାଷ କରାଯାଇ ପାରିବ ଓ ତାହାର ବିଭିନ୍ନ ଦିଗ ଉପରେ ତାଲିମ ଦାତା ବଡ ନାଗ ବୁଝାଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ରେ ଡିପିଏମ୍ ଓଏଲ୍ଏମ୍ ବଲାଙ୍ଗୀର, ବଙ୍ଗୋମୁଣ୍ଡା ବିଡିଓ ନିତୁଶ୍ରୀ




ମେହେର,ଏନ୍ ଆର୍ଏମ୍ ଏକ୍ସପର୍ଟ ଆଲୋକ, ପ୍ରଦାନ ରିଜିଓନାଲ କୋଅର୍ଡିନେଟର ବିଭୂବନ୍ତ ବରାଡ, ବିପିଏମ୍ ଓଏଲ୍ଏମ୍ ସତ୍ୟପ୍ରିୟ ବେହେରା ଯୋଗଦେଇ ପ୍ରାକୃତିକ କୃଷି ଉପରେ ଆଲୋକପାତ କରି ତାଲିମାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଏପିସି ପ୍ରୋଗ୍ରାମ ମ୍ୟାନେଜର ଗୁରୁଗୋବିନ୍ଦ ସିଂହ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ବିଜେପିର ନେତାଙ୍କୁ ଛୁରିଭୁସି ହତ୍ୟା

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ଅଞ୍ଚଳରେ ଘଟିଛି ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ଡି.କର୍ଲାଖୁଣ୍ଟା ପଞ୍ଚାୟତର ସରପଞ୍ଚ ସ୍ନିଗ୍ଧା ରଣାଙ୍କ ସ୍ୱାମୀ ତଥା ବରିଷ୍ଠ ବିଜେପି ନେତା ଫକୀର ରଣାଙ୍କୁ ବୁଧବାର ସନ୍ଧ୍ୟାରେ କିଛି ଦୁର୍ବୃତ୍ତ ଛୁରି ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ରହିଛି।ସନ୍ଧ୍ୟାରେ କାମ ସାରି ଘରକୁ ଫେରିବା ପରେ ଗାଁର ଏକ ସାହିକୁ ଯାଇ ଫେରୁଥିବା ବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ମ. ରାମପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଘଟଣାକୁ ନେଇ ଅଞ୍ଚଳରେ ଭୟ ଓ ଉଦ୍‌ବେଗର ପରିବେଶ ସୃଷ୍ଟି ହୋଇଛି। ପୂର୍ବ ବିବାଦ, ରାଜନୈତିକ ଶତ୍ରୁତା କିମ୍ବା ଠିକା କାମକୁ ନେଇ ଏହି ହତ୍ୟା ହୋଇଥିବା ସନ୍ଦେହ କରାଯାଉଥିଲେ ମଧ୍ୟ, ଏହାର କୌଣସି ସରକାରୀ ଦୃଷ୍ଟି ହୋଇନାହିଁ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ। ବଡ଼ ସୁରକ୍ଷାର ଦାବି ମଧ୍ୟରେ ଯଦି ଜଣେ ଜନପ୍ରତିନିଧିଙ୍କ ପରିବାରର ସଦସ୍ୟ ମଧ୍ୟ ଦିନଦହାଡ଼େ କିମ୍ବା ସର୍ବସାଧାରଣ ରାସ୍ତାରେ ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏବେ ସମସ୍ତଙ୍କ ନଜର ପୁଲିସ ତଦନ୍ତ କରି ଦୋଷୀଙ୍କ ବିରୋଧରେ କେମିତି କାର୍ଯ୍ୟାନୁଷ୍ଠାନ ନେଉଛି ଦେଖିବାକୁ ବାକି ରହିଲା ।



## ଭୀମଭୋଇ ମେଡିକାଲ କଲେଜରେ ସଫେଇ କର୍ମଚାରୀଙ୍କ ଧାରଣା ଜାରି

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗିର ଭୀମଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍ ପରିସରରେ ସଫେଇ କର୍ମଚାରୀଙ୍କ ଧାରଣା ତୃତୀୟ ଦିନରେ ପହଞ୍ଚିଛି । କର୍ମଚାରୀମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଛି ଏବଂ ତଳିଆ କର୍ମଚାରୀ ଭାବି ଦୁର୍ବ୍ୟବହାର କରାଯାଉଛି । ଏହି ପ୍ରତିବାଦରେ ସେମାନେ ଗତ ତିନି ଦିନ ଧରି ଧାରଣାରେ ବସିଛନ୍ତି । ସଫେଇ କର୍ମଚାରୀମାନେ କହିଛନ୍ତି, ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ଏପର୍ଯ୍ୟନ୍ତ ସମସ୍ୟାର କୌଣସି ସମାଧାନ ବାହାରି ନଥିବା ବେଳେ, ପ୍ରଶାସନ ପକ୍ଷରୁ କେଉଁ ପଦକ୍ଷେପ ନିଆଯିବ ତାହାକୁ ନେଇ ସମସ୍ତଙ୍କ ନଜର ରହିଛି ।



## ବିଦେଶୀ ମଦ ଦୋକାନକୁ ବିରୋଧ

### ୧୨ ଘଣ୍ଟିଆ ସଇଁତଲା ବନ୍ଦ

**ସଇଁତଲା(ଅମୃତ ମିଡିଆ):** ବଲାଙ୍ଗିର ଜିଲ୍ଲାର ସଇଁତଲାରେ ବିଦେଶୀ ମଦ ଦୋକାନକୁ ବିରୋଧ କରି ଆଜି ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି। ସଇଁତଲା ମିଳିତ ମଞ୍ଚର ଆହ୍ୱାନରେ ବିଭିନ୍ନ ସଂଗଠନ ଏହି ବନ୍ଦକୁ ସମର୍ଥନ କରିଛନ୍ତି । ଅଭିଯୋଗ ଅନୁଯାୟୀ, ମଦ ଦୋକାନଟି ସରକାରୀ ଉଚ୍ଚ ବିଦ୍ୟାଳୟ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ସ୍ଥଳ ନିକଟରେ ଥିବାରୁ ଛାତ୍ରଛାତ୍ରୀ, ମହିଳା ଓ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରଭାବିତ ହେଉଛି । ଏହି ରାସ୍ତା ଦେଇ ବିଡିଓ ଅଫିସ, ତହସିଲ ଅଫିସ ଓ ହସ୍ପିଟାଲକୁ ପ୍ରତିଦିନ ଅନେକ ଲୋକ ଯାତାୟାତ କରୁଛନ୍ତି । ପୂର୍ବରୁ ପ୍ରଶାସନ ଓ ଅବକାରୀ ବିଭାଗକୁ ଲିଖିତ ଅଭିଯୋଗ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଏହି ବନ୍ଦ ଡାକରା ଦିଆଯାଇଛି । ଜରୁରୀ ସେବାକୁ ବାଦ ଦେଲେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଛି ।



## ଶାରଦୀୟ ପୂଜାମେଢ଼ ପାଇଁ ମନ୍ତ୍ରୀଙ୍କ ସହାୟତା



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ଗୁଲି ପାଟଣା ଉତ୍କଳ କଳା ସଂସ୍କୃତି ଭଞ୍ଜ ମଣ୍ଡପ, ବସ୍ ଷ୍ଟାଣ୍ଡ, ଓ ଡି ଏନ୍ କେ ଠାରେ ପ୍ରତେକ ବର୍ଷ ଅନୁଷ୍ଠିତ ହଉଥିବା ଶାରଦୀୟ ଦୁର୍ଗା ସକାଶେ ଗଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ବ୍ୟତୀତ ପୌର ପରିଷଦ ଅଧ୍ୟକ୍ଷା ରାଧା ଭତ୍ରା, ଅଶୋକ ପାଢ଼ୀ, ତପନ ଦେବ ନାଥ ଙ୍କ ସମେତ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ପାଦକୀୟ...

# ମୋହସିନଙ୍କ ମାୟାରେ ମୁନିର୍

ପାକିସ୍ତାନ୍‌ରେ ଅତିଶୀଘ୍ର ହୋଇପାରେ ସତ୍ତାରେ ପରିବର୍ତ୍ତନ। ତେବେ ପାକିସ୍ତାନ୍‌ରେ ସରକାରରେ ଯିଏ ବି ଆସୁ ଭାରତକୁ ସେମିତି କିଛି ଫରକ୍ ପଡିବନାହିଁ। କାରଣ ପାକିସ୍ତାନ୍ ଆରମ୍ଭରୁ ଭାରତ ପାଇଁ ବିପଦ ସୃଷ୍ଟି କରିଛି ଏବଂ ଆଗକୁ ମଧ୍ୟ ସେହିଭଳି ଅନେକ ବିପଦ ସୃଷ୍ଟି କରିପାରେ । ଯାହା ପଛରେ ମୁଖ୍ୟ କାରଣ ହେଉଛି କାଶ୍ମୀର ଇସ୍ୟୁ। ଅତୀତରୁ ଥିଲା, ଆଜି ବି ରହିଛି ଏବଂ ଆଗକୁ ବି ସେହିଭଳି ଥିବାର ସମ୍ଭାବନା ରହିଛି। ଯାହାକୁ କେବେ ବି ଏଡ଼ାଇ ଦିଆଯାଇନପାରେ। ଏବେ ପାକିସ୍ତାନ୍‌ରେ ସରକାରରେ ଥିବା ନବାଜ ସରିଫଙ୍କ କାର୍ଯ୍ୟକାଳ ଧୀରେ ଧୀରେ ସରି ସରି ଆସୁଛି ଯାହାକି ପାକିସ୍ତାନ୍‌ର ସାମ୍ପ୍ରତିକ ପରିସ୍ଥିତିରୁ , ପାକିସ୍ତାନ୍‌ର ବର୍ତ୍ତମାନ ରାଜନୈତିକ ପରିସ୍ଥିତିରୁ କାହିଁକି କେଜାଣି ଧୀରେ ଧୀରେ ବାରି ହୋଇପଡୁଛି। ସ୍ୱଷ୍ଟକଥାଟା ହେଉଛି ପାକିସ୍ତାନ୍‌ର ବର୍ତ୍ତମାନର ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମୋହସିନ୍ ନକଭୀ ଗତ କିଛିଦିନ ଧରି ପାକିସ୍ତାନ୍‌ର ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍‌ଙ୍କୁ ଲକ୍ଷ୍ୟକରି ଏଭଳି ମନ୍ତବ୍ୟମାନ ପ୍ରଦାନ କରୁଛନ୍ତି ଯାହାକି ସମ୍ପୂର୍ଣ୍ଣରୂପେ ତାଙ୍କର ବିରୁଦ୍ଧାଚରଣ କରୁଛି। ମୋହସିନ୍ ସିଧାସଳଖ ଶେହବାଜଙ୍କ୍ ସରକାରଙ୍କୁ ପାକିସ୍ତାନ ପାଇଁ ଏକ ଅନୁପଯୁକ୍ତ ସରକାର ବୋଲି କହି ବିଭିନ୍ନ ସଭା ସମିତିରେ ସରକାରଙ୍କ ବିପକ୍ଷରେ କିଛି ନା କିଛି ନକାରାତ୍ମକ ମନ୍ତବ୍ୟ ପ୍ରଦାନ କରିବାରେ ଲାଗିଛନ୍ତି। ପାକିସ୍ତାନ୍‌ର ଗୃହମନ୍ତ୍ରୀ ମୋହସିନ୍ ନକଭୀ ଏଇ ନିକଟରେ ଇସଲାମାବାଦରେ ଆୟୋଜିତ ଏକ ସାଧାରଣ ସଭାରେ ବର୍ତ୍ତମାନର ପାକିସ୍ତାନ ସରକାରକୁ ଅଯୋଗ୍ୟ ସରକାର ବୋଲି କହି ବେଶ୍ କଟାକ୍ଷ କରିଛନ୍ତି। ଯଦିଓ ସେ ସିଧାସଳଖ ଅଯୋଗ୍ୟ ବୋଲି ସାହସ କରି ପାରିନାହାଁନ୍ତି ତେବେ ପରୋକ୍ଷରେ ଶାସନ କଳର ନାନା ଦୋଷ ଦୁର୍ବଳତାକୁ ଧରିଛନ୍ତି । ଖବର ଅନୁସାରେ କେବଳ ଗୃହମନ୍ତ୍ରୀ ନକଭୀ ନୁହଁନ୍ତି, ପାକିସ୍ତାନ୍ ମୁସଲିମ୍ ଲିଗ୍ ନୱାଜ୍.. ପି ଏମ୍ ଏଲ୍ ଏନ୍ ର ଅନ୍ୟ କେତେକ ବରିଷ୍ଠ ନେତୃବୃନ୍ଦ ମଧ୍ୟ ସମୟ ସମୟରେ ଶେହବାଜ୍ ସରକାରଙ୍କୁ ନେଇ କିଛି ନା କିଛି ନକାରାତ୍ମକ ମନ୍ତବ୍ୟ ପ୍ରଦାନ କରୁଛନ୍ତି ଯାହାକି ଶେହବାଜ୍ ସରକାାର ପାଇଁ ଆଗାମୀ ଦିନରେ ଯେ ଏକ ବଡ଼ ଧରଣର ବିପଦ ସୃଷ୍ଟି କରିପାରେ, ଏଥିରେ କେବେ ବି ସନ୍ଦେହ କରାଯାଇନପାରେ। ଦ୍ୱିତୀୟ କଥା ହେଉଛି ବିରୋଧୀ ପାକିସ୍ତାନ୍ ପିପୁଲ୍‌ସ୍ ପାର୍ଟି.. ପିପିଏଲ୍ ଏବଂ ଶାସକ ଦଳ ମଧ୍ୟରେ ସମୟ ସମୟରେ ଦେଶର ଶାସନ ବ୍ୟବସ୍ଥାକୁ ନେଇ ଯେଉଁ ବିରୋଧାଭାଷ ସୃଷ୍ଟି ହେଉଛି, ତାହା ବି ଧୀରେ ଧୀରେ ଦେଶର ରାଜନୈତିକ ବାତାବରଣକୁ ଆହୁରି ଅଶାନ୍ତ କରିବାରେ ଲାଗିଛି। ଏଭଳି ସ୍ଥିତିରେ ଶେହବାଜ ସରକାରର ପାକିସ୍ତାନ୍‌ରେ ଆଉ ଅଧିକ ଦିନ ତିଷ୍ଠି ରହିବା ପ୍ରାୟତଃ ଆଉ ସମ୍ଭବ ନୁହେଁ ବୋଲି କୁହାଯାଇପାରେ। ତେବେ ଏକ ବିଶେଷ କଥା ହେଉଛି ପାକିସ୍ତାନ୍‌ର ଗୃହମନ୍ତ୍ରୀ ମୋହସିନ୍ ନକଭୀ ଗତ କିଛିଦିନ ଧରି ପାକିସ୍ତାନ୍‌ର ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ଙ୍କ ବିରୁଦ୍ଧରେ ଯେଭଳି ନକାରାତ୍ମକ ଟିପ୍ପଣୀ ଦେଇ ଚାଲିଛନ୍ତି , ସେଥିରୁ ଏତିକି ଅନୁମାନ କରାଯାଇପାରେ ଯେ ଆଗାମୀ ଦିନରେ ପାକିସ୍ତାନରେ ସତ୍ତା ପରିବର୍ତ୍ତନ ହୋଇପାରେ। ନକଭୀ ଏବେ ଏଭଳି ମନ୍ତବ୍ୟମାନ ପ୍ରଦାନ କରୁଛନ୍ତି ଯାହାକି ସମ୍ପୂର୍ଣ୍ଣରୂପେ ଶାସକ ଦଳର ଏବଂ ଶାସନ କଳର ବିରୁଦ୍ଧାଚରଣ କରୁଛି। ମୋହସିନ୍ ସିଧାସଳଖ ସରିଫ୍ ସରକାରଙ୍କୁ ଦେଶ ପାଇଁ ଏକ ଅନୁପଯୁକ୍ତ ସରକାର ଏବଂ ଅଯୋଗ୍ୟ ସରକାର ବୋଲି କହି ବିଭିନ୍ନ ସଭା ସମିତିରେ ସରକାରଙ୍କ ବିପକ୍ଷରେ ଯେଭଳି ନକାରାତ୍ମକ ମନ୍ତବ୍ୟ ପ୍ରଦାନ କରୁଛନ୍ତି , ତାହା ଗୃହମନ୍ତ୍ରୀ ମୋହସିନ୍ ନକଭୀ ଏବଂ ଶେହବାଜ୍ ସରକାର ମଧ୍ୟରେ ସମ୍ପର୍କରେ ତିକ୍ତତା ସୃଷ୍ଟି କରୁଛି। ତଥାପି ପରୱା ନାହିଁ କାରଣ ନକଭୀଙ୍କ ପଛରେ ଅଛନ୍ତି ପାକିସ୍ତାନ୍‌ର ସେନାମୁଖ୍ୟ ଅସୀମ୍ ମୁନିର୍ ଯାହାଙ୍କ ସାହସରେ ସେ ଏମିତି ମନ୍ତବ୍ୟ ଦେଇ ସରକାରକୁ ନୀଚ୍ଚା ଦେଖାଇବାର ପ୍ରୟାସ କରୁଛନ୍ତି।

## ଜ୍ଞାନାମୃତ

# ପାରିଷଦଙ୍କୁ ପ୍ରାଣଦଣ୍ଡ

ଜଣେ ରାଜା ଥରେ ବିନା କାରଣରେ ତାଙ୍କର ଜଣେ ପାରିଷଦଙ୍କୁ ଅତି କାଠୋର ଦଣ୍ଡ ବିଧାନକଲେ। ଏପରି କି ବାରମ୍ବାର କାକୁତିମିନତି, ବାରମ୍ବାର ଗୁହାରି କଲା ପରେ ବି କେହି ବି ତାଙ୍କ କଥା ଶୁଣିନଥିଲେ କି କେହି ବି ତାଙ୍କ କଥା ଉପରେ ଧ୍ୟାନ ଦେଇନଥିଲେ। କେହି ବି କିଛି ଧ୍ୟାନ ଦେବା ଦରକାର ନ ଥିଲା। କେବଳ ରାଜାଙ୍କୁ କିନ୍ତୁ ସେ ବିଷୟରେ ଧ୍ୟାନ ଦେବାର ଥିଲା। ହେଲେ ରାଜା କିନ୍ତୁ ଥିଲେ ନିର୍ଦ୍ଦୟ ରାଜା କିନ୍ତୁ ଥିଲେ ନିଷ୍ଠୁର। ସାମାନ୍ୟ ଅପରାଧ ପାଇଁ ରାଜା ତାଙ୍କର ଜଣେ ପାରିଷଦକୁ କଠାର ରୁ ଅତି କଠୋର ଦଣ୍ଡରେ ଦଣ୍ଡରେ ଦଣ୍ଡିତ କରିଥିଲେ। ରାଜା ତାଙ୍କର ସେହି ପାରିଷଦଙ୍କୁ ଅତି ଭୟଙ୍କର ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ଦିନ ବାର ଦେଖି ରାଜା ତାଙ୍କର ସେହି ପାରିଷଦଙ୍କୁ ଦଣ୍ଡ ଶୁଣାଇଦେଲେ। ଶେଷରେ ରାଜାଙ୍କ ସମ୍ମୁଖରେ ସେହି ପାରିଷଦଙ୍କ ପରିବାର ଲୋକ ମଧ୍ୟ ଗୁହାରି କଲେ। ତଥାପି ରାଜା କିନ୍ତୁ ସେ ବିଷୟରେ ତିଳେମାତ୍ର କର୍ଣ୍ଣପାତ କରିନଥିଲେ କି ସେମାନଙ୍କ ପରିବାର ସଦସ୍ୟ ଯେ କେହି ବି ରାଜାଙ୍କୁ ଯେତେ ଅନୁରୋଧ କଲାପରେ ରାଜା କିନ୍ତୁ ନଛୋଡ଼ବନ୍ଧା। ତାଙ୍କ ଜିଦ୍‌ରେ କିନ୍ତୁ ସେ ଅଟଳ। ସବୁ କଥାକୁ ପଛରେ ପକାଇ ମାହାରାଜା ଶେଷରେ ତାଙ୍କର ସେହି ଅଭିଯୁକ୍ତ ଅପରାଧୀଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଦେଲେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ସଂପୃକ୍ତ ପାରିଷଦଙ୍କୁ ମୃତ୍ୟୁ ଦଣ୍ଡ ବିଧାନର ବ୍ୟବସ୍ଥା କରାଗଲା। ତେବେ ଦଣ୍ଡ ବିଧାନ ଦିନ ରାଜାଙ୍କ ସଭାରେ ଉପସ୍ଥିତ ରାଜଦରବାରର ସଦସ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ପାରିଷଦଙ୍କ ଧର୍ମପତ୍ନୀଙ୍କ ଆଖିରୁ ଧାର ଧାର ହୋଇ ବହିଯାଉଥିବା ଲୁହ କିନ୍ତୁ ଉପସ୍ଥିତ ସଭାସଦଙ୍କୁ ବିଚଳିତ କଲେ ମଧ୍ୟ ରାଜାଙ୍କ ଉପରେ କିନ୍ତୁ ସେହି ଲୁହର କୌଣସି ବି ପ୍ରଭାବ ପଡ଼ିନଥିଲା। ତେବେ ମୃତ୍ୟୁ ପୂର୍ବରୁ କିନ୍ତୁ ସେହି ପାରିଷଦ ତାଙ୍କ୍ ପତ୍ନୀଙ୍କ ଆଖି ଲୁହରେ ବିଚଳିତ ହୋଇ ତାଙ୍କ ପୁଅଙ୍କୁ କହି ଦେଇଗଲେ ଏକ ଶେଷ ବାକ୍ୟ। ଯାହା ଥିଲା କିଛି ଏହିଭଳି । ମା' ଆଖି ଲୁହର ମୂଲ୍ୟ ବୁଝିବୁ ... ବାପାର ହତ୍ୟାର ପ୍ରତିଶୋଧ ନେବୁ। ବାସ୍ ତା' ପରେ ସବୁକିଛି ଶେଷ।. ପାରିଷଦଙ୍କ ପୁତ୍ର ମଧ୍ୟ ମନରେ ବାପାଙ୍କର ଏହି ଶେଷକଥାକୁ ମନେ ରଖିଲେ ଏବଂ ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ମନେ ମନେ ସ୍ଥିର କଲେ ଏବଂ ମନ କଥା ମନରେ ରଖି ପାରିଷଦ ପୁତ୍ର ସେ ତାଙ୍କ କାମରେ ଆଗେଇ ଚାଲିଲେ। ତେବେ ସମୟ ସମୟ ସୁବିଧି ଦେଖି କିନ୍ତୁ ସେ ସେହି ନିଷ୍ଠୁର ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବାର ଯୋଜନା ପ୍ରସ୍ତୁତ କରି ଚାଲିଲେ ଧୀରେ ଧୀରେ ।

# ସ୍ୱାସ୍ଥ୍ୟ ଓ ଶିକ୍ଷାରେ ପଛୁଆ
# ଓଡ଼ିଶାର ବିକାଶ ଆଗରେ ବଡ଼ ପ୍ରଶ୍ନବାଚୀ



**ଉମାଶଙ୍କର ପ୍ରସାଦ**

ଯେକୌଣସି ରାଜ୍ୟ କିମ୍ବା ରାଷ୍ଟ୍ରର ପ୍ରଗତିର ପ୍ରକୃତ ମାପକାଠି କେବଳ ଉଚ୍ଚ ଆକାଶଛୁଆଁ ଅଟ୍ଟାଳିକା, ଚଉଡ଼ା ରାସ୍ତାଘାଟ କିମ୍ବା ଶିଳ୍ପାଞ୍ଚଳର ପରିସର ନୁହେଁ; ବରଂ ସେଠାକାର ନାଗରିକଙ୍କ ଆୟୁଷ, ଗୁଣାତ୍ମକ ମାନବ ସମ୍ବଳ, ମୌଳିକ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ସୁବିଧା। ଯେଉଁ ସମାଜରେ ସାଧାରଣ ନାଗରିକ ଉତ୍ତମ ଶିକ୍ଷା ଓ ସୁଲଭ ଚିକିତ୍ସା ସେବାରୁ ବଞ୍ଚିତ, ସେହି ସମାଜର ବିକାଶ କେବଳ ଏକ ଭ୍ରମାତ୍ମକ କଳ୍ପନା। ଆଜିର ତଥ୍ୟ-ଭିତ୍ତିକ ଚିତ୍ରକୁ ଅନୁଧ୍ୟାନ କଲେ ସ୍ୱଷ୍ଟ ଜଣାପଡ଼େ ଯେ, ଚିକିତ୍ସା ଶିକ୍ଷା ଓ ମେଡିକାଲ ସିଟ୍ ସଂଖ୍ୟାରେ ଓଡ଼ିଶା ଦେଶର ଅନ୍ୟାନ୍ୟ ଅଗ୍ରଣୀ ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ ପଛରେ ରହିଛି।

ମେଡିକାଲ ସିଟ୍ ସଂଖ୍ୟା:-- ଓଡ଼ିଶା ଓ ଅନ୍ୟ ରାଜ୍ୟର ଚିତ୍ର। ଦେଶର ବିଭିନ୍ନ ରାଜ୍ୟରେ ମେଡିକାଲ ସିଟ୍ ସଂଖ୍ୟାକୁ ବିଶ୍ଳେଷଣ କଲେ ଏକ ଆଶ୍ଚର୍ଯ୍ୟଜନକ ଚିତ୍ର ସାମ୍ନାକୁ ଆସେ। ଉଚ୍ଚ ମାନବ ସୂଚକାଙ୍କ ହାସଲ କରିଥିବା ଦକ୍ଷିଣ ଓ ପଶ୍ଚିମ ଭାରତର ରାଜ୍ୟଗୁଡ଼ିକରେ ଡାକ୍ତରୀ ଶିକ୍ଷା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଇଛି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜବୁତ କରିଛି।

। ବିଭିନ୍ନ ରାଜ୍ୟର ମେଡିକାଲ ସିଟ୍ ସଂଖ୍ୟା ନିମ୍ନରେ ପ୍ରଦତ୍ତ କର୍ଣ୍ଣାଟକ-- ୧୩,୬୪୫,ତାମିଲନାଡୁ-- ୧୨,୦୫୦,ମହାରାଷ୍ଟ୍ର-- ୧୧,୭୦୦,ଆନ୍ଧ୍ରପ୍ରଦେଶ-୬,୭୮୫ - କେରଳ- ୫,୧୫୦ ଓ ଓଡ଼ିଶା ରେ ୨,୬୦୦।ଏହି ସାରଣୀରୁ ସ୍ୱଷ୍ଟ ହୁଏ ଯେ, କର୍ଣ୍ଣାଟକ, ତାମିଲନାଡୁ କିମ୍ବା ମହାରାଷ୍ଟ୍ର ତୁଳନାରେ ଓଡ଼ିଶାରେ ମେଡିକାଲ ସିଟ୍ ସଂଖ୍ୟା ପାଞ୍ଚ ଗୁଣରୁ ବି କମ୍। କେରଳ ଭଳି କମ୍ ଜନସଂଖ୍ୟା ବିଶିଷ୍ଟ ରାଜ୍ୟରେ ମଧ୍ୟ ଓଡ଼ିଶା ତୁଳନାରେ ଦ୍ୱିଗୁଣ ମେଡିକାଲ ସିଟ୍ ରହିଛି। ପ୍ରାୟ ୪.୫ କୋଟି ଜନସଂଖ୍ୟା ବିଶିଷ୍ଟ ଓଡ଼ିଶାରେ ମାତ୍ର ୨,୬୦୦ ଡାକ୍ତରୀ ସିଟ୍ ରହିବା ଆମ ସ୍ୱାସ୍ଥ୍ୟ ଶିକ୍ଷା ବ୍ୟବସ୍ଥାର ନଗ୍ନ ସ୍ଥିତିକୁ ଦର୍ଶାଉଛି। ସୃଷ୍ଟି ହେଉଥିବା ସମସ୍ୟା ଓ ଏହାର ସିଧାସଳଖ ପ୍ରଭାବ। ମେଡିକାଲ ସିଟ୍ ସଂଖ୍ୟା କମ୍ ହେବାର ପ୍ରଭାବ କେବଳ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯାଏଁ ସୀମିତ ନୁହେଁ, ଏହା ଆମ ସମଗ୍ର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ପ୍ରଭାବିତ କରୁଛି:-ଡାକ୍ତରଙ୍କ ଅଭାବ:- ପ୍ରତିବର୍ଷ କମ୍ ସଂଖ୍ୟକ ଡାକ୍ତର ପାସ୍ କରି ବାହାରୁଥିବାରୁ ଗ୍ରାମାଞ୍ଚଳ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଗୁଡ଼ିକରେ ବର୍ଷ ବର୍ଷ ଧରି ଡାକ୍ତର ପଦବୀ ଖାଲି ପଡୁଛି।

ମାନବ ସମ୍ପଦର ବାହାରକୁ ପଳାୟନ:- ଉଚ୍ଚାକାଂକ୍ଷୀ ଓ ମେଧାବୀ ଓଡ଼ିଆ ଛାତ୍ରଛାତ୍ରୀମାନେ ଡାକ୍ତରୀ ପଢ଼ିବା ପାଇଁ ଅନ୍ୟ ରାଜ୍ୟ କିମ୍ବା ବିଦେଶକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ରାଜ୍ୟର ଅର୍ଥ ଓ ମେଧା ଉଭୟ ବାହାରକୁ ଚାଲିଯାଉଛି। ସୋସିଓ-ଇକୋନୋମିକ୍ ବୋଝ:-- ଉତ୍ତମ ସୁପର-ସ୍ପେଶାଲିଟି ସେବା ଓ ଚିକିତ୍ସକଙ୍କ ଅଭାବ ଯୋଗୁଁ ଆଜି ବି ଗୁରୁତର ରୋଗୀମାନଙ୍କୁ ବିଶାଖାପାଟଣା, ହାଇଦ୍ରାବାଦ, କୋଲକାତା କିମ୍ବା ଚେନ୍ନାଇ ଭଳି ସହରକୁ ଯିବାକୁ ପଡୁଛି। ରୋଗୀ-ଡାକ୍ତର ଅନୁପାତ:- -ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁସାରେ ପ୍ରତି ୧,୦୦୦ ଜନସଂଖ୍ୟାରେ ୧ ଜଣ ଡାକ୍ତର ରହିବା ଆବଶ୍ୟକ। ମାତ୍ର ଓଡ଼ିଶାରେ ଏହି ଅନୁପାତ ଚିନ୍ତାଜନକ ସ୍ଥିତିରେ ଅଛି।

ଓଡ଼ିଶା କିପରି ହେବ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକଶିତ ?

ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପଛରେ ପକାଇ କୌଣସି ରାଜ୍ୟ ଦୀର୍ଘସ୍ଥାୟୀ ବିକାଶ ହାସଲ କରିପାରିବ ନାହିଁ। ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବାକୁ ହେଲେ ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ ତୁରନ୍ତ ଓ ଗୁରୁତ୍ୱର ସହ ଗ୍ରହଣ କରିବାକୁ ପଡ଼ିବ:--୧. ନୂତନ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା, ରାଜ୍ୟର ପ୍ରତିଟି ଜିଲ୍ଲାରେ ଅତିକମରେ ଗୋଟିଏ ଲେଖାଏଁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରତିଷ୍ଠା କରାଯିବା ଆବଶ୍ୟକ। ବିଶେଷ କରି ମାଲକାନଗିରି, ନବରଙ୍ଗପୁର, ବୌଦ୍ଧ, କନ୍ଧମାଳ ଭଳି ଦୁର୍ଗମ ଜିଲ୍ଲାଗୁଡ଼ିକରେ ଚିକିତ୍ସା ଶିକ୍ଷାନୁଷ୍ଠାନ ଗଢ଼ି ଉଠିଲେ ଆଞ୍ଚଳିକ ବୈଷମ୍ୟ ଦୂର ହୋଇପାରିବ। ୨. ବେସରକାରୀ ବିନିଯୋଗକୁ ପ୍ରୋତ୍ସାହନ (PPP ମୋଡ୍) ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ବେସରକାରୀ କ୍ଷେତ୍ର ମେଡିକାଲ ଶିକ୍ଷାରେ ବ୍ୟାପକ ନିବେଶ କରିଛନ୍ତି। ଓଡ଼ିଶା ସରକାର ନୀତିଗତ କୋହଳତା ଆଣି ଏବଂ ଭିତ୍ତିଭୂମି ଯୋଗାଇ ଦେଇ ଗୁଣାତ୍ମକ ବେସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଉଚିତ।୩. ସ୍ନାତକୋତ୍ତର (PG) ଓ ସୁପର-ସ୍ପେଶାଲିଟି ସିଟ୍ ବୃଦ୍ଧି, କେବଳ MBBS ସିଟ୍? ବଢ଼ାଇଲେ ହେବ ନାହିଁ, ବରଂ MD, MS, DM ଓ MCh ଭଳି ଉଚ୍ଚତର ବିଶେଷଜ୍ଞ ପାଠ୍ୟକ୍ରମ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ପଡ଼ିବ, ଯାହାଦ୍ୱାରା କର୍କଟ, ହୃଦ୍‌ରୋଗ, ସ୍ନାୟୁରୋଗ ଭଳି ଜଟିଳ ଚିକିତ୍ସା ରାଜ୍ୟ ଭିତରେ ସହଜଲଭ୍ୟ,ହୋଇପାରିବ।୪. ଡାକ୍ତରଙ୍କ ଅବସ୍ଥାପନା ଓ ନିଯୁକ୍ତି ନୀତିରେ ସୁଧାର।ପାସ୍ ଆଉଟ୍ ହେଉଥିବା ଯୁବ ଡାକ୍ତରମାନଙ୍କୁ ରାଜ୍ୟରେ ହିଁ ରଖିବା ପାଇଁ ଆକର୍ଷଣୀୟ ଦରମା, ଗ୍ରାମାଞ୍ଚଳ ଭତ୍ତା, ଉତ୍ତମ ରହିବା ସୁବିଧା ଏବଂ ପଦୋନ୍ନତିର ସ୍ୱଷ୍ଟ ନୀତି ନିର୍ଦ୍ଧାରଣ କରାଯିବା ନିହାତି ଆବଶ୍ୟକ। ୫. ବଜେଟ୍ ଆବଣ୍ଟନ ବୃଦ୍ଧି- -ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରକୁ 'ଖର୍ଚ୍ଚ' ଭାବେ ନଦେଖି 'ଦୀର୍ଘକାଳୀନ ପୁଞ୍ଜିନିବେଶ' ଭାବେ ଗ୍ରହଣ କରାଯାଉ। ରାଜ୍ୟ ବଜେଟ୍‌ର ଅଧିକ ଅଂଶ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିରେ ବିନିଯୋଗ ହେବା ଉଚିତ। ଶେଷରେ ମୋ ନିଜସ୍ୱ ମତ ଦେଇ ଏତିକି କହିବି

'ସ୍ୱାସ୍ଥ୍ୟ ହିଁ ସମ୍ପଦ' - ଏହି ଆପ୍ତବାକ୍ୟ କେବଳ ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ, ବରଂ ଗୋଟିଏ ସମଗ୍ର ରାଜ୍ୟ ପାଇଁ ସମାନ ଭାବେ ପ୍ରଯୁଜ୍ୟ। ଓଡ଼ିଶାକୁ ୨୦୩୬ ସୁଦ୍ଧା (ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ଅବସରରେ) ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ଭାବେ ଗଠି ତ କରିବାକୁ ହେଲେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରର ଗଠନମୂଳକ ପରିବର୍ତ୍ତନ ଅପରିହାର୍ଯ୍ୟ। ମେଡିକାଲ ସିଟ୍ ସଂଖ୍ୟା ୨,୬୦୦ରୁ ଅତିକମରେ ୮,୦୦୦ରୁ ୧୦,୦୦୦କୁ ବୃଦ୍ଧି କରିବା ପାଇଁ ଏକ ନିର୍ଦ୍ଦିଷ୍ଟ 'ସମୟସୀମା ଆଧାରିତ ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରାଯିବା ଆବଶ୍ୟକ। ଶିକ୍ଷିତ, ସୁସ୍ଥ ଓ ସକ୍ଷମ ଓଡ଼ିଶା ହିଁ ପ୍ରକୃତ ବିକଶିତ ଓଡ଼ିଶାର ଭିତ୍ତିପ୍ରସ୍ତର ସ୍ଥାପନ କରିପାରିବ।

**ଖୋରଧା**
**୬୩୭୦୬୭୫୫୬୨**

# ଇଷ୍ଟଭୃତି



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆର୍ଯ୍ୟ ଓ ସମାଜର ଆଦିମ ନୀତି-ନିୟାମକ ଋଷିବୃନ୍ଦ ନିତ୍ୟ ଆଚରଣଯୋଗ୍ୟରୂପେ ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ - ଏହି ଷଟ୍ କର୍ମ ସମସ୍ତଙ୍କ ପାଇଁ ନିର୍ଦ୍ଧାରଣ କରିଛନ୍ତି। ଏଗୁଡ଼ିକ ଦେଶ-କାଳ-ପାତ୍ର ନିର୍ବିଶେଷରେ ସମସ୍ତେ ପ୍ରତିଦିନ ଅନୁଷ୍ଠାନ କରି ଚାଲିବେ। ଏହା ନିତ୍ୟ କର୍ମ ବା ନିତ୍ୟ କର୍ତ୍ତବ୍ୟରୂପେ ଆମ ଦେଶରେ ପ୍ରସିଦ୍ଧ। ଆଜି କିନ୍ତୁ ଏ ସମ୍ପର୍କୀୟ ବାସ୍ତବ ଅନୁଷ୍ଠାନ ତ ଦୂରର କଥା, ସାଧାରଣ ଧାରଣା ମଧ୍ୟ ଲୋକ ସମାଜରେ ବିରଳ। କିନ୍ତୁ ମଣିଷ ଜୀବନ ପାଇଁ ଉକ୍ତ କର୍ମ ଗୁଡ଼ିକର ଅପରିହାର୍ଯ୍ୟତା ଦୃଷ୍ଟିରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏଗୁଡ଼ିକର ଅପରିହାର୍ଯ୍ୟତା ଦୃଷ୍ଟିରୁ କରାଇଛନ୍ତି। ଏଥିରେ ଦାନ ଓ ପ୍ରତିଗ୍ରହର ସମ୍ମିଶ୍ରଣରେ ଇଷ୍ଟଭୃତିର ପ୍ରବର୍ତ୍ତନ କରିଛନ୍ତି। ଏ ସମ୍ପର୍କରେ ତାଙ୍କର ଏକ ନିର୍ଦ୍ଦେଶ ହେଲା 'ଦିନ ଗୁଜରାନୀ ଆୟ ଥେକେ, କର ଇଷ୍ଟଭୃତି ଆହରଣ, ଜଳଗ୍ରହଣେର ପୂର୍ବେଇ କରିସ୍ ଇଷ୍ଟେ ନିବେଦନ। ନିତ୍ୟ ଏମ୍ନି ନିୟମିତ, ଯେମନ୍ ପାରିସ୍ କରେଇ ଯା, ମାସଟି ଯବେ ଶେଷ ହବେ ତୁଇ, ଇଷ୍ଟସ୍ଥାନେ ପାଠାସ ତା। ଇଷ୍ଟ ସ୍ଥାନେ ପାଠିୟେ ଦିଏ ଆରୋ ଦୁଟି ଭୋଜ୍ୟ ରାଖିସ୍, ଗୁରୁଭାଇ ବା ଗୁରୁଜନେର ଦୁଜନାକେ ସେଇଟି ଦିସ୍। ପାଡା-ପଡ଼ଶୀର ସେବାର କାଜେ, ରାଖିସ୍ କିନ୍ତୁ କିଛୁ ଆରୋ, ଉପଯୁକ୍ତ ଆପଦ୍‌ଗ୍ରସ୍ତେ ଦିତେଇ ହବେ ଯେଟୁକ ପାର। ଏ ସବ୍ ଗୁଲିର ଆଚରଣେ, ଇଷ୍ଟଭୃତି ନିଖୁଁତ ହୟ, ଏ ନା କରେ ଇଷ୍ଟଭୃତି, ଜାନିସ୍ କିନ୍ତୁ ପୂର୍ଣ୍ଣ ନାୟ।।

'ନୌକା ଯେପରି ଦଉଡି ଦ୍ୱାରା ଟଣା ହୋଇଯାଏ, ଇଷ୍ଟଭୃତି ମଧ୍ୟ ସେହିପରି ମଣିଷକୁ ଟାଣି ନେଇଯାଏ। ଗୋଟିଏ ସୁକେନ୍ଦ୍ରିକ ଧନ୍ଦା ଲାଗି ରହେ, ସେଇଥିରେ ମଣିଷ ଠିକ୍ ରହେ। ଅବଶ୍ୟ ଚାନ୍ଦା ପରି କରିଲେ ହୁଏ ନାହିଁ। ମୁଣ୍ଡରେ ଗୋଟାଏ ଚାପ ଲାଗି ରହିବା ଆବଶ୍ୟକ। ଆଉ ସବୁ କିଛି ମାଧ୍ୟମରେ ତାଙ୍କୁ ଉପଚୟୀ କରିବାର ବୁଦ୍ଧି ଦରକାର। ତାହେଲେ ହିଁ ମଣିଷ ଉପଚୟୀ ହୁଏ। ନିଜେ ଉପଚୟୀ ହେବାର ବୁଦ୍ଧି ରହିଲେ ଏହି ପ୍ରବୃତ୍ତିଟା ହିଁ ବଡ଼ ହୁଏ, ପ୍ରତ୍ୟାଶା ବିଧୁର ହୋଇଥାଏ। ସେଥିରେ ମଣିଷର ନିୟନ୍ତ୍ରଣ ବି ହୁଏନାହିଁ, ବିକାଶ ବି ହୁଏ ନାହିଁ, ତେଣୁ ଉପଚୟୀ ମଧ୍ୟ ହୋଇଉଠେ ନାହିଁ। 'ଇଷ୍ଟଭୃତି ହେଲେ ବି ଗୋଟାଏ ଉଦ୍‌ବୃତ୍ତ ଶକ୍ତି ରହି ହିଁ ଯାଏ ଏବଂ ସବୁ କାର୍ଯ୍ୟରେ ହିଁ ତାର ସାହାଯ୍ୟ ପାଇବା ହୁଏ। ଇଷ୍ଟଭରଣ ଧନ୍ଦା ଯାହାର ମନ-ମୁଣ୍ଡରେ ଲାଗିରହେ, ତାର ପ୍ରବୃତ୍ତିଗୁଡ଼ିକ ମଧ୍ୟ ଧୀରେ ଧୀରେ ସୁବିନ୍ୟସ୍ତ ହୋଇଉଠେ, ତାର ସବୁକିଛି ଭିତରେ ଗୋଟାଏ ଏକସୂତ୍ର ନିବଦ୍ଧ ସମାହାର ହୋଇଥାଏ, ତେଣୁ ବୋଧ ବି ସେହିପରି ଭାବେ ଫୁଟିଉଠେ। ତାଛଡ଼ା ସେ କେବଳ ଭାବବିଳାସୀ ହୁଏ ନାହିଁ, ତାର ଭାବିବା କରିବା ମଧ୍ୟରେ ଗୋଟିଏ ସଙ୍ଗତି ରହେ। ଏହି ଭାବରେ ଜୀବନରେ କୃତକାର୍ଯ୍ୟତାର ପଥ ତାର ଖୋଲିଯାଏ। ନିତ୍ୟ ଇଷ୍ଟଭୋଗର ନୈବେଦ୍ୟ ନିବେଦନ କରି ଗୋଟାଏ ଆତ୍ମପ୍ରସାଦ ଲାଭ କରାଯାଏ। ପ୍ରସାଦର ମଧ୍ୟରେ ପ୍ରସାର ମଧ୍ୟ ଅଛି। ଦେଇ ପୁଷ୍ଟ କରିବା ମଧ୍ୟରେ ହିଁ ପାଇ ପୁଷ୍ଟ ଓ ଉନ୍ନତ ହେବାର ପଥ ଅଛି। ପୁଣି ଇଷ୍ଟଭୃତି କ୍ରମବର୍ଦ୍ଧମାନ କରି ରଖିବାକୁ ହୁଏ। ଏହିପରି ପ୍ରଚେଷ୍ଟା ନେଇ ଚଳିଲେ, ଏହିପରି ତପସ୍ୟାରତ ରହିଲେ, ତାର ଉନ୍ନତି ଅନିବାର୍ଯ୍ୟ। ଭୋଜ୍ୟଟା ବା ପଇସାଟା ମୂଳ ନୁହେଁ, ଏହାର ମୂଳ କଥା ହେଲା, ଇଷ୍ଟଙ୍କୁ ଦେବାର ଆବେଗ, ତାଙ୍କୁ ନଦେଇ ନଖୁଆଇ ଆମକୁ ଭଲ ଲାଗେ ନାହିଁ, ତେଣୁ ସର୍ବାଗ୍ରେ ଆମର ତାଙ୍କ ସେବାର ଆୟୋଜନ।

ଏହି ଆବେଗ ଯେତେବେଳେ ମଣିଷର ଅନ୍ତରରେ ନିଶା ପରି ପାଇବସେ, ସେ ସେତେବେଳେ ତାର ସବୁ କରିବା ଭିତର ଦେଇ ତାଙ୍କୁ ହିଁ ଅର୍ଘ୍ୟନନ୍ଦିତ କରିବାକୁ ଚାହେଁ, ଜୀବନରେ ଯେପରି ତାର ଗୋଟାଏ ଅଫୁରନ୍ତ ଉତ୍ସାହ ଜାଗିଉଠେ।' ଇଷ୍ଟଭୃତିର ଗୁଣର କଥା କହି ଶେଷ କରାଯାଏନାହିଁ। ମୁଁ ଏହାକୁ କୁହେ ସାମର୍ଥ୍ୟଯୋଗ। ଏଥିରେ ମନୁଷ୍ୟ ଯୋଗ୍ୟ ହୋଇଉଠେ। ନିୟମିତ ଭାବେ ଆସେଟିକ୍ ୱେରେ ତାପସଭାବେ ଇଷ୍ଟଭୃତି କରିଲେ ବୋଧ କରିପାରିବେ, ବିପଦ-ଆପଦ କଟିବାର କ୍ଷମତା କେତେ ପରିମାଣରେ ବଢ଼ିଯାଉଛି। ଦୁନିଆ ଟଳମଳ କରିବାକୁ ବସିଲେ ବି ଆପଣ ଅଟଳଭାବେ ରହିପାରିବେ। ବର୍ମାର ଯୁଦ୍ଧ ସମୟରେ ନୂଆ ଖାଲି ଓ କଲିକତାର ଦଙ୍ଗା ସମୟରେ ଭୂରି ଭୂରି ଦୃଷ୍ଟାନ୍ତ ଦେଖାଯାଇଛି - ଯେଉଁମାନେ ନିଷ୍ଠାର ସହିତ ଯଜନ-ଯାଜନ-ଇଷ୍ଟଭୃତି କରନ୍ତି, ସେମାନେ ପରମପିତାଙ୍କ ଦୟାରେ କି ଭାବେ ସମୂହ ବିପଦର ହାତରୁ ରକ୍ଷା ପାଇଯାନ୍ତି। ଅବଶ୍ୟ ଆତ୍ମସ୍ୱାର୍ଥର ଲୋଭରେ କରିବା ଉଚିତ ନୁହେଁ। ପରମପିତାଙ୍କୁ ଭଲପାଇ ତାଙ୍କ ପଥରେ ଚଳିଲେ, ପରମପିତା ସେମାନଙ୍କ ହାତ ଧରି ଚଳାଇ ନେଇ ମଙ୍ଗଳର କୋଳରେ ସମାସୀନ କରନ୍ତି। ବିଶ୍ୱାସ ଅବିଶ୍ୱାସର କଥା ନାହିଁ। ତାଙ୍କୁ ଦେବା, ଏହି ସୁକେନ୍ଦ୍ରିକ ଆକୃତିରେ ଯାହା ଦେବାର ତାହା ହେବ। ଯେଉଁଥିରେ ସୁକେନ୍ଦ୍ରିକ ହେବ, ଅର୍ଜନ କରିବ ଯାହାପାଇଁ, ଆମର ଆଡ଼ଜେଷ୍ଟମେଣ୍ଟ ସେହିପରି ହେବ। ଆମର ବନ୍ଧୁବାନ୍ଧବ, ପୁଅବୋହୂ, ଆତ୍ମୀୟସ୍ୱଜନ, ଟଙ୍କା-ପଇସା, ପ୍ରବୃତ୍ତି, ଘରସଂସାର, ଯାବତୀୟ ଯାହା କିଛିର ତଦନୁପାତିକ ମିନିଙ୍ଗଫୁଲ ହେବାକୁ ପଡ଼ିବ। ଆମର ଯାହାକିଛି ଦେଇ ତାଙ୍କୁ ଫୁଲଫିଲ କରିବା। ସେ ହିଁ ସର୍ବାଗ୍ରେ, ଆମେ ବି ସେଠାରେ ତଳେଇ ଯାଇଛୁ। ଆମେ ଖାଇବା ଆଗରୁ ତାଙ୍କୁ ନିବେଦନ ମାନେ ଆମେ ଆମର ଜଗତ ନେଇ ତାଙ୍କୁ ମୁଖ୍ୟ କରି ଚଳୁଛୁ। ଦୈନନ୍ଦିନ ଏହି କରିବା ଫଳରେ ଏପରି ଶକ୍ତି ସଞ୍ଚିତ ହୋଇଥାଏ ଯେ, ବିଶେଷ ବିପଦ ଆପଦ ମୁହୂର୍ତ୍ତରେ ତାଙ୍କ ପ୍ରଭାବରେ ସହଜରେ ହିଁ ଆମ୍ଭେମାନେ ବିପଦରୁ ଉତ୍ତୀର୍ଣ୍ଣ ହୋଇପାରୁ। ଇଷ୍ଟାନୁଗ ଚଳନରେ ଆୟୁର ଅପବ୍ୟୟ ହୁଏ କମ୍। ତେଣୁ ମୂଳ ସମ୍ଭାବ୍ୟତାର ପୂର୍ଣ୍ଣ ସୁଯୋଗଟା ପାଇବା ହୁଏ। ଇଷ୍ଟଭୃତି ଯାହାର ଯେପରି କ୍ଷମତା, ସେହିପରି ଭାବେ ଯଦି କରୁ, ତାହା ଆମର ଜୀବନକୁ ବାନ୍ଧି ରଖିବ। ଆପଦ-ବିପଦ ମଧ୍ୟ ଦେଇ ବଞ୍ଚାଇନେଇ ଚାଲିବ।

**ପ୍ରତିରିତ୍ୱକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

# ପାର୍ଲିଆମେଣ୍ଟ ଛାତ୍ର-ଯୁବକ କଥା ଶୁଣ



**ସୌଭାଗ୍ୟ ରଂଜନ ମହାନ୍ତି**

ତୁମୁଳ ହଟ୍ଟଗୋଳ ମଧ୍ୟରେ ପାର୍ଲିଆମେଂଟର ଉଭୟ ସଦନ ଲୋକସଭା ଓ ରାଜ୍ୟସଭାରେ ଧ୍ୱନୀ ମଧ୍ୟରେ ଅନୁମୋଦିତ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ଉପାୟ ନିବାରଣ) ସଂଶୋଧନ ବିଲ୍-୨୦୨୬କୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଂଜୁରୀ ପ୍ରଦାନ କରିଛନ୍ତି। ଏବେ ଆଇନଟି ଦେଶରେ ତତକ୍ଷଣାତ ଲାଗୁ ହୋଇଛି। ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ତଥା ଅନ୍ୟାନ୍ୟ ଉପାୟ ଅବଲମ୍ବନକାରୀଙ୍କୁ ୧୦ବର୍ଷ ଜେଲ ଓ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନ ବ୍ୟବସ୍ଥା ରହିଛି। ଉଲ୍ଲେଖଯୋଗ୍ୟ ଯେ, ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ କକ୍ରୋଜ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ମାସାଧିକ କାଳ ଛାତ୍ରଛାତ୍ରୀ, ଯୁବକଙ୍କ ଆନ୍ଦୋଳନ ଯୋଗୁଁ ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିବାବେଳେ କେନ୍ଦ୍ର ସରକାର ୨୦୨୪ର ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ଉପାୟ ନିବାରଣ) ଆଇନକୁ ସଂଶୋଧନ କରି କଠୋର ଦଣ୍ଡବିଧାନ କରିବା ସହ ୩ମାସ ମଧ୍ୟରେ ଫାଷ୍ଟଟ୍ରାକ କୋର୍ଟରେ ଶୁଣାଣୀ ଶେଷ ଏବଂ ଏକ ଉଚ୍ଚସ୍ତରୀୟ ତଥା ଉଚ୍ଚ କ୍ଷମତା ସମ୍ପନ୍ନ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସଟିଏଫ) କମିଟି ଗଠନ କରିବାକୁ ବାଧ୍ୟ ହୋଇଛନ୍ତି। ତେବେ ମନ୍ତ୍ରୀଙ୍କ ଇସ୍ତଫା, କଠୋର ଆଇନ ପ୍ରଣୟନ, ଏସଟିଏଫ ଗଠନ ଏବଂ ଫାଷ୍ଟଟ୍ରାକ କୋର୍ଟ ପ୍ରତିଷ୍ଠା ସହ ନିର୍ଦ୍ଦିଷ୍ଟ ତଥା ତିନି ମାସ ସମୟ ସୀମା ମଧ୍ୟରେ ଶୁଣାଣୀ ଆଦି ହେଉଛି ଆରମ୍ଭ ମାତ୍ର ବୋଲି କୁହାଯାଇପାରେ। ଯେତେବେଳେ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ଯୁବକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରତିବାଦର ଅନ୍ତ ନଘଟିଛି, ଏହାର ନେତୃତ୍ୱ ନିଶ୍ଚିତ ଭାବେ ବୃହତର ଏବଂ ସଂସ୍କାର ଆଗେଇ ନେବ, ଏଥିରେ ସନ୍ଦେହ ନାହିଁ। ତେବେ ଏହି ପ୍ରକ୍ରିୟାରେ ଉଭୟ ଶାସନ ଓ ବିରୋଧି ଦଳର ଲୋକପ୍ରତିନିଧିମାନେ ସାମିଲ ହୋଇ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଚ୍ୟାଲେଞ୍ଜଗୁଡିକର ସମାଧାନ ପାଇଁ ଉପାୟ ସ୍ଥିର କରିବା ଉଚିତ। କାରଣ ଆଇନ ପ୍ରଣୟନ ଏବଂ ବିଭିନ୍ନ ଚ୍ୟାଲେଞ୍ଜକୁ ପ୍ରତିହିତ କରିବାରେ ପାର୍ଲିଆମେଂଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ଛାତ୍ର ଯୁବକ

ଚିନ୍ତା ଓ ବ୍ୟାକୁଳତା ସମାଧାନ କରିବା ହେଉଛି ସାଂସଦମାନଙ୍କ ଦାୟିତ୍ୱ ଏବଂ ଏଥିଲାଗି ପାର୍ଲିଆମେଂଟର ଦ୍ୱାର ଖୋଲିବା ଉଚିତ। ଉଲ୍ଲେଖଯୋଗ୍ୟ ଯେ, ପାର୍ଲିଆମେଂଟର ମୌସୁମୀ ଅଧିବେଶନ ଗତ ମାସ ୨୦ ତାରିଖରୁ ଆରମ୍ଭ

ହୋଇଥିଲେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ ଏବଂ ଛାତ୍ରଛାତ୍ରୀ, ଯୁବକଙ୍କ ଉପରେ ପୋଲିସର ଦମନଲୀଳା, ଲାଠିମାଠ ଆଦି ଘଟଣାକୁ ନେଇ ଗୋଟିଏ ଦିନ ହିଁ ବୈଠକ ସୁରୁଖୁରୁରେ ଚାଲିପାରିନାହିଁ। ହଟ୍ଟଗୋଳ, ହୋହାଲା ମଧ୍ୟରେ ଗୃହଚାଲିଛି। ଏପରିକି ଆଇନ ମଧ୍ୟ ପ୍ରଣୟନ ହେଉଛି। ପାର୍ଲିଆମେଂଟ ଅଧିବେଶନ କାଳରେ ପ୍ରତି ମିନିଟ୍ ପାଇଁ ୨.୫ ଲକ୍ଷ ଟଙ୍କା ବ୍ୟୟ ହେଉଥିବାବେଳେ ଗତ ୨୦ ତାରିଖରୁ ସଦନରେ ବହୁମୂଲ୍ୟ ସମୟ ନଷ୍ଟ ଯୋଗୁଁ ରାଜକୋଶରୁ ଶହଶହ କୋଟି ଟଙ୍କା ପାଣିରେ ପଡିଲାଣି। ଏହା ନିସନ୍ଦେହ ଯେ, ଗଣତନ୍ତ୍ରର ପବିତ୍ର ମନ୍ଦିର ପାର୍ଲିଆମେଂଟ ହେଉଛି ଆଲୋଚନାର କ୍ଷେତ୍ର। ସମସ୍ୟା ମୁକାବିଲାର କ୍ଷେତ୍ର। କେବଳ ଏତିକି ନୁହେଁ, ରାଜରାସ୍ତାରେ ଆନ୍ଦୋଳନକାରୀ ଛାତ୍ର ଓ ଯୁବକଙ୍କ ପାଇଁ ଗଣତାନ୍ତ୍ରୀକ ପଦ୍ଧତିରେ ନିର୍ବାଚିତ ଲୋକପ୍ରତିନିଧି ଓ ସାମ୍ବିଧାନିକ ଅନୁଷ୍ଠାନ ବିରୋଧି ଅତ୍ୟଧିକ ଯନ୍ତ୍ରଣାର କାରଣ ହୋଇଛି ମଧ୍ୟ। ଏହା ସତ୍ୟ ଯେ, ସରକାର, ପାର୍ଲିଆମେଂଟ ଏବଂ ବିରୋଧି ଦଳର ବିଫଳତାକୁ ହିଁ ଛାତ୍ରଙ୍କ ଅସନ୍ତୋଷ ଓ କ୍ରୋଧ ବୃହତ ଆକାର ଧାରଣ କରିଥିଲା। ବିଭିନ୍ନ ଚାପ, ଧମକ, କଟକଣା ଏବଂ ଶେଷରେ ଦମନଲୀଳା ସତ୍ତ୍ୱେ ଛାତ୍ରଙ୍କ ଏକତା କିମ୍ବା ଆନ୍ଦୋଳନ ଦବି ଯାଇନଥିଲା। ନେତା ବିହୀନ ଛାତ୍ର ଆନ୍ଦୋଳନଏବଂ ଏକତା ନିକଟରେ ଶେଷରେ ସରକାର ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଥିଲେ। ଏବେ ସେମାନଙ୍କ କ୍ରୋଧ, ଅସନ୍ତୋଷ ସମାଧାନ କରିବାର ସମୟ ଆସିଛି। ଶିକ୍ଷା ପଦ୍ଧତିରେ ସଂସ୍କାର ଓ ଶିକ୍ଷାକୁ ନିଯୁକ୍ତି ଭିତିକ କରିବା ପାଇଁ ଲୋକପ୍ରତିନିଧିମାନେ ଅଗ୍ରାଧିକାର ଦେବା ଉଚିତ। ଯାହାକି ଏବେ କ୍ଷୀଣ ହୋଇଯାଇଛି। ଦେଶରେ ବେକାରୀ, ବେରୋଜଗାରୀ ହୁ ହୁ ହୋଇ ବଢିଚାଲିଛି। ଛାତ୍ରଛାତ୍ରୀ, ଯୁବକଙ୍କ କଥାକୁ ଶୁଣିବା ଏବଂ ସମସ୍ୟାର ସମାଧାନର ପନ୍ଥା ଖୋଜି ବାହାର କରିବାର ସମୟ ଆସିଛି। ରାଜରାସ୍ତାରେ ଛାତ୍ର-ଯୁବକଙ୍କ ଆନ୍ଦୋଳନ ଏହି ସନ୍ଦେଶ ଦେଇଛି। ପାର୍ଲିଆମେଂଟ ଜଟିଳ କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ ଗ୍ରହଣ କରି ଶିକ୍ଷା ଭିତିଭୂମି ଏବଂ ପଦ୍ଧତିକୁ ନୂଆ ରୂପରେଖ ଦେବା ସହ ପରିପୃଷ୍ଟ ଓ ସଠିକ୍ ମାର୍ଗରେ ନେବା ଉଚିତ୍।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,**
**ଶିଶୁପାଳଗଡ,-୭୫୧୦୦୨**
**୯୪୩୭୯୯୪୩୭୯**





# ୧୦ କୋଟି ନିଶାମୁକ୍ତ ପ୍ରତିଜ୍ଞା ମହାଅଭିଯାନ



**ଜୟପୁର (ଅମୃତ ମିଡିଆ) :** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆୟୋଜନରେ 'ନିଶା ମୁକ୍ତ ଭାରତ ଅଭିଯାନ' ଏବଂ 'ମିଶନ ସୁନ୍ଦର' ଅନ୍ତର୍ଗତ ଆଗାମୀ ୬ ରୁ ୨୦ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ '୧୦ କୋଟି ନିଶାମୁକ୍ତ ପ୍ରତିଜ୍ଞା ମହା ଅଭିଯାନ' ଆରମ୍ଭ ହେବାକୁ ଯାଉଛି। ଏହି ଅଭିଯାନ ରାଜଯୋଗିନୀ ଦାଦୀ ପ୍ରକାଶମଣିଜୀଙ୍କ ପବିତ୍ର ସ୍ମୃତିରେ ଉତ୍ସର୍ଗୀକୃତ ହୋଇଥିବା ସହ ବିକଶିତ ଭାରତ ଆଡ଼କୁ ଏକ ଦୃଢ଼ ପଦକ୍ଷେପ ବୋଲି ଆୟୋଜକମାନେ ଜଣାଇଛନ୍ତି। ଏହି ମହା ଅଭିଯାନର ଲକ୍ଷ୍ୟ ହେଉଛି ଦେଶର ୧୦ କୋଟି ଲୋକଙ୍କୁ ନିଶାମୁକ୍ତ ଜୀବନ ଯାପନ ପାଇଁ ପ୍ରତିଜ୍ଞାବଦ୍ଧ କରାଇବା। ଏଥିପାଇଁ ଛଜ କୋଡ୍ ମାଧ୍ୟମରେ ମାତ୍ର ୩୦ ସେକେଣ୍ଡରେ ପ୍ରତିଜ୍ଞା ନେବାର ସୁବିଧା ରହିଛି। ଆୟୋଜକମାନେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଅତି କମରେ ୫୦ ଜଣ ଲୋକଙ୍କୁ ଏହି ମହା ଅଭିଯାନରେ ଯୋଡ଼ିବା ପାଇଁ ଆହ୍ୱାନ ଦେଇଛନ୍ତି। ଅଭିଯାନର ପୋଷ୍ଟର ଅନୁଯାୟୀ, ଦେଶରେ ପ୍ରତିବର୍ଷ ପ୍ରାୟ ୩୦ ଲକ୍ଷ ମୃତ୍ୟୁ ନିଶା-ସମ୍ପୃକ୍ତ କାରଣରୁ ଘଟୁଥିବା ବେଳେ, ୪୦ ରୁ ୭୦ ପ୍ରତିଶତ ପାରିବାରିକ କଳହର ମୂଳ କାରଣ ମଧ୍ୟ ନିଶା। ଆୟର ୨୦ ରୁ ୩୦ ପ୍ରତିଶତ ଅଂଶ ମଦ୍ୟପାନରେ ଖର୍ଚ୍ଚ ହେଉଥିବା ସହ ୧୪ ରୁ ୨୦ ବର୍ଷ ବୟସ ଗୋଷ୍ଠୀ ନିଶାର ସର୍ବାଧିକ ପ୍ରଭାବିତ ବର୍ଗ ବୋଲି ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଅଭିଯାନ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ସହ ୨୦୨୩ ମସିହାରୁ ଏବଂ ଗୃହ ମନ୍ତ୍ରାଳୟ ଅଧୀନସ୍ଥ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଘଉଇ) ସହ ୨୦୨୫ ମସିହାରୁ ସାମଞ୍ଜସ୍ୟ ପତ୍ର (ଗକ୍ଟଟ) ଅଧୀନରେ କାର୍ଯ୍ୟକାରୀ ହେଉଛି। ଏ ପର୍ଯ୍ୟନ୍ତ ଅଭିଯାନ ମାଧ୍ୟମରେ ୨.୨୭ କୋଟିରୁ ଅଧିକ ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚିଥିବା ଏବଂ ୧.୧୯ କୋଟିରୁ ଅଧିକ ନିଶାମୁକ୍ତ ପ୍ରତିଜ୍ଞା ସଂଗୃହୀତ ହୋଇଥିବା ଆୟୋଜକମାନେ ଜଣାଇଛନ୍ତି। ଅଭିଯାନ ୨୮ଟି ରାଜ୍ୟ ଓ ୫ଟି କେନ୍ଦ୍ରଶାସିତ ଅଞ୍ଚଳରେ ହଜାର ହଜାର ସ୍କୁଲ, କଲେଜ ଓ ଗ୍ରାମ ପଞ୍ଚାୟତ ସ୍ତରରେ ପହଞ୍ଚିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ବାର୍ତ୍ତାରେ ସୁସ୍ଥ ଜୀବନଶୈଳୀ, ମୂଲ୍ୟବୋଧ ଆଧାରିତ ଶିକ୍ଷା ଓ ଆଧୁନିକ ସଚେତନତା ମାଧ୍ୟମରେ ନିଶାମୁକ୍ତ ଓ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଏହି ଜାତୀୟ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ସ୍ଥାନୀୟ ସ୍ତରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାୟଗଡ଼ା, ଚିକିରି, ପଦ୍ମପୁର, ଗୁଣୁପୁର, କାଶୀପୁର ଓ କୋଲନରା ସେବା କେନ୍ଦ୍ର ମାଧ୍ୟମରେ ଏହି ମହା ଅଭିଯାନ ପରିଚାଳିତ ହେବ ବୋଲି ଜଣାପଡ଼ିଛି।

# ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଚାରାରୋପଣ

## ମା ପାଇଁ ଗଛଟିଏ



**ଆଠମଲ୍ଲିକ (ଅମୃତ ମିଡିଆ) :** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କୁଦଗାଁ ଜୈବବିବିଧତା ପରିଚାଳନା ସମିତି ଠାରେ ଏକ ସଚେତନତା ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୈବବିବିଧତା ପରିଚାଳନା ସମିତିର ଅଧ୍ୟକ୍ଷ ଅଭିମନ୍ୟୁ କର୍ଣ୍ଣ ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୁଦଗାଁ ଗ୍ରାମ ପଂଚାୟତର ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତୀ, ମାଧପୁର ଫରେଷ୍ଟର ଦୀପକ କୁମାର ମିଶ୍ର , ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ର ସଂଯୋଜକ ପ୍ରିୟବ୍ରତ ବେହେରା ପ୍ରମୁଖ "ମା" ପାଇଁ ଗଛ ଟିଏ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇଥିଲେ । ଚାରାରୋପଣ କରି ତାହାର ଯତ୍ନ କଲେ ଗଛ ପ୍ରତି ଭଲ ପାଇବା ଆସିବ ଏବଂ ଗଛର ଉପକାରିତା ସହଜରେ ଉପଲବ୍ଧି କରିହେବ ବୋଲି ପରାମର୍ଶ ପ୍ରଦାନ କରାଯାଇଥିଲା । ଚାରା ରୋପଣ କରି ଯତ୍ନ ନେଲେ ଏକ ଅଭିଜ୍ଞତା ଆସିବା ଦ୍ୱାରା ଧରିତ୍ରୀ ମାତାର ବକ୍ଷରେ ସବୁଜିମା ପୁରି ଉଠିବ ବୋଲି ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଅଂଶଗ୍ରହଣକାରୀ ପଣସ, ଅଁଳା, ଜାମ୍ବୁ, ଆତ,ପିଜୁଳୀ ଚାରା ରୋପଣ କରିଥିଲେ । ସମସ୍ତେ ନିଜ ବାଡିରେ ମଧ୍ୟ ଚାରାରୋପଣ କରି ଯତ୍ନ ନେବାକୁ ଶପଥ କରିଥିଲେ । ଓଡିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିବେଶୀୟ ସଂଗଠନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଏବଂ କୁଦଗାଁ ଜୈବବିବିଧତା ପରିଚାଳନା ସମିତି ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଦଗାଁ ଜୈବବିବିଧତା ପରିଚାଳନା ସମିତିର ସଭ୍ୟସଭ୍ୟା ଏବଂ ପୀତବାସପୁର ଗ୍ରାମବାସୀ ସମେତ ସମିତିର ଲିକୁନ ପ୍ରଧାନ ଅଂଶଗ୍ରହଣ କରିଥିଲେ ।

# ଡିଡିଏ ପ୍ରେସ କ୍ଲବ ପକ୍ଷରୁ ବନ୍ୟାପ୍ରଭାବିତ ଅଞ୍ଚଳରେ ସେବାମୂଳକ ପଦକ୍ଷେପ



**ଧୂଷୁରୀ (ଅମୃତ ମିଡିଆ) :** ଧାମନଗର ବ୍ଲକ ଅଧୀନ ପାଳସାହି ପଞ୍ଚାୟତର କାଠମୁଣ୍ଡା, ଆରଣସାହି ସମେତ ଆଖପାଖ ଅଞ୍ଚଳରେ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇନଥିବା ବେଳେ ଅନେକ ପରିବାର ଏବେ ବି ଦୁର୍ଦ୍ଦଶା ମଧ୍ୟରେ ଜୀବନ ବିତାଉଛନ୍ତି। ଏଭଳି ସମୟରେ ଅସୁରାଳି ଡିଡିଏ ପ୍ରେସ କ୍ଲବ ପକ୍ଷରୁ ବୁଧବାର ଏକ ସେବାମୂଳକ ପଦକ୍ଷେପ ଗ୍ରହଣ କରାଯାଇ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ପ୍ରେସ କ୍ଲବ ପକ୍ଷରୁ କାଠମୁଣ୍ଡା, ଆରଣସାହି ଓ ସଂଲଗ୍ନ ଅଞ୍ଚଳର ୧୨୦ଟି ବନ୍ୟା ପ୍ରଭାବିତ ପରିବାରଙ୍କୁ ଅଟା, ବିସ୍କୁଟ, ପାଣି ବୋତଲ ସମେତ ବିଭିନ୍ନ ଆବଶ୍ୟକୀୟ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଦୀର୍ଘ ଦିନ ଧରି ବନ୍ୟାର ପ୍ରଭାବ ଭୋଗୁଥିବା ପରିବାରମାନେ ଏହି ସହାୟତା ପାଇ ଆଶ୍ୱସ୍ତ ହୋଇଥିବା ବେଳେ ପ୍ରେସ କ୍ଲବର ଏହି ମାନବିକ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ରଞ୍ଜନ ମହାନ୍ତି, ସଦାନନ୍ଦ ମଲିକ, ମାନସ ମହାଳିକ, ପ୍ରେସ କ୍ଲବର ସମ୍ପାଦକ ମାନସ ପରିଡା, ଉପଦେଷ୍ଟା ସିଦ୍ଧାର୍ଥ ଶଙ୍କର ମିଶ୍ର, ବରିଷ୍ଠ ସଭ୍ୟ ପଙ୍କଜ କୁମାର ଦାସ, ଅନ୍ତର୍ଯ୍ୟାମୀ ଦାସ ଓ କାଳନ୍ଦୀ ବେହେରା ପ୍ରମୁଖ ଉପସ୍ଥିତ ରହି ସହାୟତା ସାମଗ୍ରୀ ବଣ୍ଟନରେ ସକ୍ରିୟ ସହଯୋଗ କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି, ବିପର୍ଯ୍ୟୟ ସମୟରେ ସାମାଜିକ ସଂଗଠନମାନଙ୍କ ଏଭଳି ସହଯୋଗ ଦୁର୍ଦ୍ଦଶାଗ୍ରସ୍ତ ପରିବାରଙ୍କୁ ନୂଆ ଆଶା ଓ ସାହସ ଯୋଗାଇଥାଏ। ଆଗାମୀ ଦିନରେ ମଧ୍ୟ ଏଭଳି ସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ପ୍ରେସ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ମିଳିତ ବୈଠକ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନମାନେ ସ୍ୱାଧୀନ ଫେଡେରେସନ୍ ଓ ଆସୋସିଏସନମାନେ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ଜିଲ୍ଲା ସ୍ତରୀୟ ମିଳିତ ବୈଠକ କେନ୍ଦ୍ରାପଡା ଖଡ଼ିଅଙ୍ଗସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ ର୍ମାନ ଦେଶର ଶ୍ରମିକ, କୃଷକ, କୃଷି ଶ୍ରମିକ ଏବଂ ସାଧାରଣ ଜନତାଙ୍କ ଉପରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଓ କର୍ପୋରେଟ୍ ସପକ୍ଷପାତୀ ନୀତିର ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ କନଭେନସନରେ ଗୃହୀତ ଘୋଷଣାପତ୍ର ଓ ନିଷ୍ପ ିଗୁଡ଼ିକ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା।ଦ୍ରବ୍ୟମୂଲ୍ୟ ବୃଦ୍ଧି, ବେରୋଜଗାରୀ, ସରକାରୀ କ୍ଷେତ୍ରର ବେସରକାରୀକରଣ, ଶ୍ରମ ଆଇନକୁ ଦୁର୍ବଳ କରିବା, କୃଷି କ୍ଷେତ୍ରରେ କର୍ପୋରେଟ୍ ହସ୍ତକ୍ଷେପ, କୃଷକମାନଙ୍କୁ ଲାଭଜନକ ମୂଲ୍ୟ ପ୍ରଦାନରେ ସରକାରଙ୍କ ବିଫଳତା, ସାମାଜିକ ସୁରକ୍ଷା ଯୋଜନାରେ କଟକଣା ଏବଂ ଜନବିରୋଧୀ ଆର୍ଥିକ ନୀତି ବିରୋଧରେ ୧୦ ଅଗଷ୍ଟରେ ଅନୁଷ୍ଠିତ ହେବାକୁ ଥିବା ଦେଶବ୍ୟାପୀ ଆନ୍ଦୋଳନକୁ ସର୍ବାତ୍ମକ ସଫଳ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଅଫିସି ସମ୍ମୁଖରେ ଆଇନ ଆମାନ୍ୟ ଆନ୍ଦୋଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପ ି ଗ୍ରହଣ କରାଯାଇଛି। ଜିଲ୍ଲାର ଶ୍ରମିକ, କୃଷକ, କୃଷି ଶ୍ରମିକ, କର୍ମଚାରୀ, ମହିଳା, ଯୁବକ, ଛାତ୍ର ଓ ଦଳିତ ସଂଗଠନ ସମେତ ସମସ୍ତ ପ୍ରଗତିଶୀଳ, ଗଣତାନ୍ତ୍ରିକ ରାଜନୈତିକ ଦଳ ଓ ଗଣତାନ୍ତ୍ରିକ ଶକ୍ତିଙ୍କୁ ଏହି ମିଳିତ ସଂଗ୍ରାମରେ ସକ୍ରିୟ ଭାବେ ସାମିଲ ହୋଇ ୧୦ ଅଗଷ୍ଟର ଦେଶବ୍ୟାପୀ ଆନ୍ଦୋଳନକୁ ସର୍ବାତ୍ମକ ସଫଳ କରିବା ପାଇଁ ଏହି ବୈଠକରେ ନିବେଦନ କରାଯାଇଛି। ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିଆଇଟିୟୁ ପକ୍ଷରୁ ଜଗତଜୀବନ ଦାଶ, ମାଧବ ଦାସ, ଆଇଏନଟିୟୁସି ପକ୍ଷରୁ ଫକୀର ଖଟୁଆ, ବସନ୍ତ ସେଠୀ, ଏଆଇଟିୟୁସି ପକ୍ଷରୁ ରମଣୀରଞ୍ଜନ ରାଉତରାୟ, ବାବାଜୀ ଧଳ, ଏଚଏମ୍ଏସ ପକ୍ଷରୁ ତ୍ରିଲୋଚନ ଦାସ, କଳିଙ୍ଗ ଭାରତ ଶ୍ରମିକ ସଂଗଠନ ପକ୍ଷରୁ ପ୍ରକାଶ ମହାନ୍ତି, ସଂଯୁକ୍ତ କିଷାନ ମୋର୍ଚ୍ଚା ଜିଲ୍ଲା ଆବାହକ ତଥା ଓଡିଶା କୃଷକ ସଭା ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବିଜୟ ଦାସ,ଏଇଆଇକେଏସ ପକ୍ଷରୁ ଆଦିକନ୍ଦ ରାଉଳ, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାସରଥୀ ସାହୁ, କର୍ମଚାରୀ ନେତା ନରୋ ମ ପାର୍ଥସରଥୀ, ସିପିଆଇଏମଏଲ ପକ୍ଷରୁ ଶ୍ରୀକାନ୍ତ ଲେଙ୍କା, ୟୁଟିୟୁସି ପକ୍ଷରୁ ଏଲିନା ସାମନ୍ତରାୟ ଓ ଅନ୍ୟମାନଙ୍କ ମଧ୍ୟରେ ନିରାକାର ସାହୁ, ବିନୟ ମଲ୍ଲିକ, ମାନଭଞ୍ଜନ ଷଢଙ୍ଗୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶତାୟୁ ପୁରୁଷ ଯଦୁମଣି ପଟ୍ଟନାୟକଙ୍କ ପରଲୋକ



**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଶତାୟୁ ପୁରୁଷ ଯଦୁମଣି ପଟ୍ଟନାୟକ(୧୦୩) ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ହୋଇଛି କ୍ଷସେ ଦିର୍ଘଦିନ ଧରି ଅସୁସ୍ଥ ଥିଲେ। ସେ ଜଣେ ଧର୍ମ ପରାୟଣ, ସ୍ନେହୀ ଓ ଆଦରଣୀୟ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ବହୁ ଅଞ୍ଚଳର ବ୍ୟକ୍ତି ବିଶେଷ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱସନା ପ୍ରଦାନ କରିଥିଲେ। ସ୍ୱର୍ଗତ ପଟ୍ଟନାୟକ ତାଙ୍କ ଯୁବାବସ୍ଥାରେ ପାରାଦୀପ ପୋର୍ଟ ରେ ଜଣେ ଓଲଡିଙ୍ଗ ମେକାନିକ ଭାବେ କାର୍ଯ୍ୟକରି ବୁଡା ଜାହାଜ ମଧ୍ୟରେ କାର୍ଯ୍ୟକରି ସେ ଇଂଲଣ୍ଡ , କୋଲକାତା ଓ ବିଭିନ୍ନ ଦେଶ ବନ୍ଦର ସବୁ ପରିଭ୍ରମଣ କରିଥିଲେ। ପାରାଦୀପ୍ ପୋର୍ଟ ରେ କାର୍ଯ୍ୟ କରିଥିଲେ ବି ପାରିବାରିକ ସମସ୍ୟାକୁ ନେଇ ସେ ଚାକିରି ଛାଡି ଗାଁରେ ଆସି ଚାଷବାସ କାର୍ଯ୍ୟ କରୁଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ପତ୍ନୀ କିଛି ଦିନ ଆଗରୁ ସ୍ୱର୍ଗାରୋହଣ କରିଥିବାରୁ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ ଶରୀର କୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବଡ ପୁଅ ଜୟନ୍ତ କୁମାର ପଟ୍ଟନାୟକ ମୁଖାଗ୍ନି ଦେଇଥିବା ବେଳେ ସାନ ପୁଅ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଷ୍ଟୋରରୁମ୍ ତାଲାଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ




**ବାଲିଅନ୍ତା (ଅମୃତ ମିଡିଆ) :** ସ୍ୱଶକ୍ତି ରେଫ୍ରିଜେରେସନ୍ର ମାଲିକ ଅଭିଯୋଗକାରୀ ଶ୍ରୀ ରଶ୍ମି ରଞ୍ଜନ ଜେନାଙ୍କ ଲିଖିତ ଏତଲା ଆଧାରରେ ଧଉଳି ଥାନାରେ ଚୋରି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୦୨/୦୩.୦୮.୨୦୨୬ ତାରିଖ ମଧ୍ୟରାତ୍ରିରେ ଅଭିଯୋଗକାରୀଙ୍କ ଅଫିସର ଷ୍ଟୋରରୁମ୍ ତାଲା ଭାଙ୍ଗି ଏସି ମରାମତି ପାଇଁ ଉଦ୍ଦିଷ୍ଟ ଥିବା ଦୁଇ କଏଲ୍ ତମ୍ବା ପାଇପ୍ ଏବଂ ଗୋଟିଏ ବାକ୍ସ ଏଲବୋ ସକେଟ୍ ଚୋରି ହୋଇଯାଇଥିଲା । ଯାହାର ଆନୁମାନିକ ମୂଲ୍ୟ ୮୦,୦୦୦/- ଟଙ୍କା। ଏଥିସହ ଅଫିସ୍ ପରିସରରେ ରଖାଯାଇଥିବା ଅଭିଯୋଗକାରୀଙ୍କ ହିରୋ ପ୍ୟାସନ୍ ମୋଟରସାଇକେଲ୍ ମଧ୍ୟ ସେଠାରେ ନଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚରୁ ଜଣାପଡିଥିଲା ଯେ, ସେଠାରେ ରହି କାମ କରୁଥିବା ଦୁଇ ଜଣ କର୍ମଚାରୀ ପପୁ ଏବଂ ଆଦି ରାତି ଅଧରେ ଚୋରି ସାମଗ୍ରୀଗୁଡ଼ିକୁ ଏକ ବ୍ୟାଗରେ ପୂରାଇ ଉକ୍ତ ମୋଟରସାଇକେଲରେ ଧରି ଫେରାର ହୋଇଯାଇଛନ୍ତି। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ କର୍ମଚାରୀ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ତିଖିରି ଥାନା ଅଞ୍ଚଳର ଆଦିତ୍ୟ ନାରାୟଣ ପତି(୧୮) ଓରଫ ଆଦିକୁ କାବୁ କରିବାରେ ସଫଳ ହୋଇଛି ।ସେ ଚୋରି କରିଥିବା ଉକ୍ତ ସଂସ୍ଥା ରେ କାର୍ଯ୍ୟ କରିଥିଲେ ।ପଚରାଉଚରା ବେଳେ ସେ ନିଜ ସହଯୋଗୀ ପପୁ ସହ ମିଶି ଏହି ଚୋରି ଯୋଜନା କରିଥିବା ସ୍ୱୀକାର କରିଛି । ତା' ନିକଟରୁ ଚୋରି ହୋଇଥିବା ହିରୋ ପ୍ୟାସନ୍ ମୋଟରସାଇକେଲ୍ ଜବତ କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଫେରାର ଥିବା ଅନ୍ୟ ଅଭିଯୁକ୍ତକୁ ଧରିବା ପାଇଁ ଏବଂ ଅନ୍ୟାନ୍ୟ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ମାମଲାର ଅଧିକ ତଦନ୍ତ ଜାରି ରହିଛି ।

# ଏନ ଏ ସି ତରଫରୁ ୱେଷ୍ଟ ନୋ ମୋର୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ଆଠମଲ୍ଲିକ (ଅମୃତ ମିଡିଆ) :** ଆଠମଲ୍ଲିକକଲେଜ ରୋଡ ସ୍ଥିତ କଲ୍ୟାଣୀ ମଣ୍ଡପ ପରିସରରେ ଏନ ଏ ସି ଓ ଏସ ବି ଆଇ ମିଳିତ ଆନୁକୂଲ୍ୟରେ ୱେଷ୍ଟ ନୋ ମୋର କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଏନ ଏ ସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଚେତନତା ସଭା ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଅବଦଲ ଏମ ଅକତର,ସଂମ୍ମାନିତ ଅତିଥି ଭାବରେ ଡ଼ି ଦେବଦତ୍ତ ମହନ୍ତ, ଏନ ଆଇ ଡବ୍ଲୁ ୱାଇ ସି ଡ଼ି ର ପ୍ରୋଗ୍ରାମ ଡାଇରେକ୍ଟର ଦ୍ୟୁମର ଦୁବେ, ଆଇ ଏ ଏସ ଅଭି ଜେନ,ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ଏନ ଏ ସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ପ୍ରମୁଖ ଯୋଗଦେଇ ସହର ମଧ୍ୟରେ ଜନସାଧାରଣ ବ୍ୟବହାର କରୁଥିବା ଦୈନନ୍ଦିନ ପ୍ଲାଷ୍ଟିକ ସଂଗ୍ରହ କରାଯାଇ ବିକାଶ ମୂଳକ କାର୍ଯ୍ୟ ରେ ଲଗା ଯାଇ ସହର କୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ କ୍ଷ ସୂଚନା ମୁତାବକ ଏସ ବି ଆଇ ଫାଉଣ୍ଡେସନ ୩ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ରେ ତିନି ବର୍ଷ ଭିତରେ କାର୍ଯ୍ୟ ସାରିବାକୁ ଧାର୍ଯ୍ୟ ରଖା ଯାଇଥିବା ଘୋଷଣା କରାଯାଇଥିଲା । ଡ଼ି ଏମ ଏମ ସୀମାରାଣୀ ପ୍ରଧାନ ସଭା କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ପୌର କର୍ମଚାରୀ ଉମାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସର ବରିଷ୍ଠ କର୍ମୀ ଗିରିଧାରୀ ସ୍ୱାଇଁଙ୍କ ଦେହାନ୍ତ





**ପାରାଦୀପ (ଅମୃତ ମିଡିଆ) :** କଂଗ୍ରେସ ଦଳର ବରିଷ୍ଠ କର୍ମୀ ଗିରିଧାରୀ ସ୍ୱାଇଁ ଙ୍କ ବିୟୋଗରେ ଶୋକର ଛାୟା ପାରାଦୀପ ଅଞ୍ଚଳର ବେସ୍ ଜଣାଶୁଣା ଓ ଲୋକ ପ୍ରିୟତା ହାସଲ କରିଥିବା କଂଗ୍ରସର ଟାଣୁଆ କର୍ମୀ ଗିରିଧାରୀ ସ୍ୱାଇଁ (୭୬) ଙ୍କ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଅଗଷ୍ଟ ୪ ତାରିଖ ମଙ୍ଗଳବାର ରାତ୍ର ୧୦ଘଟିକା ସମୟରେ ଦେହାନ୍ତ ହୋଇଯାଇଛି କ୍ଷ ତାଙ୍କ ମୃତ୍ୟୁ ଖବରରେ ବନ୍ଦର ନଗରୀ ପାରାଦୀପରେ ଶୋକର ଛାୟା ଖେଳି ଯାଇଥିଲା। ମାତ୍ର କୋଡିଏ ବର୍ଷ ବୟସରେ ପାରାଦୀପ ରେ ପାଦ ଥାପି ଥିା ସ୍ୱର୍ଗତଃ ସ୍ୱାଇଁ ଜୀବନ ସଂଗ୍ରାମରେ ଅନେକ ଘାତ ପ୍ରତିଘାତ କୁ ସାମ୍ନା କରି ସଫଳ ଠିକାଦାର ଭାବେ ବେସ୍ ନାଁ କମେଇଥିଲେ। ସେତେବେଳର କଂଗ୍ରେସର ଟାଣୁଆ ନେତା ରମେଶ ଚନ୍ଦ୍ର ସାମନ୍ତରାୟ ଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରି କଂଗ୍ରସ ଦଳର ସଂଗଠନକୁ ଉଠାଇବାରେ ତାଙ୍କର ଦକ୍ଷତାକୁ ଆଜିବି କଂଗ୍ରସ ପ୍ରେମୀ ମାନେ ଝୁରୁଛନ୍ତି। ଶରୀର ଅସୁସ୍ଥ କାରଣରୁ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ଦେହାନ୍ତ ଖବର ପାଇ ହସ୍ପିଟାଲ ରେ ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳ, କଂଗ୍ରେସ ଜିଲ୍ଲା ସମ୍ପାଦକ ସରୋଜ ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ହରିହର ନାୟକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବାସହ ପୁରୀ ସ୍ୱର୍ଗଦ୍ୱାର ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗତ ଗିରିଧାରୀ ସ୍ୱାଇଁ ଙ୍କ ଏକ ମାତ୍ର ପୁତ୍ର ନିହାର ରଞ୍ଜନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରଶାଦ ନାୟକ, ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପାର୍ଥି ନିରଞ୍ଜନ ନାୟକ ଙ୍କ ସମେତ ଯୁବ ନେତା ଜ୍ୟୋତିରଞ୍ଜନ ଦାସ, ଚନ୍ଦ୍ର ଶେଖର ମହାପାତ୍ର, ପଦ୍ମଶମ୍ଭୁଓ ମହାନ୍ତି (କାଳିଆ ), ମେଘା,ବିଜୟ ସେଠୀ, ନାରୀନେତ୍ରୀ ଧରିତ୍ରୀ ସାମଲ,ପୁଷ୍ପା ଦାସ ଙ୍କ ସମେତ ବହୁ କଂଗ୍ରସ କର୍ମୀ, ଶୁଭେଚ୍ଛୁ ଆତ୍ମୀୟ ସ୍ୱଜନ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବାସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବିୟୋଗରେ ପାରାଦୀପ ନଗର କଂଗ୍ରସରେ ଅପୂରଣୀୟ କ୍ଷତି ହେଲା ବୋଲି ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ କହିଥିବା ବେଳେ ଦଳ ଜଣେ ଟାଣୁଆ କର୍ମୀକୁ ହରାଇଲା ବୋଲି କହିଛନ୍ତି ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପାର୍ଥି ନିରଞ୍ଜନ ନାୟକ।

# ରେଭେନ୍ସା ବିଶ୍ୱବିଦ୍ୟାଳୟ ଘଟଣା,ପ୍ରତିକ୍ରିୟା ରଖିଲେ କୁଳପତି



**କଟକ (ବ୍ୟୁରୋ) :** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଉପୁଜିଥିବା ପ୍ରଶାସନିକ ସଙ୍କଟ ଓ ଆନ୍ଦୋଳନାତ୍ମକ ପରିବେଶ ମଧ୍ୟରେ ଶେଷରେ ନିଜର ପ୍ରତିକ୍ରିୟା ରଖିଛନ୍ତି କୁଳପତି ପ୍ରଫେସର ଡ଼ ଅର୍କ କୁମାର ଦାସ ମହାପାତ୍ର। ସୂଚନାଯୋଗ୍ୟ, ହଷ୍ଟେଲ ସମସ୍ୟା ନେଇ ମଙ୍ଗଳବାର ବୈଠକ ଚାଲିଥିବା ବେଳେ କଟକ ସଦର ବିଧାୟକ ପ୍ରକାଶ ସେଠୀ ଚିଫ୍ ୱାର୍ଡେନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଏକାଧିକ ୱାର୍ଡେନ ହଷ୍ଟେଲ ଦାୟିତ୍ୱରୁ ଓହରିଯିବା ସହ ଭିସିଙ୍କୁ ଭେଟି ସାମୂହିକ ଇସ୍ତଫା ପତ୍ର ଦେଇଛନ୍ତି। ଆଜି ୱାର୍ଡେନ୍ ସଂଘ, କ୍ୟାମ୍ପସ ପରିସରରେ ଏକ ପଦଯାତ୍ରାରେ ଯାଇ କୁଳପତିଙ୍କୁ ୪ ଦଫା ଦାବି ପତ୍ର ଦେଇଛନ୍ତି । ଏଥିସହିତ ବିଧାୟକ ସେଠୀ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ୱାର୍ଡେନ ସଂଘ ଦାବିକୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ମଧ୍ୟ ସମର୍ଥନ ଜଣାଇଛି । ଅନ୍ୟ ପକ୍ଷରେ ବିଧାୟକ ପ୍ରକାଶ ସେଠୀ ବିଶ୍ୱବିଦ୍ୟାଳୟର ଚିଫ୍ ୱାର୍ଡେନ ସୁଦର୍ଶନ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ଏଥିରେ ସେ ଦର୍ଶାଇଛନ୍ତି ଯେ ଗତକାଲି ସେ ସିନେଟ ମେମ୍ବର ଭାବରେ ବିଶ୍ୱବିଦ୍ୟାଳୟକୁ ଯାଇ ଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ । ତେବେ ସେଠାରେ ତାଙ୍କୁ ଚିଫ୍ ୱାର୍ଡେନ୍ ଦୁର୍ବ୍ୟବହାର କରିଥିବା ପ୍ରକାଶ ସେଠୀ ଅଭିଯୋଗ କରିଛନ୍ତି । ଜଣେ ଲୋକପ୍ରତିନିଧିଙ୍କୁ ସର୍ବସାଧାରଣରେ ଦୁର୍ବ୍ୟବହାର କରିଥିବାରୁ ସରକାରୀ କର୍ମଚାରୀ ସୁଦର୍ଶନ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି । ତେବେ ୱାର୍ଡେନ ସଂଘର ଆନ୍ଦୋଳନକୁ ନେଇ ପ୍ରକାଶ ସେଠୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

### ବିଦ୍ୟାଳୟରେ ନିମ୍ନମାନର ସ୍କୁଲଡ୍ରେସ ବଣ୍ଟନ ନେଇ ଅଭିଯୋଗ

# ବିଲ୍ ଦେଉଛି ଏସ୍ଏଚ୍‌ଜି, ପୋଷାକ ଯୋଗାଉଛନ୍ତି ବେପାରୀ




**କଳାହାଣ୍ଡି (ଅମୃତ ମିଡ଼ିଆ) :** ଆର୍ଥିକ ସଶକ୍ତି କରଣ କରିବା ଲକ୍ଷ୍ୟ ନେଇ ସରକାର ବିଭିନ୍ନ ଯୋଜନା କରି ମହିଳା ଗୋଷ୍ଠୀକୁ ସହାୟତା ଯୋଗାଉଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ଠାରୁ ସରକାର ଡବ୍ଲୁଏସ୍ଏଚଜି ଓ ଏମଏସ୍ଏମ୍ଇ ଥିବା ମହିଳାଙ୍କୁ ଅଗ୍ରାଧିକାର ଦେଇ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ଦେଇଛନ୍ତି। ଏହାର ଉଦ୍ଦେଶ୍ୟ ଥିଲା ବେପାରୀ ତଥା ଭେଣ୍ଡରଙ୍କୁ ଏଥିରୁ ଦୂରେଇ ରଖିବା। ସରକାର ଏକ ଗାଇଡ୍‌ଲାଇନ ତିଆରି କରି ଏଥିରେ ଚୟନ ହୋଇଥିବା ଯୋଗ୍ୟ ଡବ୍ଲୁଏସ୍ଏଚଜି ଓ ଏମଏସ୍ଏମ୍ଇ ଥିବା ଗୋଷ୍ଠୀଙ୍କୁ ଟେଣ୍ଡର ମାଧ୍ୟମରେ ଚୟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାରେ ଚୟନ ହୋଇଥିବା ଅଧିକାଂଶ ଡବ୍ଲୁଏସ୍ଏଚଜି ଓ ଏମଏସ୍ଏମ୍ଇ କାଗଜ କଲମରେ ୨ ବର୍ଷ ପାଇଁ ଟେଣ୍ଡର ହାତେଇଥିବାବେଳେ ବାସ୍ତବରେ ସେମାନଙ୍କ ପାଖରେ ଗାଇଡ୍ ?ଲାଇନ ଅନୁଯାୟୀ ସାମଗ୍ରୀ ନାହିଁ କି ସିଲେଇ ମେଶିନ ନାହିଁ ଓ କିଏ ଓ କିଭଳି ଏହି ଏସ୍ଏଚଜି ଗ୍ରୁପଗୁଡିକୁ ଚୟନ କଲେ ଓ ଜିଲାପାଳ ତାକୁ ମଞ୍ଜୁରୀ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।କାରଣ ପୂର୍ବରୁ ଯେଉଁ ବେପାରୀ (ଭେଣ୍ଡର) ସ୍କୁଲକୁ ପରିଚାଳନା କମିଟି ମାଧ୍ୟମରେ ପୋଷାକ ଯୋଗାଉଥିଲେ ଏବେ ମଧ୍ୟ ସେମାନେ ଯୋଗାଉଛନ୍ତି। କଳାହାଣ୍ଡି ଜିଲାର ୧୩ ବ୍ଲକରେ ୧୩୬ଟି ଏସ୍ଏଚଜି ଓ ଏମଏସ୍ଏମ୍ଇକୁ ପୋଷାକ ବଣ୍ଟନ ପାଇଁ ଦାୟିତ୍ୱ ଦିଆଯାଇଛି ଏହାସହିତ ହାଉସ ପୋଷାକ ରୂପେ ଟୋପି, ଜୋତା, ଆଇକାର୍ଡ ଓ ଟି-ଶାର୍ଟ ସହ ଟ୍ରାକ୍ ପେଣ୍ଟ ମଧ୍ୟ ଯୋଗାଇବା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏ ବାବଦରେ ଜଣେ ଛାତ୍ରୀଛାତ୍ର ପିଛା ସରକାର ହଜାରେ ଟଙ୍କା ଖର୍ଚ୍ଚ କରିଆସୁଛନ୍ତି। ଏହି ହିସାବରେ ଦେଲେ ଜିଲାର ୧୩ ବ୍ଲକ ପାଇଁ ଏ ବାବଦରେ ପ୍ରାୟ ୨୨ କୋଟିରୁ ଉର୍ଦ୍ଧ ଖର୍ଚ୍ଚ ହେଉଥିବା ଆକଳନ କରାଯାଉଛି ।ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାର ୯୦ ଶତକଡ଼ାରୁ ଉର୍ଦ୍ଧ ସ୍କୁଲରେ ପୋଷାଜ ବଣ୍ଟନ ସରିଥିବାବେଳେ ସ୍କୁଲଗୁଡିକୁ ଟଙ୍କା ଆସି ନ ଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି ।ଫଳରେ ଆଗତୁରା ବକେୟାରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ଶେଷ ସୁଦ୍ଧା ଜିଲାର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୦୨୧ ସ୍କୁଲରେ ଗଙ୍ଗାଧର ଶିକ୍ଷାମାନ ବୃଦ୍ଧି ଯୋଜନାରେ ୧ଲକ୍ଷ ୬୮ହଜାର ୧୭୫ ଛାତ୍ରୀଛାତ୍ର ଓ ଶିଶୁ ବାଟିକାର ୧୪ହଜାର ୯୫୦ କୁନି ଛାତ୍ରୀଛାତ୍ରଙ୍କୁ ପୋଷାକ ସହ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ସେହିପରି ନବମ ଓ ଦଶମ ଶ୍ରେଣୀ ୨୮୪ ହାଇସ୍କୁଲର ୩୬ ହଜାର ୧୪୫ ଛାତ୍ରୀଛାତ୍ରଙ୍କୁ ଏମ୍ସିସିପି ଯୋଜନାରେ ଓ ୩୨ ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟର ୮୩୫୬ ଛାତ୍ରୀଛାତ୍ରଙ୍କୁ ପୋଷାକ ସହ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ସ୍କୁଲଗୁଡିକରେ ବଣ୍ଟାଯାଇଥିବା ପୋଷାକ ଅତ୍ୟନ୍ତ ନିମ୍ନ ମାନର ହୋଇଥିବାବେଳେ ଏହି ସାମଗ୍ରୀ ସରକାର ଦେଉଥିବା ମୂଲ୍ୟ ଟଙ୍କାର ପ୍ରାୟ ୫୦ ପ୍ରତିଶତ ବୋଲି ସାଧାରଣରେ ଆଲୋଚନା ହେଉଛି ।ଯଦି ଏସ୍ ଏଚ୍ ଜି ଗ୍ରୁପ ପୁନର୍ବାର ପୋଷାକ ପାଇଁ ବେପାରୀ(ଭେଣ୍ଡର)ଙ୍କ ଦ୍ୱାରସ୍ଥ ହେବେ ତା'ହେଲେ ମହିଳାମାନେ କେମିତି ସ୍ୱାବଲମ୍ବୀ ହେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେପାରୀଙ୍କଠାରୁ ଲାଭ ପାଇବା ଆଶାରେ ପୋଷାକର ମାନ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଜିଲା ତଥା ବାହାରର ବେପାରୀ ଏହି ପୋଷାକ ଯୋଗାଇଛନ୍ତି। ଜିଲାର ଧର୍ମଗଡ, ଜୁନାଗଡ ବ୍ଲକରେ କିଛି ସିଆରସିସି ଏହି କାମରେ ଏସ୍ଏଚଜିଙ୍କ ସହିତ ସାମିଲ ହୋଇ ପୋଷାକ ଯୋଗାଇଥିବା ବେଳେ ଆଉ କିଛି ସ୍ଥାନରେ ସ୍ଥାନୀୟ ବେପାରୀ ହିଁ ସ୍କୁଲଗୁଡିକରେ ପୋଷାକ ଯୋଗାଇଥିବା ଜଣାପଡିଛି। ଗାଇଡ୍‌ଲାଇନ ଅନୁସାରେ ଡିଏଲ୍ସି ଓ ବିଏଲ୍ସି କମିଟି ଅଧକ୍ଷଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦି ନିମ୍ନମାନର ପୋଷାକ ହୋଇଥିବ ତେବେ ବାତିଲ କରିଦେବାର ନିୟମ ରହିଛି। ହେଲେ ସମସ୍ତଙ୍କ ମଧୁ ଚନ୍ଦ୍ରିକାରେ ଏହି ଦୁର୍ନୀତି ଚାଲିଥିବାରୁ ପୋଷାକର ମାନ ଉପରେ ପ୍ରଶ୍ନ ଉଠୁନାହିଁ। ଜିଲାରେ ସ୍କୁଲଗୁଡିକରେ ବଣ୍ଟାଯାଇଥିବା ଏହି ପୋଷାକ ଓ ସାମଗ୍ରୀ ଗୁଡିକର ଭିଜିଲାନ୍ସ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲା ଶିକ୍ଷାଅଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ପୋଷାକ ବଣ୍ଟନ ଟଙ୍କା କିଛି ସ୍କୁଲରେ ପଡିବା ଆରମ୍ଭହେଲାଣି। ଖୁବ୍‌ଶୀଘ୍ର ସମସ୍ତ ସ୍କୁଲରେ ପଡିବ। ଏସ୍ଏଚ୍‌ଜି ପୋଷାକ ଯୋଗାଣ ବିଲ୍ ଦେଉଥିବାବେଳେ ବେପାରୀଠାରୁ ପୋଷାକ ଆଣୁଥିବେ। ଯେଉଁ ସ୍ଥାନରେ ନିମ୍ନମାନର ଅଭିଯୋଗ ଆସୁଛି ତାହାର ତଦନ୍ତ କରାଯାଉଛି ବୋଲି ସେ କହିଥିଲେ।

# ବର୍ଷା ଆଣିଲା ହସ, ତଳିରୁଆଁ ଗୀତରେ ମୁଖର କ୍ଷେତ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଲଗାଣ ବର୍ଷା ପରେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ ଅଞ୍ଚଳରେ ଚାଷ କାମରେ ଫେରିଛି ନୂଆ ଉତ୍ସାହ। କ୍ଷେତରେ ଏବେ ଜୋରଦାର ଭାବେ ଚାଲିଛି ଧାନ ତଳି ରୋପଣ। କାଦୁଅ ଜମିରେ ଦଳବଦ୍ଧ ଭାବେ କାମ କରୁଥିବା ମହିଳାମାନେ ଲୋକଗୀତ ଗାଇବା ସହ ହୁଳହୁଳି ଦେଇ ପରିବେଶକୁ ଉତ୍ସବମୁଖର କରିଦେଉଛନ୍ତି। ଦୀର୍ଘଦିନ ପରେ ଭଲ ବର୍ଷା ହେବାରୁ ଚାଷୀଙ୍କ ମୁହଁରେ ଫେରିଛି ହସ ଓ ଭଲ ଅମଳର ଆଶା। ଧର୍ମଗଡ ବ୍ଲକର ବିଭିନ୍ନ ଗ୍ରାମରେ ଏବେ ସକାଳୁ ସକାଳୁ କ୍ଷେତକୁ ଯାଇ ମହିଳାମାନେ ଧାନ ତଳି ରୋପଣରେ ବ୍ୟସ୍ତ ରହୁଛନ୍ତି। ହାତରେ ଧାନ ତଳି ଓ କଣ୍ଠରେ ପାରମ୍ପରିକ ଲୋକଗୀତ ସହ ଚାଷ କାମ କରୁଥିବା ଦୃଶ୍ୟ ଗ୍ରାମାଞ୍ଚଳର ସ୍ୱତନ୍ତ୍ର ସାଂସ୍କୃତିକ ପରମ୍ପରାକୁ ପୁଣିଥରେ ଜୀବନ୍ତ କରିଛି। ଗୀତର ତାଳେ ତାଳେ ଚାଲୁଥିବା ତଳି ରୋପଣ ଏବଂ ମଝିମଝିରେ ହୁଳହୁଳିର ଧ୍ୱନି ଚାଷୀଙ୍କ ଉତ୍ସାହକୁ ଆହୁରି ବଢ଼ାଇ ଦେଉଛି। ସ୍ଥାନୀୟ ଚାଷୀଙ୍କ କହିବାନୁସାରେ, ଚଳିତ ବର୍ଷ ପ୍ରାରମ୍ଭରେ ବର୍ଷା ଅଭାବ ଯୋଗୁଁ ଚାଷକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ତେବେ ଗତ କିଛିଦିନର ଲଗାଣ ବର୍ଷା ପରେ ଜମିରେ ପର୍ଯ୍ୟାପ୍ତ ପାଣି ହୋଇଥିବାରୁ ଧାନ ତଳି ରୋପଣ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ପାଗ ଏଭଳି ଅନୁକୂଳ ରହିଲେ ଚଳିତ ବର୍ଷ ଭଲ ଅମଳ ହେବ ବୋଲି ଚାଷୀମାନେ ଆଶାବାଦୀ ରଖି ଛନ୍ତି । ଚାଷ କାମ ସହ ଲୋକଗୀତ ଓ ହୁଳହୁଳିର ଏହି ପରମ୍ପରା କେବଳ କଠିନ ପରିଶ୍ରମକୁ ଆନନ୍ଦମୟ କରୁନାହିଁ, ବରଂ ଗ୍ରାମୀଣ ଓଡ଼ିଶାର ସମୃଦ୍ଧ ଲୋକସଂସ୍କୃତିକୁ ମଧ୍ୟ ଜୀବନ୍ତ ରଖିଛି। ବର୍ଷା ସହ ଫେରିଥିବା ଏହି ଚାଷ ଉତ୍ସବ ଏବେ ଧର୍ମଗଡ ଅଞ୍ଚଳର ଗ୍ରାମାଞ୍ଚଳରେ ଖୁସିର ପରିବେଶ ସୃଷ୍ଟି କରିଛି।

# ବ୍ଲକ୍ ଅଫିସରେ ଚାଲିଛି ପିସି କାରବାର



ଖଡ଼ିଆଳ (ଅମୃତ ମିଡିଆ): ଖଡ଼ିଆଳ ବ୍ଲକ୍ କାର୍ଯ୍ୟାଳୟରେ ପିସି କାରବାର ହେଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଜଣେ ବ୍ୟକ୍ତିଙ୍କଠାରୁ ଅଫିସ କର୍ମଚାରୀ ୬ ହଜାର ଟଙ୍କା ପିସି ନେଉଥିବା ଦୃଶ୍ୟ ସ୍ପଷ୍ଟ ଦେଖିବାକୁ ମିଳିଛି। ରିଷିଗାଁ ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମରେ ହୋଇଥିବା ଏକ ଡ୍ରେନ୍ କାମର ବିଲ୍ କରିଦେବା ପାଇଁ ଏହି ଟଙ୍କା ନିଆଯାଇଥିବା ଚର୍ଚ୍ଚା ହେଉଛି। ଉକ୍ତ ଡ୍ରେନ୍ କାମଟି ୩ ଲକ୍ଷ ୨୦ ହଜାର ଟଙ୍କାର ବୋଲି ଜଣାପଡ଼ିଛି। ବିଲ୍ ପାସ୍ କରାଇଦେବା ନାଁରେ କର୍ମଚାରୀ ଜଣକ ପିସି ମାଗୁଥିବା ଅଭିଯୋଗ ହୋଇଛି। ଏ ନେଇ ଖଡ଼ିଆଳ ବିଡିଓ ମିଲନ କୁମାର ଝାଙ୍କରଙ୍କୁ ପଚାରିବାରୁ ଘଟଣା ବିଷୟରେ ସେ ଜାଣିନାହାନ୍ତି। ଭିଡିଓ ଦେଖିବା ପରେ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଏହି ଭିଡିଓ ଭାଇରାଲ ହେବା ପରେ ଖଡ଼ିଆଳ ବ୍ଲକ୍‌ରେ ସରକାରୀ କାମର ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ଭାଜପା ନେତାଙ୍କ ଶେଷକୃତ୍ୟ ସମ୍ପନ୍ନ

# ୪ଜଣଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଲେ ପତ୍ନୀ

ମ. ରାମପୁର (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲା ରାମପୁର ବ୍ଲକ ଡମ୍ଫ କରଲାଖୁଣ୍ଟା ପଞ୍ଚାୟତ ସରପଞ୍ଚ ସ୍ନିଗ୍ଧା ରଣାଙ୍କ ସ୍ୱାମୀ ତଥା ଭାଜପା ମଣ୍ଡଳ ଉପସଭାପତି ଫକିର ରଣାଙ୍କୁ ବୁଧବାର ରାତିରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଏ ନେଇ ଗୁରୁବାର ସରପଞ୍ଚ ସ୍ନିଗ୍ଧାରଣା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୪ଜଣଙ୍କ ନାମରେ ହତ୍ୟା ଅଭିଯୋଗ କରିଛନ୍ତି। ଡ଼ମ୍ଫ କରଲାଖୁଣ୍ଟାର ମମତାଜ, ସୁର ସିଂ, ବଳଦେବ ସାହୁ, ନାଏବ ସରାପଞ୍ଚ ମାଥୁ ଆଦିଙ୍କ ନାମରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଦୁଇଜଣଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ଖବର ପାଇ ବୁଧବାର ବିଳମ୍ବିତ ରାତିରେ ଏସ୍‌ପି ନାଗରାଜ ଦେବାରକୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏପରିକି କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ ତଦନ୍ତ କରି ଫେରିଛନ୍ତି। ଘଟଣାର ପରେ ମମତାଜ ଫେରାର ଥିବା ଜଣାପଡିଛି। ଅନ୍ୟପକ୍ଷେ ଫକିରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଅନ୍ତିମ ସଂସ୍କାର କରାଯାଇଛି। ଏନେଇ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ବୁଧବାର ରାତିରେ ଫକିର ବାଇକ୍ ଯୋଗେ ଘରକୁ ଫେରୁଥିଲେ। ପଜିବାହାଲୀରୁ ମୋହନଗିରି ପୂର୍ତ୍ତ ବିଭାଗ ସଡ଼କ ରାସ୍ତା ପଞ୍ଚାୟତ ଡେଇଁବା ପରେ ଅଭିଯୁକ୍ତମାନେ ଫକିରଙ୍କୁ ଅତିର୍କିତ ଆକ୍ରମଣ କରିଥିଲେ। ପରେ ସେମାନେ ବାଇକ୍ ? ଛାଡି ଫେରାର ହୋଇଯାଇଥିଲେ। ଫକିରଙ୍କୁ ଧାରୁଆ ଅସ୍ତ୍ରରେ ବେକ, ଛାତି ଏବଂ ପିଠିରେ ଆକ୍ରମଣ ହୋଇଥିବା ଜଣାପଡିଛି। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ମ. ରାମପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ବାପର କାଠଫାଳିଆ ମାଡ଼ରେ ପୁଅର ମୃତ୍ୟୁ

**ଭବାନୀପାଟଣା (ଅମୃତ ମିଡିଆ):** କଳାହାଣ୍ଡି ଜିଲା କଲମପୁର ଥାନା ନୂଆଗୁଡ଼ାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ବାପର କାଠ ଫାଳିଆ ମାଡରେ ଭେଣ୍ଡିଆ ପୁଅର ମୃତ୍ୟୁ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ନୂଆଗୁଡା ଗାଁ ର ମାନସିଂହ ଗହୀର ଘରୋଇ ଅଶାନ୍ତିକୁ ନେଇ ପୁଅ ଆଲୋକ ରଞ୍ଜନ ସହ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ବାପା ମାନସିଂହ ଉତକ୍ଷିପ୍ତ ହେଇ ପୁଅ ଆଲୋକର ମୁଣ୍ଡରେ ଏକ କାଠ ଫାଳିଆ ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଆଲୋକ ରକ୍ତାକ୍ତ ଅବସ୍ଥାରେ ଘର ସମ୍ମୁଖରେ ପଡିଯାଇଥିଲା। ପରିବାର ଲୋକ ଗୁରୁତର ଅବସ୍ଥାରେ ଆଲୋକକୁ ଉଦ୍ଧାର କରି ଚିକିତ୍ସା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଅନ୍ୟପକ୍ଷରେ ପୋଲିସ ଆକ୍ରମଣକାରୀ ବାପ ମାନସିଂହକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି ।

### ନାବାଳିକା ମୃତ୍ୟୁ ଘଟଣା

# ପ୍ରଶାସନିକ ଅବହେଳା ନେଇ ଦାବିପତ୍ର



ଥୁଆମୂଳ ରାମପୁର (ଅମୃତ ମିଡିଆ): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ସିନ୍ଧିପଦର ଗ୍ରାମପଞ୍ଚାୟତ ବାର୍ସିକନା ଗ୍ରାମର କାଲୁଆ ମାଝୀଙ୍କ ୧୬ ବର୍ଷୀୟା ଝିଅ ମାଧୁରୀଙ୍କର ସାପ କାମୁଡ଼ାରେ ମୃତ୍ୟୁ ପରେ ପୋଷ୍ଟମୋର୍ଟମ ପାଇଁ ପରିବାରକୁ ଦୀର୍ଘ ୩୬ ଘଣ୍ଟା ଧରି ହଇରାଣ ହେବାକୁ ପଡ଼ିଥିଲା। ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା ଥାଇ ବି ଡାକ୍ତର ମୃତଦେହ ବ୍ୟବଚ୍ଛେଦ ନ କରି ଜୟପାଟଣା ପଠାଇବା ଏବଂ ପୋଲିସ-ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା ବିରୋଧରେ ଆଜି 'ୟୁଥ ୟୁନାଇଟେଡ ଫର ଦି ଭିଜନ ଅଫ ଆମ୍ବେଦକର' (ୟୁଭା) ପକ୍ଷରୁ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ଥୁଆମୂଳ ରାମପୁର ସିଏଚ୍‌ସି ମୁଖ୍ୟ ଚିକିତ୍ସାଧିକାରୀ, ଥାନା ଅଧିକାରୀ, ବିଡିଓ ଓ ତହସିଲଦାରଙ୍କୁ ସିଧାସଳଖ ଦାବିପତ୍ର ଦିଆଯାଇଥିବା ବେଳେ ଇମେଲ ଜରିଆରେ ଜିଲାପାଳ, ଉପଜିଲାପାଳ ଓ ସିଡିଏମ୍ ଆଣ୍ଡ ପିଏଚ୍‌ଓଙ୍କୁ ନକଲ ପଠାଯାଇଛି। ରାମପୁର ସିଏଚ୍ ?ସିରେ ମୃତଦେହ ବ୍ୟବଚ୍ଛେଦ ମନା କରାଯିବାର ଲିଖିତ ସ୍ପଷ୍ଟୀକରଣ, ଦାୟୀ ଅଧିକାରୀଙ୍କ ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ଗରିବ ପରିବାରକୁ ତୁରନ୍ତ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି। ଦାବିପତ୍ର ଗ୍ରହଣ ପରେ ଯାହା ବି ସରକାରୀ ସହାୟତା ଯଥାଶୀଘ୍ର ଯୋଗାଇ ଦିଆଯିବ ବୋଲି ବିଡିଓ ଏବଂ ତହସିଲଦାର ପ୍ରତିଶ୍ରୁତି ଦେଇଥିବା ବେଳେ ଆଗାମୀ ଦିନରେ ଏପରି ସମସ୍ୟା ନ ହେବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ 'ୟୁଭା' ସଦସ୍ୟ ସୁରେନ୍ଦ୍ର ନାଏକ, ବୈଷ୍ଣବ ନାଏକ, ଗମୟ ରଞ୍ଜନ ନାଏକ, ମହେଶ ଧଙ୍ଗଡ଼ା ମାଝୀ, ମଣିଭଦ୍ର ନାଏକ, ରଘୁନାଥ ନାଏକ, ରୋହିତ ନାଏକ, ଜଗନ୍ନାଥ ଠାକୁର, ଅନନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦ ସାଜିଛି ହାତୀଶାଳ ଘାଟି ; ରାସ୍ତା ଚଉଡ଼ା କରିବାକୁ ଦାବି



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁର ବିଜେପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟ ଉନ୍ନୟନ ରାସ୍ତାରେ ଥିବା ହାତୀଶାଳ ଘାଟି ଏବେ ଗମନାଗମନ ପାଇଁ ବିପଦ ସାଜିଛି। ବିଭିନ୍ନ ପଞ୍ଚାୟତର ଲୋକେ ବ୍ଲକ, ତହସିଲ, ଡାକ୍ତରଖାନା, ବ୍ୟାଙ୍କ୍ କାର୍ଯ୍ୟପାଇଁ ବ୍ଲକ୍ ମୁଖ୍ୟାଳୟ ବିଶ୍ୱନାଥପୁର ଆସିବାକୁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏହି ଘାଟି ରାସ୍ତାରେ ବିଭିନ୍ନ ସ୍ଥାନରେ ତୀବ୍ର ମୋଡ ରହିଥ ?ିବାବେଳେ ରାସ୍ତା ବହୁସ୍ଥାନରେ ଖାଲଖମା ହୋଇପଡ଼ିଛି। କେତେକ ସ୍ଥାନରେ ବଡ଼ ବଡ଼ ଖାଲ ଥିବାରୁ ବର୍ଷା ହେଲେ ଯାତ୍ରୀବାହୀ ଗାଡି ଓ ବାଇକ୍ ଆରୋହୀମାନେ ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ରାସ୍ତା ଅତ୍ୟଧିକ ଉଚ୍ଚ ଓ ବିପଦସଙ୍କୁଳ ହୋଇଥିବା ସତ୍ତ୍ୱେ ଘାଟି ସ୍ଥାନରେ କୌଣସି ସୂଚନା ବୋର୍ଡ କିମ୍ବା ସୁରକ୍ଷା ବାଡ଼ ନାହିଁ। ଫଳରେ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। କେତେବେଳେ ବଡ଼ ବଡ଼ ଟ୍ରକ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସି ପଡୁଛି। ଏହି ଦୁର୍ଘଟଣାରେ ବହୁ ଲୋକ ଆହତ ହୋଇସାରିଛନ୍ତି। ଏହି ରାସ୍ତ ଦେଇ ପ୍ରତ୍ୟେକ ଦିନ ଶତାଧିକ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯାଉଥିବା ବେଳେ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏହି ଘାଟି ରାସ୍ତାର ତୁରନ୍ତ ମରାମତି, ଚଉଡ଼ାକରଣ ସହିତ ସୂଚନା ବୋର୍ଡ ଓ ସୁରକ୍ଷା ବାଡ଼ ଲଗାଇବା ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରିଆସୁଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ମଣ୍ଟେସୋରୀ ପବ୍ଲିକ ସ୍କୁଲ ଛାତ୍ରୀ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ




ବଲାଙ୍ଗୀର (ଅମୃତ ମିଡିଆ) : ସ୍ଥାନୀୟ ମାଲପଡା ସ୍ଥିତ ମଣ୍ଟେସୋରୀ ପବ୍ଲିକ ସ୍କୁଲର ଛାତ୍ର ଛାତ୍ରୀମାନେ ଶୈକ୍ଷିକ ଓ ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ଉତ୍କର୍ଷତା ନିମନ୍ତେ ରାଜ୍ୟ ସ୍ତରୀୟ ପ୍ରାଇଭେଟ ସ୍କୁଲ ଏସୋସିଏସନ ତରଫରୁ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ଏକ ରାଜ୍ୟ ସ୍ତରୀୟ ବର୍ଣ୍ଣାଢ୍ୟ ସମାବେଶରେ ସମ୍ବର୍ଦ୍ଧିତ ହୋଇଛନ୍ତି । ଉକ୍ତ ସ୍କୁଲର ଅଧ୍ୟୟନରତ ଛାତ୍ରୀ ଆର୍ଯ୍ୟାହୀ ମିଶ୍ର, ରତିକା ରାଣୀ ସିଂହନୀନା, ରତ୍ନରାଣୀ ସାହୁ ଏବଂ ଜାଗୃତି ଶତପଥୀ ପ୍ରମୁଖ ନିଜ ନିଜର ଶିକ୍ଷା ଓ ସହ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବାରୁ ମୁଖ୍ୟ ଅତିଥି ଏଲିମେଣ୍ଟାରୀ ଶିକ୍ଷା ବିଭାଗର ନିର୍ଦ୍ଦେଶକ ବାଲମୁକୁନ୍ଦ ଭୂୟାଁ, ଖେଳ ବିଭାଗର ଅର୍ଜୁନ ଏୱାର୍ଡ ଆଇକନ ଦୂତି ଚନ୍ଦ, ଓଲିଉଡ ଅଭିନେତ୍ରୀ ଶିବାନୀ ସଙ୍ଗୀତା, ନେପାଳରେ ଶିକ୍ଷା ଆମ୍ବାସାଡର ଥିବା ଶୁଭଲକ୍ଷ୍ମୀ ଦାଶ, ଆୟୋଜକ ସଂସ୍ଥା ମ୍ୟାନେଜିଂ ଡାଇରେକ୍ଟର ରବିଚନ୍ଦ୍ର ଉଦ୍‌ଗାତା, ଏକାଡେମିକ ପ୍ରିନ୍ସିପାଲ ଡ. ରବିଚନ୍ଦ୍ର ପଶାୟତ, ଶିକ୍ଷିକା ସ୍ମୃତି ସ୍ୱରୁପା ପୂଜାରୀ, ଶିବାନୀ ମହାକୁରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଭାଗ ନେଇ 'ବଢାଇ ୱେ' ନାମକ ସୃଜନଶୀଳ ଶିକ୍ଷା ଆପ ଦ୍ୱାରା କିଭଳି ଛାତ୍ର ଛାତ୍ରୀମାନେ ନିଜ ନିଜର ବିଷୟ ଗୁଡିକୁ ସଠିକ ଭବରେ ପଠନ କରି ଶୈକ୍ଷିକ ଦିଗରେ ବିକଶିତ ହେବେ ସେ ବିଷୟରେ ସାଧନକର୍ମୀଙ୍କ ଠାରୁ ତାଲିମ ନେଇଥିଲେ । ସ୍କୁଲର ଚେୟାରମ୍ୟାନ ବିରେନ୍ଦ୍ର ନାରାୟଣ ଉଦ୍‌ଗାତା, ପ୍ରାଇମେରୀ ସେକ୍ସନ ପ୍ରିନ୍ସିପାଲ ଅଭିଶ୍ମିତା ଦାସ, ସାମ୍ବାଦିକ ଆକୁଳ ବେହେରା, ଜୟନ୍ତ ଶତପଥୀ, ସମସ୍ତ ଶିକ୍ଷକ, ବୁଦ୍ଧିଜିବୀ ବୃନ୍ଦ ରାଜ୍ୟ ସ୍ତରୀୟ ସମାରୋହରେ ପୁରସ୍କୃତ ହୋଇଥିବା ଉକ୍ତ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଶିକ୍ଷକ-କର୍ମଚାରୀଙ୍କ ୪ ଦଫା ଦାବି

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର



**ଖପ୍ରାଖୋଲ (ଅମୃତ ମିଡିଆ) :** ଦୀର୍ଘଦିନ ଧରି ଝୁଲି ରହିଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଖପ୍ରାଖୋଲ ବ୍ଲକ ସ୍ତରୀୟ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୪ ଦଫା ଦାବିପତ୍ର ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀଙ୍କୁ ପ୍ରଦାନ କରାଯାଇଛି। ସମିତି ପକ୍ଷରୁ ଦାବି କରାଯାଇଛି ଯେ, ସମସ୍ତ ଯୋଗ୍ୟ ନୂତନ ସହାୟତାପ୍ରାପ୍ତ ସ୍କୁଲ ଓ କଲେଜକୁ ଜିଆଇଏ ପରିସରଭୁକ୍ତ କରି ପେନସନ ସମେତ ସମସ୍ତ ସେବା ସୁବିଧା ପ୍ରଦାନ କରାଯାଉ। ସେହିପରି ରାଜ୍ୟରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକୁ ଅବିଳମ୍ବେ ପୂରଣ କରିବା, ଅବସର ବୟସକୁ ୬୨ ବର୍ଷକୁ ବୃଦ୍ଧି କରିବା, ଗ୍ରେଡ୍ ପେ ସମସ୍ୟାର ସ୍ଥାୟୀ ସମାଧାନ କରିବା ଏବଂ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନେସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଏଥିସହ ସମସ୍ତ ସହାୟତାପ୍ରାପ୍ତ ଓ ନୂତନ ସହାୟତାପ୍ରାପ୍ତ ଶିକ୍ଷାନୁଷ୍ଠାନକୁ ସରକାରୀକରଣ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବାକୁ ମଧ୍ୟ ଦାବି କରାଯାଇଛି। ଦାବିଗୁଡ଼ିକୁ ଶୀଘ୍ର ପୂରଣ ନ କରାଗଲେ ଆଗାମୀ ଦିନରେ ସମିତି ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ ସୁଶାନ୍ତ ଦାଶ, ନବକିଶୋର ନନ୍ଦ, ଗୋପାଳ ଚନ୍ଦ୍ର ବେହେରା, ରମେଶ ମହାନ୍ତି, ଐଶ୍ୱର୍ଯ୍ୟ ଶେଖର ଦେବତାଙ୍କ ସମେତ ଖପ୍ରାଖୋଲ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ହାତୀକୁ ହଇରାଣ କରିବା ମହଙ୍ଗା ପଡ଼ିଲା; ଯୁବକ ଗିରଫ

**ବାରିପଦା /ସାହାରପଡା(ଅମୃତମିଡିଆ):** ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓ ଶେଷରେ ଜଣେ ଯୁବକଙ୍କ ପାଇଁ



କାଳ ହୋଇଛି । ଭିଡିଓରେ ଜଣେ ଯୁବକ ବଣୁଆ ହାତୀକୁ ଅତି ନିକଟ କୁ ଯାଇ ହାତରେ ୨ ଥର ଛୁଇଁ ମଜା ନେଉଥିବା ଏବଂ ଉତ୍ୟକ୍ତ କରୁଥିବା ଦୃଶ୍ୟ ସାମ୍ନାକୁ ଆସିବା ପରେ କେନ୍ଦୁଝର ବନ ବିଭାଗ କଡ଼ା ପଦକ୍ଷେପ ନେଇଛି । ବୁଧବାର ସନ୍ଧ୍ୟାରେ ଚମ୍ପୁଆ ଥାନା ଅନ୍ତର୍ଗତ



ପଞ୍ଚପୋଖରିଆ ଡାକଘର ଅଧୀନ ଗୋଧୂଳି ଗ୍ରାମର କାଳୀଚରଣ ନାୟକଙ୍କ ପୁଅ ଗଣେଶ ନାୟକ (ବର୍ହା)ଙ୍କୁ ଗିରଫ କରାଯାଇଛି । ବନ ବିଭାଗର ସୂଚନା ଅନୁସାରେ, ଅଭିଯୁକ୍ତଙ୍କୁ ପୂର୍ବରୁ ଏପରି କାର୍ଯ୍ୟରୁ ବିରତ ରହିବାକୁ ଅନେକ ଥର ସତର୍କ କରାଯାଇଥିଲେ ମଧ୍ୟ ସେ ଚମ୍ପୁଆ, ପାଟଣା, କେନ୍ଦୁଝର ସଦର ଓ ଘଟଗାଁ ବନାଞ୍ଚଳରେ ବଣୁଆ ହାତୀଙ୍କ ପଛରେ ଗୋଡ଼ାଇବା, ନିକଟକୁ ଯାଇ ଭିଡିଓ କରିବା ଓ ଉତ୍ୟକ୍ତ କରିବା ଭଳି କାର୍ଯ୍ୟ ଜାରି ରଖିଥିଲେ । ସମ୍ପ୍ରତି ଭାଇରାଲ ଭିଡିଓର ତଦନ୍ତ ପରେ ବନ ବିଭାଗ ତୁରନ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିଛି । ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ବଣୁଆ ହାତୀଙ୍କୁ ହଇରାଣ କରିବା, କ୍ଷତି ପହଞ୍ଚାଇବା କିମ୍ବା ସେମାନଙ୍କ ସ୍ୱାଭାବିକ ଚଳପ୍ରଚଳରେ ବାଧା ସୃଷ୍ଟି କରିବା ଏକ ଅଣ ଜାମିନଯୋଗ୍ୟ ଗୁରୁତର ଅପରାଧ । ଏଥିରେ ଦୋଷୀ ସାବ୍ୟସ୍ତ ହେଲେ ସର୍ବାଧିକ ୭ ବର୍ଷ କାରାଦଣ୍ଡ ସହ ଜରିମାନାର ବ୍ୟବସ୍ଥା ରହିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ଏକ ସପ୍ତାହ ମଧ୍ୟରେ ବଣୁଆ ହାତୀଙ୍କୁ ଉତ୍ୟକ୍ତ କରିବା ଅଭିଯୋଗରେ ଏହା ତୃତୀୟ ଗିରଫ । ଏହା ବନ ବିଭାଗର କଡ଼ା ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି । ବନ ବିଭାଗ ସାଧାରଣ ଲୋକଙ୍କୁ ବଣୁଆ ହାତୀଙ୍କ ନିକଟକୁ ନଯିବା, ସୁରକ୍ଷିତ ଦୂରତା ବଜାୟ ରଖିବା ଏବଂ ସୋସିଆଲ ମିଡିଆ ପାଇଁ ଜୀବନକୁ ବିପଦରେ ପକାଇ ଏପରି କାର୍ଯ୍ୟ ନକରିବାକୁ ଅପିଲ କରିଛି । ସେହିପରି ଆଗାମୀ ଦିନରେ ଏଭଳି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ବିରୋଧରେ ମଧ୍ୟ କଡ଼ା ଆଇନଗତ ପଦକ୍ଷେପ ଜାରି ରହିବ ବୋଲି ବନ ବିଭାଗ ସୂଚନା ଦେଇଛି ।

# କ୍ଷୁଦ୍ର ଜଳ ସେଚନ ବିଭାଗର ଅଣଦେଖା; ଅଧାପନ୍ତରିଆ କାମ କରି ଠିକାଦାର ଛୁ'



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲା, ମୋରଡା ବ୍ଲକ ଅଧୀନ ଗଡିଗାଁ ପଞ୍ଚାୟତର ଡେଙ୍ଗାଶୋଳ ଗ୍ରାମର କିଛି ଲୋକଙ୍କ ଘର ପାଣି ଘେରରେ ଥିବାର ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ଉକ୍ତ ଗାଁ ନିକଟରେ ଥିବା ପୁରାଣ ବନ୍ଧର ପାଣିକୁ ଚାଷ କାର୍ଯ୍ୟରେ ନିୟୋଜିତ କରାଇବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ କେନାଲ ନିର୍ମାଣ କରାଯାଇଥିଲା । କିନ୍ତୁ ଠିକାଦାର ଉକ୍ତ କେନାଲ କାର୍ଯ୍ୟ ଅଧାପନ୍ତରିଆ କରି ମାସ ମାସ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ କରୁ ନାହାନ୍ତି । ତେଣୁ କିଛି ଦିନ ହେବ ଲଗାଣ ବର୍ଷା ହେବା ଫଳରେ ଉକ୍ତ ଅସମ୍ପୂର୍ଣ୍ଣ କେନାଲରେ ପାଣି ଆସି ଡେଙ୍ଗାଶୋଳ ଗାଁ ଭିତରେ ପଶିଛି । ଗ୍ରାମର ଦେବେନ୍ଦ୍ର ମହାନ୍ତ, ଭଗବାନ ମହାନ୍ତ, କୁଶାଲ ମାଝୀ, ଦାମଦୋର ମାଝୀ, ନାରାୟଣ ମାଝୀ ଏବଂ ଅନ୍ୟମାନଙ୍କ ଘର ପାଣି ଘେରରେ । ଏପରିକି କିଛି ଜଣଙ୍କ ଘର ଭିତରେ ପାଣି ମଧ୍ୟ ପଶି ଥିବାରୁ ଲୋକେ ବିପଦରେ ଅଛନ୍ତି । ପ୍ରଶାସନ ଯଦି ତୁରନ୍ତ ପଦକ୍ଷେପ ନନିଏ ଉକ୍ତ ଘର ଗୁଡିକ ଭାଙ୍ଗି ଯିବାର ଆଶଙ୍କା ରହିଛି । ଖବର ପାଇ କ୍ଷୁଦ୍ର ଜଳ ସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ମୁଚିରାମ ମୁର୍ମୁ ଗାଁକୁ ଯାଇ ସ୍ଥିତି ପରଖି ଥିଲେ ମଧ୍ୟ ଖବର ଲେଖା ସୁଦ୍ଧା କୌଣସି ପଦକ୍ଷେପ ନେଇ ନାହାନ୍ତି । ଏନେଇ ଶ୍ରୀ ମୁର୍ମୁଙ୍କୁ ପଚାରିବାରୁ ସ୍ଥିତି ପରଖି ସେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜଣାଇବେ ଏବଂ ବର୍ତ୍ତମାନ ପାଇଁ ଅସ୍ଥାୟୀ ଭାବେ ପାଣିର ଗତି ବଦଳାଇ କେମିତି ଆଉ ଗାଁକୁ ପାଣି ପଶିବ ନାହିଁ ସେ ନେଇ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ମାଧାହ୍ନ ଭୋଜନ ରୋଷେୟା ଓ ସହାୟିକାଙ୍କ ପ୍ରଶିକ୍ଷଣ ଶିବିର



**ବାରିପଦା (ଅମୃତମିଡିଆ):** ଗୋଷ୍ଠୀ ଶିକ୍ଷା ଅଧିକାରୀ, ବାରିପଦାଙ୍କ ଅଧୀନରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରାନ୍ଧୁଥିବା ରୋଷେୟା ଓ ସହାୟିକାମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ରାଜାବସା, ପୋଲିସ ଓ କୃଷ୍ଣଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ଏହି ଶିବିରକୁ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ବା ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ମଧ୍ୟାହ୍ନ ଭୋଜନ ରେ କାର୍ଯ୍ୟରତ ରୋଷେୟା ଓ ସହାୟିକାଙ୍କ ଏକ ଦିନିଆ ପ୍ରଶିକ୍ଷଣ ଶିବିରକୁ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସ ଉଦଘାଟନ କରିବା ସହ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ତଥା ଆଇନ ଓ ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ଏଥିରୁ ବଂଚିତ ନ ହୁଅନ୍ତି ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ଭୋଜନ ପ୍ରସ୍ତୁତି ଓ ପରିବେଷଣ କରିବା ନେଇ ସମସ୍ତ ଶିକ୍ଷକ ସଜାଗ ରହିବା ନେଇ ଗୁରୁତ୍ୱ ଆରୋପ କରିଥିଲେ ଓ ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ / ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ କାର୍ଯ୍ୟରତ ରୋଷେୟା ମାନଙ୍କର ଭୂମିକା ଉପରେ ପ୍ରଶିକ୍ଷକ ତଥା ରାଜବସା ସି ଆର ସି ସି ସୁଶୀଲ କୁମାର ପଣ୍ଡା ଆଲୋକପାତ କରିଥିଲେ ଓ ତତସହିତ ବଡ଼ଯୋଡ ସି ଆରସିସି ଅଜୟ କୁମାର ସାହୁ, ଠାକୁରାଣୀସାହି ସିଆରସିସି ପୁଜାରିଣୀ ପଣ୍ଡା, ତୁଳସୀଚଉରା ସି ଆର ସି ସି ଭବାନୀ କୁମାର ସିଂହ ପ୍ରମୁଖ ପାଚିକା ଓ ସହାୟିକାଙ୍କୁ ଟ୍ରେନିଂ ଦେଇଥିଲେ । ବିଭିନ୍ନ ତଥ୍ୟ କୁ ବୁଝାଇବା ଲାଗି ସ୍ମାର୍ଟ ବୋର୍ଡ ମାଧ୍ୟମରେ ଭିଡିଓ, ଚିତ୍ର ଆଦି ମାଧ୍ୟମରେ ବିସ୍ତୃତ ଭାବେ ଆଲୋଚନା କରି ବୁଝାଇ ଥିଲେ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏମ ଡି ଏମ ) ସୁକୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

# 'ପୁନଶ୍ଚ ପୃଥିବୀ' କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ବାର୍ତ୍ତା





**ବାରିପଦା /କରଞ୍ଜିଆ (ଅମୃତମିଡିଆ):** ପରିବେଶ ସୁରକ୍ଷା ଓ ସବୁଜ ପୃଥିବୀ ଗଠନର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଦୈନିକ ସମ୍ବାଦ ପକ୍ଷରୁ 'ପରିବେଶ ପଞ୍ଚାୟତ – ପୁନଶ୍ଚ ପୃଥିବୀ' ସଚେତନତା କାର୍ଯ୍ୟକ୍ରମ, କରଞ୍ଜିଆର ସମ୍ବାଦ ପ୍ରତିନିଧିତ୍ୱ କର୍ଣ୍ଣାଜୁନ ସାହାଙ୍କ ଆବାହକତ୍ୱ ରେ ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପରିବେଶ ସୁରକ୍ଷାର ଦାୟିତ୍ୱ ବର୍ତ୍ତମାନର ଯୁବପିଢ଼ି ନେବା ସମୟର ଆବଶ୍ୟକତା । ପ୍ରତ୍ୟେକ ଯୁବକ ଓ ଯୁବତୀ ଅତିକମରେ ଗୋଟିଏ ଚାରା ରୋପଣ କରିବା ସହ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କଲେ ସୁସ୍ଥ ଓ ସବୁଜ ପରିବେଶ ଗଠନ ସମ୍ଭବ ବୋଲି ସେ କହିଥିଲେ । ଏହାସହ ଯୁବ ସମାଜକୁ ପରିବେଶ ସୁରକ୍ଷା ପାଇଁ ଶପଥ ନେବାକୁ ଆହ୍ୱାନ ଜଣାଇଥିଲେ । ବିଶିଷ୍ଟ ଅତିଥି ଭାବେ ପାଞ୍ଚପୀଢ଼ ଉପଖଣ୍ଡର ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା କହିଥିଲେ ଯେ, ଶିମିଳିପାଳ ଆମର ପ୍ରାଣସ୍ପନ୍ଦନ । ଶିମିଳିପାଳ ସୁରକ୍ଷିତ ରହିଲେ ଆମେ ମଧ୍ୟ ସୁସ୍ଥ ପରିବେଶରେ ବଞ୍ଚିପାରିବା । ସେ ପ୍ରତ୍ୟେକ ନାଗରିକଙ୍କୁ ବୃକ୍ଷରୋପଣ କରିବା ଓ ଗଛର ଯତ୍ନ ନେବା ପାଇଁ ଆହ୍ୱାନ ଜଣାଇଥିଲେ । ମୁଖ୍ୟ ବକ୍ତା ପରିବେଶବିତ ପଦ୍ମଲୋଚନ ନନ୍ଦ ନିଜ ଛାତ୍ରଜୀବନରୁ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରତି ଥିବା ଆଗ୍ରହ ଓ ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ପରିବେଶବିତ ସୁବ୍ରତ କୁମାର ବିଶ୍ୱାଳ ମାନବର ସ୍ୱାର୍ଥପର କାର୍ଯ୍ୟକଳାପ କିପରି ପରିବେଶକୁ କ୍ଷତିଗ୍ରସ୍ତ କରୁଛି, ଗଛ କଟା ଓ ବନ୍ୟଜନ୍ତୁ ହତ୍ୟା ଫଳରେ ଅମ୍ଳଜାନର ପରିମାଣ କମିବା ସହ ପୃଥିବୀ ଉତ୍ତପ୍ତ ହେଉଥିବା ନେଇ ଭିଡିଓ ମାଧ୍ୟମରେ ଉପସ୍ଥିତ ଯୁବପିଢ଼ିଙ୍କୁ ସଚେତନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତି ବାରିକ ସମ୍ବାଦର ଏଭଳି ସଚେତନତାମୂଳକ ପଦକ୍ଷେପକୁ ପ୍ରଶଂସା କରିବା ସହ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଯୁବପିଢ଼ିଙ୍କ ସକ୍ରିୟ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ସମ୍ବାଦର ରାଇରଙ୍ଗପୁର ପ୍ରତିନିଧି ତୁଷାରକାନ୍ତ ମହାନ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ । ସମ୍ବାଦ ପ୍ରତିନିଧି ଉମାଶଙ୍କର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, କର୍ଣ୍ଣଜୁନ ସାହା ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଓକିଲ ସଂଘ ସଂପାଦକ ସରୋଜ ରାଉଳ ଓ ବରିଷ୍ଠ ଆଇନଜୀବୀ ନବକିଶୋର ପଣ୍ଡା ଉପସ୍ଥିତ ରହି ପରିବେଶ ରକ୍ଷା ପାଇଁ ବୃକ୍ଷ ରୋପଣ ହିଁ ଏକ ମାଧ୍ୟମ ବୋଲି କହିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ବହୁ ସଂଖ୍ୟକ ଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ସହଯୋଗ ପ୍ରଦାନ କରିଥିଲେ ।

# ହୋ ଭାଷା ଶିକ୍ଷକ ଚୟନ ପ୍ରକ୍ରିୟାରେ ୨୪ ଜଣ ମନୋନୀତ

**ବାରିପଦା (ଅମୃତମିଡିଆ):** ହୋ ସମାଜର ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ 'ୱାରାଙ୍ଗ ଚିତି' ଲିପିର ପ୍ରଚାର ଓ ପ୍ରସାରକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ତୁର୍ତୁଙ୍ଗ ପ୍ରୋଜେକ୍ଟ' ଅଧୀନରେ ଆୟୋଜିତ ତୁର୍ତୁଙ୍ଗ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଟିଇଟି-୨୦୨୬) ସଫଳତାପୂର୍ବକ ସମାପ୍ତ ହୋଇଛି । ଏହି ଚୟନ ପ୍ରକ୍ରିୟା ମାଧ୍ୟମରେ ୨୪ ଜଣ ହୋ ଭାଷା ପ୍ରଶିକ୍ଷକ (ଖବଭଶଙ୍କବଶର ଓଭଷ୍ପଷ୍ପକ୍କଙ୍କମଷ୍ପକ୍କକ୍ସ)ଙ୍କୁ ଚୟନ କରାଯାଇଛି । ହୋ ଷ୍ଟୁଡେଣ୍ଟ ୟୁନିଅନ୍ ?ର ସହଯୋଗୀ ସଂଗଠନ 'ବୀର ବିରସା ମୁଣ୍ଡା ଟ୍ରଷ୍ଟ (ଭିଭିଏମଟି) ଓଡ଼ିଶା' ପକ୍ଷରୁ ଏହି ନିଯୁକ୍ତି ପ୍ରକ୍ରିୟାର ଆୟୋଜନ କରାଯାଇଥିଲା । ଟ୍ରଷ୍ଟର ଆକାଂକ୍ଷୀ 'ତୁର୍ତୁଙ୍ଗ ପ୍ରୋଜେକ୍ଟ' ଅଧୀନରେ ହୋ ଭାଷା ଶିକ୍ଷାର ପ୍ରସାର ଏବଂ ନୂତନ ପିଢ଼ୀଙ୍କ ମଧ୍ୟରେ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୪ଟି ଭାଷା ପ୍ରଶିକ୍ଷକ ପଦ ପୂରଣ ପାଇଁ ଏହି ପରୀକ୍ଷା ଆୟୋଜନ



କରାଯାଇଥିଲା । ଚୟନ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଭାବେ ଗତ ୨ ଅଗଷ୍ଟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ, ୬ ଅଗଷ୍ଟରେ ଠାକୁରମୁଣ୍ଡାରେ ମୌଖିକ ପରୀକ୍ଷା ସଫଳତାର ସହ ଆୟୋଜିତ ହୋଇଥିଲା । ଉଭୟ ପର୍ଯ୍ୟାୟରେ ପ୍ରାର୍ଥୀମାନଙ୍କ ଭାଷା ଜ୍ଞାନ, ଶିକ୍ଷାଦାନ ଦକ୍ଷତା, ନେତୃତ୍ୱ କ୍ଷମତା ଓ ହୋ ଭାଷା ଏବଂ 'ୱାରାଙ୍ଗ ଚିତି' ଲିପି ପ୍ରତି ସେମାନଙ୍କର ଅବଦାନକୁ ଗୁରୁତ୍ୱ ଦେଇ ମୂଲ୍ୟାୟନ କରାଯାଇଥିଲା । ମୌଖିକ ପରୀକ୍ଷା ବୋର୍ଡରେ ମୁଖ୍ୟ ପରୀକ୍ଷକ ଭାବେ ଗୌରାଙ୍ଗ ବାନ୍ଦିଆ ଏବଂ ହୋ ଷ୍ଟୁଡେଣ୍ଟ ୟୁନିଅନ୍ ?ର ପ୍ରତିଷ୍ଠାତା ବାଗୁନ୍ ସିଂ ଜାରିକା ଉପସ୍ଥିତ ରହିଥିଲେ । ସେହିପରି ଭିଭିଏମଟି ଓଡ଼ିଶାର ସଂଯୋଜକ ପୂଜା ଗୋସରାଙ୍କ ସହ ହୀରାମଣି ହେମ୍ବ୍ରମ, ରଜତ କୁମାର ସିଂ, ବଳରାମ ପୂର୍ତ୍ତି ଏବଂ କୁନା କାଣ୍ଡେୟାଙ୍ଗ ପରୀକ୍ଷକ ପ୍ୟାନେଲ୍‌ର ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ । ସମଗ୍ର ଚୟନ ପ୍ରକ୍ରିୟାକୁ ଠଇଗଞ୍ଜ ଓଡ଼ିଶାର ଏକ୍ଜିକ୍ୟୁଟିଭ୍ ଟ୍ରଷ୍ଟି ଖିରୋଦ କୁମାର ହେମ୍ବ୍ରମ ଏବଂ ଗଣେଶ୍ୱର ଗାଗରାଇଙ୍କ ନେତୃତ୍ୱରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା । ପ୍ରାର୍ଥୀମାନଙ୍କ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ଯୋଗ୍ୟତାଭିତ୍ତିକ ଚୟନ ପ୍ରକ୍ରିୟା ଅନୁସରଣ କରାଯାଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । ଚୟନିତ ୨୪ ଜଣ ଭାଷା ପ୍ରଶିକ୍ଷକ ଆସନ୍ତା ୧୮ ଅଗଷ୍ଟରୁ ଜାମସେଦପୁର ସ୍ଥିତ ଟ୍ରାଇବାଲ କଲ୍‌ଚର ସୋସାଇଟିରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଗ୍ରହଣ କରିବେ । ପ୍ରଶିକ୍ଷଣ ପରେ ସେମାନେ ବିଭିନ୍ନ ଅଞ୍ଚଳରେ ହୋ ଭାଷା ଶିକ୍ଷା ପ୍ରଦାନ ସହ 'ୱାରାଙ୍ଗ ଚିତି' ଲିପିର ପ୍ରଚାର ଓ ସଂରକ୍ଷଣ କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ ହେବେ । ଟ୍ରଷ୍ଟ ପକ୍ଷରୁ ସମସ୍ତ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ହୋ ସମାଜର ଶିକ୍ଷାଗତ, ସାଂସ୍କୃତିକ ଓ ସାମାଜିକ ବିକାଶରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଯାଇଛି । ଆୟୋଜକମାନେ କହିଛନ୍ତି ଯେ, ଏହି ପ୍ରୟାସ ମାଧ୍ୟମରେ ହୋ ଭାଷାର ସଂରକ୍ଷଣ ସହିତ ଆଗାମୀ ପିଢ଼ିଙ୍କ ମଧ୍ୟରେ ମାତୃଭାଷା ପ୍ରତି ଗର୍ବ ଓ ସଚେତନତା ବୃଦ୍ଧି ପାଇବ ଏବଂ 'ତୁର୍ତୁଙ୍ଗ ପ୍ରୋଜେକ୍ଟ' ହୋ ସମାଜର ସାମଗ୍ରିକ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

# ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ଉପସଭାପତିଙ୍କ ଅକାଳ ବିୟୋଗ

**ବାରିପଦା(ଅମୃତମିଡିଆ):** ବିଜୁ ଛାତ୍ର ଜନତା ଦଳର ଉପସଭାପତି ତଥା ଛାତ୍ର ସଂଗଠକ ଶୁସିଲ ସେଠୀ( ସିପୁ) ଙ୍କ ୩୫ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ବୁଧବାର ସକାଳୁ ହଠାତ ଛାତିରେ ଯନ୍ତ୍ରଣା ହେବା ଫଳରେ ଜିଲ୍ଲା ହେଡକ୍ୱାଟର ହସ୍ପିଟାଲ ବାରିପଦାକୁ ନେବା ସମୟରେ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା । ସ୍ୱର୍ଗତ ସେଠୀ ମୟୂରଭଞ୍ଜ ଜିଲ୍ଲାର ଛାତ୍ର ରାଜନୀତିର ସକ୍ରିୟ ଅଂଶଗ୍ରହଣ କରି ବିଭିନ୍ନ ସମାଜିକ, ସାଂସ୍କୃତିକ ଆନ୍ଦୋଳନ ସହିତ ଯଡିତ ଥିଲେ. କଲେଜ ଛାତ୍ର ସଂସଦ ନିର୍ବାଚନରେ ସକ୍ରିୟ ଭୂମିକା ରହୁଥିଲା । ତାଙ୍କର ଆକସ୍ମିକ ମୃତ୍ୟୁ ଖବର ମିଳିବା ପରେ ରାଜ୍ୟ ବିଜେଡ଼ି ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାର୍ଣ୍ଡୀ, ରାଜ୍ୟ ଯୁବ ବିଜେଡ଼ି ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ଇପ୍ସିତା ସାହୁ, ମୁଖପାତ୍ର ଲେଲିନ ମହାନ୍ତି ଗଭୀର ଶୋକ ପ୍ରକାଶ କରି ସାମାଜିକ ଗଣମାଧ୍ୟମରେ ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ସେଠୀ ଙ୍କ ବାସଭବନରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି (ନଛି), ଉପନଗରପାଳ ସୀମା ଦାସ, ପ୍ରତିନନ୍ଦା କାନୁନଗୋ, ଶ୍ରାବଣୀ ଦାସ, ସବିତା ବେହେରା, କୁମାର ମୁଖୀ, ଶିବଶଙ୍କର ପାତ୍ର, ଦେବାଶିଷ ପାତ୍ର, ଅରୁଣ ବରାଡ, ସୁନିଲ କୁମାର ନାୟକ, ଅବଦୁଲ ହବିବ, ଅମିତ କୁମାର ବୈଠା,



ସେକ ହାକିମ, ଆଶୀର୍ବାଦ ଦାଶ, ଅମନ ପପୁ, ଦେବବ୍ରତ ବେହେରା, ଅଭିନାସ ବେହେରା, ମନିଷ ବେହେରା, ଦେବବ୍ରତ ସେନାପତି ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୃତ୍ୟୁ ଶଯ୍ୟାରେ ତାଙ୍କ ନିକଟରେ ପିତା ଅବସର ପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଅଫିସର ଶରତ ଚନ୍ଦ୍ର ସେଠୀ, ମା ବରିଷ୍ଠ ନାରୀ ନେତ୍ରୀ ଅନିତା ସେଠୀ, ଝିଅ, ଦୁଇ ପୁଅ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେଓ ତାଙ୍କ ସାନ ଭାଇ ମୁଖାଗ୍ନି ଦେଇ ଥିଲେ ।

# ଆଉ ନାହାନ୍ତି ରାମଭକ୍ତ ବ୍ରଜମୋହନ ମହାନ୍ତ



**ବାରିପଦା /ସାହାରପଡ଼ା(ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା,ସାହାରପଡା ବ୍ଲକ ମାଛଗଡ଼ ପଞ୍ଚାୟତ ଅଧିନସ୍ଥ କମାରମରା ଗ୍ରାମର ଜଣେ ପରମ ରାମଭକ୍ତ, ଧାର୍ମିକ ବ୍ୟକ୍ତିତ୍ୱ ଓ ସମାଜର ଶ୍ରଦ୍ଧେୟ ବ୍ୟକ୍ତି ବ୍ରଜମୋହନ ମହାନ୍ତ (୮୫)ଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଗତ ତିନି ବର୍ଷ ଧରି ସେ ଶ୍ୱାସ ରୋଗରେ ପୀଡ଼ିତ ଥିଲେ । ଶେଷରେ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ବ୍ରଜମୋହନ ମହାନ୍ତ କେବଳ ଜଣେ ଭକ୍ତ ନୁହେଁ, ସେ ଥିଲେ ଭଗବାନ ଶ୍ରୀରାମଙ୍କ ଅନନ୍ୟ ଉପାସକ । ନିଜସ୍ୱ ପ୍ରଚେଷ୍ଟା ଓ ଅକ୍ଲାନ୍ତ ପରିଶ୍ରମରେ ସେ ଏକ ସୁନ୍ଦର ରାମ ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିର ସ୍ଥାପନା ପରେ ସେ ନିଜେ ସେଠାରେ ପୂଜକ ଭାବେ ସେବା କରୁଥିଲେ ଏବଂ ପ୍ରତିଦିନ ନିଷ୍ଠାର ସହିତ ଭଗବାନଙ୍କ ଆରାଧନାରେ ନିୟୋଜିତ ରହୁଥିଲେ । ତାଙ୍କ ଦ୍ୱାରା ନିର୍ମିତ ଏହି ରାମ ମନ୍ଦିର କେବଳ ସାହାରପଡ଼ା ଅଞ୍ଚଳରେ ନୁହେଁ, ସମଗ୍ର କେନ୍ଦୁଝର ଜିଲ୍ଲାରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଏହି ପବିତ୍ର ସ୍ଥାନକୁ ପ୍ରତିଦିନ ଅନେକ ଭକ୍ତ ଦର୍ଶନ ପାଇଁ ଆସୁଥିଲେ । ତାଙ୍କର ସରଳ ଜୀବନ, ଧାର୍ମିକ ଚିନ୍ତାଧାରା ଓ ଭଗବାନଙ୍କ ପ୍ରତି ଅତୁଟ ଭକ୍ତି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା । ଆଜି ସେ ଶାରୀରିକ ଭାବେ ଆମ ଗହଣରେ ନଥିଲେ ମଧ୍ୟ, ତାଙ୍କ ହାତରେ ଗଢ଼ା ରାମ ମନ୍ଦିର ଓ ତାଙ୍କର ଭକ୍ତିମୟ ଜୀବନ ସଦାସର୍ବଦା ତାଙ୍କ ସ୍ମୃତିକୁ ଜୀବନ୍ତ ରଖିବ । ତାଙ୍କ ବିୟୋଗରେ ପରିବାର, ସମ୍ପର୍କୀୟ, ଶୁଭେଚ୍ଛୁ ଓ ଅସଂଖ୍ୟ ଭକ୍ତ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଜରାଜୀର୍ଣ୍ଣ ଶାସନ ପୋଖରୀ; ତୁରନ୍ତ ପୁନଃରୁଦ୍ଧାର ଦାବି

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ଏନ୍‌ଏସି ଅନ୍ତର୍ଗତ ଐତିହ୍ୟବାହୀ ଶାସନ ପୋଖରୀ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ପ୍ରଶାସନିକ ଅବହେଳାର ଶିକାର ହୋଇ ଜରାଜୀର୍ଣ୍ଣ ଓ ଅବ୍ୟବସ୍ଥିତ ଅବସ୍ଥାରେ ପଡ଼ିରହିଛି । ପୋଖରୀରେ ପଙ୍କ ଜମିବା, ଜଳ ପ୍ରଦୂଷିତ ହେବା, ପାହାଚ ଭାଙ୍ଗିଯିବା ଏବଂ ଚତୁଃପାର୍ଶ୍ୱ ଅପରିଷ୍କାର ରହିବା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ଦୈନନ୍ଦିନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହେଉଛି । ଏପରି ସ୍ଥିତିରେ ପୋଖରୀର ଜରୁରୀ ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଅଞ୍ଚଳବାସୀଙ୍କ ଦାବି ଜୋରଦାର ହୋଇଛି । ଶାସନ ପୋଖରୀ



ଉପରେ କରଞ୍ଜିଆ ଏନ୍.ଏ.ସି.ର ୭, ୮, ୯, ୧୦ ଓ ୧୨ ନମ୍ବର ୱାର୍ଡ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ନିତ୍ୟ ବ୍ୟବହାର ପାଇଁ ନିର୍ଭର କରୁଛନ୍ତି । କିନ୍ତୁ ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀର ଅବସ୍ଥା ଦିନକୁ ଦିନ ଅବନତି ଆଡ଼କୁ ଗତି କରୁଛି । ଦୂଷିତ ଜଳ ଓ ଅପରିଷ୍କାର ପରିବେଶ ଯୋଗୁଁ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ବଢ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି । ଏହି ପ୍ରସଙ୍ଗକୁ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ବାସିନ୍ଦା ନିର୍ବାଚିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି ଜଣାଇ ଆସୁଛନ୍ତି । ଗଣମାଧ୍ୟମରେ ଖବର ପ୍ରକାଶ ପଇଲେ ପ୍ରଶାସନ ପକ୍ଷରୁ ଅଧିକାରୀ ମାନେ କେବଳ ପୋଖରୀ ବୁଲି ପଳାଉଥିବା ଓ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ ଦାବି ହେଉଛି, ପୋଖରୀର ପଙ୍କ ଉଦ୍ଧାର, ଭଙ୍ଗା ପାହାଚର ମରାମତି, ଚାରିପାଖର ସଫେଇ, ସୁରକ୍ଷା ପ୍ରାଚୀର ଓ ଆଲୋକୀକରଣ ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅତିଶୀଘ୍ର ଗ୍ରହଣ କରାଯାଉ । ଏହା କେବଳ ଜଳାଶୟର ପୁନଃରୁଦ୍ଧାର ନୁହେଁ, ବରଂ ଜନସ୍ୱାସ୍ଥ୍ୟ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ କରଞ୍ଜିଆ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମଧ୍ୟ ଅତ୍ୟନ୍ତ ଜରୁରୀ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ଶାସନ ପୋଖରୀର ସମ୍ପୂର୍ଣ୍ଣ ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରିବାକୁ ସବୁ ମହଲରୁ ଦୃଢ଼ ଦାବି ଉଠିଛି ।

# ଯୁବ କଂଗ୍ରେସ ତରଫରୁ ରକ୍ତଦାନ ଶିବିର; ୨୨ ୟୁନିଟ୍ ସଂଗ୍ରହ

**ବାରିପଦା(ଅମୃତମିଡିଆ):** ରାଇରଙ୍ଗପୁର ଯୁବ କଂଗ୍ରେସ ଦଳ ତରଫରୁ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଆଜି ବୁଧବାର ଦିନ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାର ଗୃହରେ ରାଇରଙ୍ଗପୁର ପୌରପାଳିକାର ପୌରାଧ୍ୟକ୍ଷ ପ୍ରାର୍ଥୀ କଂଗ୍ରେସ ଦଳର ଯୁବନେତା ଭଜହରି ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କଂଗ୍ରେସ ଦଳର ବିଧାୟକ ଶାମ ଚରଣ ହାଁସଦାଃ ଯୋଗଦେଇ ଫିତାକାଟି ଶୁଭ ଉଦଘାଟନ କରିଥିଲେ ।ରାଇରଙ୍ଗପୁର ରକ୍ତ ଭଣ୍ଡାରରେ ରକ୍ତର ସଙ୍କଟ ଦେଖା ଦେଇଛି ବିଶେଷତଃ ଥାଲାସେମିଆ, ସିକଲସେଲ, ବୟସ୍କ ଲୋକ, ଦୁର୍ଘଟଣା ଜନିତ ରୋଗୀ ଓ



ପ୍ରସୂତି ମହିଳାମାନେ ରକ୍ତ ସଙ୍କଟରେ ଛଟପଟ ହେଉଛନ୍ତି ।ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ସଙ୍କଟ ଦେଖି ଯୁବ କଂଗ୍ରେସ ନେତା ରକ୍ତଦାନ ଶିବିର ଆୟୋଜନ କରିଥିଲେ ୨୨ ଜଣ ରକ୍ତଦାତା ରକ୍ତଦାନ କରି ନିଜକୁ ଧନ୍ୟ ମଣିଥିଲେ ।ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ରକ୍ତଦାତା ଗତିକୃଷ୍ଣ ମହାନ୍ତ,ରକ୍ତଦାତା ତଥା ସାମ୍ବାଦିକ ତୁଷାରକାନ୍ତ ମହାନ୍ତ,ସାମ୍ବାଦିକ ଅକ୍ଷୟ ବିଶ୍ୱଗଳ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର



ଇଂରାଜୀ ଅଧ୍ୟାପକ ବିଜୟ ରାମ, ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।ରାଇରଙ୍ଗପୁର ଡାକ୍ତରଖାନାର ରକ୍ତଭଣ୍ଡାର ଅଧିକାରୀ ଡ଼ାଃ ସୁଦୀପ୍ତ ଲୋଚନ ସିଂ ଏବଂ କର୍ମଚାରୀ ଦେବବ୍ରତ ଗିରି, ଚିରଞ୍ଜିବୀ ମହାନ୍ତି,ସୁମନ୍ତ ଗିରି,ଗୁଗୁଲୁ ମୁର୍ମୁ,ସୁଜାତା ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

# ଓଟିଇଟି ବାଧ୍ୟତାମୂଳକ କରାଯିବା ପ୍ରସଙ୍ଗକୁ ଶିକ୍ଷକ ସଂଘର ନିନ୍ଦା

**ବାରିପଦା /ଉଦଳା(ଅମୃତମିଡିଆ):** ଗତ ୨୦୧୧ ମସିହା ପୂର୍ବରୁ ଚାକିରୀ ଜୀବନ ଆରମ୍ଭ କରିଥିବା ଶିକ୍ଷକ ଶିକ୍ଷୟିତ୍ରିଙ୍କ ପାଇଁ ଓଟିଇଟି ବାଧ୍ୟତା ମୂଳକ କରାଯିବା ପ୍ରସଙ୍ଗକୁ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି । ଏହିସବୁ ଶିକ୍ଷକ ଶିକ୍ଷୟିତ୍ରି ମାନେ ଚାକିରୀ ଜୀବନରୁ ଅବସର ନେବା ପାଇଁ ଆଉ ଅଳ୍ପ କେତୋଟି ବର୍ଷ ସମୟ ବାକି ଥିବା ବେଳେ ଓଟିଇଟି ବାଧ୍ୟତା ମୂଳକ କରାଯିବା ଆଦୌ ଉଚିତ ହୋଇନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏ ବାବଦରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଆରତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ବାରିପଦାସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ବୈଠକ ବସିବା ସହ ବିସ୍ତୃତ ଆଲୋଚନା କରାଯାଇଛି । ଶିକ୍ଷକ ସଂଘର ଏହି ନିଷ୍ପତିକୁ ସରକାରଙ୍କୁ ଅବଗତ କରାଇବା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯିବ ବୋଲି ସଭାପତି ଶ୍ରୀଯୁକ୍ତ ପରିଡ଼ା ଘୋଷଣା କରିଛନ୍ତି । ସଂଘର ଜିଲ୍ଲା ସଂପାଦକ ବିମଳ କୁମାର ଆଚାର୍ଯ୍ୟ ବିଗତ ଦିନରେ ସଂଘ ତରଫରୁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ଇତିହାସ ଉପସ୍ଥାପନ କରିବା ସହ ସଂଘର କାର୍ଯ୍ୟକାଳ ସରିଯାଇଥିବାରୁ ନୂତନ କର୍ମକର୍ତା ଚୟନ ପାଇଁ ନିର୍ବାଚନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହାପରେ ନିକଟରେ



ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେହିପରି ଇତି ମଧ୍ୟରେ ଚାକିରୀ ଜୀବନରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ଖୁବ୍ ନିକଟରେ ଉତ୍ସବ ଆୟୋଜନ କରାଯିବାକୁ ନିଷ୍ପତି ନିଆଯାଇଥିଲା । ବୈଠକର ପ୍ରାରମ୍ଭରେ ଶିବ ପ୍ରସାଦ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗାୟତ୍ରି ବେହେରା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଆଜିର ଏହି ବୈଠକକୁ ସଫଳ କରିବାରେ ନନ୍ଦକିଶୋର ବେହେରା ଓ ଲଳିତ ବେହେରା ପ୍ରମୁଖ ସହଯୋଗ କରିଥିଲେ





# ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ବନ୍ୟା ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

**ଚାନ୍ଦବାଲି (ଅମୃତ ମିଡିଆ):** ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଅପାର କରୁଣାରୁ ଶ୍ରୀ ସତ୍ୟସାଇ ସେବା ସଂଗଠନ, ଭଦ୍ରକ-୨ ପକ୍ଷରୁ ଚାନ୍ଦବାଲିର ବନ୍ୟା ପ୍ଲାବିତ ଅଞ୍ଚଳରେ ପ୍ରାୟ ୧୦୦୦ ଜଣ ବନ୍ୟା ବିପନ୍ନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମ ଚାନ୍ଦବାଲି ସମିତି, ଜିଲ୍ଲା ସେବା ବିଭାଗ, ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟ (ପଟ୍ଟାମୁଣ୍ଡାଇ) ଏବଂ ବିପର୍ଯ୍ୟୟ ପରିଚାଳନା ଦଳଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା।



ଏହି ମାନବସେବା କାର୍ଯ୍ୟରେ ରାଜ୍ୟ ଗ୍ରାମ ସେବା ନିର୍ବାହକ ବିଷ୍ଣୁ ମୋହନ ନାୟକ, ଜିଲ୍ଲା ସଭାପତି ବୃନ୍ଦାବନ ଚନ୍ଦ୍ର ବେହେରା, ଜିଲ୍ଲା ସେବା ସଂଯୋଜିକା ଦେବକୀ ଦାଶ, ଜିଲ୍ଲା ଗ୍ରାମ ସେବା ନିର୍ବାହକ ଉଦିତ୍ ନାରାୟଣ ପଣ୍ଡା, ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟର ସଦସ୍ୟ, ଜିଲ୍ଲାର ସମସ୍ତ କର୍ମକର୍ତ୍ତା, ଚାନ୍ଦବାଲି ସମିତିର ପୂର୍ବତନ ଆବାହକ ଏବଂ ବହୁ ସଂଖ୍ୟକ ସେବାବ୍ରତୀ ଭାଇ ଓ ଭଉଣୀମାନେ ଯୋଗଦେଇ ସେବା କାର୍ଯ୍ୟକୁ ସଫଳ କରିଥିଲେ।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ

**ଭଞ୍ଜନଗର (ଅମୃତ ମିଡିଆ):** ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ଭଞ୍ଜନଗର ବ୍ଲକ ତରଫରୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ମାନ୍ୟବର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ବିଭିନ୍ନ ଦାବୀ ଉପରେ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ, ଚାକିରୀ ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ପୂର୍ଣ୍ଣ ଅନୁଦାନ ବିଦ୍ୟାଳୟ ଗୁଡିକୁ ଶିକ୍ଷକ, ଶିକ୍ଷକ



କର୍ମଚାରୀ ନିଯୁକ୍ତି ସହିତ ସରକାରୀକରଣ, ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ପୁନଃ ପ୍ରଚଳନ ଉପରେ ଦର୍ଶା ଯାଇଛି। ଏଥିରେ ଜିଲ୍ଲା ଓଷ୍ଟା ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ବ୍ଲକ ସଭାପତି ଉମାକାନ୍ତ ନାହାକ, ସମ୍ପାଦକ ସତ୍ୟବାନ ସାହୁ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ କୁମାର ଜେନା, ଗୌରୀନନ୍ଦନ ହୋତା, କାମରାଜୁ ଗୌଡ଼, ଅମର ବିଳାସ ବେହେରା,ପ୍ରଦୀପ କୁମାର ଗୌଡ଼, ରାମଚନ୍ଦ୍ର ସାହୁ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଯୋଗ ଦେଇ ଦାବି ପ୍ରଦାନ କରିଥିଲେ।

# ଭଞ୍ଜନଗର ପୋଲିସକୁ ଏକ ବଡ଼ ସଫଳତା



**ଭଞ୍ଜନଗର (ଅମୃତ ମିଡିଆ):** ନିଶା କାରବାର ନିୟନ୍ତ୍ରଣ ଅଭିଯାନରେ ଭଂଜନଗର ପୋଲିସକୁ ପୁଣି ଏକ ବଡ଼ ସଫଳତା । ମଙ୍ଗଳବାର ଦିନ ପୋଲିସ ପାଟ୍ରୋଲିଂ ସମୟରେ ବୁଦୁଲି ରାସ୍ତାରେ ସନ୍ଦେହଜନକ ଭାବେ ଯାଉଥିବା ଏକ କାର୍ ଓ ଏକ ମୋଟରସାଇକେଲକୁ ଅଟକାଇ ଯାଞ୍ଚ କରିବାବେଳେ ସେଥିରୁ ୪୪ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ଏହି ଘଟଣାରେ ସମ୍ପୃକ୍ତ ୫ ଯୁବକଙ୍କୁ ପୋଲିସ ଗିରଫ କରିଛି ପୋଲିସ । ସେମାନଙ୍କ ଠାରୁ ବ୍ରାଉନସୁଗାର ସହ ଏକ ଫୋର୍ଡ ଇକୋସ୍ପୋର୍ଟ କାର୍, ଏକ ହୋଣ୍ଡା ୟୁନିକର୍ଣ୍ଣ ମୋଟରସାଇକେଲ, ୪ଟି ମୋବାଇଲ ଏବଂ ନଗଦ ୧୪ ହଜାର ଟଙ୍କା ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ନିକଟସ୍ଥ ବାଉଁଶଲୁଣ୍ଡିର ଅମିତ୍ ? କୁମାର ବେହେରା, ଚଢ଼େୟାପଲ୍ଲୀର ସରୋଜ ମହାନ୍ତି, ଲଣ୍ଡାଜୁଆଳିର ମାନସ ରଞ୍ଜନ ଜେନା, କାହ୍ନୁ ଚରଣ ଜେନା ଓ ଭଞ୍ଜନଗରର ଏ.ଆର ମହାନ୍ତି । ତେବେ ଏହି ମାମଲାରେ ଆଉ ୨ ଜଣ ଫେରାର ରହିଥିବା ଜଣାପଡ଼ିଛି । ସେମାନଙ୍କୁ ମଧ୍ୟ ଗିରଫ ପାଇଁ ଚେଷ୍ଟା କରୁଛି ପୋଲିସ । ଏହି ଚଢ଼ାଉରେ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ହୋଇଥିଲା ।

ଭଞ୍ଜନଗର ଏସ୍‌ଡିପିଓ ଡ. ଦୀପକ



କୁମାର ମିଶ୍ର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ମାମଲାରେ ଆଉ କିଛି ବ୍ୟକ୍ତି ମଧ୍ୟ ଜଡ଼ିତ ଅଛନ୍ତି । ସେମାନଙ୍କୁ ମଧ୍ୟ ଗିରଫ ପାଇଁ ପୋଲିସ ଚେଷ୍ଟା ଚଳାଇଛି ପୋଲିସ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଙ୍କ ସମେତ ଏସ୍‌ଆଇ ସମୀର ସେଠୀ, ଲକ୍ଷ୍ମୀଧର ମାହାନ୍ତି, ହାବିଲଦାର ଦିଲ୍ଲୀପ କୁମାର ରାଉତ, କନଷ୍ଟେବଳ ସନ୍ତୋଷ କୁମାରନାୟକ, ସାଗର ପ୍ରଧାନ, ସୌମିତ୍ର ଦଳବେହେରା, ଅଖିଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ

**ଭଞ୍ଜନଗର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନାର ୧୬ ବର୍ଷ ପରେ ଗୁରୁବାର ପ୍ରଥମ ଥର ପାଇଁ ପ୍ରତିଷ୍ଠା ଦିବସ ଧୁମଧାମରେ ପାଳନ କରିଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ୩୩ କୋଟିରୁ ଅଧିକ ଟଙ୍କା ଅନୁମୋଦନ ହୋଇସାରିଛି । କିନ୍ତୁ ଭବିଷ୍ୟତକୁ ଲକ୍ଷ୍ୟ ରଖି ଆଉ କିଛି ଅଧିକ ଶ୍ରେଣୀ କକ୍ଷ ନିର୍ମାଣ ହେବ। ତେଣୁ ବ୍ୟୟ ଅଟକଳ ବୃଦ୍ଧିପାଇଛି। ଅତିଶୀଘ୍ର ତାହାର ଟେଣ୍ଡର ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହା ବିଦ୍ୟାଳୟର ବିକାଶରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏଥିସହ ବିଧାୟକ ନାୟକ କହିଥିଲେ ଯେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ଶିକ୍ଷା, କ୍ରୀଡ଼ା, କଳା ଓ ସହ-ପାଠ୍ୟକ୍ରମ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଅଞ୍ଚଳ, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟକୁ ଆହୁରି ଉଚ୍ଚ ସ୍ତରକୁ ନେବା ପାଇଁ ସେ ପ୍ରତିବଦ୍ଧ ବୋଲି ପ୍ରକାଶ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ବିଜ୍ଞାନ, ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେଉଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକ ଦେଶର ଶିକ୍ଷା ବ୍ୟବସ୍ଥାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସେ କହିଥିଲେ। ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବହୁବାର ଆଲୋଚନା କରାଯାଇଥିବା ସେ ସୂଚନା ଦେଇଥିଲେ। ତେଣୁ ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ପାଇଁ ଆଜୀ ଅର୍ଥ ଅନୁମୋଦନ ହୋଇଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଞ୍ଜନଗର ଉପଜିଲ୍ଲାପାଳ ତଥା ବିଦ୍ୟାଳୟ ସଭାପତି ଉମାଶଙ୍କର ବେହେରା କହିଥିଲେ ଯେ, ବିଧାୟକଙ୍କ ସହଯୋଗରେ ଚଳିତ ବର୍ଷ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଆରମ୍ଭ ହୋଇଛି। ନିଷ୍ଠାର ସହ ପାଠପଢ଼ା ଓ ଅଭିଭାବକଙ୍କ ସକ୍ରିୟ ସହଯୋଗ ହିଁ ଛାତ୍ରୀଛାତ୍ରଙ୍କ ସଫଳତାର ମୂଳ ଆଧାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗଗନ ବିହାରୀ ପୁରୋହିତ, ଡେପୁଟି କଲେକ୍ଟର ସି ଏଚ ଗାୟତ୍ରୀ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ଭଞ୍ଜନଗର ମୁଖ୍ୟ ପରିଚାଳକ ହୃଷିକେଶ ବେହେରା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କମାନୁ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଜ୍ୟୋତି ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀ ସିମ୍ରନ୍ ସ୍ୱାଇଁ, ଦୀପ୍ତି ମୟୀ ଦୋରା ସଭାକୁ ସଂଯୋଜନା କରିଥିଲେ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୬ ପାଳିତ



**ବ୍ରହ୍ମପୁର / ଛତ୍ରପୁର (ଅମୃତ ମିଡିଆ):** ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ, ଗଞ୍ଜାମ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୬ ଅବସରରେ ଆଜି ଛତ୍ରପୁର ବ୍ଲକସ୍ଥିତ ସୁଭଦ୍ରା ଶକ୍ତି କେନ୍ଦ୍ରଠାରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ମୋହନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଜାତ ଶିଶୁଙ୍କୁ ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରାଇବା, ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ପ୍ରଦାନ କରିବା ଏବଂ ଦୁଇ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ସମ୍ପୂରକ ଖାଦ୍ୟ ସହ ସ୍ତନ୍ୟପାନ ଜାରି ରଖିବାର ଉପକାରିତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ପ୍ରକଳ୍ପ ଅଧିକାରୀ ଡି. ନାଗରତ୍ନମ୍, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଏସ୍. ରାଜେଶ୍ୱରୀ, ଗଞ୍ଜାମ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ ସଲିଲା ପ୍ରଧାନ, ଜିଲ୍ଲା ପୁଷ୍ଟି ସଂଯୋଜକ ଅମିତ କୁମାର ତ୍ରିପାଠୀ, ୟୁନିସେଫ୍‌ର ଜିଲ୍ଲା ସଂଯୋଜକ ଦେବବ୍ରତ ମହାନ୍ତ, ଜିଲ୍ଲା ସହକାରୀ ପୁଷ୍ଟି ସଂଯୋଜକ ସୁବ୍ରତ କୁମାର ଦାଶ ଏବଂ ଲିଙ୍ଗ ସମାନତା ବିଶେଷଜ୍ଞ (ସମ୍ବଲ) ସମୀର କୁମାର ପାତ୍ର ଉପସ୍ଥିତ ରହି ସ୍ତନ୍ୟପାନର ଗୁରୁତ୍ୱ, ମା' ଓ ଶିଶୁର ସୁସ୍ଥତା ତଥା ପୁଷ୍ଟି ସୁରକ୍ଷା ସମ୍ପର୍କରେ ସଚେତନତାମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛତ୍ରପୁର ଓ ଗଞ୍ଜାମ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ ମହିଳା ପର୍ଯ୍ୟବେକ୍ଷିକାଙ୍କ ସହ ପାଞ୍ଚଜଣ ଗର୍ଭବତୀ ମହିଳା ଏବଂ ପାଞ୍ଚଜଣ ସ୍ତନ୍ୟଦାନକାରୀ ମା' ଅଂଶଗ୍ରହଣ କରିଥିଲେ। ମା' କ୍ଷୀରର ପୁଷ୍ଟିଗୁଣ, ଶିଶୁର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି, ମାତୃ ସ୍ୱାସ୍ଥ୍ୟର ସୁରକ୍ଷା ଏବଂ ସମାଜରେ ସ୍ତନ୍ୟପାନ ପ୍ରତି ସକାରାତ୍ମକ ପରିବେଶ ସୃଷ୍ଟି ନିମନ୍ତେ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତେ 'ସୁସ୍ଥ ମା'-ସୁସ୍ଥ ଶିଶୁ; ମା' କ୍ଷୀର ହିଁ ଶିଶୁର ଶ୍ରେଷ୍ଠ ଆହାର' ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ସଚେତନତା କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ବନ୍ୟାବିପନ୍ନଙ୍କୁ 'ରନ୍ ହସ୍ପିଟାଲ'ର ଆର୍ଥିକ ସହାୟତା



**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁରର ବୈତରଣୀ ନଦୀର ରିଙ୍ଗ ରୋଡ଼ ଘାଇ ଯୋଗୁଁ ବନ୍ୟା ବିପନ୍ନ ହୋଇଥିବା ମୁଖି ସାହି ଓ ଆଖପାଖ ଅଞ୍ଚଳର କ୍ଷତିଗ୍ରସ୍ତ ପରିବାରଙ୍କୁ ଗୁରୁବାର ଦିନ 'ରନ୍ ହସ୍ପିଟାଲ' ପକ୍ଷରୁ ମାନବିକତାର ହାତ ବଢ଼ାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ହସ୍ପିଟାଲ ଅଧ୍ୟକ୍ଷ ନଟବର ରାଣାଙ୍କ ସାନଭାଇ ତଥା ୭ ନଂ ୱାର୍ଡ କାଉନସିଲର କୃଷ୍ଣ ଚନ୍ଦ୍ର ରାଣାଙ୍କ ଦ୍ୱାରା ଏହି ସହାୟତା ପ୍ରଦାନ କରାଯାଇଛି । ସହାୟତା ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୪ ନଂ ୱାର୍ଡ ମୁଖି ସାହିର ପତୁ ମୁଖି, ମାଳତୀ ମୁଖି, ଝରଣା ମୁଖି, ପ୍ରଶାନ୍ତ ମୁଖି, ମଞ୍ଜୁ ଦଳେଇ, ଆକାଶ ଦଳେଇ, ରଞ୍ଜୁ ମୁଖି, କୁମୁଦୁନୀ ଦଳେଇ । ସେହିପରି ବନ୍ୟାରେ ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗି ବାସହରା ହୋଇଥିବା କୃପାସିନ୍ଧୁ ସିଂ ଏବଂ ତିନୋଟି ଗାଈ ଓ ଆଠଟି ଛେଳି ମୃତ୍ୟୁବରଣ କରିବା କାରଣରୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଜୟନ୍ତ ଦାସଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୯ ନଂ ୱାର୍ଡ କାଉନସିଲର ସନତ କର, ବାପି ରାଣା, ପିଙ୍କୁଲ ରାମ, ଗୁବୁଲ ରାଜ, ବିକାଶ ଜେନା, ଟିଟୁ ପତି ଏବଂ ହରେକୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରଣ ନେଇ ନ ଥିବା, ପଞ୍ଜୀକରଣ କରି ନ ଥିବା ଚାଷୀଙ୍କୁ ମିଳୁନି ୟୁରିଆ ସାର୍

# ପାଣିର ଅଭାବରୁ ବହୁ ଜମି ଏବେ ବି ପଡିଆ

**ବେଗୁନିଆପଡା (ଅମୃତ ମିଡିଆ):** ଲଗାଣ ବର୍ଷା ରେ ଚାଷୀ ବେଶ ଖୁସି ଅନୁଭବ କରିବା ସହ ଚାଷ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ଧାନ ରୁଆ କାର୍ଯ୍ୟ ମଧ୍ୟ ଜୋରସୋର ରେ ଚାଲିଛି କିନ୍ତୁ ଚାଷୀଙ୍କୁ ଘାରିଛି ୟୁରିଆ ସାର ଚିନ୍ତା। ସରକାରଙ୍କ ତରଫରୁ ୟୁରିଆ ସାର ରିହାତି ଦରରେ ମିଳୁଥିବା ବେଳେ ବେଗୁନିଆପଡା ବ୍ଲକ ଓ କୋଦଳା ଏନଏସି ରେ ବହୁତ ଚାଷୀ ଏହି ସାର ପାଇବାରୁ ବଂଚିତ ହୋଇଛନ୍ତି। ଚାଷୀଙ୍କ ସକାଶେ ହୋଇଥିବା ନିୟମ ଅନୁସାରେ ସେବା ସମବାୟ ସମିତିରୁ ଯେଉଁ ଚାଷୀ ରଣ ନେଇଥିବ ଓ ଯେଉଁ ଚାଷୀ ନିଜ ନାମ ମଣ୍ଡି ପାଇଁ ପଞ୍ଜିକରଣ କରିଥିବେ ସେମାନଙ୍କୁ ହିଁ ଏହି ୟୁରିଆ ସାର ରିହାତି ଦରରେ ମିଳୁଛି କିନ୍ତୁ ଅନ୍ୟ ଚାଷୀ ମାନେ ଏହି ସାର ପାଇବାରୁ ବଂଚିତ ହେଉଛନ୍ତି ଯାହା ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଧାନ ଗଛ ବଢିବା ସମୟରେ ଏହି ସାର ପ୍ରୟୋଗର ଆବଶ୍ୟକତା ରହିଥିବା ବେଳେ ଚାଷୀ ଏହା ନପାଇ ଚିନ୍ତାରେ ଅଛନ୍ତି। ସରକାରୀ ଦର ଅନୁସାରେ ୟୁରିଆ ସାରର ଦର ବସ୍ତା ପ୍ରତି ୨୬୬ ଟଙ୍କା ୫୦ ପଇସା ଥିବା ବେଳେ ଘରୋଇ ଦର ୭୫୦ ଟଙ୍କା ରହିଛି। ସେହିପରି ଗ୍ରୋମର ର ସରକାରୀ ଦର ୧୮୫୦ ଟଙ୍କା ଥିବା ବେଳେ ଘରୋଇ ଦର ୨୭୫୦ ଟଙ୍କା ରହିଛି। ଅପର ପକ୍ଷରେ ଡି ଏ ପି ସାର ଦର ବସ୍ତା ପ୍ରତି ସରକାରୀ ଦର ୧୩୫୦ ଟଙ୍କା ଥିବା ବେଳେ ଘରୋଇ ଦର ୨୧୫୦/- ରୁ ୨୨୦୦/- ଟଙ୍କା ରହିଛି। ଫଳରେ ଚାଷୀଙ୍କୁ ଯଦି ସରକାରୀ ସାର ନମିଳେ ତେବେ ଆର୍ଥିକ ସ୍ତରରେ କ୍ଷତିଗ୍ରସ୍ତ ହେବେ ବୋଲି ଚାଷୀ ମାନେ କ୍ଷୋଭକ୍ତି ପ୍ରକାଶ କରିଛନ୍ତି।ବେଗୁନିଆପଡା ବ୍ଲକ ଓ କୋଦଳା ଏନ ଏ ସି ରେ ମୋଟବ୍ଲକର ମୋଟ ୧୮୦୮୦ ହେକ୍ଟର ଜମିରୁ ୧୩୩୨୪ ହେକ୍ଟର ଜମି ଜଳସେଚିତ ହୋଇଥିବା ବେଳେ ୪୭୨୬ ହେକ୍ଟର ଜମି ଅଣ ଜଳସେଚିତ ଅଟେ। କିନ୍ତୁ ଚଳିତ ବର୍ଷ ୧୧୦୦୦ ଜମିରେ ଧାନ ଚାଷ କରାଯାଇ ଅନ୍ୟ ଜମିରେ ଡାଲି ଜାତୀୟ ଫସଲ କରିବାକୁ ବିଭାଗ ଆଶା ରଖିଛି। ଏହି ଜଳସେଚିତ ଜମି ଗୁଡିକ ମଧ୍ୟରୁ ଶାଳିଆ କେନାଲ ଦ୍ୱାରା ୨୦୦୦ ହେକ୍ଟର ଜମି ଜଳସେଚିତ ହେଉଥିବା ବେଳେ ଆଉ ୧୧୩୨୪ ହେକ୍ଟର ଜମି ନଦୀ ଜଳ ଓ ଉଠା ଜଳସେଚନ ଉପରେ ନିର୍ଭର କରିଥାଏ କ୍ଷ ଏହା ସହିତ ବର୍ଷା ଦିନେ ଏ ସବୁ ଜଳସେଚିତ ଜମି ସହିତ ୪୭୨୬ ହେକ୍ଟର ଜମି ବର୍ଷା ଧାରା ଉପରେ ନିର୍ଭର କରିଥାଏ।ଏହି ବ୍ଲକର ଖାଲୁଆ ଜମିରେ ବର୍ତ୍ତମାନ ପାଣି ଜମି ରହିଥିବା ବେଳେ ଢ଼େପ ଜମିରେ ପାଣି ରହୁନି ଯାହା ଫଳରେ ଏହି ଜମି ଗୁଡିକ ଅଧିକ ବର୍ଷା ଜଳ ଆବଶ୍ୟକ କରୁଛି।

**ଚିନ୍ତାରେ ଧାନଚାଷୀ**

ବ୍ଲକର ତାଳସର, ବଡ ଖଇର ଖମା, ଅଙ୍ଗାର ଗାଁ, ସୁମଣ୍ଡଳ, ଚିଙ୍ଗୁଡ଼ି ଖୋଲ, ଚନ୍ଦନପୁର, କେ ବରିଡା, ମର୍ଦ୍ଦକୋଟ, ମର୍ଦ୍ଦମେଖ, ସାନ ଉସ୍ତାପଡା, ବେରୁହାଁବାଡ଼ି, ଫାଶୀ, ଦିଗାପଡ଼ା, ବେଗୁନିଆପଡା, ସାଙ୍କୁଡ଼ା , ଷଣ୍ଢମୂଳ, ଖଣ୍ଡିଆନଈ, ଘୋଡାପଡ଼ା,ମଠ ସରସିଂ, ଏସ ଛଟିନା, କାଳୀମେଘି, କୁମ୍ଭାର ଗାଁ, ସମେତ କୋଦଳା ରେ ବର୍ତ୍ତମାନ ଚାଷ କାମ ଦ୍ରୁତ ଗତିରେ ଆଗେଇ ଚାଲିଥିବା ବେଳେ ଅନେକ ସ୍ଥାନରେ ଧାନ ହଳଦିଆ ପଡି ଆସିଲାଣି। ସେପଟେ ବର୍ଷା ବେଶୀ ହେଲେ କେ ବରିଡା ନିକଟସ୍ଥ ପଟା ଶଙ୍ଖ ପାର୍ଶ୍ୱ ଜମି ଓ କୋଦଳା ଖରଖରୀ ନିକଟସ୍ଥ ବିଲ ଗୁଡିକରେ ପାଣି ଧାନ ଫସଲ ଗୁଡିକୁ ବୁଡାଇ ନଷ୍ଟ କରିଦେବାର ଆଶଙ୍କା ରହିଛି। ଏଣୁ ପାଣି ବଢିବା ଆଗରୁ ସାର ପକାଇବାର ଆବଶ୍ୟକତା ରହିଛି। ସେପଟେ ତରଳ ଡି ଏ ପି ସାର ଆସିଥିବା ବେଳେ ଏହାକୁ ଚାଷୀ କିପରି ସିଞ୍ଚନ କରିବେ ସେଥି ପ୍ରତି ଚିନ୍ତାରେ ଅଛନ୍ତି। ଏଣୁ ସମସ୍ତ ଚାଷୀଙ୍କୁ ସରକାରୀ ସାର ଯୋଗାଇଦେବା ପାଇଁ ଚାଷୀ ମାନେ ଦାବୀ କରିଛନ୍ତି।

# ବୃଦ୍ଧ ନିଖୋଜ ନେଇ ଥାନାରେ ଅଭିଯୋଗ

**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକ ବାଲିସାହିପାଟଣା ପଂଚାୟତ ମଧୁପୁର ଗ୍ରାମର ବ୍ରଜବନ୍ଧୁ ନାୟକ(୬୭) ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ବ୍ରଜବନ୍ଧୁଙ୍କ ପୁତ୍ର ବିକାଶ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଚଳିତ ମାସ ୨ତାରିଖ ଦିନ ସକାଳେ ଘର ପାଖରୁ କେଉଁ ଆଡକୁ ଚାଲି ଯାଇଛନ୍ତି । ସେ ଗଲା ବେଳେ କଳା ରଙ୍ଗର ପ୍ୟାଂଟ ଓ ଧଳା ରଙ୍ଗର ଟି-ସାର୍ଟ ପିନ୍ଧିଥିଲେ । ବନ୍ଧୁ ବାନ୍ଧବ, ସଂପର୍କୀୟ ଓ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇବା ପରେ



ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

# ଓଡ଼ିଶାର ପ୍ରଥମ ରେଳ ଷ୍ଟେସନ 'ବ୍ରହ୍ମପୁର' ପାଇଁ ଘୋଷିତ ୩୦ କୋଟି ତୁରନ୍ତ ପ୍ରଦାନ ଦାବି

**ବ୍ରହ୍ମପୁର (ଅମୃତ ମିଡିଆ):** ଓଡ଼ିଶାରେ ରେଳ ଯୁଗର ସୂତ୍ରପାତ ହୋଇଥିବା ଐତିହାସିକ ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ମାନରେ ପୁନଃ ନିର୍ମାଣ କରିବା ଦାବିରେ ଆଜି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଆଜି ଇମେଲ ମାଧ୍ୟମରେ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ରାଜ୍ୟ ମୁଖ୍ୟମନ୍ତ୍ରୀ, ପରିବହନ ବିଭାଗ ସଚିବ , ଆରଡିସି ଓ ଜିଲ୍ଲାପାଳଙ୍କୁ ଅବଗତି ନିମନ୍ତେ ପଠା ଯାଇଛି।

୧୮୯୬ ମସିହାରେ ଇଷ୍ଟ କୋଷ୍ଟ ଷ୍ଟେଟ ରେଲୱେ ଦ୍ୱାରା ପ୍ରତିଷ୍ଠିତ ଏହି ୧୨୮ ବର୍ଷର ପୁରୁଣା ଷ୍ଟେସନ ଆଜି ମଧ୍ୟ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ଲାଇଫଲାଇନ୍ ପାଲଟିଛି। ପ୍ରତିଦିନ ୫୦,୦୦୦ରୁ ଅଧିକ ଯାତ୍ରୀ ଏବଂ ୧୦୦ରୁ ଅଧିକ ଟ୍ରେନ୍ ଏଠାରୁ ଯାତାୟତ କରନ୍ତି। ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଏବଂ କୋରାପୁଟ ଭଳି ୫ ଟି ଜିଲ୍ଲାର ଲକ୍ଷ ଲକ୍ଷ ଲୋକ ଏହି ଷ୍ଟେସନ ଉପରେ ନିର୍ଭରଶୀଳ, କିନ୍ତୁ ପରିତାପର ବିଷୟ ଯେ, ଏତେ ଗୁରୁତ୍ୱ ସତ୍ତ୍ୱେ ମଧ୍ୟ ବର୍ତ୍ତମାନର ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ ଜର୍ଜରିତ ଓ ସମସ୍ୟାଗତ। ସଂକୀର୍ଣ୍ଣ ପ୍ଲାଟଫର୍ମ, ପର୍ଯ୍ୟାପ୍ତ ଶୌଚାଳୟ, ପାନୀୟ ଜଳ ଏବଂ ଆଧୁନିକ ସୁବିଧାର ଅଭାବ ହେତୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନେଶ୍ୱର, କଟକ, ସମ୍ବଲପୁର ଷ୍ଟେସନ ବିକାଶ ହେଉଥିବା ବେଳେ ଓଡ଼ିଶାର ପ୍ରଥମ ଷ୍ଟେସନ ଅବହେଳିତ ରହିଛି। ଏ ପରିପ୍ରେକ୍ଷୀରେ କମିଟିର ମୁଖ୍ୟ ଦାବି: ବ୍ରହ୍ମପୁର ଷ୍ଟେସନକୁ ତୁରନ୍ତ ଅମୃତ ଭାରତ ଷ୍ଟେସନ ଯୋଜନା ରେ ଅନ୍ତର୍ଭୁକ୍ତ କରିବା, ଷ୍ଟେସନ ପାଇଁ ପୂର୍ବରୁ ଘୋଷିତ ୩୦୦ କୋଟି ଟଙ୍କା ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ତୁରନ୍ତ ପ୍ରଦାନ କରିବା। ଭିଜନ-୨୦୩୦ ଅନୁଯାୟୀ ତାରାତାରିଣୀ ମନ୍ଦିର ଶୈଳୀ, ବ୍ରହ୍ମପୁରୀ ଶାଢି ଏବଂ ଗୋପାଳପୁର ସମୁଦ୍ର ଥିମ୍ ସହ ଏକ ଆଇକନିକ୍ ଟର୍ମିନାଲ୍ ନିର୍ମାଣ କରିବା।

ପ୍ରସ୍ତାବିତ ମୁଖ୍ୟ ସୁବିଧା, ଭିତ୍ତିଭୂମି: ୫ ଟି ନୂଆ ପ୍ଲାଟଫର୍ମ, ଚଉଡା ରଙ୍ଗଇ, ସ୍କାଏୱାକ୍, ସୌର ଶକ୍ତି ଚାଳିତ ଷ୍ଟେସନ, ସ୍ମାର୍ଟ ସ୍ୱୋ : ଇଉ ଲାଉଞ୍ଜ, କ୍ୟାପସୁଲ୍ ହୋଟେଲ୍, ଫୁଡ୍ କୋର୍ଟ, ଡିଜିଟାଲ୍ ଡିସ୍ପ୍ଲେ, ମାଗଣା ୱସ-ରସ ସୁଗମତା : ସମସ୍ତ ପ୍ଲାଟଫର୍ମରେ ଲିଫ୍ଟ ଓ ଏସ୍କାଲେଟର, ଦିବ୍ୟାଙ୍ଗ ବାନ୍ଧବ ସୁବିଧା, ୨୪ଘ୭ ସିସିଟିଭି, ସଂଯୋଗ: ସିଟି ବସ୍ ଷ୍ଟାଣ୍ଡ ସହ ସିଧା ସ୍କାଏୱାକ୍ ଏବଂ ବ୍ରହ୍ମପୁର ସ୍ମାର୍ଟ ସିଟି ସହ ସମନ୍ୱୟ ସେହିପରି ପୂର୍ବ ପଦକ୍ଷେପ ସମ୍ପର୍କରେ ସୂଚନ ଦେଇ କମିଟିର ସଭାପତି ଶ୍ରୀ ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି ଯେ, 'ଆମେ ଗତ ୧୦.୦୨.୨୦୨୬ ରେ ବ୍ରହ୍ମପୁର ଷ୍ଟେସନ ଆଧୁନିକୀକରଣ, ଗୋପାଳପୁର-ରେଢ଼ାଖୋଲ ରେଳ ଲାଇନ ଏବଂ ଶୀତଳାପଲ୍ଲୀ ଠାରେ ବନ୍ଦେ ଭାରତ କୋଚ୍ ଫ୍ୟାକ୍ଟ୍ରି ନିର୍ମାଣ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ସ୍ମାରକପତ୍ର ଦେଇଥିଲୁ। ରାଜ୍ୟ ସରକାର ଏହାକୁ ରେଲୱେ ବୋର୍ଡ଼କୁ ପଠାଇ ସାରିଛନ୍ତି। କିନ୍ତୁ ଏବେ ପର୍ଯ୍ୟନ୍ତ 'ଅନୁଧ୍ୟାନ' ଚାଲିଛି। ଆମେ ଅନୁଧ୍ୟାନ ଚାହୁଁନୁ, ତୁରନ୍ତ ନୀତିଗତ ନିଷ୍ପତ୍ତି ଏବଂ ୩୦୦ କୋଟି ଟଙ୍କା ମୁକ୍ତି ଚାହୁଁଛୁ। ବ୍ରହ୍ମପୁର ଷ୍ଟେସନର ବିକାଶ ହେଲେ ସମଗ୍ର ଦକ୍ଷିଣ ଓଡ଼ିଶାର ଅର୍ଥନୀତି, ଶିକ୍ଷା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନୂଆ ଯୁଗ ଆସିବ। ଏହି ଅବସରରେ କମିଟି ତରଫରୁ ଷ୍ଟେସନର ପ୍ରସ୍ତାବିତ ଭିଜନ-୨୦୩୦ ମଡେଲ୍ ର ସମ୍ମୁଖ ଦୃଶ୍ୟ ମଧ୍ୟ ଉନ୍ମୋଚନ କରାଯାଇଛି।

# କଲେଜ ଛାତ୍ରକୁ ମାଡ଼, ଅପହରଣ ଘଟଣାରେ ୩ ଅଟକ

**ରାଜନଗର (ଅମୃତ ମିଡିଆ):** ଜଣେ କଲେଜ ଛାତ୍ରକୁ ତାର କିଛି ସହପାଠି ଓ କିଛି ଦୁର୍ବୃର୍ତ ମାଡ ମାରିବା ସହ ଅପହରଣ କରି ନେଇଥିବା ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ଗ୍ରାମାଂଚଳ ଥାନା ପୋଲିସ ତିନିଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି । ସବୁଠାରୁ ବଡକଥା ହେଲା, ସଂପୃକ୍ତ ନାବାଳକ ଛାତ୍ର ଜଣକ ତିନିଦିନ ହେବ ଘରକୁ ଫେରିନାହିଁ କିମ୍ବା ତାର କୌଣସି ଖବର ମିଳୁନାହିଁ । ରାଜନଗର ବ୍ଲକ କୁରୁଂଟି ପଂଚାୟତ ପଶ୍ଚିମଭେଡା ଗ୍ରାମର ସୂର୍ଯ୍ୟକାନ୍ତ ମଳିକଙ୍କ ସ୍ତ୍ରୀ ଡଲି ମଳିକ ଗ୍ରାମାଂଚଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ନାବାଳକ ପୁଅ ମାମୁଁ ଘର ବନ୍ଧପଡା ପଂଚାୟତ ଗୋବିନ୍ଦପୁର ଗାଁରେ ଦେଢବର୍ଷ ହେବ ରହି ମଦନପୁରସ୍ଥିତ ୟୁକେ ମହାବୀର ମହାବିଦ୍ୟାଳୟରେ +୨ ଶ୍ରେଣୀରେ ପଢୁଛି । ତିନିଦିନ ହେବ ସେ ତା ମାମୁଁ ଘରୁ ପ୍ରତିଦିନ ପରି କଲେଜକୁ ଯାଇ ଆଉ





ଫେରିନାହିଁ । ଖୋଜାଖୋଜି କରୁଥିଲେ ମଧ୍ୟ ତାର ଖବର ମିଳିନଥିଲା । ମାତ୍ର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହୋଇଛି । ଯେଉଁଥିରେ ମୋ ପୁଅକୁ ତାର କିଛି ସହପାଠି ଓ କିଛି ଦୁର୍ବୃତମାନେ ମିଳିତ ଭାବେ ସଂସାରଫଳ ମଦ ଦୋକାନ ନିକଟରେ ବିଧା ଗୋଇଠା ମାରୁଥିବା ଦେଖିବାକୁ ପାଇଲୁ । ପୋଲିସ ତାଙ୍କ ଅଭିଯୋଗ ଆଧାରରେ ୪୦୪/୨୬ରେ ମାମଲା ରୁଜୁ କରିବା ସହ ତିନିଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି । ଏନେଇ ଏସଡିପିଓ ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ରାଜନଗର ବ୍ଲକ ପଶ୍ଚିମଭେଡା ଗ୍ରାମର ଡଲି ମଳିକ ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନାରେ ମଦନପୁର କଲେଜରେ ପଢୁଥିବା ତାଙ୍କ ପୁଅକୁ ତାର କିଛି ସହପାଠି ଓ ଦୁର୍ବୃର୍ତମାନେ ମାଡ ମାରିବା ନେଇ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାରେ ତିନିଜଣଙ୍କୁ ଅଟକ ରଖିଛି । ଖୁବଶିଘ୍ର ତାଙ୍କ ପୁଅକୁ ଉଦ୍ଧାର କରାଯିବା ସହ ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ।

## ସ୍କୁଲ-କଲେଜ କର୍ମଚାରୀଙ୍କ ମିଳିତ ଦାବିପତ୍ର

**ପୁରୀ (ବ୍ୟୁରୋ):** ୪ଟି ଦାବି ନେଇ ଗୋପ ବ୍ଲକ ସ୍କୁଲ, କଲେଜ, ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତ,ପୁରୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି । ଗୋପ ନିକଟସ୍ଥ କୁଶଭଦ୍ରା ସେତୁ ନିକଟରୁ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ । ଓଷ୍କାର ଗୋପ ବ୍ଲକ ସମ୍ପାଦକ ରାମକୃଷ୍ଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ସଭାପତି ମହେନ୍ଦ୍ର କୁମାର ପାଢ଼ୀ, ଶିକ୍ଷକ ନେତା ପ୍ରସନ୍ନ କୁମାର କର, କୃପାସିନ୍ଧୁ ବିଶ୍ୱାଳ, ଗିରିଜା ଶଙ୍କର ମୁଦୁଲି, ମକରଧ୍ୱଜ ବେହେରା, ରାଜଲକ୍ଷ୍ମୀ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଗୁଣାତ୍ମକ ଶିକ୍ଷା, ସରକାରୀସ୍ତରରେ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ କରିବା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାବି ପ୍ରସଙ୍ଗ ଉତ୍ଥାପନ କରାଯାଇଥିଲା । ସରକାର ଆମ ଦାବି ନ ଶୁଣିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବୁ ବୋଲି ସେମାନେ କହିଥିଲେ । ପରେ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ । ଆସନ୍ତା ୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଓଷ୍କା ସମ୍ପାଦକ ରାମକୃଷ୍ଣ ମହାନ୍ତି କହିଛନ୍ତି ।

### ୧୨୮ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା

## ଆତ୍ମସମ୍ମାନ, ଆସ୍ଥା ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଅପାର ଭକ୍ତିର ନିଦର୍ଶନ




**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧିକାର ପୁନଃସ୍ଥାପନ ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ପଦଯାତ୍ରା ଆଜି କ୍ରମାଗତ ୧୨୮ତମ ଦିନରେ ପହଞ୍ଚିଛି । ଉତ୍କଳ ଦିବସରୁ ଆରମ୍ଭ ହୋଇଥିବା ଏହି ଅହିଂସାପୂର୍ଣ୍ଣ ଜନ ଆନ୍ଦୋଳନ ଆଜି କେବଳ ପୁରୀବାସୀଙ୍କ ଦାବିର ପ୍ରତୀକ ନୁହେଁ, ବରଂ ଗଣତନ୍ତ୍ରରେ ସତ୍ୟ, ସଂଯମ ଓ ନୈତିକ ସଂଘର୍ଷର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତରେ ପରିଣତ ହୋଇଛି । ଚାରି ମାସରୁ ଅଧିକ ସମୟ ଧରି ଶାନ୍ତି, ଶୃଙ୍ଖଳା ଓ ଅହିଂସାର ପଥରେ ଚାଲୁଥିବା ଏହି ସତ୍ୟାଗ୍ରହ ଆଜି ମଧ୍ୟ ସମାନ ଦୃଢ଼ତାର ସହ ଆଗେଇ ଚାଲିଛି । ପୁରୀବାସୀଙ୍କ ଦାବି ସରଳ, ନ୍ୟାୟସଙ୍ଗତ ଏବଂ ଐତିହାସିକ— ନିଜ ସହରରେ ମହାପ୍ରଭୁଙ୍କୁ ପୂର୍ବପରି ସହଜରେ ଦର୍ଶନ କରିବାର ଅଧିକାର ପୁନଃସ୍ଥାପିତ ହେଉ । କିନ୍ତୁ ଏହି ଦୀର୍ଘ ସମୟ ମଧ୍ୟରେ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସକାରାତ୍ମକ ପଦକ୍ଷେପ ଦୃଶ୍ୟମାନ ହୋଇନାହିଁ, ଯାହା ପୁରୀବାସୀଙ୍କ ମନରେ ଗଭୀର ବେଦନା ଓ କ୍ଷୋଭ ସୃଷ୍ଟି କରିଛି । ପଦଯାତ୍ରୀ ସତ୍ୟାଗ୍ରହୀମାନଙ୍କ ମତରେ, ଏହି ଆନ୍ଦୋଳନ କୌଣସି ବ୍ୟକ୍ତି, ସଂସ୍ଥା କିମ୍ବା ସରକାର ବିରୋଧରେ ନୁହେଁ । ଏହା ହେଉଛି ନ୍ୟାୟ, ପରମ୍ପରା ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଏକ ଶାନ୍ତିପୂର୍ଣ୍ଣ ସଂଗ୍ରାମ । ଯେଉଁ ଭୂମିର ପ୍ରତ୍ୟେକ କଣିକାରେ ମହାପ୍ରଭୁଙ୍କ ସ୍ମୃତି ଓ ପରମ୍ପରା ବଞ୍ଚି ରହିଛି, ସେହି ପୁରୀର ଲୋକଙ୍କୁ ନିଜ ଆରାଧ୍ୟ ଦେବତାଙ୍କ ଦର୍ଶନ ପାଇଁ ସଂଘର୍ଷ କରିବାକୁ ପଡ଼ିବା ଅତ୍ୟନ୍ତ ବେଦନାଦାୟକ । ଆଜିର ପଦଯାତ୍ରା ଶେଷରେ ସମସ୍ତ ସତ୍ୟାଗ୍ରହୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରି କହିଥିଲେ— 'ହେ ପତିତପାବନ ! ଆମ ହୃଦୟରେ ସତ୍ୟର ଆଲୋକ ଓ ଅହିଂସାର ଶକ୍ତିକୁ ସଦା ଜାଗ୍ରତ ରଖ । ଆମର ଏହି ନୀରବ ପ୍ରାର୍ଥନା ଓ ସଂଘର୍ଷ ଶୀଘ୍ର ନ୍ୟାୟରେ ପରିଣତ ହେଉ । ପୁରୀବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ପୁନଃସ୍ଥାପିତ ହେଉ ଏବଂ ଶ୍ରୀକ୍ଷେତ୍ରର ଗୌରବ ଓ ପରମ୍ପରା ଅକ୍ଷୁଣ୍ଣ ରହୁ ।' ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଶିବସୁନ୍ଦର ମିଶ୍ର, ଚକ୍ରଧର ମହପାତ୍ର, ଯାଦବାନନ୍ଦ ରାୟ, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଶିଶିରକାନ୍ତ ଶତପଥୀ, ସନ୍ଧ୍ୟାରାଣୀ ମିଶ୍ର, ମମତା ଦାସ, ଅରୁଣା ପଟ୍ଟନାୟକ, ମମତା ସ୍ୱାଇଁ, ମନୋରଞ୍ଜନ ରଣସିଂହ, କିଶୋର ଚନ୍ଦ୍ର ଦାସ, ଗଦାଧର ମହାରଣା, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆନ୍ଦୋଳନ ପ୍ରତି ନିଜର ଦୃଢ଼ ସମର୍ଥନ ଜଣାଇଥିଲେ । ପଦଯାତ୍ରାର ଆବାହକ ଶ୍ରୀ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, 'ଆମର ଶକ୍ତି ହେଉଛି ସତ୍ୟ, ଆମର ଅସ୍ତ୍ର ହେଉଛି ଅହିଂସା ଏବଂ ଆମର ପ୍ରେରଣା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ପୁରୀବାସୀଙ୍କ ନ୍ୟାୟସଙ୍ଗତ ଓ ପରମ୍ପରାଗତ ଅଧିକାର ପୁନଃସ୍ଥାପିତ ନହେବା ପର୍ଯ୍ୟନ୍ତ ଏହି ନୀରବ ସତ୍ୟାଗ୍ରହ ଅହିଂସାର ପଥରେ ଅବିରତ ଜାରି ରହିବ । ସତ୍ୟକୁ ବିଳମ୍ବ କରାଯାଇପାରେ, କିନ୍ତୁ ପରାଜିତ କରାଯାଇପାରେ ନାହିଁ ।'

## ହିରୋସୀମା ଦିବସ ପାଳିତ




**ପୁରୀ (ବ୍ୟୁରୋ):** ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଇଣ୍ଟରନ୍ୟାସନାଲ୍ ଆସୋସିଏସନ୍ ଫର ଦ ଫ୍ୟୁଚର ଅଫ ହ୍ୟୁମାନିଟି ପକ୍ଷରୁ ୮୧ତମ ହିରୋସୀମା ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଡା. ସଦାନନ୍ଦ ମିଶ୍ରଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସ୍ୱର୍ଗତ ମିଶ୍ର ଙ୍କର ଏପରି ବିଶ୍ୱଶାନ୍ତିର ବିରଳତା ବିଷୟରେ ଆଲୋଚନା ହେବାସହ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ସକାଳ ୮ଟା ୧୩ ମିନିଟରେ ହିରୋସୀମା ଓ ନାଗାସାକିଠାରେ ପ୍ରାଣ ହରାଇଥିବା ନିରୀହ ଲୋକଙ୍କ ସ୍ମୃତିରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ସୂଚନା ଦିଆଯାଇଥିଲା ଯେ, ଆଜିଠାରୁ ଠିକ୍ ୮୧ ବର୍ଷ ପୂର୍ବେ, ୧୯୪୫ ମସିହା ଅଗଷ୍ଟ ୬ ତାରିଖ ସକାଳ ୮ଟା ୧୩ ମିନିଟରେ 'ଲିଟିଲ୍ ବୟ' ନାମକ ପୃଥିବୀର ପ୍ରଥମ ପରମାଣୁ ବୋମା ହିରୋସୀମା ଉପରେ ନିକ୍ଷେପ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦିକା ଅଳକାନନ୍ଦା ମିଶ୍ର ଓଇରଏର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ପ୍ରାରମ୍ଭରେ ଅଧ୍ୟାପକ ଡା. ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ଶାନ୍ତି ପ୍ରାର୍ଥନା କରିଥିଲେ । ପୁରୀ କନଭେଣ୍ଟ ବିଦ୍ୟାଳୟର ଛାତ୍ରୀ ଅସ୍କିତା ଚୌଧୁରୀ ଓ ସିଓନି ଚମ୍ପତି ବିଶ୍ୱ ଶାନ୍ତିର ଆବଶ୍ୟକତା ଏବଂ ହିରୋସୀମା ଉପରେ ପରମାଣୁ ବୋମା ନିକ୍ଷେପର ଭୟାବହ ପରିଣାମ ସମ୍ପର୍କରେ ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧକ୍ଷ ଡା. ଚିତ୍ତରଞ୍ଜନ ଦିବେଦୀ, ପୁରୀ ଓକିଲ ସଂଘର ସମ୍ପାଦକ ଶ୍ରୀ ଶରତ ରାଏଗୁରୁ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ସେଠୀ ଏବଂ ସମାଜସେବୀ ଚକ୍ରଧର ମହାପାତ୍ର ଯୋଗଦେଇ ବିଶ୍ୱ ଶାନ୍ତିର ଆବଶ୍ୟକତା, ଯୁଦ୍ଧର କୁପରିଣାମ ଏବଂ ପରମାଣୁ ଅସ୍ତ୍ର ଦୌଡ଼ ରୋକିବା ଉପରେ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସହ-ସମ୍ପାଦକ ତଥା ସମାଜସେବୀ ହେକ୍ଟର ମିଶ୍ର ଧନ୍ୟବାଦ ଅର୍ପଣ କରିବା ସହ ଆସନ୍ତା ବର୍ଷ ଲଳିତଗିରି ଠାରେ ବିଶ୍ୱ ଶାନ୍ତି ସମ୍ମିଳନୀ ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ ।

### ମୋବାଇଲ୍‌ରେ କଥାହୋଇ ଗାଡ଼ିଚାଳନା

## ପୋଲିସର ସ୍ୱତନ୍ତ୍ର ସଚେତନତା ଓ ଯାଞ୍ଚ ଅଭିଯାନ




**ପୁରୀ (ବ୍ୟୁରୋ):** ସଡ଼କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ସିଟି ସବଡିଭିଜନ ପକ୍ଷରୁ ଆଜି ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ମୋବାଇଲ୍ ଫୋନ୍ ବ୍ୟବହାର କରି ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ଏକ ସ୍ୱତନ୍ତ୍ର ଯାଞ୍ଚ ଓ ସଚେତନତା ଅଭିଯାନ ଚାଲିଥିଲା । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା ସଡ଼କ ଦୁର୍ଘଟଣାକୁ ରୋକିବା, ଦାୟିତ୍ୱବାନ ଯାନ ଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ପ୍ରତି ସଚେତନତା ବୃଦ୍ଧି କରିବା ।ଅଭିଯାନ ସମୟରେ ପୋଲିସ ଟିମ୍ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଓ ଛକରେ ଯାଞ୍ଚ କରିଥିଲେ । ଏହି ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରି ଗାଡ଼ି ଚଳାଉଥିବା ମୋଟ ୨୦ ଜଣ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।କୁମ୍ଭାରପଡ଼ା ଥାନା ୭ଟି ଗାଡ଼ି, ବଳିଆପଣ୍ଡା ଥାନା ୬ଟି ଗାଡ଼ି, ସି-ବିଚ୍ ଥାନା ୪ଟି ଗାଡ଼ି ଓ ଟାଉନ ଥାନା ୩ଟି ଗାଡ଼ି । ଯାଞ୍ଚ ସହିତ ସଚେତନତାକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଇଥିଲା । ଡ୍ୟୁଟିରେ ନିୟୋଜିତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଚାଳକମାନଙ୍କୁ ମୋବାଇଲ୍ ବ୍ୟବହାର କରି ଗାଡ଼ି ଚଳାଇବାର ବିପଦ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ । ସେମାନଙ୍କୁ କୁହାଯାଇଥିଲା ଯେ, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କଲେ ମାତ୍ର କିଛି ସେକେଣ୍ଡ ପାଇଁ ଧ୍ୟାନ ବିଚ୍ୟୁତ ହେବା ମଧ୍ୟ ଏକ ବଡ଼ ଦୁର୍ଘଟଣାର କାରଣ ହୋଇପାରେ । ଚାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା ଯେ, ଯଦି କୌଣସି ଜରୁରୀ କଲ୍ ଗ୍ରହଣ କରିବା କିମ୍ବା ମୋବାଇଲ୍ ବ୍ୟବହାର କରିବାର ଆବଶ୍ୟକତା ପଡ଼େ, ତେବେ ପ୍ରଥମେ ଗାଡ଼ିକୁ ସୁରକ୍ଷିତ ସ୍ଥାନରେ ଅଟକାଇ ତା'ପରେ ମୋବାଇଲ୍ ବ୍ୟବହାର କରନ୍ତୁ । ଚଳନ୍ତା ଗାଡ଼ିରେ ମୋବାଇଲ୍ ବ୍ୟବହାର କରିବା ଦ୍ୱାରା କେବଳ ନିଜ ଜୀବନ ନୁହେଁ, ଅନ୍ୟ ଯାନ ଚାଳକ, ପଥଚାରୀ ଓ ସହଯାତ୍ରୀଙ୍କ ଜୀବନ ମଧ୍ୟ ବିପଦରେ ପଡ଼ିପାରେ । ସଡ଼କ ଦୁର୍ଘଟଣାର ଏକ ପ୍ରମୁଖ କାରଣ ହେଉଛି ଚାଳକଙ୍କ ଅସାବଧାନତା । ବିଶେଷକରି ମୋବାଇଲ୍ ଫୋନ୍‌ରେ କଥାବାର୍ତ୍ତା, ମେସେଜ୍ ପଢ଼ିବା କିମ୍ବା ଟାଇପ୍ କରିବା, ସୋସିଆଲ୍ ମିଡିଆ ବ୍ୟବହାର କରିବା ଓ ଭିଡିଓ ଦେଖିବା ଭଳି କାର୍ଯ୍ୟକଳାପ ଚାଳକଙ୍କ ଧ୍ୟାନକୁ ସଡ଼କରୁ ହଟାଇଦିଏ, ଯାହା ଅନେକ ସମୟରେ ଗୁରୁତର ଦୁର୍ଘଟଣାର ରୂପ ନେଇଥାଏ । ପୁରୀ ପୋଲିସ ପକ୍ଷରୁ ସମସ୍ତ ଯାନ ଚାଳକଙ୍କୁ ଅନୁରୋଧ କରାଯାଉଛି ଯେ, ଟ୍ରାଫିକ୍ ନିୟମକୁ ସମ୍ମାନ କରନ୍ତୁ, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାରରୁ ବିରତ ରୁହନ୍ତୁ, ହେଲମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାର କରନ୍ତୁ, ନିର୍ଦ୍ଧାରିତ ବେଗ ସୀମା ମାନନ୍ତୁ ଏବଂ ସମସ୍ତ ଟ୍ରାଫିକ୍ ନିୟମ ପାଳନ କରନ୍ତୁ । ପୁରୀ ପୋଲିସ ସ୍ପଷ୍ଟ କରିଛି ଯେ, ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ସ୍ୱତନ୍ତ୍ର ଯାଞ୍ଚ ଓ ସଚେତନତା ଅଭିଯାନ ଆଗାମୀ ଦିନରେ ମଧ୍ୟ ନିୟମିତ ଭାବେ ଜାରି ରହିବ । ସଡ଼କ ସୁରକ୍ଷା କେବଳ ପୋଲିସର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସମ୍ମିଳିତ ଦାୟିତ୍ୱ । ସମସ୍ତଙ୍କ ସହଯୋଗରେ ହିଁ ଏକ ସୁରକ୍ଷିତ, ଶୃଙ୍ଖଳିତ ଓ ଦୁର୍ଘଟଣାମୁକ୍ତ ପୁରୀ ଗଢ଼ି ତୋଳା ସମ୍ଭବ । ପୁରୀ ପୋଲିସ ସମସ୍ତ ନାଗରିକଙ୍କୁ ନିବେଦନ କରୁଛି ।ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ନୁହେଁ, ସଡ଼କ ଉପରେ ଧ୍ୟାନ ଦିଅନ୍ତୁ । ଆପଣଙ୍କ ସତର୍କତା ଆପଣଙ୍କ ଏବଂ ଅନ୍ୟମାନଙ୍କ ଜୀବନକୁ ସୁରକ୍ଷିତ ରଖିପାରିବ ।

## ଖୋଲା ଆକାଶତଳେ ମହାବାହୁ

**ପୁରୀ (ବ୍ୟୁରୋ):** ମହାପ୍ରଭୁଙ୍କୁ ପୁଣି ଅସମ୍ମାନ । ଖୋଲା ଆକାଶ ତଳେ ବସିଛନ୍ତି ମହାପ୍ରଭୁ । ତାହା ପୁଣି ଆଉ କେଉଁଠି ନୁହେଁ, ଶ୍ରୀକ୍ଷେତ୍ରରେ ମହୋଦଧି କୂଳରେ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ସମୁଦ୍ର କୂଳର ଖୋଲା ଆକାଶ ତଳେ ପଡ଼ିରହିଛି । ତେବେ ଏହି ମୂର୍ତ୍ତି ସମୁଦ୍ରରେ ଭାସି ଆସିଥିବା ବେଳେ କେହି ବ୍ୟକ୍ତି ଏହାକୁ ସମୁଦ୍ର ବାଲି ଉପରେ ରଖି ଦେଇଥିବା ଚର୍ଚ୍ଚା ହେଉଛି । ମହାପ୍ରଭୁଙ୍କ

### ମହାପ୍ରଭୁଙ୍କୁ ପୁଣି ଅସମ୍ମାନ

ଖୋଲାଆକାଶ ତଳେ ବସିଛନ୍ତି ମହାପ୍ରଭୁ । ଯାହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଖବର ଅନୁଯାୟୀ, ପୁରୀ ସମୁଦ୍ର କୂଳରେ ଖୋଲା ଆକାଶ ତଳେ ମହାପ୍ରଭୁ । ମହାପ୍ରଭୁ ମୂର୍ତ୍ତୀକୁ ଏଭଳି ଖୋଲା ଆକାଶ ତଳେ ରଖିବାକୁ ନେଇ ଲୋକଙ୍କ ଭାବନାକୁ ଆଘାତ ଲାଗିଛି । ତୁରନ୍ତ ଏହି ମୂର୍ତ୍ତିକୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ଯଥାସ୍ଥାନରେ ରଖିବା ପାଇଁ ଦାବି ହୋଇଛି ।



## ଶ୍ରୀଜିଉଙ୍କ ବଡ଼ ମହାସ୍ନାନ



**ପୁରୀ (ବ୍ୟୁରୋ):** ଶ୍ରୀମନ୍ଦିରରେ ବଡ ମହାସ୍ନାନ । ଶ୍ରୀମନ୍ଦିର ଭିତର ବେଢ଼ାର ଚାଙ୍ଗଡ଼ା ଘର ନିକଟରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିର ପରମ୍ପରା ଓ ସେବାୟତଙ୍କ ସୂଚନା ଅନୁଯାୟୀ, ମନ୍ଦିର ପରିସରରେ କୌଣସି ପ୍ରକାରର ଅଶୌଚ କିମ୍ବା ଅପବିତ୍ରତା ଦେଖାଦେଲେ ବିଗ୍ରହ ଓ ମନ୍ଦିର ପରିସରକୁ ଶୁଦ୍ଧ କରିବା ପାଇଁ ମହାସ୍ନାନ କରାଯିବା ବିଧି ରହିଛି ।

## ଭକ୍ତଙ୍କ ପାଇଁ ଅବଢ଼ା ହେବ ସାତ ସପନ

### ଶ୍ରୀମନ୍ଦିରରେ ଜାଳେଣି ଅଭାବ



**ପୁରୀ (ବ୍ୟୁରୋ):** ସ୍ୱର୍ଗଦ୍ୱାରରେ କାଠ ଅଭାବ ପ୍ରସଙ୍ଗର ତନାଘନା ଚାଲିଥିବା ବେଳେ ଶ୍ରୀମନ୍ଦିର ରୋଷଘରେ ଜାଳେଣି କାଠର ଅଭାବ ଦେଖାଦେଇଛି । ପୂର୍ବରୁ ସୁଆରମହାସୁଆର ନିଯୋଗ ଏ ବାବଦରେ ଶ୍ରୀମନ୍ଦିର ପ୍ରଶାସନ ସହ ଗଜପତି ମହାରାଜାଙ୍କୁ ଅବଗତ କରାଇଛି । ହେଲେ କିଛି ଫଳ ହୋଇନାହିଁ । ଜାଳେଣି କାଠର ଘୋର ଅଭାବ ମହାପ୍ରସାଦ ରନ୍ଧାକୁ ପ୍ରଭାବିତ କରିବାକୁ ଯାଉଛି । ଆବଶ୍ୟକ ପରିମାଣ କାଠର ମାତ୍ର ଏକ ତୃତୀୟାଂଶ କାଠ ଯୋଗାଣ ହେଉଛି । ତିନିଦିନ ଭିତରେ ଏହି ଜାଳେଣି କାଠର ସମସ୍ୟା ସମାଧାନ ନହେଲେ ବରାଦି ଅବଢ଼ା ଆଉ ରନ୍ଧା ହେବ ନାହିଁ ବୋଲି ସୁଆରମହାସୁଆର ନିଯୋଗ ଚେତାବନୀ ଦେଇଛି । ଏଣୁ ପର୍ଯ୍ୟାପ୍ତ ପରିମାଣର କାଠ ନ ଯୋଗାଇଲେ ଭକ୍ତଙ୍କ ପାଇଁ ପ୍ରସ୍ତୁତ ହେଉଥିବା ମହାପ୍ରସାଦ ପ୍ରସ୍ତୁତି ଠପ୍ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି । ନିଯୋଗର ସୂଚନା ଅନୁଯାୟୀ ଶ୍ରୀମନ୍ଦିର ରୋଷଶାଳା ପାଇଁ ଦୈନିକ ୧୨୦ କ୍ୱିଣ୍ଟାଲ ଜାଳେଣି କାଠ ଆବଶ୍ୟକତା ଅଛି । ପର୍ବ ପର୍ବାଣୀ ସମୟରେ ଏହି ଆବଶ୍ୟକତା ୨୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଯାଉଛି । ହେଲେ ବନ ବିଭାଗ ପକ୍ଷରୁ ଦିନକୁ ମାତ୍ର ୩୫ କ୍ୱିଣ୍ଟାଲ କାଠ ମିଳୁଛି । ୨୦୨୪ରୁ ଏହି ବ୍ୟବସ୍ଥା ଲାଗୁ ହୋଇଛି । ବାଧ ହୋଇ ନିଯୋଗ ବାହାରୁ ଅଧିକ ଦରରେ କାଠ କିଣୁଛି । ତଥାପି ବରାଦ ଅନୁଯାୟୀ ମହାପ୍ରସାଦ ପ୍ରସ୍ତୁତ ହୋଇପାରୁନି । ପ୍ରତିଦିନ ଏଠାରେ ପ୍ରାୟ ୪୦ ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ ବା ବରାଦି ଅବଢ଼ା ପ୍ରସ୍ତୁତ ହୋଇଥାଏ । କାର୍ତ୍ତିକ ମାସ ଓ ବିଭିନ୍ନ ପର୍ବରେ ଏହି ସଂଖ୍ୟା ଦୁଇଗୁଣା ହୋଇଯାଏ । ମହାପ୍ରଭୁଙ୍କ ଦୈନିକ କୋଠ ଭୋଗ ପାଇଁ ଜାଳେଣି କାଠ ଶ୍ରୀମନ୍ଦିର ପ୍ରଶାସନ ଯୋଗାଉଥିବାରୁ ସେଥିରେ କୌଣସି ସମସ୍ୟା ନାହିଁ । କିନ୍ତୁ ଆନନ୍ଦ ବଜାରରେ ବିକ୍ରୟ ହେଉଥିବା ବରାଦି ମହାପ୍ରସାଦ ପାଇଁ କାଠ ସଂଗ୍ରହ ଦାୟିତ୍ୱ ସୁଆର ମହାସୁଆର ନିଯୋଗର ଏଣୁ ସେଠାରେ ହିଁ ସଙ୍କଟ ଦେଖାଦେଇଛି । ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, 'ସରକାର ଯଦି ୩ ଦିନ ମଧ୍ୟରେ ଆଲୋଚନା କରି ସମାଧାନ ନ କରନ୍ତି, ତେବେ ଆମେ ମହାପ୍ରସାଦ(ବରାଦି ଅବଢ଼ା) ରାନ୍ଧିବୁ ନାହିଁ । ଭକ୍ତମାନେ ମହାପ୍ରସାଦରୁ ବଞ୍ଚିତ ହେବ । ସରକାର କେବଳ କାର୍ତ୍ତିକ ମାସ ଓ ରଥଯାତ୍ରା ସମୟରେ ୫ ଦିନ ଆବଶ୍ୟକ ଅନୁଯାୟୀ କାଠ ଦେଉଛନ୍ତି । ପୂର୍ବରୁ ଆମେ ବେପାରୀଙ୍କ ଠାରୁ ବା ଖୋଲା ବଜାରରୁ କାଠ ଆଣୁଥିଲୁ, ତାକୁ ବି ବନ୍ଦ କରିଦିଆଯାଇଛି । ଲିଖିତ ଭାବେ କାଠ ଯୋଗାଣ ନିଶ୍ଚିତ ନ ହେଲେ ଆଗକୁ ଘୋର ସମସ୍ୟା ହେବ । ଜାଳେଣି ସଙ୍କଟ ଜାରି ରହିଲେ ଭକ୍ତଙ୍କ ଚାହିଦା ଅନୁଯାୟୀ ମହାପ୍ରସାଦ ମିଳିପାରିବ ନାହିଁ ବୋଲି ନିଯୋଗ ଆଶଙ୍କା ପ୍ରକଟ କରିଛି । ତେଣୁ ଯଥାଶୀଘ୍ର ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ସ୍ଥାୟୀ ସମାଧାନ କରନ୍ତୁ ବୋଲି ନିଯୋଗ ଦାବି କରିଛି । ସୂଚାଇ ଦିଆଯାଇପାରେ, କୋଠଭୋଗ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ପାଇଁ ପ୍ରସ୍ତୁତ ହୁଏ । ଏହି କୋଠ ଭୋଗପାଇଁ କାଠର ବ୍ୟବସ୍ଥା କରାଯାଇଛି । ଏଥିରେ କୌଣସି ସମସ୍ୟା ନାହିଁ । ବରାଦି ଅବଢ଼ାରେ କେଉଁଦିନ କେତେ ରନ୍ଧା ହେବ ସେ ନେଇ ସ୍ଥିର ନଥାଏ । ତା' ଛଡ଼ା ଶ୍ରୀମନ୍ଦିର ଭିତରେ ଝାଉଁ ବ୍ୟତୀତ ଅନ୍ୟ କୌଣସି କାଠ ଜାଳିବା ସମ୍ଭବ ନୁହେଁ । କାରଣ ପ୍ରବଳ ଧୂଆଁ ହେଲେ ସମସ୍ୟା ହୋଇଥାଏ । ମହାପ୍ରସାଦ ରାନ୍ଧି ବିକ୍ରି କରିବା କେବଳ ସୁଆରଙ୍କର ବେଉସା ନୁହେଁ, ବରଂ ରାଜ୍ୟର କୋଣ ଅନୁକୋଣରୁ ଶହଶହ ଲୋକ ଏହି ଅବଢ଼ା ପାଇବାକୁ ଅପେକ୍ଷା କରିଥାନ୍ତି । ଏହା ପ୍ରଭାବିତ ହେଲେ ବା ଚାହିଦାଠାରୁ କମ୍ ରନ୍ଧା ହେଲେ ଦର ବଢ଼ିବ ଏବଂ ସାଧାରଣ ଲୋକ ପ୍ରଭାବିତ ହେବେ । ଏଣୁ ଏଥିରେ ପ୍ରଶାସନ ହସ୍ତକ୍ଷେପ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି ।

## ନିରାଶ ମହିଳାଙ୍କ ଆତ୍ମାହୁତି ଚେତାବନୀ

**ପୁରୀ (ବ୍ୟୁରୋ):** ନିମାପଡ଼ା ଏସ୍‌ଏସି ଅନ୍ତର୍ଗତ ଅଣ୍ଡିଆସାହି ଗ୍ରାମର ନୀଳମଣି ସେଠୀ ନାମ୍ନୀ ମହିଳା ପ୍ରଶାସନଠାରୁ ନ୍ୟାୟ ନ ପାଇ ନିରାଶ ହୋଇପଡ଼ିଛନ୍ତି । ଦୀର୍ଘଦିନ ଧରି ନୀଳମଣି ବାରମ୍ବାର ସ୍ଥାନୀୟ ଥାନା, ତହସିଲ ଅଫିସ ଓ ଚକବନ୍ଦୀ ଅଫିସକୁ ଯାଇ ଅଭିଯୋଗ ଜଣାଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ଶୁଣୁନାହାନ୍ତି । ଫଳରେ ସେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ତାଙ୍କୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ନ୍ୟାୟ ନ ମିଳିଲେ ସେ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ନୀଳମଣି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ପୁରୀ ଜିଲାପାଳଙ୍କୁ ଲିଖିତଭାବେ ଅବଗତ କରିଥିବା କହିଛନ୍ତି । ନୀଳମଣି ଅଭିଯୋଗ ଆଣିଛନ୍ତି ଯେ, ତାଙ୍କର ଅଣ୍ଡିଆ ମୌଜାର ଓମ୍‌ଫେଡ୍ ଛକ ନିକଟ ସତ୍ୟସାଇ ନଗରରେ ଏକ ଘରଡିହ ରହିଛି । ସେଠାରେ ସେ ରହିବା ପାଇଁ ଘର ନିର୍ମାଣ କରିବାକୁ ପ୍ରସ୍ତୁତି ଚଳାଇଥିବାବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ବିଭିନ୍ନ ଆଳ ଦେଖାଇ ବାଧାସୃଷ୍ଟି କରୁଛନ୍ତି । ଏ ସମ୍ପର୍କରେ ନୀଳମଣି ବାରମ୍ବାର ସ୍ଥାନୀୟ ପୋଲିସ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ପାଇପାରିନାହାନ୍ତି । ପ୍ରଶାସନିକ ଅଧିକାରୀମାନେ କାଳ କ୍ଷେପଣ ନୀତି ଅବଲମ୍ବନ କରିଚାଲିଥିବା ନୀଳମଣି ଅଭିଯୋଗ କରିଛନ୍ତି ।

## ଶ୍ରୀଜିଉଙ୍କୁ ଦର୍ଶନ କଲେ ୟୁପି ମହିଳା କମିଶନ ଉପାଧ୍ୟକ୍ଷା



**ପୁରୀ (ବ୍ୟୁରୋ):** ଉତ୍ତର ପ୍ରଦେଶ ରାଜ୍ୟ ମହିଳା କମିଶନ ଉପାଧ୍ୟକ୍ଷା ଓ ଉତ୍ତରପ୍ରଦେଶ ବିଜେପିର ନେତ୍ରୀ ଅପର୍ଣ୍ଣା ଯାଦବ ପୁରୀଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ବେଢା ଭିତର ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିଛନ୍ତି । ଭାରତର ସନାତନ ଧର୍ମର ମହତ୍ୱ ଓ ଧର୍ମର ପ୍ରଚାର ଓ ପ୍ରସାର ସହ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ସବୁବେଳେ ଭାରତର ଲୋକ ମାନଙ୍କ ଉପରେ ଆଶୀର୍ବାଦ ରହିଛି । ଧାର୍ମିକ କ୍ଷେତ୍ର ଶ୍ରୀକ୍ଷେତ୍ର । ଏହି କ୍ଷେତ୍ରରେ ପାଦସ୍ପର୍ଶ କରି ସେ ଧନ୍ୟ ହୋଇଛନ୍ତି । ମହାପ୍ରଭୁଙ୍କ ଅଲୌକିକ ଶକ୍ତିର ମହିମା ଅପାର । ଓଡ଼ିଶାର ପର୍ବପର୍ବାଣୀ ଓ ହରହର ମହାଦେବଙ୍କ ଶ୍ରାବଣ ମାସର କାଉଡିଆ ଯାତ୍ରାକୁ ଧାର୍ମିକ ଆଧାତ୍ମିକ ଓ ପରମ୍ପରା ପର୍ବ ବୋଲି କହିଥିଲେ । ଉତ୍ତରପ୍ରଦେଶରେ ମଧ୍ୟ ଶ୍ରାବଣ ମାସର କାଉଡିଆ ଉପାସନାର ମହତ୍ୱ ଓ ଆଧାତ୍ମିକ କଥା କହିଥିଲେ । ତାଙ୍କ ଗସ୍ତ ସମୟରେ ପଦ୍ମଶ୍ରୀ ଡକ୍ଟର ରବିନାରାୟଣ ବସ୍ତିଆ, ବିଜେପିର ରାଜ୍ୟ ପ୍ରବକ୍ତା ତଥା ଆଇନଜୀବୀ ବିରଜା ଶଙ୍କର ମିଶ୍ର, ସମାଜସେବୀ ସୁରେଶ ଚନ୍ଦ୍ର ନନ୍ଦଙ୍କ ସମେତ ବହୁ ବରିଷ୍ଠ ବିଜେପିର ନେତା ପୁରୀ ସର୍କିଟ ହାଉସ ଠାରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।



ଜ୍ୟୋତିର୍ବିଦ ଡ.ଅନ୍ନଦା ତ୍ରିପାଠୀ



# ଅକୁହା କଥା...

ସେ ଦିନ ସନ୍ଧ୍ୟାରେ ମାଆ ଫୋନ୍ କରିଥିଲେ। ଅମିତ ଅଫିସ୍‌ର କିଛି ଜରୁରୀ କାମରେ ବ୍ୟସ୍ତ ଥିଲା, ତଥାପି ମାଆଙ୍କ ନାଁ ଟା ମୋବାଇଲ୍‌ର ପରଦାରେ ଦେଖି ଫୋନ୍‌ଟି ଉଠାଇଲା।..“ପୁଅ, ଟିକେ ଘରକୁ ଆସିବୁ ?”ଅମିତ ଆଶ୍ଚର୍ଯ୍ୟ ହୋଇ ପଚାରିଲା, “କ’ଣ ହେଲା କି ମାଆ ? ଦେହ ଖରାପ ଅଛି କି ?”.ମାଆ ହାଲୁକା ଭାବରେ ହସି କହିଲେ, “ନାଇଁ ପୁଅ, କିଛି ହୋଇନି। କେବଳ ତୋତେ ଟିକେ ଦେଖିବାକୁ ମନ ହେଉଛି।”ଅମିତ ଘଡ଼ିକୁ ଦେଖି କହିଲା, “ମାଆ, ଏବେ ବହୁତ କାମ ଅଛି। ଏ ସପ୍ତାହଟା ଟିକେ ବ୍ୟସ୍ତ ରହିବି, ଆସନ୍ତା ସପ୍ତାହରେ ନିଶ୍ଚୟ ଯିବି।”ଫୋନ୍‌ର ଅନ୍ୟ ପାଖରେ କିଛି କ୍ଷଣ ନିରବତା ରହିଲା। ତା’ପରେ ମାଆ କେବଳ ଏତିକି କହିଲେ,“ହଉ ପୁଅ, ସମୟ ମିଳିଲେ ଆସିବୁ।’ଫୋନ୍ କଟିଗଲା...। ଅମିତ ପୁଣି ନିଜ କାମରେ ବ୍ୟସ୍ତ ହୋଇଗଲା, କିନ୍ତୁ ସେ ଜାଣିପାରିଲା ନାହିଁ ଯେ ଫୋନ୍ କଟିବା ପରେ ମାଆ କିଛି ସମୟ ମୋବାଇଲ୍‌ଟିକୁ ଛାତିରେ ଜାବୁଡ଼ି ଧରି ବସି ରହିଥିଲେ। ତାଙ୍କ ଆଖିର କୋଣରେ ଜମିଥିବା ଦୁଇ ବୁନ୍ଦା ଲୁହକୁ ପୋଛି ସେ ନିଜକୁ ନିଜେ ବୁଝାଉଥିଲେ—“ପୁଅଟା ବ୍ୟସ୍ତ ଅଛି, ତା’ର ଦୋଷ କ’ଣ ?”ମାଆମାନେ ବୋଧହୁଏ ଏମିତି ହିଁ ହୋଇଥାନ୍ତି। ସନ୍ତାନର ଅବହେଳାକୁ ମଧ୍ୟ ସେମାନେ ତା’ର ବ୍ୟସ୍ତତା ବୋଲି ବୁଝିନିଅନ୍ତି, ସନ୍ତାନର ନିରବତାକୁ ମଧ୍ୟ ତା’ର ଅସହାୟତା ବୋଲି ମାନିନିଅନ୍ତି, ଆଉ ନିଜ ମନର ଯନ୍ତ୍ରଣାକୁ ସନ୍ତାନ ଉପରେ ଭାର ନହେଉ ବୋଲି ହସର ଆଢୁଆଳରେ ଲୁଚାଇ ରଖନ୍ତି।ଅମିତର ପିଲାଦିନର କଥା ମନେ ପଡ଼ିଲେ ମାଆଙ୍କର ସେହି ମୁହଁଟି ଆଖି ଆଗରେ ଭାସିଯାଏ—ଯେଉଁ ମୁହଁରେ ଦୁଃଖ ଥିଲା, ଅଭାବ ଥିଲା, ଅନେକ ଚିନ୍ତା ଥିଲା, ତଥାପି ପୁଅଟି ଘରକୁ ଫେରିଲେ ସବୁ ଦୁଃଖ ଯେମିତି ହସରେ ପରିଣତ ହୋଇଯାଉଥିଲା।ସ୍କୁଲ୍‌ରୁ ଫେରି ଅମିତ ଦୁଆର ଖୋଲି ଘରକୁ ପଶିବାମାତ୍ରେ ମାଆ ପଚାରୁଥିଲେ, “ଆସିଲୁ ପୁଅ ? ବହୁତ ଭୋକ ଲାଗୁଛି ନା ?” ଆଉ ସେ କିଛି ନକହି ବ୍ୟାଗ୍‌ଟାକୁ ଗୋଟିଏ କୋଣରେ ଫିଙ୍ଗି ଦେଇ କହୁଥିଲା, “ମାଆ, ଖାଇବା ଦିଅ, ବହୁତ ଭୋକ ଲାଗିଛି।”ମାଆ ହସି ହସି ଥାଳିରେ ଭାତ ପରଷି ଦେଉଥିଲେ, ନିଜେ ଖାଇଛନ୍ତି କି ନାହିଁ ସେ କଥା ଭୁଲିଯାଇ ପୁଅର ଥାଳିରେ ଆଉ ଟିକେ ଭାତ, ଆଉ ଟିକେ ତରକାରୀ ଦେଇ କହୁଥିଲେ, “ଆଉ ଟିକେ ଖା, ପୁଅ।”ସେତେବେଳେ ଅମିତ କେବେ ପଚାରିନଥିଲ-“ମାଆ, ତୁମେ ଖାଇଛ କି ?”କାରଣ ସେତେବେଳେ ସେ ଜାଣିନଥିଲା ଯେ ମାଆଙ୍କ ଥାଳିରେ ତା’ର ଥାଳିଠାରୁ କମ୍ ଖାଦ୍ୟ ଥିଲା, ଆଉ ମାଆଙ୍କ ଇଚ୍ଛାଠାରୁ ପୁଅର ଭୋକ ସବୁବେଳେ ବଡ଼ ଥିଲା। ସମୟ ଗଡ଼ିଚାଲିଲା। ଅମିତ ବଡ଼ ହେଲା, ପାଠ ପଢ଼ିଲା, ଚାକିରି କଲା ଓ ସହରରେ ନିଜର ଏକ ନୂଆ ଜୀବନ ତିଆରି କଲା। ମାଆ ତା’ର ସଫଳତାରେ ଗର୍ବ କରୁଥିଲେ, କିନ୍ତୁ ସେହି ଗର୍ବ ଭିତରେ ଗୋଟିଏ ଛୋଟ ଅଭାବ ଧୀରେ ଧୀରେ ବଢ଼ିଚାଲିଥିଲା—ପୁଅ ପାଖରେ ବସି ଦୁଇ ମୁହୂର୍ତ୍ତ କଥା ହେବାର ଅଭାବ। ପ୍ରଥମେ ଅମିତ ପ୍ରତିଦିନ ଫୋନ୍ କରୁଥିଲା। ପରେ ଦୁଇଦିନରେ ଥରେ, ତା’ପରେ ସପ୍ତାହରେ ଥରେ। ମାଆ ଫୋନ୍ କଲେ ଅମିତର ପାଖରେ ସବୁବେଳେ ଗୋଟିଏ ନା ଗୋଟିଏ କାରଣ ଥିଲା—“ମାଆ, ଏବେ ମିଟିଂରେ ଅଛି... ପରେ କଥା ହେବ”, “ମାଆ, ଏବେ ଗାଡ଼ି ଚଳାଉଛି... ପରେ ଫୋନ୍ କରିବି”, “ମାଆ, ଆଜି ବହୁତ ଥକିଗଲିଣି ... କାଲି କଥା ହେବ।”ସେହି “ପରେ” ଓ “କାଲି” ଶବ୍ଦଗୁଡ଼ିକ ମାଆଙ୍କ ଜୀବନରେ ଧୀରେ ଧୀରେ ଏକ ଲମ୍ବା ଅପେକ୍ଷାରେ ପରିଣତ ହୋଇଗଲା। ଦିନେ ମାଆ ଅମିତର ପସନ୍ଦର ପିଠା କରିଥିଲେ। ବୟସ ବଢ଼ିବା ସହିତ ହାତରେ ଆଗଭଳି ଶକ୍ତି ନଥିଲା, ତଥାପି ପୁଅ ପାଇଁ ପିଠା କରିବାର ଆନନ୍ଦରେ ତାଙ୍କ ମୁହଁରେ ଏକ ଅଦ୍ଭୁତ ଖୁସି ଥିଲା।ସେ ଫୋନ୍ କରି କହିଲେ, “ପୁଅ, ତୋ ପାଇଁ ପିଠା କରିଛି। ଆଜି ଆସିପାରିବୁ କି ?”ଅମିତ କହିଲା, “ମାଆ, ଆଜି ସମ୍ଭବ ନୁହେଁ। ଅଫିସ୍ ?ରେ ବହୁତ କାମ ଅଛି। ଫ୍ରି ହେଲେ ଆସିବି।”ମାଆ ଧୀରେ କହିଲେ, “ହଉ ପୁଅ, ତୁ ଯେତେବେଳେ ପାରିବୁ ଆସିବୁ।”ସେଦିନ ଅମିତ ଆସିଲା ନାହିଁ। ପରଦିନ ମଧ୍ୟ ନୁହେଁ। ତୃତୀୟ ଦିନ ମାଆ ପିଠାର ଡବାଟି ଖୋଲି ଦେଖିଲେ—ପିଠାଗୁଡ଼ିକ ନଷ୍ଟ ହୋଇଯାଇଛି ।ସେଗୁଡ଼ିକୁ ଫିଙ୍ଗି ଦେବାବେଳେ ତାଙ୍କ ମନ ଭିତରୁ କେହି ଯେମିତି କହୁଥିଲା—“ପୁଅ ଆସିଥିଲେ ଖାଇଥାନ୍ତା...”କିନ୍ତୁ ମାଆ ନିଜ ମନକୁ ମଧ୍ୟ ବୁଝାଇଦେଲେ—“ପୁଅର ଦୋଷ ନାହିଁ, ସେ ବ୍ୟସ୍ତ ଅଛି।”ସେହି ରାତିରେ ମାଆ ତାଙ୍କ ପୁରୁଣା ଡାଏରୀ ଖୋଲି ଲେଖିଥିଲେ....“ଆଜି ପୁଅ ଆସିଲା ନାହିଁ। ତା’ର ବହୁତ କାମ ଅଛି। ମୁଁ ଜାଣେ, ସେ ମୋତେ ଭଲ ପାଏ; କେବଳ ତା’ ପାଖରେ ସମୟ ନାହିଁ।”..ତା’ପରେ ତାଙ୍କ କଲମ ଥମିଗଲା।ଗୋଟିଏ ଲୁହ ଖସି ଡାଏରୀର ପୃଷ୍ଠା ଉପରେ ପଡ଼ିଲା।ମାଆ ଆଉ କିଛି ଲେଖିଲେ ନାହିଁ... ।କିଛି ମାସ ପରେ ଦିନେ ସକାଳେ ଅମିତଙ୍କ ଫୋନ୍ ବାଜିଲା। ଅଜଣା ନମ୍ବରରୁ ଆସିଥିବା ଫୋନ୍ ?ଟି ଉଠାଇବା ପରେ ଅପର ପାଖରୁ ଜଣେ ଅପରିଚିତ ବ୍ୟକ୍ତି କହିଲେ, “ଆପଣ ଅମିତ କହୁଛନ୍ତି ? ଆପଣଙ୍କ ମାଆ ଅସୁସ୍ଥ ହୋଇ ହସ୍ପିଟାଲ୍ ?ରେ ଅଛନ୍ତି। ଯଦି ସମ୍ଭବ, ଶୀଘ୍ର ଆସନ୍ତୁ।”ସେହି ମୁହୂର୍ତ୍ତରେ ଅମିତର ମନେ ହେଲା ଯେମିତି କେହି ତା’ ଛାତି ଭିତରୁ ହଠାତ୍ ସବୁକିଛି ଟାଣି ନେଇଗଲା। ରାସ୍ତାରେ ଗାଡ଼ି ଚଳାଇବା ସମୟରେ ତା’ ମନରେ କେବଳ ଗୋଟିଏ କଥା ଘୁରୁଥିଲା“ମାଆ କହିଥିଲେ ଘରକୁ ଆସ... ମୁଁ କହିଥିଲି ପରେ ଆସିବି।”ସେଦିନ ପ୍ରଥମଥର ପାଇଁ ଅମିତ ବୁଝିଲା ଯେ “ପରେ” ଶବ୍ଦଟା କେତେ ଭୟଙ୍କର ହୋଇପାରେ.. !ହସ୍ପିଟାଲ୍ ?ରେ ପହଞ୍ଚି ସେ ମାଆଙ୍କୁ ଦେଖିଲା। ମାଆ ଆଖି ବନ୍ଦ କରି ଶୋଇଥିଲେ, ମୁହଁରେ ଅକ୍ସିଜେନ୍ ମାସ୍କ ଥିଲା, ହାତରେ ସାଲାଇନ୍ ଲାଗିଥିଲା। ଅମିତ ଧୀରେ ତାଙ୍କ ହାତଟିକୁ ଧରିଲା—ସେହି ହାତ, ଯେଉଁ ହାତ ତାକୁ ପିଲାଦିନେ ଧରି ଚାଲିବା ଶିଖାଇଥିଲା; ସେହି ହାତ, ଯାହା ତା’ର ଲୁହ ପୋଛିଥିଲା; ସେହି ହାତ, ଯାହା ନିଜେ ଭୋକିଲା ରହି ପୁଅକୁ ଖାଇବା ଦେଇଥିଲା।“ମାଆ...”ମାଆ ଧୀରେ ଧିରେ ଆଖି ଖୋଲିଲେ। ଅମିତକୁ ଦେଖି ତାଙ୍କ ମୁହଁରେ ଏକ ଦୁର୍ବଳ ହସ ଫୁଟି ଉଠିଲା ।“ଆସିଲୁ ପୁଅ ?”ଏତିକି ଶୁଣି ଅମିତର ଆଖିରୁ ଲୁହ ଝରିପଡ଼ିଲା।“ମାଆ. ମୋତେ କ୍ଷମା କର।”ମାଆ ମୁଣ୍ଡ ହଲାଇ କହିଲେ, “ପାଗଳା ଟା .. ମାଆ କେବେ ପୁଅ ଉପରେ ରୋଷ କରେ ?”ଅମିତ ମାଆଙ୍କ ହାତକୁ ନିଜ ଆଖିରେ ଲଗାଇ କହିଲା, “ମାଆ, ମୁଁ ତୁମକୁ ବହୁତ ଭଲ ପାଏ।”ମାଆ କିଛି କହିଲେ ନାହିଁ। କେବଳ ତା’ ମୁଣ୍ଡ ଉପରେ ହାତଟି ରଖିଦେଲେ। ସେହି ହାତରେ ଆଗଭଳି ଶକ୍ତି ନଥିଲା, ତଥାପି ସେହି ସ୍ପର୍ଶରେ ଅମିତ ନିଜର ହଜିଲା ପିଲାଦିନକୁ ଯେମିତି ଫେରିପାଇଲା। କିଛି ସମୟ ପରେ ମାଆ ଧୀରେ କହିଲେ, “ପୁଅ, ମୋର ଗୋଟିଏ କଥା ରଖିବୁ ?”ଅମିତ କହିଲା, “ତୁମେ ଯାହା କହିବ, ମୁଁ ନିଶ୍ଚୟ କରିବି।”ମାଆ କିଛି ସମୟ ତା’ ମୁହଁକୁ ଚାହିଁ ରହି କହିଲେ, “ମୁଁ ଯେତେବେଳେ ନଥିବି, ତୁ ନିଜକୁ କେବେ ଦୋଷ ଦେବୁନି।”ଅମିତ ଭୟରେ କହିଉଠିଲା, “ମାଆ, ଏମିତି କଥା କହନି।”ମାଆ ହସିଲେ।..“ଆଉ ଗୋଟିଏ କଥା..”“କହ ମାଆ।”“କେହି ଭଲ ପାଏ ବୋଲି ଯଦି ତୋତେ ଲାଗେ, ତାକୁ କେବେ ଅପେକ୍ଷାରେ ରଖିବୁନି।”ଅମିତ କିଛି ବୁଝିବା ପୂର୍ବରୁ ମାଆଙ୍କ ଆଖିରେ ଲୁହ ଜମିଗଲା। ସେ ଧୀରେ କହିଲେ-“ମୁଁ ତୋତେ କେବେ କହିନଥିଲି ପୁଅ...ଆଜି ଶୁଣେ -ତୋ ପାଇଁ ଅପେକ୍ଷା କରିବା ମୋର ଦୁଃଖ ନୁହେଁ; ସେଇଟା ହିଁ ମୋର ଖୁସି ଥିଲା। ତୁ ଆସିବୁ ବୋଲି ଭାବି ଦୁଆର ଆଡ଼କୁ ଚାହିଁ ରହିବା, ତୋ ପାଇଁ ଖାଇବା ବନାଇ ରଖିବା, ତୋ ଫୋନ୍‌କୁ ଅପେକ୍ଷା କରିବାଏସବୁ ହିଁ ମୋର ଜୀବନ ଥିଲା।”ଅମିତ ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ। ସେ ମାଆଙ୍କ ଛାତିରେ ମୁହଁ ଲୁଚାଇ କାନ୍ଦି କାନ୍ଦି କହିଲା, “ମାଆ.. ଆଉ ଥରେ କହ। ମୋତେ ଆଉ ଟିକେ କହ..”କିନ୍ତୁ ମାଆ ଚୁପ୍ ହୋଇଗଲେ।“ମାଆ...”“ମାଆ, ଆଖି ଖୋଲ...”ଏଥର ମଧ୍ୟ କୌଣସି ଉତ୍ତର ଆସିଲା ନାହିଁ।ଅମିତ ମାଆଙ୍କ ହାତକୁ ଜାବୁଡ଼ି ଧରିଲା; କିନ୍ତୁ ସେହି ହାତ ଆଉ ତା’ ମୁଣ୍ଡ ଉପରକୁ ଉଠିଲା ନାହିଁ।ସେହି ମୁହୂର୍ତ୍ତରେ ଅମିତ ବୁଝିଲା—ମାଆ ଚାଲିଯିବାର ଅର୍ଥ କେବଳ ଜଣେ ମଣିଷ ଚାଲିଯିବା ନୁହେଁ; ତା’ର ଜୀବନରୁ ସେହି ଗୋଟିଏ ଶବ୍ଦ ମଧ୍ୟ ଚିରବିଦାୟ ନେଇସାରିଛି —“ମୁଁ ଅଛି।”ମାଆଙ୍କ ଶେଷକାର୍ଯ୍ୟ ପରେ ଘରଟା ଅମିତକୁ ଆଉ ଘର ଭଳି ଲାଗିଲା ନାହିଁ। ବାରଣ୍ଡାରେ ମାଆଙ୍କ ପୁରୁଣା ଚେୟାରଟି ସେମିତି ପଡ଼ିଥିଲା, ରୋଷେଇ ଘରେ ତାଙ୍କ ଚପଲ ଥିଲା, ଟେବୁଲ୍ ? ଉପରେ ଚଷମାଟି ଥିଲା, କିନ୍ତୁ ଯେଉଁ ମଣିଷଟି ଏସବୁକୁ ନିଜର କରିଥିଲେ, ସେ ଆଉ ନଥିଲେ। ତକିଆ ତଳୁ ମିଳିଲା ସେହି ପୁରୁଣା ଡାଏରୀ...। ଅମିତ ନିଜ ଅମାନିଆ ହାତରେ ତାହା ଖୋଲିଲା। ଶେଷ ପୃଷ୍ଠାରେ ଲେଖାଥିଲା-“ପୁଅ ଆସିଲେ ତାକୁ କହିବି—ମୁଁ ତା’ ଉପରେ କେବେ ବି ରାଗିନାହିଁ। କେବଳ ତା’ ସହିତ ଟିକେ ବସିବାକୁ ମନ ହେଉଥିଲା, ତା’ ମୁଣ୍ଡରେ ହାତ ରଖିବାକୁ ମନ ହେଉଥିଲା, ତା’କୁ ମୋ ହାତରେ ଖାଇବାକୁ ଦେବାକୁ ମନ ହେଉଥିଲା। ଆଉ ଥରେ ତା’କୁ ପିଲାଦିନ ପରି କହିବାକୁ ମନ ହେଉଥିଲା—‘ଭୟ କରନି ପୁଅ, ମୁଁ ଅଛି।’”ଅମିତ ପଢ଼ିପାରିଲା ନାହିଁ। ଆଖିର ଲୁହ ଅକ୍ଷରଗୁଡ଼ିକୁ ଧୂସର କରିଦେଲା।ଡାଏରୀର ତଳେ ଆଉ ଗୋଟିଏ ଧାଡ଼ି ଥିଲା।...“ଏସବୁ କଥା ତାକୁ କହିବି ନାହିଁ। ମୋ ପୁଅ ଦୁଃଖ କରିବ ।”..ଏଥର ଅମିତ ଆଉ ଧୈର୍ଯ୍ୟ ଧରିପାରିଲା ନାହିଁ ; ସେ ଭାଙ୍ଗିପଡ଼ିଲା। ଡାଏରୀଟାକୁ ଛାତିରେ ଜାବୁଡ଼ି ଧରି ଚିତ୍କାର କରି କହିଲା-“ମାଆ... ତୁମେ ମୋତେ ଏସବୁ କାହିଁକି କହିଲ ନାହିଁ ? ମୁଁ ଯଦି ଜାଣିଥାନ୍ତି, ମୋର ସବୁ କାମ ଛାଡ଼ି ତୁମ ପାଖକୁ ଆସିଯାଇଥାନ୍ତି... ମାଆ, ଥରେ ମାତ୍ର ମୋତେ ଡାକି କହିଥାନ୍ତୁ—‘ପୁଅ, ମୋତେ ତୋର ଦରକାର’... ମୁଁ ଦୌଡ଼ି ଆସିଥାନ୍ତି।”.... ଅମିତର ଏ କଥା ଶୁଣିବାକୁ କେହି ବି ନଥିଲେ... ଘରଟା ନିରବ ଥିଲା...। ମାଆ ଆଉ କିଛି କହିବାକୁ ନଥିଲେ। ବର୍ଷ ବର୍ଷ ପରେ ମଧ୍ୟ ଅମିତ ଯେତେବେଳେ ଏକୁଟିଆ ହୁଏ, ମାଆଙ୍କୁ ମନେ ପକାଏ। କେବେ କେବେ ମୋବାଇଲ୍‌ରେ ମାଆଙ୍କ ପୁରୁଣା ନମ୍ବରଟା ଖୋଜେ, ଆଙ୍ଗୁଠି “କଲ ବଟନ ” ଉପରେ ଯାଇ କିଛି ସମୟ ଥମିଯାଏ, କାରଣ ସେ ଜାଣେ—ସେପଟୁ ଆଉ କେହି କହିବେ ନାହିଁ,“ପୁଅ, ଖାଇଲୁ ?”ତଥାପି ପ୍ରତିବର୍ଷ ମାଆଙ୍କ ଜନ୍ମଦିନରେ ସେ ତାଙ୍କ ଫଟୋ ଆଗରେ ବସେ ଓ ଧୀରେ ଧୀରେ କଥା ହୁଏ।“ମାଆ, ମୁଁ ଭଲ ଅଛି।”କିଛି ସମୟ ନିରବ ରହି ପୁଣି କହେ-“ମାଆ, ତୁମକୁ ଗୋଟିଏ କଥା କହିବାର ଥିଲା..।”ତା’ ଆଖିରୁ ଲୁହ ଝରିପଡ଼େ...।“ମୁଁ ତୁମକୁ ବହୁତ ଭଲ ପାଉଥିଲି, ମାଆ... କିନ୍ତୁ ତୁମେ ଥିବାବେଳେ କହିପାରିଲି ନାହିଁ।”ଫଟୋରେ ମାଆ ସେମିତି ହସୁଥାନ୍ତି।..ସେହି ହସରେ ଅଭିଯୋଗ ନାହିଁ, ଅଭିମାନ ନାହିଁ କେବଳ କ୍ଷମା ଅଛି କିନ୍ତୁ ଅମିତର ହୃଦୟରେ ଗୋଟିଏ ଶୂନ୍ୟତା ଚିରଦିନ ପାଇଁ ରହିଗଲା।ସେହି ଶୂନ୍ୟତାର ନାମ-ଅକୁହା କଥା...। ଆମେ ଅନେକ ସମୟରେ ଭାବୁ—“ସମୟ ମିଳିଲେ କହିବି”, “କାଲି ଯାଇ ଦେଖିବି”, “ପରେ ଫୋନ୍ କରିବି”, “ସୁଯୋଗ ମିଳିଲେ ମନର କଥା କହିଦେବି।”କିନ୍ତୁ ଜୀବନ କେବେ ଆମକୁ ସେହି “ପରେ” ପାଇଁ ଅପେକ୍ଷା କରିବାର ଅଧିକାର ଦିଏନାହିଁ। ଯେଉଁ ମଣିଷଟି ଆଜି ଆମ ପାଖରେ ଅଛି, ସେ ଆସନ୍ତାକାଲି ମଧ୍ୟ ଆମ ପାଖରେ ରହିବ—ଏହାର କୌଣସି ନିଶ୍ଚିତତା ନାହିଁ।ତେଣୁ ଯଦି କାହାକୁ ଭଲ ପାଆନ୍ତି, ଆଜି କହିଦିଅନ୍ତୁ। ଯଦି କାହା ପାଇଁ ମନରେ କୃତଜ୍ଞତା ଅଛି, ଆଜି ଧନ୍ୟବାଦ ଦିଅନ୍ତୁ। ଯଦି କାହା ସହିତ କଥା ହେବାକୁ ମନ ହେଉଛି, ଆଜି ଫୋନ୍ କରନ୍ତୁ। ଆଉ ଯଦି କାହାକୁ କ୍ଷମା ମାଗିବାର ଅଛି, ଅହଂକାରକୁ ଦୂରରେ ରଖି ଆଜି ହିଁ କହିଦିଅନ୍ତୁ। କାରଣ ମଣିଷ ଚାଲିଯିବା ପରେ ତା’ର ଫଟୋକୁ ହଜାରଥର କହିଲେ ମଧ୍ୟ ଫଟୋ କେବେ ଉତ୍ତର ଦେବନାହିଁ। ସେତେବେଳେ ଆମ ପାଖରେ ରହିଯାଏ କେବଳ ସ୍ମୃତି, ଆଖିର ଲୁହ, ହୃଦୟର ଅନୁତାପ ଓ ଜୀବନର ସବୁଠାରୁ ଭାରୀ ଦୁଇଟି ଶବ୍ଦ-“କହିପାରିଲି ନାହିଁ...”ଆଉ ସେହି ଅକୁହା କଥାଗୁଡ଼ିକ ହିଁ ବୋଧହୁଏ ମଣିଷକୁ ସାରା ଜୀବନ ଅନ୍ତର ଭିତରୁ କନ୍ଦାଇଥାଏ।

*‘ବୃନ୍ଦାବନ ବିହାର’*
*ଜଗନ୍ନାଥପ୍ରସାଦ, ଗଞ୍ଜାମ*
*ମୋ: ୯୯୩୮୫୭୮୪୫୪*

# ନିଶ୍ଚୟ..ନାରୀସମ୍ମାନ ଦେବା ଦରକାର



ଅରୁଣିମା ନନ୍ଦ

‘ନାରୀଙ୍କୁ ସମ୍ମାନ କରିବା ହେଉଛି ସଭ୍ୟ ସମାଜର ପ୍ରଥମ ପରିଚୟ।’
‘ନାରୀ ହସିଲେ ପରିବାର ହସେ, ପରିବାର ହସିଲେ ସମାଜ ହସେ।’
‘ନାରୀ ଦୁର୍ବଳ ନୁହେଁ, ସେ ସହନଶୀଳତା ଓ ସାହସର ପ୍ରତୀକ।’
‘ଯେଉଁ ଘରେ ନାରୀଙ୍କୁ ସମ୍ମାନ ମିଳେ, ସେହି ଘରେ ସୁଖ ଓ ଶାନ୍ତି ବାସ କରେ।’
‘ନାରୀଙ୍କ ଆଖିର ଲୁହ ନୁହେଁ, ତାଙ୍କ ମୁହଁର ହସ ହିଁ ସମାଜର ସୌନ୍ଦର୍ଯ୍ୟ।’
‘ନାରୀଙ୍କୁ ସମ୍ମାନ ଦିଅ, କାରଣ ସେ ଜୀବନର ସୃଷ୍ଟିକର୍ତ୍ରୀ।’
‘ସମ୍ମାନ ହିଁ ନାରୀଙ୍କ ସବୁଠାରୁ ବଡ଼ ଅଧିକାର।’
‘ଜଣେ ନାରୀଙ୍କ ସ୍ୱପ୍ନକୁ ଡେଣା ଦିଅ, ସେ ସମଗ୍ର ସମାଜକୁ ଉଚ୍ଚକୁ ନେଇଯିବେ।’
‘ନାରୀଙ୍କୁ ସମ୍ମାନ କରିବା କେବଳ କର୍ତ୍ତବ୍ୟ ନୁହେଁ, ଏହା ମାନବତାର ପରିଚୟ।’
‘ଝିଅ, ଭଉଣୀ, ସ୍ତ୍ରୀ ଓ ମା’—ପ୍ରତ୍ୟେକ ରୂପରେ ନାରୀ ସମ୍ମାନର ଅଧିକାରୀ।‘

*ସମାଜସେବୀ, ପୁରୀ*
*ମୋ: ୯୮୬୧୪୫୨୪୫୯*



# ନାରୀ ଆଜି ବହୁ ଆଗରେ

ନାରୀ ଆଜି ବହୁ ଆଗରେ। ହେଲେ ଆଜିବି ବହୁ ଅବହେଳାରେ ରହିଛି। ନାରୀକୁ ଅବଳା ଦୁର୍ବଳା ଏବେ ବି ମଣିଷ ଭାବୁଛି। ହେଲେ କ୍ରମରେ ମୁମ୍ବାଇର ଟାଟା ସାମାଜିକ ବିଜ୍ଞାନ ସଂସ୍ଥାନର ମାନବସମ୍ବଳ ବିକାଶ ଓ ଶ୍ରମସଂସାଧନ ସମ୍ବନ୍ଧରେ ସ୍ନାତକୋତ୍ତର ଡିଗ୍ରୀଧାରୀ ଅନ୍ୱେଷା ନନ୍ଦ ବର୍ତ୍ତମାନ ମୁମ୍ବାଇର ଏକ ଅଗ୍ରଣୀ ବୈଷୟିକ ପ୍ରତିଷ୍ଠାନର ମାନବସମ୍ବଳ ବିଭାଗର ବରିଷ୍ଠ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି। ସେ ମଧ୍ୟ ଆଇଆଇଏମ୍ ମୁମ୍ବାଇର ଅତିଥି ଅଧ୍ୟାପିକା ଭାବରେ କାର୍ଯ୍ୟ କରନ୍ତି। ନାରୀର ସୁରକ୍ଷା ଓ ସ୍ୱାଧୀନତାର କଥା ପଡ଼ିଲେ କେଉଁ କଥାଟି ମନକୁ ଆନ୍ଦୋଳିତ କରେ ? ଘରୁ ଅଫିସ୍, ପାର୍ଟି ବା ଅନ୍ୟ ଯେକୌଣସି ସ୍ଥାନକୁ ଯିବା ପୂର୍ବରୁ ସମୟ, ଯାନବାହନ, ବେଶପୋଷାକ, ପେପର ସ୍ପ୍ରେ, ଜରୁରିକାଳୀନ ଯୋଗାଯୋଗ ନମ୍ବର, ଫୋନ୍ ନେଟୱର୍କ ଇତ୍ୟାଦି ବିଷୟରେ ସଠିକ୍ ଓ ସନ୍ତୁଳିତ ତଥ୍ୟକୁ ଦିନରେ ଅତି କମ୍‌ରେ ଦୁଇଥର ଭଲଭାବେ ଆଜୀବନ ତଦାରଖ କରିବାକୁ ହୁଏ। ସମୟ ହୁଏତ ବଦଳିଛି; କିନ୍ତୁ ସମାଜର ନାରୀ ପ୍ରତି ଦୃଷ୍ଟିକୋଣ ସବୁ ଜାଗାରେ ବିଶେଷ ବଦଳି ନାହିଁ। ତେଣୁ ଦୁର୍ଭାଗ୍ୟବଶତଃ ସାବଧାନତା ଅପରିହାର୍ଯ୍ୟ, ନିଜ ଦାୟିତ୍ୱରେ ଅବହେଳା ଅକ୍ଷମଣୀୟ। ତେବେ ନିଜ ମନମୁତାବକ ଚଳିବା ପାଇଁ ପରିବାର ବା ମୁରବିଙ୍କର ଅନୁମତି ନେବା ବିଧେୟ।
ଆପଣ ଜଣେ ଉଚ୍ଚଶିକ୍ଷିତା, ସ୍ୱାବଲମ୍ବୀ, ଗୋଟିଏ ବଡ଼ ଗୋଷ୍ଠୀକୁ ନେତୃତ୍ୱ ଦେଉଥିବା କର୍ମଜୀବୀ ମହିଳା। ଏହି କ୍ରମରେ ନିଜ ସହ କାମ କରୁଥିବା ପୁରୁଷ ଓ ମହିଳା ସହଯୋଗୀଙ୍କ ଭିତରେ କେଉଁ ପାର୍ଥକ୍ୟ ଆପଣ ଦେଖନ୍ତି ଓ ମହିଳାଙ୍କ ମୁଖ୍ୟ ସମସ୍ୟାଟି ସାଧାରଣତଃ କ’ଣ ଥାଏ । ପ୍ରାୟତଃ ପୁରୁଷମାନଙ୍କୁ ପରିବାରର ପ୍ରମୁଖ ପ୍ରତିପୋଷଣକାରୀ ଭାବରେ ଦେଖାଯାଏ। ସେମାନଙ୍କର ସାମାଜିକ ଯୋଗ୍ୟତା ସେମାନଙ୍କ ଉପାର୍ଜନକ୍ଷମତା ଉପରେ ନିର୍ଭରଶୀଳ। କାର୍ଯ୍ୟକ୍ଷେତ୍ରରେ କୌଣସି ସୁଯୋଗ ହାତଛଡ଼ା ହେଲେ ପୁରୁଷମାନଙ୍କର କ୍ରୋଧ, ହତାଶା ଓ ପ୍ରତିଶୋଧପରାୟଣତା ଆସେ। ଅନ୍ୟପକ୍ଷରେ ମହିଳାମାନେ ଅଧିକ ଯୋଗ୍ୟ ହୋଇ ସୁଦ୍ଧା କାର୍ଯ୍ୟକ୍ଷେତ୍ର ଅପେକ୍ଷା ପାରିବାରିକ ଆବଶ୍ୟକତାକୁ ଅଧିକ ଗୁରୁତ୍ୱ ଦିଅନ୍ତି। କାର୍ଯ୍ୟକ୍ଷେତ୍ରରେ କୌଣସି ସୁଯୋଗ ହାତଛଡ଼ା ହେଲେ ସେମାନେ ଆଗ ଦୁଃଖରେ ଭାଙ୍ଗିପଡ଼ନ୍ତି, କ୍ରୋଧ ବା ପ୍ରତିଶୋଧପରାୟଣତା ଅପେକ୍ଷା ପରିସ୍ଥିତି ସହ ସାଲିସ୍ କରିବାକୁ ଆଗେଇ ଆସନ୍ତି। କାର୍ଯ୍ୟାଳୟରେ ଏହା ସେମାନଙ୍କର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ। ମହିଳାମାନେ ନିଜର ସମସ୍ତ ଯୋଗ୍ୟତାକୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବାର ସାମର୍ଥ୍ୟ ଜୁଟାଇବା ଆଜିଯାଏ ପାରିବାରିକ ସହଯୋଗ ବିନା ଅସମ୍ଭବ ମନେହୁଏ। ବିବାହ ପୁରୁଷକୁ ଦିଏ ଅଧିକ ଆୟ କରିବାର ସାମାଜିକ ଦାୟିତ୍ୱ, ତେଣୁ ସେ କାର୍ଯ୍ୟକ୍ଷେତ୍ରରେ ଅଧିକ ସମୟ ଓ ପରିଶ୍ରମ ଦିଏ। ଅନ୍ୟପକ୍ଷରେ ବିବାହିତା ମହିଳାମାନେ ନୂତନ ପରିବାର ସହ ଖାପଖୁଆଇ ଚଳିବାପାଇଁ ପ୍ରାୟତଃ କାର୍ଯ୍ୟକ୍ଷେତ୍ରକୁ ଅବହେଳା କରନ୍ତି। ସ୍ଥଳବିଶେଷରେ ଚାକିରି ଛାଡ଼ିବାକୁ ପଡ଼େ, ବେଳେବେଳେ ଏହା ସେମାନଙ୍କର ବ୍ୟକ୍ତିତ୍ୱକୁ କ୍ଷୁବ୍ଧ ଓ ବ୍ୟଥିତ କରେ ଏବଂ ବିବାହ ପ୍ରତି ବିତୃଷ୍ଣା ଆଣେ। ? କଠୋର ଆଇନ ପ୍ରଣୟନ ଦ୍ୱାରା ନାରୀମାନଙ୍କ ସମସ୍ୟାର ସମାଧାନ ସମ୍ଭବ କି ? ସମାଧାନ କୌଣସି ଗୋଟିଏ ଆଇନ, ଗୋଟିଏ ପଦକ୍ଷେପ ଆଣିପାରିବ ନାହିଁ। ସମାଧାନ ଏକ ବୃହତ୍ତର ସାମାଜିକ, ରାଜନୈତିକ, ଅର୍ଥନୈତିକ ପରିବର୍ତ୍ତନର ପରିଣତି। ପ୍ରକୃତ ପରିବର୍ତ୍ତନ ସେତେବେଳେ ଆସିବ ଯେତେବେଳେ ନାରୀମାନଙ୍କ ପ୍ରତି ସମାଜର ଦୃଷ୍ଟିକୋଣ ବଦଳିବ। ସାଧାରଣ ଲୋକ, ଆଇନ ପ୍ରଣୟନକାରୀ ଓ ଏହାଦ୍ୱାରା ଉପକୃତ ହେଉଥିବା ମହିଳାମାନେ ଗୋଟିଏ ସରଳରେଖାରେ ରହିଲେ ଯାଇ କିଛି ପରିବର୍ତ୍ତନ ହେବ। ପୋସ୍ ? ଆକ୍ଟ ୨୦୧୩ ପ୍ରଣୟନ ହେବାପାଇଁ ଜଣେ ନିର୍ଭୟା ପ୍ରାଣ ହରାଇଲେ ୨୦୧୨ରେ। ଏହା ପୂର୍ବରୁ କର୍ପୋରେଟ୍ ? ଜଗତରେ ଜଣେ ମହିଳା କାର୍ଯ୍ୟକ୍ଷେତ୍ରରେ ଅଶାଳୀନ ବ୍ୟବହାର ବା ଯୌନ ଉତ୍ପୀଡ଼ନର ଶିକାର ହେଲେ ତାହା ମୁଖ୍ୟସମ୍ବାଦ ହେଉନଥିଲା ବା ଗମ୍ଭୀର ଆଲୋଚନାର ପରିସରକୁ ଆସୁନଥିଲା। କଲେଜ ପଢୁଆ ଝିଅମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ଏ ଭିତରେ ବହୁତ ବଢ଼ିଯାଇଛି। ଏହି ନକାରାତ୍ମକ ମାନସିକତା ପଛରେ କାରଣ କ’ଣ ହୋଇପାରେ ସମକାଳୀନ କଲେଜ ଛାତ୍ରୀମାନଙ୍କ ପାଇଁ ଅନେକ ଅସୁବିଧା ରହିଛି। ଉଚ୍ଚତର ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ତଣ୍ଟିକଟା ସଂଘର୍ଷ କରିବାକୁ ହୁଏ। ସମସ୍ତେ ସମାନ ପରିମାଣର ମେଧା ବା ଆଗ୍ରହ ରଖନ୍ତି ନାହିଁ। କିନ୍ତୁ ବାପାମା’ ଚାହାନ୍ତି ପିଲା ସେଠି ପଢୁ। ନିଜର ସାଙ୍ଗ ପଢ଼ିଲା ବୋଲି ପିଲା ବି ଚାହେ ସେଠି ଗୋଟେ ସିଟ୍ ? ଯେମିତି ସେମିତି ମିଳନ୍ତା କି ! ଯେତେବେଳେ ମିଳେନି ସେତେବେଳେ ହତାଶା ସମ୍ଭାଳିବାର କ୍ଷମତା ନଥାଏ। କେହି ମାନସିକ ସହାୟତା କରନ୍ତି ନାହିଁ; ଅଧିକନ୍ତୁ ଚାପ ଅଧିକ ହୁଏ। ପିଲା ସହ ଆଲୋଚନା, କଥାବାର୍ତ୍ତା କେହି କରନ୍ତିନି। ତେଣୁ ସେ ଆତ୍ମହତ୍ୟାର ପଥ ବାଛିନିଏ। ୨୦୦୦ ମସିହା ପରେ ଜନ୍ମଗ୍ରହଣ କରିଥିବା ପିଲା ଛୋଟବେଳୁ ଇଣ୍ଟରନେଟ୍ ସୁବିଧା ପାଇଛନ୍ତି। ସେମାନେ ବିଦ୍ୟାଳୟରେ ଦଣ୍ଡ ପାଆନ୍ତିନି, ମେଟ୍ରିକ୍ ପର୍ଯ୍ୟନ୍ତ ଭଲ ଗ୍ରେଡ୍ ପାଇପାଇ ମନମୋଟିଆ ହେଇଯାଆନ୍ତି, ଉଚ୍ଚତର ଶିକ୍ଷା ବେଳକୁ ଅସଲ ପ୍ରତିଭା ଜଣାପଡ଼େ। ସେମାନେ ଫେଲ୍ ହେବା ସହିପାରନ୍ତିନି, ଗାଳିଗୁଲଜ, ଧମକଚମକ ଶୁଣିଲେ ମାନସିକ ଭାବେ ଭାଙ୍ଗିପଡ଼ନ୍ତି। କେହି ତାଙ୍କ ମନସ୍ତାତ୍ତ୍ୱିକ ସୁରକ୍ଷା ବ୍ୟବସ୍ଥା କଥା ଭାବେନି, ପିଲା ନିଜେ ନିଜର ନଷ୍ଟ ପାଇଁ ବାଟ ଖୋଜିନିଏ। ଛାତ୍ରୀଟି ଯଦି ଦୁର୍ଭାଗ୍ୟବଶତଃ କୌଣସି ପ୍ରକାର ଶାରୀରିକ ଶୋଷଣର ଶିକାର ହେଲା, ତେବେ ଆମ ସମାଜରେ ପୀଡ଼ିତାଟି ଆଗ ବଦନାମ୍ ହୁଏ। ଶୋଷଣକାରୀ ଆଇନର ବିଭିନ୍ନ ଗଳାବାଟ ଦେଇ ନିର୍ବିଘ୍ନରେ ଖସିଯାଏ। ଲୋକଲଜ୍ଜା ଓ ଅସୁରକ୍ଷିତ ଭାବନା ଅପେକ୍ଷା ଝିଅଟି ମରିବାକୁ ପସନ୍ଦ କରେ। ଯଦି ଦୋଷୀ ଦଣ୍ଡ ପାଉଥାଆନ୍ତା, ସମାଜରେ ଝିଅକୁ ସମବେଦନା ଓ ସହାନୁଭୂତି ମିଳୁଥାଆନ୍ତା, ତେବେ ହୁଏତ ଏଭଳି ହୁଅନ୍ତାନାହିଁ ବୋଲି ସେ କହିଛନ୍ତି।






# ଗୁରୁବାର ରାତିରୁ ରାଜଧାନୀରେ ଅହରହ ବର୍ଷା



**ଭୁବନେଶ୍ୱର(ବ୍ୟୁରୋ):** ଗତକାଲି ରାତିଠାରୁ ଭୁବନେଶ୍ୱରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଛି । ଫଳରେ ରାଜଧାନୀର ଚାରିଆଡ଼େ ପାଣି ଭର୍ତ୍ତି ହୋଇ ଯାଇଛି । ଭୁବନେଶ୍ୱରରେ ସକାଳ ସାଢେ ୫ଟା ସୁଦ୍ଧା ୯୭.୨ ମିଲିମିଟର ବର୍ଷା ରେକର୍ଡ ହୋଇଛି । ମଧୁସୂଦନ ନଗରରେ ସର୍ବାଧିକ ୧୦୭ ମିଲିମିଟର ବର୍ଷା ରେକର୍ଡ କରା ଯାଇଛି । ଆଇଟିଇଆର ଡେଭିସ୍ ୱେଦର୍ ରିପୋର୍ଟ ଅନୁଯାୟୀ, କିଟ୍ ବିଶ୍ୱବିଦ୍ୟାଳୟ ଅଞ୍ଚଳରେ ଗତ ୨୪ ଘଣ୍ଟାରେ ୩୭.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି । ବର୍ତ୍ତମାନ ତାପମାତ୍ରା ୨୫ ଡିଗ୍ରୀ ରହିଥିବା ବେଳେ ଆର୍ଦ୍ରତା ୯୮% ଛୁଇଁଛି । ସୋଆ ବିଶ୍ୱବିଦ୍ୟାଳୟ ଅଞ୍ଚଳରେ ବର୍ଷାର ପରିମାଣ ଗତ ୨୪ଘଣ୍ଟାରେ ୭୮ ମିଲମିଟିର ବର୍ଷା ହୋଇଛି । ଆସନ୍ତା ଦୁଇ ଦିନ ମଧ ପ୍ରବଳ ବର୍ଷା ନେଇ ଆକଳନ କରା ଯାଇଛି । ଆଜି ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ଅଛି । କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇ ପାରେ । ଏହି ଦୁଇ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରା ଯାଇଛି । ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ଅଛି । ପାଣିପାଗ ବିଭାଗ ଏଭଳି ପୂର୍ବାନୁମାନ କରିଛି । ଏହାସହ ରାଜ୍ୟର ୨୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରା ଯାଇଛି । ଉପକୂଳ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର ବିକ୍ଷିପ୍ତ ସ୍ଥାନରେ ବର୍ଷା ହୋଇ ପାରେ । ଆସନ୍ତାକାଲି ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇପାରେ । ୮, ୯ ଓ ୧୦ ତାରିଖରେ ବି ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ ବୋଲି ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

# ଶାନ୍ତିପଲ୍ଲୀ ବସ୍ତି ; ଘରେ ଲହଡ଼ି ମାରୁଛି ନର୍ଦ୍ଦମାଜଳ

**ଭୁବନେଶ୍ୱର(ବ୍ୟୁରୋ):** ବୁଧବାର ରାତିରୁ ରାଜଧାନୀ ଭୁବନେଶ୍ୱରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ଫଳରେ ରାଜଧାନୀର ଅନେକ ତଳିଆ ଅଞ୍ଚଳରେ ପାଣି ଭର୍ତ୍ତି ହୋଇ ଯାଇଛି । ଶାନ୍ତପଲ୍ଲୀ ବସ୍ତି ଉବୁଟୁବୁ ହେଉଛି । ଲୋକମାନଙ୍କ ଘରେ ନାଳ ନର୍ଦ୍ଦମା ପାଣି ପଶିଯାଇଛି । ଚୁଲି ଭାଙ୍ଗିଯାଇଛି, ଚାଉଳ ଓଦା ହୋଇଯାଇଛି । ଏବେ ରୋଷେଇ ହେବ କେମିତି, ଖାଇବେ କଣ ? ସେନେଇ ବସ୍ତି ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି । ବର୍ଷା ଜଳ ନିଷ୍କାସନ ପାଇଁ ସରକାରଙ୍କୁ ହାତ ଯୋଡ଼ି ନିବେଦନ କରିଛନ୍ତି । ସେହିପରି ଭୁବନେଶ୍ୱର କଳିଙ୍ଗ ବିହାର କ ୬ ନିକଟରେ ଥିବା ଲକ୍ଷ୍ମୀ ନଗର ବସ୍ତିରେ ମଧ ସମାନ ଅବସ୍ଥା । ଘରେ ପାଣି ଜମିବା ଯୋଗୁଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବସ୍ତି ବାସିନ୍ଦା ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି । ସୂଚନାନୁଯାୟୀ, ଗତକାଲି ରାତିଠାରୁ ଭୁବନେଶ୍ୱରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଛି । ଫଳରେ ରାଜଧାନୀର ଅନେକ ତଳିଆ ଅଞ୍ଚଳରେ ପାଣି ଭର୍ତ୍ତି ହୋଇ ଯାଇଛି । ଭୁବନେଶ୍ୱରରେ ସକାଳ ସାଢେ ୫ଟା ସୁଦ୍ଧା ୯୭.୨ ମିଲିମିଟର ବର୍ଷା ରେକର୍ଡ ହୋଇଛି । ମଧୁସୂଦନ ନଗରରେ ସର୍ବାଧିକ ୧୦୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆଇଟିଇଆର ଡେଭିସ୍ ୱେଦର୍ ରିପୋର୍ଟ ଅନୁଯାୟୀ, କିଟ୍ ବିଶ୍ୱବିଦ୍ୟାଳୟ ଅଞ୍ଚଳରେ ଗତ ୨୪ ଘଣ୍ଟାରେ ୩୭.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି । ବର୍ତ୍ତମାନ ତାପମାତ୍ରା ୨୫ ଡିଗ୍ରୀ ରହିଥିବା ବେଳେ ଆର୍ଦ୍ରତା ୯୮% ଛୁଇଁଛି । ସୋଆ ବିଶ୍ୱବିଦ୍ୟାଳୟ ଅଞ୍ଚଳରେ ବର୍ଷାର ପରିମାଣ ଗତ ୨୪ଘଣ୍ଟାରେ ୭୮ ମିଲମିଟିର ବର୍ଷା ହୋଇଛି । ଆସନ୍ତା ଦୁଇ ଦିନ ମଧ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି । ଆଜି ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ଅଛି । କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏହି ଦୁଇ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ଅଛି । ପାଣିପାଗ ବିଭାଗ ଏଭଳି ପୂର୍ବାନୁମାନ କରିଛି । ଏହାସହ ରାଜ୍ୟର ୨୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଉପକୂଳ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର ବିକ୍ଷିପ୍ତ ସ୍ଥାନରେ ବର୍ଷା ହୋଇପାରେ । ଆସନ୍ତାକାଲି ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇପାରେ । ୮, ୯ ଓ ୧୦ ତାରିଖରେ ବି ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ ବୋଲି ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

# ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିବର୍ତ୍ତନ ହେଲେ ଆନ୍ଦୋଳନ ତେଜିବ : ଉତ୍କଳ ସାମ୍ବାଦିକ ସଂଘ

**ଭୁବନେଶ୍ୱର(ବ୍ୟୁରୋ):** ଦୀର୍ଘ ଦିନର ଦାବି ଓ ପ୍ରତିବାଦ ଉପରାନ୍ତେ ପୂର୍ବ ସରକାର ରାଜ୍ୟର କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ପ୍ରଣୟନ କରିଥିଲେ । ଏହା ମାଧ୍ୟମରେ ରାଜ୍ୟର ସାମ୍ବାଦିକ ମାନେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁଧା ଉପକୃତ ହେଉଛନ୍ତି । ଇତିମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରକାଶ କରିଛନ୍ତି କି, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଉଚ୍ଛେଦ କରି ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉଛି ।। ଏଠାରେ ପ୍ରକାଶ ଯୋଗ୍ୟ ଯେ,ପ୍ରଚିଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଟି ସାମ୍ବାଦିକ ମାନଙ୍କୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିଲା । ଅନ୍ୟପକ୍ଷରେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଗତ ହିତାଧିକାରୀ ମାନେ ପାଉଥିବା କ୍ୟାବିନ୍ ସୁବିଧା ଆୟୁଷ୍ମାନ ଭାରତ ଯୋଜନାରେ ପାଇବେ ନାହିଁ । ଆୟୁଷ୍ମାନ ଯୋଜନାରେ ହୀତାଧିକାରୀଙ୍କୁ ଜେନେରିକ୍ ମେଡିସିନ ଦିଆଯାଉଥିଲା ବେଳେ ଗୋପବନ୍ଧୁ ଯୋଜନାରେ ବଜାର ଉପଲବ୍ଧ ମେଡିସିନର ? ବ୍ୟବସ୍ଥା ଅଛି । ପ୍ରଚଳିତ ଯୋଜନା ଅନ୍ତର୍ଗତ ହିତାଧିକାରୀ ତାଙ୍କ ନିଜ ସୁବିଧା ଅନୁଯାୟୀ ବୀମା ସହବନ୍ଧିତ ନଥିବା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ପରେ ବୀମା କମ୍ପାନୀ ପାଖରେ ଉପଯୁକ୍ତ କାଗଜାତ ପଇଠ କରି ଚିକିତ୍ସା ରାଶି ହାସଲ କରିପାରିବ , ଯାହାକି ଆୟୁଷ୍ମାନ ଭାରତ ଯୋଜନାରେ ଉପଲବ୍ଧ ହେବନାହିଁ ।ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ବୀମା ରାଶି ସମ୍ପୃକ୍ତ ଚିକିତ୍ସାଳୟ ମାନେ ପାଇବାରେ ଡେରି ହେଉଥିବାରୁ ହିତାଧିକାରୀମାନଙ୍କୁ ଆଇ ସି ୟୁ ସୁବିଧା ଦେବାରେ ଚିକିତ୍ସାଳୟ ମାନେ ଅଣଦେଖା କରୁଛନ୍ତି । ଚଳିତ ବର୍ଷ ମଇ ମାସରେ ସରକାର ହାରାହାରି ୧୦ କୋଟି ଟଙ୍କା ବିନିମୟରେ ଶ୍ରୀମନ୍ଦର ସେବାୟତମାନଙ୍କୁ ବୀମା ଭୁକ୍ତ କରିଛନ୍ତି । ଯେଉଁଥିରେ ସେବାୟତଙ୍କ ପିତା ମାତା ସାମିଲ୍ ରହିବା ସହ ନନ୍ ମେଡିକାଲ ଆଇଟମ୍ ର ପେମେଣ୍ଟ ମଧ ଇନ୍ସୁରାନ୍ସ କମ୍ପାନୀ ଦେଉଛି ।?ସେହିପରି ବିଧାୟକ ମାନଙ୍କ ପାଇଁ କୋଡିଏ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ବୀମା ଯୋଜନା ପ୍ରଚଳିତ ଅଛି । ଏପରିସ୍ଥଳେ ସାମ୍ବାଦିକଙ୍କୁ ସାମାନ୍ୟ ସୁବିଧା ଦେବାରେ ସରକାରଙ୍କ କାର୍ପଣ୍ୟତାକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଛି । ଏତାଦୃଶ ଦୃଶ୍ୟପଟରେ ? ସରକାର ସାମ୍ବାଦିକଙ୍କ ପିତାମାତା ଓ ନିର୍ଭରଶୀଳ ସନ୍ତାନ ମାନଙ୍କୁ ବୀମା ଅନ୍ତର୍ଭୁକ୍ତ କରନ୍ତୁ ଓ ନନ୍ ମେଡିକାଲ ଆଇଟମ୍ ରାଶି ବୀମା କମ୍ପାନୀ ବହନ କଲାଭଳି ସ୍କୀମ୍ ପ୍ରଚଳନ କରାଯାଉ ଓ ବୀମା ରାଶିକୁ ପାଞ୍ଚ'ରୁ ୧୦ ଲକ୍ଷକୁ ବୃଦ୍ଧି କରାଯାଉ ।ଏହାର ପ୍ରତିବାଦରେ ସଂଘ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଅନ୍ୟଥା ରାଜ୍ୟର କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ପରୀପ୍ରେକ୍ଷୀରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ବ୍ୟାପୀ ପ୍ରତିବାଦର ଆହ୍ୱାନ ଦେବାକୁ ବାଧ୍ୟ ହେବ ବୋଲି ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଘୋଷଣା କରିଛନ୍ତି ।

# ପୁରୁଣା ଜଗନ୍ନାଥ ସଡ଼କରେ ଲୁଟେରା ଆତଙ୍କ



**ଭୁବନେଶ୍ୱର(ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ବାଲିଅନ୍ତା ଥାନା ପୁରୁଣା ଜଗନ୍ନାଥ ସଡ଼କ ଅଞ୍ଚଳରେ କିଛି ଲୁଟେରା ଉନ୍ମତ୍ତକାଣ୍ଡ ଘଟାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଲୁଟେରା ଗ୍ୟାଙ୍ଗ୍ ଏକ ଏଟିଏମ୍ ଭାଙ୍ଗି ଲୁଟିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି । କିନ୍ତୁ ସେଥିରେ ବିଫଳ ହେବା ପରେ ଏଟିଏମ୍ ନିକଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରିକରି ପଳାଇଥିଲେ । ସେହିଭଳି ଅନ୍ୟଜଣକ ବାଇକ୍‌କୁ ଭାଙ୍ଗି ଦେଇଥିବା ମଧ ଅଭିଯୋଗ ହୋଇଛି । ୪ଜଣ ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । କିନ୍ତୁ ପୁଲିସ ସେମାନଙ୍କୁ ଠାବ କରିପାରିନାହିଁ । ବ୍ୟାଙ୍କ ଓ ବାଇକ୍ ମାଲିକମାନଙ୍କ ଅଭିଯୋଗ ଆଧାରରେ ବାଲିଅନ୍ତା ଥାନାରେ ୩ଟି ପୃଥକ ମାମଲା ରୁଜୁ ହୋଇଛି । ଆଜି ଭୋର ସମୟରେ ସ୍ଥାନୀୟ ଲୋକେ ପ୍ରାତଃଭ୍ରମଣ କରୁଥିବା ବେଳେ ପୁରୁଣା ଜଗନ୍ନାଥ ସଡ଼କସ୍ଥିତ ତାରିଣୀ ମନ୍ଦିର ନିକଟ ଏସ୍‌ବିଆଇ ଏଟିଏମ୍ ଭଙ୍ଗା ହୋଇଥିବା ଦେଖିଥିଲେ । ଏଟିଏମ୍‌ର ଗ୍ରିଲ୍ କଟା ହୋଇଥିଲା ଏବଂ ବୈଦ୍ୟୁତିକ ଉପକରଣ ଭଙ୍ଗାରୁଜା ହୋଇ ପଡ଼ିଥିଲା । ତୁରନ୍ତ ସେମାନେ ବାଲିଅନ୍ତା ଥାନାକୁ ଜଣାଇଥିଲେ । ପୁଲିସ ପହଞ୍ଚିବା ପରେ ଜଣାପଡ଼ିଲା ଯେ ଦୁର୍ବୃତ୍ତମାନେ ଏଟିଏମ୍ ଲୁଟ୍ କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି । ସାଇରନ୍ ତାର ଛିଡ଼ି ତଳେ ପଡ଼ିଥିଲା । ତେଣୁ ଅନୁମାନ କରାଯାଉଛି ଯେ ଦୁର୍ବୃତ୍ତମାନେ ଏଟିଏମ୍ ମେସିନ୍ ଭାଙ୍ଗିବା ବେଳେ ସାଇରନ୍ ବାଜିଥିଲା । ତେଣୁ ସେମାନେ ସାଇରନ୍ ତାର କାଟି ଦେଇଥିଲେ ଏବଂ ସାଇରନ୍ ବାଜିଥିବାରୁ ପୁଲିସ ଆସିଯିବା ଭୟରେ ସେମାନେ ପଳାଇଥିଲେ । ପରେପରେ ଜଣାପଡ଼ିଲା ଯେ ଏଟିଏମ୍ ପାଖାପାଖି ରହୁଥିବା ଜଣଙ୍କ ପଲସର ବାଇକ୍ ଚୋରି ହୋଇଛି ଏବଂ ଜଣଙ୍କ ବାଇକ୍‌କୁ କେହି ଭାଙ୍ଗି ପକାଇଛି । ତେଣୁ ପୁଲିସର ସନ୍ଦେହ ଦୁର୍ବୃତ୍ତମାନେ ଏଟିଏମ୍ ଲୁଟ୍ କରିବାରେ ବିଫଳ ହେବା ପରେ ବାଇକ୍ ଚୋରି କରିନେଇଛନ୍ତି । ଲୁଟେରାମାନଙ୍କ ଏହି କାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଲୋକେ ଦାବି କରିଛନ୍ତି ।

# ଶ୍ୟାମପୁରରେ ଜବରଦଖଲ ହଟାଇବାକୁ ବୁଲିଲା ବୁଲଡୋଜର

**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ଶ୍ୟାମପୁର ମୌଜାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଏକ ବଡ଼ଧରଣର ଉଚ୍ଛେଦ ଅଭିଯାନ କରାଯାଇଛି । ଏହି ଅଭିଯାନରେ ଏକାଧିକଧିକ ଜେସିବି ମେସିନ ଏବଂ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ସୂଚନା ଅନୁଯାୟୀ, ଆଜି ସକାଳୁ ଭୁବନେଶ୍ୱର ଶ୍ୟାମପୁରରେ ପୁଣି ବଡ଼ ଧରଣର ଉଚ୍ଛେଦ ଚାଲିଛି । ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ମୋନିଟରିଙ୍ଗ କମିଟି ଉଚ୍ଛେଦ ଉପରେ ନଜର ରଖିଛି । ପ୍ରାୟ ସାଢ଼େ ୩ ଏକର ଜମି ଉପରୁ ଜବର ଦଖଲ ଉଚ୍ଛେଦ କରାଯାଉଛି । ତେବେ ପୂର୍ବ ଭଳି ଏଥର ଉଚ୍ଛେଦ ବେଳେ ସେହି ପୁରୁଣା କଥା ଦେଖିବାକୁ ମିଳିଛି । ଜିଏ ବିଭାଗ ଜମିକୁ ଜିଏ ବିଭାଗର ଅନୁମତି ନନେଇ ଟାଟା ପାୱାର ବିଦ୍ୟୁତ୍ ସଂଯୋଗ ଦେଲା କେମିତି ? ଡିପ୍ ବୋରୱେଲ ଖୋଳା ହେଲା କେମିତି ? କିଛି ମାସ ତଳେ ସେହି ସ୍ଥାନ ପାଖକୁ ଲାଗି ୬୮ ଏକର ଜମି ଉଚ୍ଛେଦ ହୋଇଥିଲା । ପୁଣି ସକ୍ରିୟ ଦଲାଲ ସରକାରଙ୍କ ଜାଗା ବିକିଦେଲେ ଓ ସେହି ଜମିକୁ କିଛି ଲୋକ ମଧ କିଣି ଘର ତିଆରି କରି ଦେଇଥିଲେ । ଆଶ୍ଚର୍ଯ୍ୟ କଥା ହେଉଛି ବର୍ଷା ଦିନରେ ଟିଭି, ଫ୍ରିଜ, ଏସି, ପରିବାର ନେଇ ବାହାରେ ପଡ଼ିଥିବା ବେଳେ କାହାଠୁ ଜମି କିଣିଥିଲେ ଓ କେତେ ଟଙ୍କା ଦଲାଲକୁ ଦେଇଥିଲେ ତାହା କହୁ ନାହାଁନ୍ତି ଘର ତିଆରି କରିଥିବା ଲୋକ ।

# ଲୁହାପଥର ଗ୍ରେଡ୍ ହେରଫେର, ଇସ୍ପାତ ସଂସ୍ଥାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି



**ଭୁବନେଶ୍ୱର(ବ୍ୟୁରୋ) :** ଲୁହାପଥର ଗ୍ରେଡ୍ ହେରଫେର ଅଭିଯୋଗ । ଖଣି କମ୍ପାନୀ ଓ ଇସ୍ପାତ ସଂସ୍ଥାଙ୍କୁ ଓଡ଼ିଶା ସରକାରଙ୍କ କଡ଼ା ଚେତାବନୀ । ଲୁହାପଥର ଗ୍ରେଡ୍ କୁ ଭୁଲ ଭାବେ ଦର୍ଶାଇ ସରକାରୀ ରାଜସ୍ୱରେ କ୍ଷତି ଘଟାଇବା ଅଭିଯୋଗକୁ ନେଇ ଓଡ଼ିଶା ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ଖଣି ଲିଜଧାରୀ ଓ ପ୍ରମୁଖ ଇସ୍ପାତ କମ୍ପାନୀମାନଙ୍କୁ ଏନେଇ କଡ଼ା ଚେତାବନୀ ଦିଆଯାଇଛି । ସରକାରୀ ଯାଞ୍ଚରେ କେତେକ ଲିଜଧାରୀ ଲୁହାପଥରର ପ୍ରକୃତ ଗ୍ରେଡ୍ ଠାରୁ କମ୍ ଗ୍ରେଡ୍ ଦର୍ଶାଇଥିବା ଅଭିଯୋଗ ହୋଇଛି । ଫଳରେ ରୟାଲ୍ଟି, ନିଲାମ ପ୍ରିମିୟମ୍ ଓ ଅନ୍ୟାନ୍ୟ ସରକାରୀ ଦେୟରେ ରାଜ୍ୟର ବ୍ୟାପକ ରାଜସ୍ୱ କ୍ଷତି ହୋଇଥିବା ସରକାର କହିଛନ୍ତି । ତେବେ ଗ୍ରେଡ୍ ହେରଫେର, ଭୁଲ ଘୋଷଣା କିମ୍ବା ଖଣିଜର ମୂଲ୍ୟ ଲୁଚାଇବା ଭଳି କାର୍ଯ୍ୟକୁ ଗୁରୁତର ଅପରାଧ ଭାବେ ନିଆଯିବ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜୁଲାଇ ୧୩ରେ ଅନୁଷ୍ଠିତ ବୈଠକରେ ଖଣି ଓ ଇସ୍ପାତ କମ୍ପାନୀମାନଙ୍କୁ ସ୍ପଷ୍ଟ ଭାବେ କୁହାଯାଇଛି । ପୂର୍ବରୁ ଯୋଡ଼ା, କୋଇଡ଼ା, ଯାଜପୁର ରୋଡ଼, କେନ୍ଦୁଝର ଓ ବାରିପଦା ଖଣି ସର୍କଲର ୬୫ଟି ଖଣି ଲିଜଧାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ସନ୍ତୋଷଜନକ ଉତ୍ତର ନ ମିଳିଲେ ଲିଜ୍ ବାତିଲ ଓ ପରଫର୍ମାନ୍ସ ସିକ୍ୟୁରିଟି ଜବତ ହେବାର ଚେତାବନୀ ମଧ ଦିଆଯାଇଛି । ଏହି ତାଲିକାରେ ବହୁ ଗୁରୁତ୍ୱପୂର୍ଣ୍ଣ ମାଇନିଂ ସଂସ୍ଥାର ନାଁ ରହିଛି । ତେବେ କିଛି କମ୍ପାନୀ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଖଣିର ଭୂତାତ୍ତ୍ୱିକ ଗଠନ ଅନୁଯାୟୀ ଗ୍ରେଡ୍ ନିର୍ଣ୍ଣୟ ହୁଏ ଏବଂ ଏଥିରେ କୌଣସି ଇଚ୍ଛାକୃତ ହେରଫେର ହୋଇନାହିଁ ବୋଲି କହିଛନ୍ତି । CAGର ରିପୋର୍ଟ ଅନୁସାରେ ୨୦୨୦-୨୧ ଓ ୨୦୨୧-୨୨ ମଧ୍ୟରେ ଲୁହାପଥର କମ୍ ମୂଲ୍ୟାୟନ ଯୋଗୁଁ ପ୍ରାୟ ୪ ଲକ୍ଷ ୧୬୨ ହଜାର ୭୯ କୋଟି ରାଜସ୍ୱ କ୍ଷତି ହୋଇଥିବା ଆକଳନ କରାଯାଇଛି । ଏହା ପରେ ରାଜ୍ୟ ସରକାର ତୃତୀୟ ପକ୍ଷ ସାମ୍ପଲିଂ, ଡିଜିଟାଲ ଟ୍ରାକିଂ ଓ କଡ଼ା ଯାଞ୍ଚ ବ୍ୟବସ୍ଥାକୁ ଆହୁରି ଜୋରଦାର କରିଛନ୍ତି ।

# ଯନ୍ତ୍ରଣା ଦେଉଛି ପଳାଶୁଣୀ ପୋଲ, ଅସମ୍ଭାଳ ଟ୍ରାଫିକ୍ ଜାମ୍

**ଭୁବନେଶ୍ୱର(ବ୍ୟୁରୋ):** ଯନ୍ତ୍ରଣା ଦେଉଛି ପଳାଶୁଣି ପୋଲ । ଦିନତମାମ ଏହି ପୋଲ ଉପରେ ଭିଡ଼ ରହୁଛି । ପୂର୍ବାହ୍ଣ ୯ଟାରୁ ୧୧ଟା ଓ ସଂଧ୍ୟା ୬ଟାରୁ ରାତି ୯ଟା ଯାଏଁ ସ୍ଥିତି ଅସମ୍ଭାଳ ହୋଇପଡୁଛି । ପୋଲ ଅତିକ୍ରମ କରିବାକୁ ଘଣ୍ଟାଘଣ୍ଟା ଲାଗିଯାଉଛି । ରସୁଲଗଡ଼ରୁ ହଂସପାଳ ପର୍ଯ୍ୟନ୍ତ ଲମ୍ବା ଧାଡ଼ି ଲାଗୁଛି । ସେପଟେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଭିଡ଼ ଭିତରେ କାମ । ଯେଉଁଥିପାଇଁ ରାତିରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ଓ ଲୋକେ ଅଯଥା କଲବଲ ହେଉଛନ୍ତି । ପଳାଶୁଣି ପୋଲର ଏକାଧିକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେଲାଣି । ସ୍ଥିତି ଏପରି ଯେ ବ୍ରିଜ୍ ରଡ୍ ବି ବାହାରକୁ ବାହାରିଲାଣି । ଗାଡ଼ି ଗଲେ ଖାଲଖମାରେ ପଡ଼ିଲେ ବ୍ରିଜ୍ ଉପରେ ଅଧିକ ଚାପ ପଡୁଛି । ଏଣୁ ଏହାର ମରାମତି କରୁଛି ଏନ୍‌ଏଚ୍‌ଏଆଇ । କିନ୍ତୁ ବିଳମ୍ବିତ ରାତିରେ ମରାମତି କରିବା ପରିବର୍ତ୍ତେ କର୍ତ୍ତୃପକ୍ଷ ରାତି ୧୦ରୁ ୧୧ଟା ଭିତରେ ଏହି ମରାମତି କାମ କରୁଛନ୍ତି । ଏଥିପାଇଁ ଅଧା ପୋଲକୁ ବନ୍ଦ କରି ଦେଉଛନ୍ତି । ପୋଲ ଉପରେ ବଡ଼ବଡ଼ ଗାଡ଼ି ରଖି ମରାମତି କରାଯାଉଛି । ମାତ୍ର ଗୋଟିଏ ଗାଡ଼ି ଗଲାଭଳି ବାଟ ମିଳୁଛି ।

# ୟୁନିଭର୍ସିଟି ଇନୋଭେସନ୍ ଲିଡରଶିପ୍ ଡେଭଲପମେଣ୍ଟ ପ୍ରୋଗ୍ରାମ୍‌ର ବିଜେତା ଘୋଷଣା



**ଭୁବନେଶ୍ୱର(ବ୍ୟୁରୋ):** ବିଶ୍ୱର ଅଗ୍ରଣୀ ଏରୋସ୍ପେସ୍ କମ୍ପାନୀ ବୋଇଂ ୟୁନିଭର୍ସିଟି ଇନୋଭେସନ୍ ଲିଡରଶିପ୍ ଡେଭେଲପମେଣ୍ଟ (ବିଲ୍ଡ) ପ୍ରୋଗ୍ରାମ୍ ୨୦୨୫-୨୬ର ପଞ୍ଚମ ସଂସ୍କରଣର ବିଜେତାମାନଙ୍କ ନାମ ଘୋଷଣା କରିଛି । ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟର ଷ୍ଟାର୍ଟଅପ୍ ଉଦ୍ୟୋଗୀମାନଙ୍କୁ ନେଇ ଗଠିତ ସାତଟି ଦଳ ଏହି ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି । ଚୟନିତ ବିଜେତା ଦଳଗୁଡ଼ିକ ହେଲେ ଏରୋସର୍ଟ୍ ଟେକ୍ନୋଲୋଜିସ୍, ଆଲକାମୀ କାର୍ବନ, ଡାୟାସୋଲ୍ ପ୍ରାଇଭେଟ୍ ଲିମିଟେଡ୍, ଅର୍ଥସ୍ୱିଣ୍ଟ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଓରିଜୟ ମେଡଟେକ୍ ପ୍ରାଇଭେଟ୍ ଲିମିଟେଡ୍, ଷ୍ଟେଲ୍‌ଏକ୍ସ ଡାଇନାମିକ୍ସ ଏବଂ ସ୍ୱର୍ଣ୍ଣ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍ । ଆସନ୍ତା କିଛି ମାସ ଧରି ବୋଇଂ ଓ ଏହାର ଇନ୍କ୍ୟୁବେଟର ସହଯୋଗୀମାନେ ଏହି ଦଳଗୁଡ଼ିକୁ ମାର୍ଗଦର୍ଶନ, ପରାମର୍ଶ ଏବଂ ପ୍ରାୟୋଗ ଜନିତ ସହାୟତା ଯୋଗାଇ ସେମାନଙ୍କ ନବସୃଜନମୂଳକ ଚିନ୍ତା ଧାରାକୁ ବଜାରଯୋଗ୍ୟ ଓ ବ୍ୟବସାୟିକ ସଫଳ ସମାଧାନରେ ପରିଣତ କରିବେ । ପ୍ରତ୍ୟେକ ବିଜେତା ଦଳକୁ ସେମାନଙ୍କ ପ୍ରକଳ୍ପର ବିକାଶ ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ । ବୋଇଂ ଇଣ୍ଡିଆ ଓ ଦକ୍ଷିଣ ଏସିଆର ସଭାପତି ସଲିଲ ଗୁପ୍ତେ କହିଛନ୍ତି, "ଭାରତର ଷ୍ଟାର୍ଟଅପ୍ ପରିବେଶ ଆଜି ଉଦ୍ୟୋଗୀ, ଇନ୍କ୍ୟୁବେଟର, ନିବେଶକ ଏବଂ ଶିକ୍ଷାନୁଷ୍ଠାନଙ୍କ ଏକ ସଶକ୍ତ ଓ ବିବିଧ ନେଟୱର୍କରେ ପରିଣତ ହୋଇଛି । ବିଲ୍ଡ ଏହି ସମସ୍ତଙ୍କୁ ଏକାଠି ଆଣି ନୂତନ ଚିନ୍ତାଧାରାକୁ କେବଳ ପ୍ରତିଯୋଗିତାରେ ସୀମିତ ନ ରଖି ବାସ୍ତବ ବ୍ୟବସାୟିକ ସୁଯୋଗ ସହ ଯୋଡ଼ିବାରେ ସହାୟକ ହୋଇଛି । ପଞ୍ଚମ ସଂସ୍କରଣରେ ପହଞ୍ଚିବା ସହ ବିଲ୍ଡ ମାଧ୍ୟମରେ ଗଢ଼ିଉଠିଥିବା ସହଯୋଗ ଓ ସମ୍ପର୍କ କାର୍ଯ୍ୟକ୍ରମ ଶେଷ ହେବା ପରେ ମଧ ଜାରି ରହିଥିବା ଦେଖି ଆମେ ଉତ୍ସାହିତ । ଏହି ବର୍ଷର ସମସ୍ତ ବିଜେତା ଓ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଏବଂ ବିଲ୍ଡର ବିକାଶ ଯାତ୍ରାରେ ସହଯୋଗ କରିଥିବା ସମସ୍ତ ଅଂଶୀଦାରଙ୍କୁ ଧନ୍ୟବାଦ । ଗତ ପାଞ୍ଚ ବର୍ଷ ମଧ୍ୟରେ ବିଲ୍ଡ କାର୍ଯ୍ୟକ୍ରମକୁ ୭,୦୦୦ରୁ ଅଧିକ ଆବେଦନ ମିଳିଥିବାବେଳେ ୩୫ରୁ ଅଧିକ ଷ୍ଟାର୍ଟଅପ କୁ ସମର୍ଥନ ପ୍ରଦାନ କରାଯାଇଛି । ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ଏରୋସ୍ପେସ୍, ଡିପ୍-ଟେକ୍, ପ୍ରଯୁକ୍ତିବିଦ୍ୟା, ସ୍ଥାୟୀ ବିକାଶ ଏବଂ ସାମାଜିକ ପ୍ରଭାବ ଭଳି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ସେହିପରି ବିଲ୍ଡ ଭାରତର ବ୍ୟାପକ ନବସୃଜନ ପରିବେଶ ସହ ନିଜର ସଂଯୋଗ ବଢ଼ାଇ ନିବେଶକ ଓ ଭେଞ୍ଚର କ୍ୟାପିଟାଲ୍ ସଂସ୍ଥାମାନଙ୍କୁ ମଧ ଏହି ପ୍ରକ୍ରିୟାରେ ସାମିଲ କରିଛି ।ବିଲ୍ଡର ସମ୍ପୂର୍ଣ୍ଣ ଯାତ୍ରାରେ ଫାଇନାଲିଷ୍ଟ ଦଳଗୁଡ଼ିକ ବୋଇଂର ଅଭିଜ୍ଞ ଇଞ୍ଜିନିୟର ଓ ପ୍ରଯୁକ୍ତି ବିଶେଷଜ୍ଞମାନଙ୍କ ସହ ନିକଟତର ଭାବେ କାମ କରି ନିଜ ଧାରଣାକୁ ବ୍ୟବହାରିକ ଓ ବଜାରଯୋଗ୍ୟ ବ୍ୟବସାୟିକ ସମାଧାନରେ ପରିଣତ କରିଥାନ୍ତି । ବୋଇଂ ଇଣ୍ଡିଆ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ସେଣ୍ଟରର ଉପସଭାପତି ଓ ପରିଚାଳନା ନିର୍ଦ୍ଦେଶିକା ତଥା ବୋଇଂ ଇଣ୍ଡିଆର ମୁଖ୍ୟ ଇଞ୍ଜିନିୟର ଷ୍ଟେସି ସାୟର କହିଛନ୍ତି, "ବିଲ୍ଡ ଆମକୁ ଆଗାମୀ ପିଢ଼ିର ଉଦ୍ଭାବକମାନଙ୍କ ସହ ଯୋଡ଼ିବା ଏବଂ ବୋଇଂର ଦଶନ୍ଧି ଧରି ଇଞ୍ଜିନିୟରିଂ ଦକ୍ଷତାକୁ ସେମାନଙ୍କ ସହ ବାଣ୍ଟିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଥାଏ । ପ୍ରାରମ୍ଭିକ ଧାରଣା କିପରି ମେଣ୍ଟରଶିପ୍ ଓ ସହଯୋଗ ମାଧ୍ୟମରେ ପରିପକ୍ୱ ହୋଇ ଶକ୍ତିଶାଳୀ ସମାଧାନରେ ପରିଣତ ହୁଏ, ତାହାହିଁ ବିଲ୍ଡର ସବୁଠାରୁ ବଡ଼ ବିଶେଷତ୍ୱ । ଏହି ବର୍ଷର ବିଜେତାମାନେ ଏହି ଭିତ୍ତିକୁ ଆହୁରି ସୁଦୃଢ଼ କରି ନିଜ ଧାରଣାକୁ ସଫଳ ଉଦ୍ୟମରେ ପରିଣତ କରିବେ ବୋଲି ଆମର ବିଶ୍ୱାସ ।" ଭାରତରେ ବିଲ୍ଡ କାର୍ଯ୍ୟକ୍ରମ ପରିଚାଳନା ପାଇଁ ବୋଇଂ ସାତଟି ଅଗ୍ରଣୀ ଇନ୍କ୍ୟୁବେଟର ସହ ସହଭାଗୀତା କରିଛି । ସେଗୁଡ଼ିକ ହେଲେ ଆଇଆଇଟି ମୁମ୍ବାଇର ସୋସାଇଟି ଫର୍ ଇନୋଭେସନ୍ ଆଣ୍ଡ ଏଣ୍ଟରପ୍ରେନରଶିପ୍ (ସାଇନ୍), ଆଇଆଇଟି ଦିଲ୍ଲୀର ଫାଉଣ୍ଡେସନ୍ ଫର୍ ଇନୋଭେସନ୍ ଆଣ୍ଡ ଟେକ୍ନୋଲୋଜି ଟ୍ରାନ୍ସଫର (ଫିଟ୍), ଆଇଆଇଟି ଗାନ୍ଧୀନଗରର ଇନୋଭେସନ୍ ଆଣ୍ଡ ଏଣ୍ଟରପ୍ରେନରଶିପ୍ ସେଣ୍ଟର, ଆଇଆଇଟି ମାଡ୍ରାସ୍ ଇନ୍କ୍ୟୁବେସନ୍ ସେଲ୍, ଆଇଆଇଏସ୍ସି ବେଙ୍ଗାଲୁରୁର ଫାଉଣ୍ଡେସନ୍ ଫର୍ ସାଇନ୍ସ ଇନୋଭେସନ୍ ଆଣ୍ଡ ଡେଭେଲପମେଣ୍ଟ, ଟି-ହବ୍ ହାଇଦ୍ରାବାଦ ଏବଂ କିଟ୍ ଭୁବନେଶ୍ୱରର ଟେକ୍ନୋଲୋଜି ଆଣ୍ଡ ବିଜନେସ୍ ଇନ୍କ୍ୟୁବେଟର (ଟିବିଆଇ) । ଆବେଦକମାନଙ୍କୁ ଏରୋସ୍ପେସ୍ ଓ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ସାମାଜିକ ପ୍ରଭାବ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ନିଜସ୍ୱ ନବସୃଜନମୂଳକ ଚିନ୍ତାଧାରା ଦାଖଲ କରିବାକୁ ଆମନ୍ତ୍ରଣ କରାଯାଇଥିଲା ।

## ବିଫଳ ପ୍ରେମିକଙ୍କ ଆତ୍ମହତ୍ୟା ଉଦ୍ୟମ

# ହୋଟେଲରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର

**ଭୁବନେଶ୍ୱର(ବ୍ୟୁରୋ):** ମଙ୍ଗଳବାର ରାତି ପ୍ରାୟ ଗୋଟାଏ । ହଠାତ୍ ଧଉଳି ଥାନା ପୁଲିସର ଏକ ଟିମ୍ ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଅଞ୍ଚଳସ୍ଥ ହୋଟେଲ୍ 'ସାଜ୍'ରେ ପଶିଲା । ହୋଟେଲ କର୍ମଚାରୀମାନେ କିଛି ବୁଝିବା ପୂର୍ବରୁ ପୁଲିସ ଟିମ୍ ତୃତୀୟ ମହଲାସ୍ଥିତ ରୁମ୍ ନମ୍ବର ୩୦୬ରେ ପହଞ୍ଚିଗଲା ଏବଂ ରୁମ୍ ଭିତରୁ ଆକାଶ ଜେନାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲା । ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିବା ଆକାଶଙ୍କୁ ତ୍ୱରିତ ଚିକିତ୍ସା କରାଯାଇଥିଲା ଏବଂ ତାଙ୍କ ଜୀବନ ରକ୍ଷା ହୋଇଯାଇଥିଲା । ଘଟଣାଟି ଥିଲା ଏକ ବିଫଳ ପ୍ରେମ କାହାଣୀ । ପ୍ରେମରେ ବିଫଳ ହୋଇଥିବା ଆକାଶ ଆତ୍ମହତ୍ୟା କରିବାକୁ ଯାଇ ନିଜର ହାତ ଓ ଗୋଡ଼ର ଶିରାପ୍ରଶିରାକୁ ଧାରୁଆ ଅସ୍ତ୍ରରେ କାଟି ପକାଇଥିଲେ । ଆତ୍ମହତ୍ୟା କରିବା ପୂର୍ବରୁ ସେ ଯେଉଁ ଭିଡିଓ ପୋଷ୍ଟ କରିଥିଲେ, ତାହା ହିଁ ତାଙ୍କ ଜୀବନ ବଞ୍ଚାଇପାରିଲା । ସେହିଭଳି ଧଉଳି ଥାନା ପୁଲିସର ତ୍ୱରିତ ପଦକ୍ଷେପ ହିଁ ଆକାଶଙ୍କୁ ମରଣ ମୁହଁରୁ ଫେରାଇ ଆଣିପାରିଥିବାରୁ ପରିବାର ଲୋକେ କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ପୁଲିସ କମିସନର ଧଉଳି ଥାନା ପୁଲିସକୁ ପ୍ରଶଂସା କରିଛନ୍ତି । କେନ୍ଦ୍ରାପଡ଼ା ଟାଉନ୍ କଣ୍ଟାବଣିଆ ଅଞ୍ଚଳର ଆକାଶଙ୍କ ପରିବାର ଉତ୍ତରା ଅଞ୍ଚଳରେ ରହୁଥିଲେ । ସେହି ଅଞ୍ଚଳରେ ଯୁବତୀଙ୍କ ପରିବାର ବି ରହୁଥିଲା । ବିଟେକ୍ ପଢ଼ିବା ବେଳେ ଆକାଶ ଓ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ।



ବିଟେକ୍ ସରିବା ପରେ ଦୁଇଜଣଯାକ ଅଲଗା ଅଲଗା ଘରୋଇ ସଂସ୍ଥାରେ ନିଯୁକ୍ତି ପାଇଥିଲେ ଏବଂ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ । କିନ୍ତୁ ଉଭୟଙ୍କ ପରିବାର ସେମାନଙ୍କ ବିବାହ ବାଟରେ ବାଧକ ସାଜିଥିଲେ । ଆକାଶଙ୍କ ପରିବାର ବଙ୍ଗୀୟ ଯୁବତୀଙ୍କୁ ବୋହୂ କରିବାକୁ ରାଜି ହୋଇନଥିଲେ । ଅପରପକ୍ଷେ ବଙ୍ଗୀୟ ପରିବାର, ଆକାଶଙ୍କ ପରିବାରଠାରୁ ଅଧିକ ଧନୀ ହୋଇଥିବାରୁ ଝିଅକୁ ସେଠି ବାହା ଦେବାକୁ ମନା କରିଦେଇଥିଲେ । ଏମିତି ସ୍ଥିତିରେ ବଙ୍ଗୀୟ ଯୁବତୀ ଧୀରେଧୀରେ ଆକାଶଙ୍କଠାରୁ ଦୂରେଇ ଯିବାକୁ ଲାଗିଲେ ଏବଂ ଶେଷରେ ଆକାଶଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରିଦେଲେ । ଏଣୁ ପ୍ରେମିକାଙ୍କୁ ହରାଇବା ଦୁଃଖରେ ମ୍ରିୟମାଣ ହୋଇ ଆକାଶ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଲେ । ଗତକାଲି ସନ୍ଧ୍ୟାରେ ସେ ହୋଟେଲ୍ ସାଜ୍‌କୁ ଆସି ସେଠାରେ ରହିଥିଲେ । ରାତି ପ୍ରାୟ ୯ଟା ବେଳେ ଏକ ଛୁରିରେ ନିଜ ହାତ ଓ ଗୋଡ଼ର ଶିରା କାଟିବାର ଦୃଶ୍ୟକୁ ମୋବାଇଲ୍‌ରେ ରେକର୍ଡ କରି ପୋଷ୍ଟ କରିଦେଲେ । ସୌଭାଗ୍ୟକୁ ଏହି ଲାଇଭ୍ ଭିଡିଓ ଆକାଶଙ୍କ ଜଣେ ବନ୍ଧୁଙ୍କ ନଜରକୁ ଆସିଥିଲା ଏବଂ ସେ ତୁରନ୍ତ ଆକାଶଙ୍କ ବାପା ବାଦଲ ଜେନାଙ୍କୁ ଜଣାଇଥିଲେ । କିନ୍ତୁ ସେତେବେଳକୁ ଆକାଶଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା । ବାଦଲ ତୁରନ୍ତ ଧଉଳି ଥାନାରେ ପହଞ୍ଚିଥିଲେ । ଧଉଳି ଥାନା ପୁଲିସ ମଧ ଘଟଣାକୁ ଗୁରୁତ୍ୱର ସହ ନେଇ ଆକାଶଙ୍କୁ ଖୋଜିବାରେ ଲାଗି ପଡ଼ିଥିଲା । ଆକାଶଙ୍କ ମୋବାଇଲ ବନ୍ଦ ଥିବାରୁ ପୁଲିସ ପାଇଁ ସମସ୍ୟା ହୋଇଥିଲେ ହେଁ ରାତି ପ୍ରାୟ ୧ଟା ବେଳେ ହୋଟେଲ୍ ସାଜ୍‌ରେ ତାଙ୍କୁ ଠାବ କରାଯାଇଥିଲା ।

### ପ୍ରତି ଗାଁରେ ତିଆରି ହେବ ଗୋବରଗ୍ୟାସ ପ୍ଲାଣ୍ଟ

# ଗୋବର୍ଦ୍ଧନ ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି

**■ ଖର୍ଚ୍ଚହେବ ୨୩,୭୩୧ କୋଟି ଟଙ୍କା**



**ନୂଆଦିଲ୍ଲୀ,୬।୮:** କେନ୍ଦ୍ରୀୟ କ୍ୟାବିନେଟ୍ ବୈଠକରେ ଗୁରୁବାର ଦୁଇଟି ବଡ଼ ନିଷ୍ପତ୍ତି ନିଆଯାଇଛି, ଯାହାର ସିଧାସଳଖ ପ୍ରଭାବ ଭାରତର ଅର୍ଥନୀତି ଉପରେ ପଡ଼ିବ। ପ୍ରଥମ ନିଷ୍ପତ୍ତି ହେଉଛି 'ଗୋବର୍ଧନ ଜାତୀୟ ଯୋଜନା'କୁ ମଞ୍ଜୁରି, ଯାହା ମାଧ୍ୟମରେ ଦେଶରେ ବାୟୋଗ୍ୟାସ ଉତ୍ପାଦନ ଏବଂ ବଣ୍ଟନକୁ ବଡ଼ ପ୍ରୋତ୍ସାହନ ମିଳିବ। ଦ୍ୱିତୀୟ ନିଷ୍ପତ୍ତି ହେଉଛି ପୂର୍ବାଞ୍ଚଳର ଭିତ୍ତିଭୂମି ବିକାଶ ସହ ଜଡ଼ିତ। ସରକାର ଆସାମରେ ୪-ଲେନ୍ ବିଶିଷ୍ଟ ଜାତୀୟ ରାଜପଥ ନିର୍ମାଣକୁ ଅନୁମୋଦନ ଦେଇଛନ୍ତି। ଦେଶରେ ବାୟୋଗ୍ୟାସ ଉତ୍ପାଦନକୁ ନୂଆ ଗତି ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨୩,୭୩୧ କୋଟି ଟଙ୍କାର 'ଗୋବର୍ଧନ ଜାତୀୟ ଯୋଜନା'କୁ ଅନୁମୋଦନ କରିଛନ୍ତି। ଏହି ଯୋଜନା ୨୦୨୬-୨୭ରୁ ୨୦୩୫-୩୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିବ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଗୋବର, ଫସଲର ଅବଶିଷ୍ଟ, ସହରର ଜୈବିକ ବର୍ଜ୍ୟବସ୍ତୁ ଓ ଅନ୍ୟାନ୍ୟ ବାୟୋମାସରୁ କମ୍ପ୍ରେସ୍ଡ ବାୟୋଗ୍ୟାସ ଉତ୍ପାଦନ କରି ପରିବେଶ ଅନୁକୂଳ ଶକ୍ତିକୁ ପ୍ରୋତ୍ସାହନ ଦେବା। ଏହି ଯୋଜନା ମାଧ୍ୟମରେ ଚାଷୀଙ୍କ ଆୟ ବୃଦ୍ଧି, ଜୈବିକ ବର୍ଜ୍ୟର ସଠିକ୍ ପରିଚାଳନା ଏବଂ ସ୍ୱଚ୍ଛ ଇନ୍ଧନର ବ୍ୟବହାରକୁ ଉତ୍ସାହିତ କରାଯିବ।

ଏହି ଯୋଜନାର ସବୁଠାରୁ ବଡ଼ ଲାଭ ଚାଷୀମାନଙ୍କୁ ମିଳିବ। ଏବେ ଗୋବର ଓ କୃଷି ଅବଶିଷ୍ଟ କେବଳ କ୍ଷେତରେ ସୀମିତ ରହିବ ନାହିଁ। ଚାଷୀମାନେ ଏହାକୁ ବାୟୋଗ୍ୟାସ ପ୍ଲାଣ୍ଟକୁ ବିକ୍ରି କରି ଅତିରିକ୍ତ ଆୟ କରିପାରିବେ। ଏହାସହ ପରାଳି ଓ ଅନ୍ୟାନ୍ୟ କୃଷି ବର୍ଜ୍ୟକୁ ପୋଡ଼ିବାର ଆବଶ୍ୟକତା ମଧ୍ୟ କମିବ, ଯାହା ଫଳରେ ବାୟୁ ପ୍ରଦୂଷଣ ହ୍ରାସ ପାଇବ। ଏହି ଯୋଜନା ଚାଷୀଙ୍କ ଆୟ ବୃଦ୍ଧି ସହ ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛ ଶକ୍ତି ଉତ୍ପାଦନକୁ ମଧ୍ୟ ବଡ଼ ପ୍ରୋତ୍ସାହନ ଦେବ। ଦେଶରେ ବାୟୋଗ୍ୟାସ ଉତ୍ପାଦନକୁ ବର୍ତ୍ତମାନ ସ୍ତର ତୁଳନାରେ ପ୍ରାୟ ୧୦ ଗୁଣା ବୃଦ୍ଧି କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସାରା ଦେଶରେ ନୂଆ କମ୍ପ୍ରେସ୍ଡ ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ କରାଯିବ। ବେସରକାରୀ କମ୍ପାନୀ ଏବଂ ଉଦ୍ୟୋଗୀମାନଙ୍କୁ ମଧ୍ୟ ଏହି କ୍ଷେତ୍ରରେ ବିନିଯୋଗ ପାଇଁ ପ୍ରୋତ୍ସାହନ ଦିଆଯିବ। ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ ହେଲେ ଗ୍ରାମାଞ୍ଚଳରେ ନୂଆ ରୋଜଗାରର ସୁଯୋଗ ସୃଷ୍ଟି ହେବ। ଗୋବର ଓ ଜୈବିକ ବର୍ଜ୍ୟ ସଂଗ୍ରହ, ପରିବହନ, ପ୍ରକ୍ରିୟାକରଣ ଏବଂ ବାୟୋଗ୍ୟାସ ଉତ୍ପାଦନ ସହ ଜଡ଼ିତ ଅନେକ ନୂଆ ବ୍ୟବସାୟ ଆରମ୍ଭ ହୋଇପାରିବ। ଏହା ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ।

### ✸ ଲୋକସଭାରେ ସଂଶୋଧନ ବିଲ୍ ପାସ୍

# ୟୁପିଆଇ ପେମେଣ୍ଟ ପାଇଁ ଫି' ଲାଗୁକୁ ଅନୁମତି



**ନୂଆଦିଲ୍ଲୀ,୬।୮:** ଆଜିକାଲି ପ୍ରତି ସ୍ଥାନରେ ପେମେଣ୍ଟ ପାଇଁ ଆମେ ନିଜର ସ୍ମାର୍ଟଫୋନ୍ ବାହାର କରୁ ଓ କ୍ୟୁଆର କୋଡ୍ ସ୍କାନ୍ କରିଦେଉ। ବିନା କୌଣସି ଅତିରିକ୍ତ ଚାର୍ଜରେ ଆଖି ପିଛୁଳାକେ ଟଙ୍କା ସ୍ଥାନାନ୍ତରିତ ହୁଏ। ଡିଜିଟାଲ ପେମେଣ୍ଟର ଏହି ଧାରା ସାଧାରଣ ଲୋକଙ୍କ ପାଇଁ ଜୀବନକୁ ବହୁତ ସହଜ କରିଦେଇଛି। ତଥାପି, ଏହି ମାଗଣା ଏବଂ ସୁବିଧାଜନକ ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରିବାକୁ ଯାଉଛି। ଗୁରୁବାର, ଲୋକସଭାରେ ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍ (ସଂଶୋଧନ) ବିଲ୍ ୨୦୨୬ ପାସ୍ ଧ୍ୱନୀମତରେ ପାସ୍ ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହେବାର ଅର୍ଥ ହେଉଛି ଭବିଷ୍ୟତରେ, ଆପଣଙ୍କର ଟଟଓ କାରବାର ଉପରେ ସରଚାର୍ଜ କିମ୍ବା ମର୍ଚ୍ଚେଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର) ଲାଗିବାର ଆଇନଗତ ରାସ୍ତା ସମ୍ପୂର୍ଣ୍ଣ ଭାବରେ ସଫା ହୋଇଯିବ। ଏପର୍ଯ୍ୟନ୍ତ ଦେଶର ଆଇନ ଅନୁଯାୟୀ, ୟୁପିଆଇ ପେମେଣ୍ଟ ପାଇଁ ଆପଣଙ୍କୁ ଟଙ୍କାଟିଏ ବି ଅତିରିକ୍ତ ଅର୍ଥ ଦେବାକୁ ପଡୁନଥିଲା। ଏହି ସେବା ଗ୍ରାହକଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ଥିଲା। ତଥାପି, ଏକ ନୂତନ ଆଇନଗତ ସଂଶୋଧନ ଏହି ପରିସ୍ଥିତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି। ନୂତନ ବିଲ୍ ଅନୁଯାୟୀ, କେଉଁ ଇଲେକ୍ଟ୍ରୋନିକ୍ ପେମେଣ୍ଟ ମୋଡ୍ ପାଇଁ ଦେୟ ନିଆଯିବ ତାହା ନିର୍ଣ୍ଣୟ କରିବାର ସ୍ୱତନ୍ତ୍ର ଅଧିକାର କେନ୍ଦ୍ର ସରକାରଙ୍କର ରହିଛି। ସରକାର ଏକ ସରକାରୀ ବିଜ୍ଞପ୍ତି ଜାରି କରିଛନ୍ତି, ଯାହା ଟଟଓ ଏବଂ ଅନ୍ୟାନ୍ୟ ପେମେଣ୍ଟ ପଦ୍ଧତି ପାଇଁ ଫି' ଲାଗୁ କରିବାକୁ ଅନୁମତି ଦେଇପାରିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପସ୍ଥାପନ କରିଛନ୍ତି। ଏହା ଏକ ବ୍ୟାପକ ଟିକସ ସଂଶୋଧନ ବିଲ୍ର ଏକ ଅଂଶ। ଏହି ପରିବର୍ତ୍ତନ ପଛରେ ସରକାରଙ୍କ ସ୍ପଷ୍ଟ ଯୁକ୍ତି ହେଉଛି ଯେ ଦେଶର ଦ୍ରୁତ ଗତିରେ ବଢୁଥିବା ଡିଜିଟାଲ୍ ପେମେଣ୍ଟ ଇକୋସିଷ୍ଟମ୍ ଦୀର୍ଘକାଳୀନ ଭାବରେ ସୁରକ୍ଷିତ ଏବଂ ସୁଦୃଢ଼ ରହିବା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ଆବଶ୍ୟକ। ବ୍ୟାଙ୍କ, ପେମେଣ୍ଟ ସର୍ଭିସ ପ୍ରୋଭାଇଡର କମ୍ପାନୀ ସହିତ ଏବଂ ପେମେଣ୍ଟ ଭିତ୍ତିଭୂମି ସଂଗଠନଗୁଡ଼ିକର କାର୍ଯ୍ୟ ସୂଚାରୁ ଭାବରେ ଚଳାଉଛନ୍ତି ପାଇଁ ଏଭଳି ରେଭିନ୍ୟୁ ମଡେଲ୍ ତୁରନ୍ତ ଆବଶ୍ୟକ। ସମ୍ପୂର୍ଣ୍ଣ ଭାବରେ ମାଗଣା ସେବା ଦେଉଥିବା ଏହି କମ୍ପାନୀ ଉପରେ ଯେଉଁ ଆର୍ଥିକ ଚାପ ପଡୁଛି, ତାକୁ କମ୍ କରିବା ପାଇଁ ଏହି ନୂଆ ବ୍ୟବସ୍ଥା ଆଣାଯିବ।

## ଚୁଟ୍‌କୀରେ...

### କର୍ମଚାରୀଙ୍କୁ ଦୁଷ୍କର୍ମ ମାମଲା

### ତେଜପାଲଙ୍କୁ ୧୦ ବର୍ଷର ସଶ୍ରମ କାରାଦଣ୍ଡ

**ନୂଆଦିଲ୍ଲୀ,୬।୮:** ଦେଶର ଅନ୍ୟତମ ପ୍ରତିଷ୍ଠିତ ମାଗାଜିନ ତେହେଲକାର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କୁ ୧୦ ବର୍ଷର ସଶ୍ରମ କାରାଦଣ୍ଡ। ୨୦୧୩ ଦୁଷ୍କର୍ମ ମାମଲାରେ ବମ୍ବେ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏପରି ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କ ଉପରେ ୫ ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଲାଗୁ କରାଯାଇଛି। ଏହି ଜୋରିମାନା ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂରା ଘଟଣା ୨୦୧୩ ନଭେମ୍ବର ମାସରେ ଘଟିଥିଲା। ତେହେଲକା ପତ୍ରିକାର ଜଣେ ମହିଳା କର୍ମଚାରୀଙ୍କୁ ଲିଫ୍ଟ ଭିତରେ ତରୁଣ ତେଜପାଲ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଗୋଆର ଗୋଟିଏ ରିସର୍ଟରେ ଆୟୋଜିତ ସଂସ୍ଥାର ବାର୍ଷିକ 'ଥିଙ୍କଫେଷ୍ଟ' କାର୍ଯ୍ୟକ୍ରମ ସମୟରେ ଲିଫ୍ଟ ଭିତରେ ତାଙ୍କ ସହ ତରୁଣ ଏପରି ଜଘନ୍ୟକାଣ୍ଡ ଘଟିଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପ୍ରଥମେ ୨୦୨୧ରେ ଗୋଆର ଗୋଟିଏ ଟ୍ରାଏଲ କୋର୍ଟ ତେଜପାଲଙ୍କୁ ଦୋଷମୁକ୍ତ କରିଥିଲେ। କିନ୍ତୁ ଆଜି ବମ୍ବେ ହାଇକୋର୍ଟର ବିଚାରପତି ଜଷ୍ଟିସ ଡ ନୀଲା ଗୋଖଲେ ଓ ଜଷ୍ଟିସ ଅମିତ ଜାମସାଣ୍ଡେକରଙ୍କ ଖଣ୍ଡପୀଠ ଆଇପିସିର ଧାରା ୩୭୬(୨)(ଏଫ୍), ୩୭୬(୨)(କେ), ୩୫୪ଏ ଓ ୩୫୪ବି ଅନୁଯାୟୀ ତରୁଣ ତେଜପାଲଙ୍କୁ ଦୁଷ୍କର୍ମ ଓ ଯୌନ ଉତ୍ପୀଡ଼ନ ଅପରାଧରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ ବର୍ଷର ସଶ୍ରମ କାରଦାଣ୍ଡ ମିଳିଥିବା ବେଳେ ପୁଲିସ୍ ନିକଟରେ ଆତ୍ମସମର୍ପଣ ପାଇଁ କୋର୍ଟ ୨ ସପ୍ତାହର ସମୟ ଦେଇଛି। ଏହାର ଅର୍ଥ ତେଜପାଲ ଏହି ସମୟରେ ହାଇକୋର୍ଟଙ୍କ ରାୟକୁ ସଂଶୋଧନ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିପାରିବେ।

### ଗ୍ୟାଙ୍ଗଷ୍ଟର ଅତିକ ସାନପୁଅର ଦୁର୍ଘଟଣାରେ ମୃତ୍ୟୁ

**ନୂଆଦିଲ୍ଲୀ,୬।୮:** ଗ୍ୟାଙ୍ଗଷ୍ଟରରୁ ରାଜନେତା ବନିଥିବା ଦିବଙ୍ଗତ ଅତିକ ଅହମଦଙ୍କ ସାନ ପୁଅ ଆବାନ ଅହମଦଙ୍କ ଦୁଃଖଦ ମୃତ୍ୟୁ। ଉତ୍ତର ପ୍ରଦେଶର ଝାନସୀରେ ଘଟିଥିବା ଭୟଙ୍କର ସଡ଼କ ଦୁର୍ଘଟଣାରେ ଆବାନ ଆଖି ବୁଜିଛନ୍ତି। ଗୋଟିଏ କାରରେ ଆବାନ ଓ ତାଙ୍କ ସାଙ୍ଗମାନେ ଯାଉଥିବା ବେଳେ ଏହା ଡିଭାଇଡରରେ ପିଟି ହୋଇଯାଇଥିଲା। ଘଟଣା ସ୍ଥଳରେ ଆବାନ ଓ ସାଙ୍ଗ ସୋନୁ ଆଖି ବୁଜିଛନ୍ତି। ବାକି ୩ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରିପୋର୍ଟ ଅନୁସାରେ, ଆବାନ ପ୍ରୟାଗରାଜରୁ ଝାନସୀ ଯାଉଥିଲେ। ଝାନସୀ ଜେଲରେ ଥିବା ନିଜ ବଡ଼ ଭାଇଙ୍କୁ ସେ ଦେଖା କରିବାକୁ ଯୋଜନା କରିଥିଲେ। ହେଲେ ଅଧା ରାସ୍ତାରେ ଏତେ ବଡ଼ ଘଟଣା ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରଟି ପୂରା ଚୂରମାର ହେବା ସହ ଆବାନ ଓ ସୋନୁ ଘଟଣା ସ୍ଥଳରେ ପ୍ରାଣ ହରାଇଛନ୍ତି। ଗାଡ଼ିରେ ବେଗ ଅଧିକ ଥିବାରୁ ଏତେ ବଡ଼ ଘଟଣା ଘଟିଥିବା ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୁଲିସ କହିଛି ଯେ କାରରେ ୫ ଜଣ ରହିଥିଲେ। ଦୁର୍ଘଟଣା ଯୋଗୁ ୨ ଜଣ ପ୍ରାଣ ହରାଇଥିବା ବେଳେ ଆଉ ୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗାଡ଼ିଟି ସଂପୂର୍ଣ୍ଣ ଚୂରମାର ହୋଇଯାଇଛି।

### ଜେଟ୍ ସହ ଧକ୍କାରୁ ବର୍ତ୍ତିଲା ଟ୍ରମ୍ପଙ୍କ ହେଲିକପ୍ଟର

**ନୂଆଦିଲ୍ଲୀ, ୬।୮:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାୟୁସେନା ସୁରକ୍ଷାରେ ଏକ ବଡ଼ଧରଣର ତ୍ରୁଟି ପଦାକୁ ଆସିଛି । ରାଷ୍ଟ୍ରପତିଙ୍କୁ ନେଇ ଯାଉଥିବା 'ମେରାଇନ୍ ୱାନ୍' ହେଲିକପ୍ଟରଟି ଆକାଶରେ ଏକ ଯାତ୍ରୀବାହୀ ଜେଟ୍‌ର ଅତି ନିକଟତର ହୋଇଯାଇଥିଲା, ଯାହାକି ଏକ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରିବା ଭଳି ସ୍ଥିତି ସୃଷ୍ଟି କରିଥିଲା । ସୂଚନା ଅନୁଯାୟୀ, ମଙ୍ଗଳବାର ଦ୍ୱିପ୍ରହରରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ନେଇ ମିଲିଟାରୀ ହେଲିକପ୍ଟର ହ୍ୱାଇଟ୍ ହାଉସ୍‌ରୁ ଉଡ଼ାଣ ଭରିଥିଲା । ଏହି ସମୟରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ଭୁଲବଶତଃ ଉତ୍ତର ଭର୍ଜିନିଆର ରୋନାଲ୍ଡ ରିଗେନ୍ ଜାତୀୟ ବିମାନବନ୍ଦରରେ କମର୍ସିଆଲ୍ ଉଡ଼ାଣଗୁଡ଼ିକୁ ରୋକିବାରେ ବିଫଳ ହୋଇଥିଲେ। ଫଳରେ, ମେରାଇନ୍ ୱାନ୍ ଏବଂ ଫ୍ଲୋରିଡା ଅଭିମୁଖେ ଯାଉଥିବା ଏକ ପାସେଞ୍ଜର ଜେଟ୍ (ଏମ୍ବ୍ରୋୟର E୧୭୦) ନିୟମିତ ସୀମାଠାରୁ ଅତ୍ୟଧିକ ନିକଟକୁ ଚାଲିଆସିଥିଲେ । ଏହି ସୁରକ୍ଷା ତ୍ରୁଟିକୁ ନେଇ ଆମେରିକାର ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ ପକ୍ଷରୁ ଏକ ସୁରକ୍ଷା ଯାଞ୍ଚ ଆରମ୍ଭ କରାଯାଇଛି । ତେବେ ଘଟଣାକୁ ନେଇ ହ୍ୱାଇଟ୍ ହାଉସ୍‌ର ମୁଖପାତ୍ର କୁଶ ଦେଶାଇ କହିଛନ୍ତି ଯେ, 'ମେରାଇନ୍ ୱାନ୍‌କୁ ଦୁନିଆର ସର୍ବୋତ୍ତମ ପାଇଲଟମାନେ ଉଡ଼ାଣ କରନ୍ତି ଏବଂ ରାଷ୍ଟ୍ରପତିଙ୍କୁ କୌଣସି ମୁହୂର୍ତ୍ତରେ ବିପଦ ନଥିଲା ।' ଗତବର୍ଷ ଜାନୁଆରୀରେ ଏକ ଭୟଙ୍କର ବିମାନ ଦୁର୍ଘଟଣାରେ ୬୭ ଜଣଙ୍କ ଜୀବନ ଯାଇଥିଲା, ଯାହା ପରେ ଆକାଶରେ ବିମାନଗୁଡ଼ିକ ମଧ୍ୟରେ ଦୂରତା ବଜାୟ ରଖିବା ପାଇଁ ଋଉଇ ପକ୍ଷରୁ ଅତ୍ୟନ୍ତ କଡ଼ା ନିୟମ ଲାଗୁ କରାଯାଇଥିଲା । ନୂତନ ନିୟମ ଅନୁଯାୟୀ, ବିମାନବନ୍ଦର ଆଖପାଖରେ କମ୍ପ୍ରେଡ୍ ହୋରିଜୋଣ୍ଟାଲ୍ ୧.୫ ମାଇଲ୍ ଏବଂ ଭର୍ଟିକାଲ୍ ୫୦୦ ଫୁଟ୍ ଦୂରତା ରକ୍ଷା କରିବା ବାଧ୍ୟତାମୂଳକ ।

## ରାଜପାଲଙ୍କ ଘର ବାହାରେ ଝୁଲିଲା ନିଲାମ ନୋଟିସ୍



**ନୂଆଦିଲ୍ଲୀ,୬।୮:** ପରଦାରେ ନିଜର ଅପୂର୍ବ ଅଭିନୟ ଓ କମେଡି ମାଧ୍ୟମରେ କୋଟି କୋଟି ଦର୍ଶକଙ୍କୁ ହସାଉଥିବା ବଲିଉଡର ଜଣାଶୁଣା ଅଭିନେତା ରାଜପାଲ ଯାଦବ ଏବେ ନିଜେ ଏକ ବଡ଼ ସଙ୍କଟରେ । ବାସ୍ତବ ଜୀବନର ଏହି ଟ୍ରାଜେଡି ତାଙ୍କୁ ଆର୍ଥିକ ଓ ଆଇନଗତ ଭାବେ ଦୋହଲାଇ ଦେଇଛି। ଦିନେ ଯାହାଙ୍କୁ ଦେଖିଲେ ଲୋକଙ୍କ ମନରେ ହସ ଫୁଟୁଥିଲା, ଆଜି ସେହି ଅଭିନେତା ନିଜର ପୈତୃକ ସମ୍ପତ୍ତି ବଞ୍ଚାଇବା ପାଇଁ ସଂଘର୍ଷ କରୁଛନ୍ତି। ରାଜପାଲ ଯାଦବଙ୍କ ଏହି ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା ୨୦୧୦-୧୨ ମସିହାରେ, ଯେତେବେଳେ ସେ 'ଅତା ପତା ଲାପତା' ନାମକ ଏକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ମୋଟା ଅଙ୍କର ଋଣ ନେଇଥିଲେ। କିନ୍ତୁ ବକ୍ସ ଅଫିସରେ ଫିଲ୍ମଟି ବିଫଳ ହେବା ସହ ରାଜପାଲଙ୍କ ଆର୍ଥିକ ଅବସ୍ଥା ବିଗିଡ଼ିବାକୁ ଲାଗିଲା। ବର୍ତ୍ତମାନ ସୁଦ୍ଧା ସୁଧ ସହିତ ଏହି ଋଣର ପରିମାଣ ବଢ଼ି ବଢ଼ି ୧୬ କୋଟି ୬୧ ଲକ୍ଷ ୬୪ ହଜାର ଟଙ୍କାରେ ପହଞ୍ଚିଛି। ପୂର୍ବରୁ ଚେକ୍ ବାଉନ୍ସ ମାମଲାରେ ସେ ଜେଲ୍ ଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ଋଣ ପରିଶୋଧ କରିବାରେ ବାରମ୍ବାର ବିଫଳ ହେବା ପରେ ବ୍ୟାଙ୍କ ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଉତ୍ତର ପ୍ରଦେଶର ଶାହାଜାହାନପୁର ସ୍ଥିତ ରାଜପାଲଙ୍କ ପୈତୃକ ଗ୍ରାମରେ ବ୍ୟାଙ୍କର ରିକଭରୀ ଅଧିକାରୀମାନେ ପହଞ୍ଚି ତାଙ୍କ ଘର ଓ ଜମିରେ ନିଲାମ ନୋଟିସ୍ ଲଗାଇଛନ୍ତି ।

# ବର୍ଷାର ତାଣ୍ଡବ : କୋଠା ଭୁଶୁଡ଼ି ୬ ମୃତ



**ଉତ୍ତରପ୍ରଦେଶ, ୬।୮:** ଉତ୍ତର ଭାରତରେ ଜାରି ରହିଥିବା ପ୍ରବଳ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ବିଭିନ୍ନ ସ୍ଥାନରୁ ବର୍ଷାଜନିତ ବିପର୍ଯ୍ୟୟ ଏବଂ ଦୁର୍ଘଟଣାର ଖବର ସାମ୍ନାକୁ ଆସୁଛି । ଏହି କ୍ରମରେ ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲ୍ଲାରୁ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି, ଯେଉଁଥିରେ ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଛି । ଅନ୍ୟପକ୍ଷରେ, ଉତ୍ତରାଖଣ୍ଡରେ ମଧ୍ୟ ଭାରତୀୟ ପାଣିପାଗ ବିଭାଗର ଚେତାବନୀ ପରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲ୍ଲା ଅନ୍ତର୍ଗତ ନଗର କୋତୱାଲି ଏସିଆର ମହୁଲୀ ଓ୍ୱାର୍ଡରେ ଏହି ବଡ଼ଧରଣର ଦୁର୍ଘଟଣା ଘଟିଛି । ଗୁରୁବାର ରାତି ପ୍ରାୟ ୩ଟା ସମୟରେ ଏକ ପୁରୁଣା ଘରର ଛାତ ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଘଟଣାସ୍ଥଳରେ ଗୋଟିଏ ପରିବାରର ୬ ଜଣ ସଦସ୍ୟ ମାଟି ଓ କଂକ୍ରିଟ୍ ସ୍ତୂପ ତଳେ ଚାପି ହେବା ଫଳରେ ସମସ୍ତଙ୍କର ମୃତ୍ୟୁ ହୋଇଛି । ଖବର ପାଇ ପୁଲିସ ଏବଂ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଦୁଇ ଘଣ୍ଟାର ପରିଶ୍ରମ କରି ଭଗ୍ନାବଶେଷ ତଳରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଡାକ୍ତରଖାନାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏହି ଦୁର୍ଘଟଣାରେ ପରିବାରର ଅନ୍ୟ ଜଣେ ଯୁବକ ଅମନ୍ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଭାରତୀୟ ପାଣିପାଗ ବିଭାଗର ପ୍ରବଳ ବର୍ଷା ଚେତାବନୀକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ରାଜ୍ୟର ସମସ୍ତ ସମ୍ପୃକ୍ତ ବିଭାଗକୁ ହାଇ ଆଲର୍ଟରେ ଜାରି କରିଛନ୍ତି । ବିପର୍ଯ୍ୟୟ ପରିଚାଳନା ଏବଂ ପୁନର୍ବାସ ସଚିବ ବିନୋଦ କୁମାର ସୁମନଙ୍କ ସହ ସ୍ଥିତି ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏସଡିଆରଏଫ୍, ଏନଡିଆରଏଫ୍, ଜିଲ୍ଲା ପ୍ରଶାସନ, ପୁଲିସ, ଅଗ୍ନିଶମ ସେବା ଏବଂ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ କହିଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ଉଦ୍ଧାର ଓ ମାଗଣା ରିଲିଫ୍ କାର୍ଯ୍ୟ ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଆସାମରେ ଜଳପ୍ରଳୟ : ୯୫ ମୃତ

ଆସାମରେ ପୁଣି ଥରେ ମୌସୁମୀ ବନ୍ୟା ତାଣ୍ଡବ ରଚିଛି। ରାଜ୍ୟରେ ବନ୍ୟା ଏବଂ ବର୍ଷା ଯୋଗୁଁ ମୃତ୍ୟୁ ସଂଖ୍ୟା ୯୫ ରେ ପହଞ୍ଚିଛି। ସଦ୍ୟତମ ବନ୍ୟାରେ ୫୬୩ ଗାଁର ଲକ୍ଷେ ୬୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଶିବସାଗର ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲା ଶୀର୍ଷରେ ରହିଛି। ଅନେକ ଅଞ୍ଚଳରେ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି, ଏବଂ ବନ୍ଧ ଭାଙ୍ଗି ପରିସ୍ଥିତିକୁ ଆହୁରି ଖରାପ କରିଛି। ପ୍ରାୟ ୧୬,୯୫୧ ହେକ୍ଟର ଚାଷ ଜମି ବୁଡ଼ି ଯାଇଛି। ୩୫ ହଜାରରୁ ଅଧିକ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ପ୍ରାୟ ୮,୫୦୦ ଭାସି ଯାଇଛନ୍ତି। ହଜାର ହଜାର ଲୋକ ୪୫ଟି ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହା ସହିତ ୫୯ଟି ବଣ୍ଟନ କେନ୍ଦ୍ର ମାଧ୍ୟମରେ ୩୨,୦୦୦ରୁ ଅଧିକ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଉଛି। ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଚାଉଳ, ଡାଲି, ଲୁଣ ଏବଂ ପଶୁ ଖାଦ୍ୟ ପଠାଯାଉଛି ।ଚଳିତ ଥର ଆସାମରେ ବର୍ଷା ଅନେକ ପରିବାରର ଖୁସିକୁ ଛଡ଼ାଇ ନେଇଛି।

### ଏବେ ଯୁବପିଢିଙ୍କ ପାଳି : ଅଭିଜିତ୍

# ବେକାରୀ ସମସ୍ୟାକୁ ଜନ ଆନ୍ଦୋଳନରେ ପରିଣତ କରାଯିବ

**◆ ସରକାରଙ୍କୁ ଦେବାକୁ ପଡ଼ିବ ଚାକିରି**



**ନୂଆଦିଲ୍ଲୀ,୬।୮:** ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ସିଜେପିର କୋର ଟିମ୍ ର ଏକ ବୈଠକ ପରେ ସଂଗଠନର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ କହିଛନ୍ତି ଯେ ଦେଶରେ ବଢୁଥିବା ବେକାରୀ ଏବେ କେବଳ ଯୁବକମାନଙ୍କ ପାଇଁ ବ୍ୟକ୍ତିଗତ ସମସ୍ୟା ନୁହେଁ, ବରଂ ଜାତୀୟ ଚିନ୍ତାର ବିଷୟ। ସେ ଘୋଷଣା କରିଛନ୍ତି ଯେ ଆଗାମୀ ଦିନରେ, ସିଜେପି ବେକାରୀ ସମସ୍ୟାକୁ ଏକ ଦେଶବ୍ୟାପୀ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଏକ ବିଶାଳ ଅଭିଯାନ ଆରମ୍ଭ କରିବ। ସେ କହିଛନ୍ତି ଯେ ନିଯୁକ୍ତି ପ୍ରସଙ୍ଗରେ ଯୁବପିଢ଼ିଙ୍କୁ ସଂଗଠିତ କରିବା ହେଉଛି ସମୟର ସବୁଠାରୁ ଜରୁରୀ ଆବଶ୍ୟକତା। ଅଭିଜିତ୍ ଦୀପକେ କହିଛନ୍ତି, ଜନ୍ତର ମନ୍ତରରେ ସମ୍ପ୍ରତି ହୋଇଥିବା ପ୍ରତିବାଦ ସ୍ପଷ୍ଟ କରିଛି ଯେ ବେକାରୀ ସମସ୍ୟା କେବଳ ଛାତ୍ରମାନଙ୍କ ମଧ୍ୟରେ ସୀମିତ ନୁହେଁ। ବହୁ ସଂଖ୍ୟକ ବେକାରୀ ଯୁବକ ପ୍ରତିବାଦରେ ଅଂଶଗ୍ରହଣ କରି ଦର୍ଶାଇଛନ୍ତି ଯେ ବେକାରୀ ସମସ୍ୟା ସମାଜର ସମସ୍ତ ବର୍ଗର ଯୁବକମାନଙ୍କୁ ପ୍ରଭାବିତ କରେ। ସେ ଏହାକୁ ଯୁବ ସଂହତି ଏବଂ ଗଣତାନ୍ତ୍ରିକ ସ୍ୱରର ଏକ ଦୃଢ଼ ଉଦାହରଣ ଭାବରେ ବର୍ଣ୍ଣନା କରିଛନ୍ତି।

ସେ କହିଛନ୍ତି ଯେ ବେକାରୀ ଏକ ପ୍ରମୁଖ ସମସ୍ୟା ଏବଂ ସେ ଜୋର ଦେଇ କହିଛନ୍ତି ଯେ ଆମେ ଏହାକୁ ଏକ ଦେଶବ୍ୟାପୀ ପ୍ରସଙ୍ଗ କରିବୁ ଏବଂ ଶିକ୍ଷାକୁ ଉନ୍ନତ କରିବା ପାଇଁ କାମ କରିବୁ। ସ୍କୁଲ ଶିକ୍ଷା ଦିନଠାରୁ ଶିକ୍ଷା ମହଙ୍ଗା ହୋଇଆସିଛି। ଶିକ୍ଷାକୁ ଲାଭ ପାଇଁ ବ୍ୟବହାର କରାଯାଏ। କିନ୍ତୁ ଆମେ ଏହାକୁ ପରିବର୍ତ୍ତନ କରିବାକୁ ଚାହୁଁଛୁ। ସେ କହିଥିଲେ ଯେ ସିଜେପିର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ରାଜ୍ୟ ଏବଂ ଜିଲ୍ଲାରେ ବେକାରୀ ସମସ୍ୟା ଉଠାଇବା। ଏହାକୁ ହାସଲ କରିବା ପାଇଁ ସଂଗଠନ ବିଭିନ୍ନ ସ୍ଥାନରେ ବୈଠକ, ସାଧାରଣ ଆଲୋଚନା, ଯୁବ ସମ୍ମିଳନୀ ଏବଂ ଜନସଚେତନତା ଅଭିଯାନ ଆୟୋଜନ କରିବ। ସେ ବିଶ୍ୱାସ କରନ୍ତି ଯେ ନିଯୁକ୍ତି ପ୍ରସଙ୍ଗରେ ବ୍ୟାପକ ଜନ ଚାପ ସୃଷ୍ଟି ନ ହେଲେ ପ୍ରଭାବଶାଳୀ ସମାଧାନ ଖୋଜିବା କଷ୍ଟକର ହେବ।

# ଆଶାରାମଙ୍କୁ ସୁପ୍ରିମକୋର୍ଟରୁ ମିଳିଲାନି ଜାମିନ



**ନୂଆଦିଲ୍ଲୀ,୬।୮:** ଆଶାରାମ ବାପୁଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ଲାଗିଛି। ଜଣେ ନାବାଳିକା ବଳାତ୍କାର ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମ ବାପୁଙ୍କୁ ସୁପ୍ରିମକୋର୍ଟ ବର୍ତ୍ତମାନ ପାଇଁ ଅନ୍ତରୀଣ ଜାମିନ ଦେବାକୁ ମନା କରିଦେଇଛନ୍ତି। ୮୫ ବର୍ଷୀୟ ବୃଦ୍ଧ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଜାମିନ ଆବେଦନ କରିଥିଲେ। ଯୋଧପୁରର ଏମ୍ସର ଏକ ଡାକ୍ତରୀ ରିପୋର୍ଟ ଆଧାରରେ, କୋର୍ଟ ଏହି ପର୍ଯ୍ୟାୟରେ ଜାମିନ ଆବଶ୍ୟକ ମନେ କରିନାହାଁନ୍ତି। ସୁପ୍ରିମ କୋର୍ଟ ଆବେଦନକୁ ବଜାୟ ରଖିଛନ୍ତି ଏବଂ କହିଛନ୍ତି ଯେ, ଯଦି ତାଙ୍କ ଅବସ୍ଥା ଖରାପ ହୁଏ ତେବେ ସେ ପୁଣି ଥରେ ଜାମିନ ଆବେଦନ କରିପାରିବେ। ଶୁଣାଣି ସମୟରେ, କୋର୍ଟଙ୍କୁ ଏହା ମଧ୍ୟ ଅବଗତ କରାଯାଇଥିଲା ଯେ, ଆଶାରାମଙ୍କୁ ବର୍ତ୍ତମାନ ହାଇକୋର୍ଟ ଦ୍ୱାରା ୨୦ ଦିନର ପାରୋଲ ଦିଆଯାଇଛି। ଏମ୍ସ ଯୋଧପୁର ରିପୋର୍ଟରେ କହିଛି ଯେ, ଆଶାରାମଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବାର ଆବଶ୍ୟକତା ନାହିଁ, କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ୨୪ ଘଣ୍ଟା ନଜର ରଖିବାକୁ ପଡିବ। ଏହି ରିପୋର୍ଟ ଉପରେ ଆଧାର କରି ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେବାକୁ ମନା କରିଛନ୍ତି।

# ଭାରତ-ନେପାଳ ସୀମା ବିବାଦ ତୀବ୍ର

**ନେପାଳ,୬।୮:** ମୋତିହାରୀରେ ଭାରତ-ନେପାଳ ସୀମା ବିବାଦ ତୀବ୍ର ହୋଇଛି । ଭାରତ-ନେପାଳ ସୀମାନ୍ତ ପଶ୍ଚିମ ଚମ୍ପାରଣର ସମ୍ବେଦନଶୀଳ ତଥା ଦୀର୍ଘଦିନରୁ ବିବାଦୀୟ ସୁସ୍ତା ଅଞ୍ଚଳରେ ପୁଣିଥରେ ସୀମା ବିବାଦକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଛି । ଭାରତୀୟ ସୀମା ଭିତରେ ବେଆଇନ ଭାବେ ମାଟି ବନ୍ଧ ନିର୍ମାଣକୁ ବିରୋଧ କରିବାରୁ ଉତ୍ତ୍ୟକ୍ତ ଲୋକେ ଏସ୍ ?ଏସ୍ ?ବି ଯବାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ନେପାଳର ସୁସ୍ତା ଗ୍ରାମର ୧୫୦ରୁ ୨୦୦ ଜଣ ଗ୍ରାମବାସୀ ଦୁଇ ଦେଶ ମଧ୍ୟରେ ହୋଇଥିବା ପୂର୍ବ ବୁଝାମଣାର ଉଲ୍ଲଂଘନ କରି ଭାରତୀୟ ସୀମା ଭିତରେ ମାଟି ବନ୍ଧ ନିର୍ମାଣ କରିବାକୁ ଲାଗିଥିଲେ । ଗସ୍ତରେ ଥିବା ଝଝଇର ୨୧୧ ବାହିନୀର ଯବାନମାନେ ଏହା ଦେଖିବାକ୍ଷଣି ତୁରନ୍ତ ଏହାର ପ୍ରତିବାଦ କରିଥିଲେ ଏବଂ ନେପାଳର ସଶସ୍ତ୍ର ପୁଲିସ ବଳ ଅଧିକାରୀଙ୍କ ସହ ଆଲୋଚନା ଆରମ୍ଭ କରିଥିଲେ । ଆଲୋଚନା ଚାଲିଥିବା ସମୟରେ ହଠାତ୍ ପ୍ରାୟ ୧୫୦-୨୦୦ ଜଣ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ସରକାରୀ କାମରେ ବାଧା ସୃଷ୍ଟି କରିଥିଲେ । ଯବାନମାନଙ୍କ ସହ ଗାଳିଗୁଲଜ କରିବା ସହ ଲାଠି ଏବଂ ପଥର ଧରି ଆକ୍ରମଣ କରିଥିଲେ । ଘଟଣାର ତିନି ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୩୧, ୨୦୨୬ ଭାରତ ଓ ନେପାଳର ସୁରକ୍ଷା ଅଧିକାରୀଙ୍କ ମଧ୍ୟରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । ସେଥିରେ ଚୂଡ଼ାନ୍ତ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ପୂର୍ବସ୍ଥିତି ବଜାୟ ରଖିବା ଏବଂ କୌଣସି ପ୍ରକାରର ନୂତନ ନିର୍ମାଣ ନକରିବାକୁ ସହମତି ହୋଇଥିଲା । କିନ୍ତୁ, ନେପାଳୀ ଗ୍ରାମବାସୀ ଏହି ନିୟମକୁ ଖିଲାପ କରିଥିଲେ । ସୁସ୍ତା ହେଉଛି ଭାରତ-ନେପାଳ ସୀମାର ଏକ ଅତି ସମ୍ବେଦନଶୀଳ ଅଞ୍ଚଳ । ଗଣ୍ଡକ (ନାରାୟଣୀ) ନଦୀର ସ୍ରୋତ ସମୟ ସମୟରେ ପରିବର୍ତ୍ତନ ହେଉଥିବାରୁ ଏହି ଅଞ୍ଚଳର ସୀମା ନିର୍ଦ୍ଧାରଣକୁ ନେଇ ବର୍ଷ ବର୍ଷ ଧରି ଦୁଇ ଦେଶ ମଧ୍ୟରେ ମତଭେଦ ରହିଆସିଛି ।

### ବେଆଇନ୍ ଶୁଳ୍କ ଲାଗୁକରି ଅଡୁଆରେ ଟ୍ରମ୍ପ ପ୍ରଶାସନ

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଟଙ୍କା ଫେରାଇଲେ



**ନୂଆଦିଲ୍ଲୀ,୬।୮:** ୨୦୨୫ ମସିହାରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶରୁ ଆମେରିକାକୁ ରପ୍ତାନି ଉପରେ ଭାରୀ ଶୁଳ୍କ ଲାଗୁ କରିବାର ଘୋଷଣା କରିଥିଲେ। ପରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ଏହି ଶୁଳ୍କକୁ ବେଆଇନ୍ ବୋଲି ଘୋଷଣା କରିଥିଲେ ଆଉ ଏହାକୁ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେ ଏହି ନିଷ୍ପତ୍ତିକୁ ଟ୍ରମ୍ପଙ୍କ ପାଇଁ ଏକ ବଡ଼ ଝଟକା ବୋଲି ବିବେଚନା କରାଯାଇଥିଲା। ଜରୁରୀକାଳୀନ ଅର୍ଥନୈତିକ ଆଇନ ଅନୁଯାୟୀ ଲାଗୁ ହୋଇଥିବା ଶୁଳ୍କ ପ୍ରତ୍ୟାହାର ପରଠାରୁ, ଟ୍ରମ୍ପ ପ୍ରଶାସନ ଏପର୍ଯ୍ୟନ୍ତ ଆମଦାନିକାରୀଙ୍କୁ ୧୦୦ ବିଲିୟନ ଡଲାର ମାନେ ପ୍ରାୟ ୮.୩ ଲକ୍ଷ କୋଟି ଟଙ୍କା ଶୁଳ୍କ ଫେରସ୍ତ କରିବାକୁ ପଡ଼ିଛି। ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତରେ ଦାଖଲ ହୋଇଥିବା ଦଲିଲ ଅନୁଯାୟୀ, ଜୁଲାଇ ୩୧ ସୁଦ୍ଧା ସଂଗୃହୀତ ମୋଟ ୧୬୬ ବିଲିୟନ ଡଲାର ଶୁଳ୍କର ପ୍ରାୟ ୬୦ ପ୍ରତିଶତ ଆମଦାନିକାରୀଙ୍କୁ ଫେରସ୍ତ କରାଯାଇଛି, ଯେଉଁଥିରେ ସୁଧ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଟ୍ରମ୍ପ ଆମେରିକାର ବାଣିଜ୍ୟିକ ଅଂଶୀଦାର ମାନଙ୍କ ଠାରୁ ସାମଗ୍ରୀ ଉପରେ ଭାରୀ ଶୁଳ୍କ ଲାଗୁ କରିବା ପାଇଁ ଅନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନ ବ୍ୟବହାର କରିଥିଲେ। ହେଲେ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ ଏହି ଆଇନ ରାଷ୍ଟ୍ରପତିଙ୍କୁ ଏକପାଖିଆ ଭାବରେ ଶୁଳ୍କ ଲାଗୁ କରିବାର ଅଧିକାର ଦିଏ ନାହିଁ।





# ଶୀତଳ ଭଣ୍ଡାର ଅଭାବରୁ ଚାଷୀ-ଖାଉଟି କ୍ଷତିଗ୍ରସ୍ତ

- ବର୍ଷା ଓ ବନ୍ୟା ଉଜାଡ଼ିଦେଲା ଫସଲ
- ଦରଦାମ୍ ଆକାଶଛୁଆଁ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ସାରା ରାଜ୍ୟରେ ଗତ କିଛି ଦିନ ହେଲା ପରିବା ଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି। କାରଣ ଲଗାଣ ବର୍ଷା ଶହ ବନ୍ୟା ଯୋଗୁଁ ନଦୀ ପଠା ମାନଙ୍କରେ ହେଉଥିବା ଫସଲ ପୁରା ଧୋଇ ହୋଇ ଯାଇଛି। ତେଣୁ ସ୍ଥାନୀୟ ପରିବା ମିଳିବା କଷ୍ଟ ହୋଇଯାଉଛି। ଚାହିଦା ତୁଳନାରେ ଉତ୍ପାଦନ କମ୍ ରହୁଥିବା ଯୋଗୁଁ ବାଇଗଣ ଠାରୁ ପୋଟଳ, ଝୁଡ଼ଙ୍ଗ, କଲରା ଓ ବିନ୍ସ ପର୍ଯ୍ୟନ୍ତ ସବୁ ପରିବା ଦାମ୍ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ସରକାର ସିନା ଗରିବ (ରେସନ କାର୍ଡ) ହିତାଧିକାରୀଙ୍କୁ ମାଗଣାରେ ଚାଉଳ ଯୋଗାଇ ଦେଉଛନ୍ତି। କିନ୍ତୁ ଭାତ ସାଙ୍ଗରେ ଲଗାଇ ଖାଇବାକୁ ଗରିବଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ପରିବାର ଲୋକଙ୍କ ହାତ ମଧ୍ୟ ପାଉନି। ସୂଚନା ଥାଉ କି, ପୁରୀ ଜିଲ୍ଲା କାକଟପୁର ରେ କୁଣ୍ଡେଇ, ଓଥକା ହାଟ ଶହ ଅସ୍ତରଙ୍ଗ ବଜାର ସାପ୍ତାହିକ ହାଟ ପ୍ରତି ମଙ୍ଗଳବାର ଓ ଶନିବାର ବସେ। ଏଠାକୁ ପୁରୀ ଜିଲ୍ଲା ସମେତ ଜଗତସିଂହପୁର ଜିଲ୍ଲାର ନାଉଗାଁ, ବାଲିକୁଦା, କଟକର ନିଆଳି ଅଞ୍ଚଳ ଲୋକ ଏହି ହାଟକୁ ବ୍ୟବସାୟ କରିବାକୁ ଆସନ୍ତି। ଗତ ୧୦ଦିନ ତଳେ ପରିବା ଯାହା ଥିଲା ଏବେ ତାହା ଦେଢ଼ଗୁଣ ରୁ ୨ଗୁଣ ବଢ଼ିଯାଇଛି। ବାଇଗଣ କିଲୋ ୮୦ରୁ ୧୦୦ଟଙ୍କା, ପୋଟଳ ୯୦ରୁ ୧୦୦ଟଙ୍କା, ସଜନା ଛୁଇଁ ୧୦୦ଟଙ୍କା, କଲରା ୭୦ରୁ ୧୦୦ଟଙ୍କା ଝୁଡ଼ଙ୍ଗ ଛୁଇଁ ୧୨୦ଟଙ୍କା ହୋଇଛି। ସେହିପରି ଭେଣ୍ଡି ୭୦ରୁ ୮୦ଟଙ୍କା, କଞ୍ଚା ଲଙ୍କା ୨ଶହ ଟଙ୍କା, କାକୁଡି ୬୦ରୁ ୮୦ଟଙ୍କା, କଞ୍ଚା କଦଳୀ ଗୋଟା ୧୦ରୁ ୧୫ଟଙ୍କା, କୋବି ଗୋଟା ୫୫ରୁ ୭୫ଟଙ୍କା, ଜହ୍ନି ୭୦ଟଙ୍କା ଓ ଅମୃତଭଣ୍ଡା ୪୦ଟଙ୍କା ହୋଇଛି। କହିବାକୁ ଗଲେ ହାଟରେ ୧୦୦ଟଙ୍କା ତଳକୁ ପରିବା ନାହିଁ କହିଲେ ଚଳେ। ତେବେ ଟମାଟୋ କିଲୋ ୨୫ରୁ ୩୦ଟଙ୍କା ରହିଛି। ଅନ୍ୟ ପଟେ ପୁରୀ ଜିଲ୍ଲା ହେଉ କି ଅସ୍ତରଙ୍ଗ ବ୍ଲକ ଅଧୀନ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଖଣ୍ଡାସାହି, ଓସ୍ତପୁର, ଓସିଆଁ ସହ ବେଗୁନିଆବସ୍ତ, ଝାରିଆ ଅଂଚଳରେ ବହୁ ମାତ୍ରାରେ ବାଇଗଣ, ବିଲାତି, ପୋଟଳ, କୋବି ଆଦି ପରିବା ବହୁ ପରିମାଣ ରେ ଚାଷ ହେଉଥିଲେ ମଧ ଏ ପର୍ଯ୍ୟନ୍ତ ଶୀତଳ ଭଣ୍ଡାର ନିର୍ମାଣ ହୋଇପାରୁନାହିଁ। ଫଳରେ ଯେଉଁ କୋବି ଦିନେ କିଲୋ ୫ଟଙ୍କା ରେ ଚାଷୀ ବିକ୍ରି କରୁଥିଲେ ଏବେ ୭୦ଟଙ୍କା ହୋଇଛି। କେବଳ ସେତିକି ନୁହେଁ ଗତ ଏକ ମାସ ହେବ ପିଆଜ କିଲୋ ୩୦ରୁ ୪୦ଟଙ୍କା ଓ ଅଦା କିଲୋ ୧୮୦ଟଙ୍କା ରୁ ୨ଶହ ଟଙ୍କା ବିକ୍ରି ହେଉଛି। ତା ସାଙ୍ଗରେ ତାଳ ଦେଇ ରସୁଣ ଦାମ୍ ମଧ ୧୬୦ଟଙ୍କା ବଢ଼ି ଯାଇଛି। ପନିପରିବା ର ହଠାତ ଦାମ୍ ବୃଦ୍ଧି ସାଧାରଣ ଲୋକ ଯିଏ ପୂର୍ବରୁ ବାଇଗଣ କିଲେ, ପୋଟଳ କିଲେ କରି ପରିବା ନେଉଥିଲେ ସେ କେଉଁଥିରୁ ୨୫୦ଗ୍ରାମ ତ ଅତି ବେଶୀରେ କେଉଁଥିରୁ ୫ଶହ ଗ୍ରାମ ନେଉଛନ୍ତି। ତେବେ ନୂତନ ସରକାର କିଛି ମାସ ପୂର୍ବେ ଘୋଷଣା କରିଥିଲେ ବିଭିନ୍ନ ସ୍ଥାନରେ ଶୀତଳଭଣ୍ଡାର ହେବ କିନ୍ତୁ ଅସ୍ତରଙ୍ଗ ରୁ ବାରମ୍ବାର ଦାବୀ ହେଉଥିଲେ ମଧ ଶୀତଳଭଣ୍ଡାର ପାଇଁ ବିଭାଗୀୟ ଅଧିକାରୀ କିମ୍ବା ରାଜନେତା ଙ୍କ ମନୋବଳ ଅଭାବ ଯୋଗୁଁ ଏହା ହୋଇପାରୁନାହିଁ। ତେବେ ପରିବା ର ହଠାତ ଦାମ୍ ବୃଦ୍ଧି ବିଷୟରେ ଅସ୍ତରଙ୍ଗ ସାପ୍ତାହିକ ହାଟ ବ୍ୟବସାୟୀ ଶିବ ସ୍ୱାଇଁ କହିଛନ୍ତି ସ୍ଥାନୀୟ ପରିବା ବହୁତ କମ୍ ବାହାରୁଛି। ଆନ୍ଧ୍ର ପ୍ରଦେଶ, ରାୟପୁର ରୁ ଚଢା ଦାମ୍ ରେ ପରିବା ଆସୁଛି। ତେଣୁ କିଣା ଦାମ୍ ଅନୁସାରେ ବିକ୍ରି ହେଉଛି। ଏଥିରେ କେବଳ ଗ୍ରାହକ ନୁହେଁ ବ୍ୟବସାୟୀ ମଧ କ୍ଷତି ଗ୍ରସ୍ତ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ ଅସ୍ତରଙ୍ଗ ଅଂଚଳରେ ଏକ ଶୀତଳ ଭଣ୍ଡାର କରିବା ଶହ ଅହେତୁକ ଦାମ୍ ବୃଦ୍ଧି ନିୟନ୍ତ୍ରଣ ପାଇଁ କିଛି ବ୍ୟବସ୍ଥା କରାଇବା ପାଇଁ ସାଧାରଣ ରେ ଦାବୀ ହୋଇଛି।

# ଅସ୍ତରଙ୍ଗରେ ବଢୁଛି ସାର କଳାବଜାର

- ଛତିଶଗଡ଼ରୁ ଆସୁଛି ନକଲି ସାର !
- ୟୁରିଆ ଦୁଇଗୁଣା ଦରରେ ବିକ୍ରି
- ପ୍ୟାକ୍ସରେ ସାର ନାହିଁ
- ବଢୁଛି ବ୍ୟବସାୟୀ ଓ ଡିଲରଙ୍କ ରାଜ୍

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ବନ୍ୟା ପାଣି ଓହରିଛି, କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଚାଷୀଙ୍କ ଆଖିରୁ ପାଣି ଶୁଖୁନି। କାରଣ ଜମିରେ ଧାନ ବୁଣିବାକୁ ଯାଇ ସେମାନେ ଏବେ ନକଲି ସାର ଓ କଳାବଜାରର କବଳରେ ପଡିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଗତ କିଛି ଦିନର ପ୍ରବଳ ବର୍ଷାରେ ଅନେକ ଚାଷ ଜମି ବୁଡି ରହିଥିଲା ଏହା ଶହ ବନ୍ୟା । ଏବେ ପାଣି ଓହରିବା ପରେ ଖରିଫ ଚାଷ ଆରମ୍ଭ ହୋଇଛି। ଏହି ସମୟରେ ଚାଷୀଙ୍କୁ ସବୁଠୁ ଅଧିକ ଆବଶ୍ୟକ ୟୁରିଆ, ଡିଏପି, ପଟାସ ଓ ଗ୍ରୋମର। କିନ୍ତୁ ସରକାରୀ ପ୍ୟାକ୍ସରେ ସାର ନଥିବାରୁ ବଜାରରେ ଲୁଟ୍ ଆରମ୍ଭ ହୋଇଯାଇଛି। ଅଭିଯୋଗ ଅନୁଯାୟୀ, ଅସ୍ତରଙ୍ଗ ବ୍ଲକର କିଛି ସାର ବ୍ୟବସାୟୀ ସିଧା ଛତିଶଗଡ଼ରୁ ମାଫିଆ ମାଧ୍ୟମରେ ନକଲି ଓ ନିମ୍ନମାନର ସାର ଆଣୁଛନ୍ତି। ସେହି ସାରକୁ ସେମାନେ ଦୁଇ ଗୁଣା ଦରରେ ବିକ୍ରି କରୁଛନ୍ତି। ୟୁରିଆ ସରକାରୀ ଦର ୨୬୬ ଟଙ୍କା, କଳାବଜାର ୫୦୦ରୁ ୧୦୦୦ ଟଙ୍କା,ଡିଏପି ସରକାରୀ ଦର ୧୩୫୦ ଟଙ୍କା, କଳାବଜାର ୧୮୦୦ ରୁ ୨୦୦୦ ଟଙ୍କା ,ପଟାସ ସରକାରୀ ଦର ୧୭୦୦ ଟଙ୍କା,



କଳାବଜାର ୨୦୦୦ରୁ ଉର୍ଦ୍ଧ। ପୋଟଳ ଛକ, ଶିଶୁଅ, ବେଲଙ୍ଗ, କେନ୍ଦ୍ରାପଟି, ଆଳସାହି, ଅସ୍ତରଙ୍ଗ, ନଗର, ଆଳଙ୍ଗପୁର, ଝାଡଲିଙ୍ଗ, ନୂଆଗଡ, ତାଳଦା ଭଳି ଅଞ୍ଚଳରେ ଏହି କଳାବଜାର ରାଜ୍ ଚାଲିଛି। ଚଳିତ ଖରିଫରେ ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ପ୍ରାୟ ୬ ହଜାର ୫ଶହ ହେକ୍ଟର ଧାନ ଚାଷ ଲକ୍ଷ୍ୟ ରହିଛି। କିନ୍ତୁ ବ୍ଲକ ଅଧୀନ ପ୍ୟାକ୍ସରେ ସାର ନଥିବାରୁ ଅଧିକାଂଶ ଚାଷୀ ବାଧ ହୋଇ ଅଣସ୍ୱୀକୃତି ପ୍ରାପ୍ତ ଡିଲରଙ୍କ ପାଖକୁ ଯାଉଛନ୍ତି। ଏ ନେଇ କୃଷି ବିଭାଗକୁ ଜଣାଇବାରୁ ଅଧିକାରିଣୀ କହିଛନ୍ତି ସହକାରୀ କୃଷି ଅଧିକାରୀ ନାହାନ୍ତି 'ଆମେ କାକଟପୁର ରେ କାର୍ଯ୍ୟରତ ଅଧିକାରୀ ଙ୍କ ଉପରେ ନିର୍ଭର କରୁ। ଖୁବ ଶୀଘ୍ର ଯାଞ୍ଚ କରିବୁ।' ସ୍ଥାନୀୟ ଚାଷୀମାନେ ଦାବୀ କରିଛନ୍ତି ଯେ ତୁରନ୍ତ ସ୍ୱତନ୍ତ୍ର ଟିମ୍ ଗଠନ କରି ବ୍ଲକର ସମସ୍ତ ସାର ଦୋକାନରେ ଚଢାଉ କରାଯାଉ। ନକଲି ସାର ଯୋଗାଣ କରୁଥିବା ବ୍ୟବସାୟୀ ଓ ସେମାନଙ୍କୁ ସହଯୋଗ କରୁଥିବା ଡିଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ। ଜଣେ ଚାଷୀଙ୍କ କହିବା ଅନୁଯାୟୀ 'ବନ୍ୟାରେ ଫସଲ ନଷ୍ଟ ହେଲା, ଏବେ ସାର କିଣିବାକୁ ଯାଇ ଡବଲ୍ ଟଙ୍କା ଦେବାକୁ ପଡୁଛି। ସରକାର ଆମକୁ ବଞ୍ଚାଇବେ ନା ବ୍ୟବସାୟୀ ମାରିବେ ?' ଯେଉଁ ସମୟରେ ଚାଷୀଙ୍କୁ ସରକାରୀ ସହାୟତା ଦରକାର, ସେହି ସମୟରେ ସାର ମାଫିଆ ସକ୍ରିୟ ହୋଇଛନ୍ତି। ପ୍ୟାକ୍ସରେ ସାର ଯୋଗାଣ ବୃଦ୍ଧି ନକଲେ ଏହି କଳାବଜାର ବନ୍ଦ ହେବନି। ନଚେତ ଚଳିତ ଖରିଫରେ ୬ ହଜାର ହେକ୍ଟର ଧାନ ଚାଷ କେବଳ କାଗଜରେ ରହିଯିବ।

# ପଣ୍ଡିତ ନୀଳକଣ୍ଠ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

**ସତ୍ୟବାଦୀ/ସୁଆଣ୍ଡୋ (ଅମୃତ ମିଡିଆ):** ଓଡ଼ିଆ ଜାତିର ସ୍ୱାଭିମାନ, ଜାତୀୟ ଚେତନା, ଓ ଆଧୁନିକ ଶିକ୍ଷାର ମହାନ ପ୍ରବକ୍ତା ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଅବସରରେ ଜନ୍ମମାଟି ଶ୍ରୀରାମଚନ୍ଦ୍ରପୁର ଶାସନରେ ବୁଧବାର ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଆଚାର୍ଯ୍ୟ ଯୁବ ପରିଷଦ, ସତ୍ୟବାଦୀର ମିଳିତ ଆନୁକୂଲ୍ୟରେ ଓ ଆଚାର୍ଯ୍ୟ ପନ ପରିଷଦ ସମାରୋହରେ ଯୋଗ ଦେଇଥିବା ଅତିଥିବୃନ୍ଦ। ଆୟୋଜିତ ଏହି ସମାରୋହରେ ବକ୍ତାମାନେ ପଣ୍ଡିତ ନୀଳକଣ୍ଠଙ୍କ ଅବଦାନକୁ ସ୍ମରଣ କରିବା ସହ ତାଙ୍କ ଆଦର୍ଶ ଆଜିର ସମାଜ ପାଇଁ ପଥପ୍ରଦର୍ଶକ ବୋଲି କହିଛନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.



ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ସହସଚିବ ସଞ୍ଜୟ କୁମାର ଛୁଆଳସିଂ ବିଶିଷ୍ଟ ଅତିଥି, ନାଟ୍ୟକାର ଓ ସ୍ତମ୍ଭକାର ବିଜୟ ଦାସ ସମ୍ମାନିତ ଅତିଥ୍ୟ ଭାବେ ଯୋଗ ଦେଇଥିଲେ। ସଭା ମୁଖ୍ୟ ଭାବେ ଶିକ୍ଷାବିତ୍ ସତ୍ୟବାଦୀ ଦାସ ମଞ୍ଚାସୀନ ଥିଲେ। ଅତିଥିମାନେ କହିଥିଲେ, ୧୮୮୪ ମସିହା ଅଗଷ୍ଟ ୫ରେ ଶ୍ରୀରାମଚନ୍ଦ୍ରପୁର ଶାସନରେ ଜନ୍ମିତ ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଅସ୍ମିତାର ଜାଗ୍ରତ ପ୍ରହରୀ ଓ ଜାତୀୟ ନବଜାଗରଣର ଅନନ୍ୟ ସାରଥି ଥିଲେ। ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠାର ଉଜ୍ଜଳ ତାରକା, ଜାତୀୟ ଶିକ୍ଷା ଆନ୍ଦୋଳନର ବିକାଶ, ଓଡ଼ିଆ ଭାଷାର ସୁରକ୍ଷା ଏବଂ ସାମାଜିକ ସଂସ୍କାର କ୍ଷେତ୍ରରେ ତାଙ୍କ ଅବଦାନ ଚିରସ୍ମରଣୀୟ। କୋଣାର୍କ, ଖାରବେଳ, ଦାସ ନାୟକ, ପ୍ରାଣୟିନୀ, ଲାବଣ୍ୟବତୀ, ପିଲାଙ୍କ ରାମାୟଣ, ମହାଭାରତ ଏବଂ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଆଦି କାଳଜୟୀ କୃତି ମାଧ୍ୟମରେ ସେ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗ ଦେଇଥିଲେ। ତାଙ୍କ ତ୍ୟାଗ, ଆଦର୍ଶ, ଦେଶପ୍ରେମ ଓ ମାନବିକ ମୂଲ୍ୟବୋଧ ସର୍ବଦା ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବହୁ ସାହିତ୍ୟପ୍ରେମୀ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆଚାର୍ଯ୍ୟ ଯୁବ ପରିଷଦର ସଭାପତି ଅଜିତ ନନ୍ଦ ଓ ସମ୍ପାଦକ ସୁବ୍ରତ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱଜିତ ମିଶ୍ର, ଶ୍ରୀରାମ ନନ୍ଦ, ଜ୍ୟୋତି ପ୍ରକାଶ ମିଶ୍ର, ପ୍ରମୋଦ କୁମାର ନନ୍ଦ, ମାନସ ପ୍ରସାଦ ତ୍ରିପାଠୀ, ଆଶୁତୋଷ ତ୍ରିପାଠୀ ଏବଂ ଅଞ୍ଚଳ ନିଷ୍କଳ ରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଚାରିଛକ ଆଞ୍ଚଳିକ ଉନ୍ନୟନ ପରିଷଦର ଲୋଗୋ ଉନ୍ମୋଚିତ

**ପୁରୀ (ବ୍ୟୁରୋ):** ଚାରିଛକ ନିକଟସ୍ଥ ଚନ୍ଦ୍ରମଉଳିସ୍ଥିତ ଶହୀଦ ଉଦ୍ୟାନ ଅତିଥିଭବନରେ ବୁଧବାର ଚାରିଛକ ଆଞ୍ଚଳିକ ଉନ୍ନୟନ ପରିଷଦର କାର୍ଯ୍ୟକାରିଣୀ ବୈଠକ ଲୋଗୋ ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଅର୍ଜୁନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ପ୍ରଭାତ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ସମ୍ମାନିତ ଅତିଥିଭାବେ ରମାରମଣ ଦେବପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚାରିଛକ ଅଞ୍ଚଳର ବିଭିନ୍ନ ସମସ୍ୟା, ସ୍ୱାସ୍ଥ୍ୟକେନ୍ଦ୍ର, ଟ୍ରାଫିକ ଓ ଯାତ୍ରୀ ବିଶ୍ରାମାଗାର ସମସ୍ୟା ଏବଂ ସମାଧାନ ସମ୍ପର୍କରେ ବୈଠକରେ ଆଲୋଚନା ଅବସରରେ କରା ଯାଇଥିଲା। ଏହି ଚାରିଛକ ଆଞ୍ଚଳିକ ଉନ୍ନୟନ ପରିଷଦ ଲୋଗୋ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚାରିଛକ ଅଞ୍ଚଳର ୬ ପଞ୍ଚାୟତରୁ କର୍ମୀମାନେ ଆସି ନିଜ ଗାଁର ସମସ୍ୟା ପ୍ରକାଶ କରିଥିଲେ ଏବଂ ସତ୍ୟ ଖବର ସମ୍ପାଦକ ଅକ୍ଷୟ ନାୟକ ଚାରିଛକ ଉନ୍ନୟନ ପରିଷଦରେ ଯଦି ଯୁବକମାନଙ୍କୁ ସୁଯୋଗ ଦିଆଯିବ ତାହାଲେ ଚାରିଛକର ବିକାଶ ସହ ସଙ୍ଗଠନ ମଜଭୁତ ହୋଇପାରିବ ବୋଲି କହିଥିଲେ। ପରିଷଦ ସମ୍ପାଦକ ଡ. କେଦାରନାଥ ସାହୁ ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ପରଲୋକ



**ପୁରୀ (ବ୍ୟୁରୋ):** ପୁରୀ ମହାନଗର ନିଗମ ଅନ୍ତର୍ଗତ ବଳଗଣ୍ଡି ରାୟବାହାଦୁର ଲେନ ନିବାସି ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ୯୬ ବର୍ଷ ବୟସରେ ପରଲୋକ ଘଟିଛି। ପୁରୀଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ପାଟଳଦା ଗ୍ରାମରେ ଜନ୍ମଗ୍ରହଣ କରି ପୁରୀ କଲେକ୍ଟରିଏଟ ମୁଖ୍ୟ କିରାଣି ଭାବେ ଅବସର ଗ୍ରହଣ କରିଥିଲେ । ତାଙ୍କର ବଡବାପା ସ୍ୱର୍ଗତ ପୂର୍ଣ୍ଣାନନ୍ଦ ସ୍ୱାଇଁ ସ୍ୱାଧୀନତା ସଂଗ୍ରାମୀ ଥିଲେ।ସ୍ୱର୍ଗତ ଅନିରୁଦ୍ଧ ସ୍ୱାଇଁଙ୍କ ତୃତୀୟ ପୁତ୍ର ବ୍ରହ୍ମାନନ୍ଦ ଜଣେ ଆମାୟିକ ବ୍ୟକ୍ତି ଥିଲେ। ସରକାରୀ ଚାକିରି ବ୍ୟତୀତ ଗାଁର ଉନ୍ନତି ପାଇଁ କାର୍ଯ୍ୟ ଓ ପରାମର୍ଶ ଦେଇଥିଲେ। ପୁରୀରେ କାର୍ଯ୍ୟ କରୁଥିବା ସମୟରେ ଷ୍ଟାଫଙ୍କ ସହ ସୁସମ୍ପର୍କ ରଖି ସରକାରୀ କାର୍ଯ୍ୟ ଆଗେଇ ନେଇଥିଲେ । ତାଙ୍କ ବିୟୋଗରେ ବଳଗଣ୍ଡି ଅଞ୍ଚଳ ଓ ପାଟଳଦା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବ୍ରହ୍ମାନନ୍ଦଙ୍କ ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ମରଶରୀର ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହେବା ସହ ବଡପୁଅ ଅକ୍ଷୟ ମୁଖାଗ୍ନି ଦେଇଥିଲେ।

## ବିଡିଓଙ୍କୁ ଦାବିପତ୍ର ଦେଲେ ଶିକ୍ଷକ-କର୍ମଚାରୀ

**କଣାସ (ଅମୃତ ମିଡିଆ):** କଣାସ ବ୍ଲକ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୪ ଦଫାଦାବି ନେଇ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହନ୍ତ ବନମାଳୀ ଦାସ ଉଚ୍ଚ ବିଦ୍ୟାଳୟ ପରିସରରୁ ଶତାଧିକ ଶିକ୍ଷକ ଓ କର୍ମଚାରୀ ଶୋଭାଯାତ୍ରାରେ ବାହାରି ବାଲିଘାଇ ବ୍ଲକ ବଜାର ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଦାବିପତ୍ର ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ପ୍ରମୋଦ କୁମାର ହୋତା, ଜିଲା ଓଷ୍ଟା ସମ୍ପାଦକ ଦୈତାରୀ ବେହେରା, ଉପସଭାନେତ୍ରୀ ରୂପଶ୍ରୀ ଛୋଟରାୟ, ଜିଲା କାର୍ଯ୍ୟକାରୀ ସଭ୍ୟ ମାନସ କୁମାର ସାମନ୍ତରାୟ, ଯୁଧିଷ୍ଠିର ପରିଡା, ଅକ୍ଷୟ ରାୟସିଂ, ଗୟାଧର ପତ୍ର, ବିଦ୍ୟାଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପାନୀୟ ଜଳ ପ୍ରକଳ୍ପ କୁଣ୍ଡରୁ ବଣୁଆ ଘୁଷୁରୀ ଉଦ୍ଧାର

**ପୁରୀ (ବ୍ୟୁରୋ):** ବଳଙ୍ଗା ଥାନା ଅନ୍ତର୍ଗତ କୁଅଁରପୁରଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ପାନୀୟଜଳ ପ୍ରକଳ୍ପ କୁଣ୍ଡରେ ଫସିଥିବା ଏକ ବଣୁଆ ଘୁଷୁରିକୁ ଉଦ୍ଧାର କରିଛି ବନ ବିଭାଗ। ଘୁଷୁରିକୁ ଉଦ୍ଧାର ପରେ କୋଣାର୍କ ନିକଟ ଚନ୍ଦ୍ରଭାଗା ଜଙ୍ଗଲରେ ଛାଡ଼ି ଦିଆଯାଇଛି। ସୂଚନା ମୁତାବକ, ବାୟାବର-ଖେଲାର ମୁଖ୍ୟରାସ୍ତାର କୁଅଁରପୁରଠାରେ ରାସ୍ତାପାର୍ଶ୍ୱରେ ଏକ ବଣୁଆ ଘୁଷୁରିକୁ ଖେଲାର ହାଟରୁ ଫେରୁଥିବା କିଛି ଲୋକ ଦେଖୁଥିଲେ। ଲୋକଙ୍କୁ ଦେଖୁ ଘୁଷୁରିଟି ଦୌଡ଼ିଯାଇ ରାସ୍ତାପାର୍ଶ ପାନୀୟଜଳ ପ୍ରକଳ୍ପ କୁଣ୍ଡରେ ପଡ଼ିଯାଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଘୁଷୁରିଟି ତା' ଭିତରୁ ବାହାରକୁ ବାହାରିବାକୁ ଚେଷ୍ଟାକରି ବିଫଳ ହୋଇଥିଲା। ସ୍ଥାନୀୟ ଲୋକେ ନିମାପଡ଼ା ବନ ବିଭାଗକୁ ଜଣାଇବା ପରେ ଫରେଷ୍ଟଗାର୍ଡ ଗୀତାଞ୍ଜଳି ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଘୁଷୁରିକୁ ଉଦ୍ଧାର କରିଥିଲା। ସୂଚନା ମୁତାବକ, ବଣୁଆ ନିକଟସ୍ଥ ଧନୁଆ ନଦୀପଠାରେ ଥ?ବା ଜଙ୍ଗଲିଆ ସ୍ଥାନରେ ରହୁଥ?ବା ବେଳେ ରାତିରେ ବିଭିନ୍ନ ଗ୍ରାମକୁ ଆସି ଫସଲ ନଷ୍ଟ କରୁଥିବାରୁ ସେମାନଙ୍କୁ ଧରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

# ବନ୍ୟପ୍ରାଣୀ ସପ୍ତାହ ନାମରେ ପାଣ୍ଠି ଅପଚୟ

- ସଚେତନତା ପାଇଁ ସ୍କୁଲରେ ଚିତ୍ରାଙ୍କନ କାର୍ଯ୍ୟକ୍ରମ
- ଟଙ୍କା ହିସାବ ମାଗିଲେ ଅଭିଭାବକ

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ପ୍ରତିବର୍ଷ ଅକ୍ଟୋବର ୨ ରୁ ୮ତାରିଖ ପର୍ଯ୍ୟନ୍ତ 'ବନ୍ୟପ୍ରାଣୀ ସପ୍ତାହ' ପାଳନ କରାଯାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ୟଜନ୍ତୁ ଓ ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳ ଅଧୀନରେ ଚଳିତ ବର୍ଷ ହୋଇଥିବା ଚିତ୍ରାଙ୍କନ କାର୍ଯ୍ୟକ୍ରମକୁ ନେଇ ବନ ବିଭାଗର ଗାଇଡଲାଇନ୍ ଉଲ୍ଲଂଘନ ଓ ପାଣ୍ଠି ଅପଚୟ ଅଭିଯୋଗ ଉଠାଇଛନ୍ତି କିଛି ଅଭିଭାବକ। ବନ ବିଭାଗର ନିୟମ ଅନୁଯାୟୀ, ପ୍ରତି ରେଞ୍ଜକୁ ପିସିସିଏଫ ଅଫିସରୁ ବନ୍ୟପ୍ରାଣୀ ସପ୍ତାହ ପାଇଁ ଆନୁମାନିକ ୧୮ହଜାର ରୁ ୨୭ହଜାର ଟଙ୍କା ବରାଦ ହୁଏ। ଏହି ଟଙ୍କାରୁ ପୁରସ୍କାର ପାଇଁ ୮ହଜାର ରୁ ୧୨ହଜାର , ଡ୍ରଇଂ ସିଟ୍ ଓ ଷ୍ଟେସନାରୀ ପାଇଁ ୨ହଜାର ରୁ ୩ହଜାର , ପ୍ରଚାର ବ୍ୟାନର ପାଇଁ ୩ହଜାର ରୁ ୫ହଜାର ଏବଂ ଅତିଥି ସତ୍କାର ପାଇଁ ୪ହଜାର ରୁ ୬ହଜାର ଟଙ୍କା ଖର୍ଚ୍ଚ କରିବାର ବ୍ୟବସ୍ଥା ଅଛି। କିନ୍ତୁ ସଠିକ କାଗଜ ଓ ତଦନ୍ତ ହେଲେ କେତେ ଆନୁମାନିକ ଖର୍ଚ୍ଚ ସାମ୍ନାକୁ ଆସିବ।ଗାଇଡଲାଇନ୍ କହୁଛି ଯେ ଗୋଟିଏ ରେଞ୍ଜ ଅଧୀନର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ଏହି ପ୍ରତିଯୋଗିତାରେ ସାମିଲ କରାଯିବ। ପ୍ରତି ଛାତ୍ରଛାତ୍ରୀ ପିଛା ଆନୁମାନିକ ୧ଶହ ରୁ ୧୫୦ ଟଙ୍କା ଖର୍ଚ୍ଚ ହେବା କଥା । କିନ୍ତୁ ତଥ୍ୟ ଅନୁଯାୟୀ ଅସ୍ତରଙ୍ଗ ବ୍ଲକରେ ୨୨ଟି ହାଇସ୍କୁଲ ଓ ୧୩୧ଟି ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ କାକଟପୁର ବ୍ଲକରେ ୨୩ଟି ହାଇସ୍କୁଲ ରହିଛି। ମୋଟ ୧୫୩ରୁ ଅଧିକ ବିଦ୍ୟାଳୟ ଥାଇ ମଧ ଅସ୍ତରଙ୍ଗ ବନ ବିଭାଗ ତରଫରୁ କେବଳ କିଛି ବିଦ୍ୟାଳୟ ଅଥବା ୪ଟି ସ୍କୁଲରେ ଚିତ୍ରାଙ୍କନ କରାଯାଇଛି। ସେଗୁଡିକ ହେଲା କାକଟପୁର ବ୍ଲକ ଅଧୀନ ଗୋପିକାନ୍ତପୁର ହାଇସ୍କୁଲ, ଅସ୍ତରଙ୍ଗ ବ୍ଲକ ଅଧୀନ ନାନପୁର ପ୍ରାଥମିକ ବିଦ୍ୟାଳୟ,ବେଳାଭୂମି ହାଇସ୍କୁଲ ଓ ସୁରେନ୍ଦ୍ର ନାଥ ବିଦ୍ୟାପୀଠ।ସିନିୟର ବର୍ଗ ପାଇଁ 'ପ୍ରକୃତି ଭିତରେ ମଣିଷ' ଓ ଜୁନିୟର ପାଇଁ 'ପ୍ରକୃତି ପାଇଁ ମଣିଷ' ବିଷୟବସ୍ତୁ



ରଖାଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା କଥା, 'ଯେତେବେଳେ ସରକାରଙ୍କ ନିର୍ଦ୍ଦେଶ ଅଛି ସମସ୍ତ ସ୍କୁଲକୁ ସୁଯୋଗ ଦେବା ପାଇଁ, ସେତେବେଳେ କେବଳ ନିର୍ଦ୍ଦିଷ୍ଟ ୪ଟି ସ୍କୁଲରେ ହିଁ କାହିଁକି ହେଲା ? ଅନ୍ୟ ସ୍କୁଲର ପିଲାମାନେ କ'ଣ ଦୋଷ କରିଥିଲେ ?' ଅଭିଭାବକମାନେ ଆହୁରି ଅଭିଯୋଗ କରିଛନ୍ତି ଯେ ଯେଉଁ ୪ଟି ସ୍କୁଲରେ କାର୍ଯ୍ୟକ୍ରମ ହୋଇଛି ସେଠାରେ ମଧ ପ୍ରତି ଛାତ୍ରଛାତ୍ରୀ ପିଛା ଆସୁଥିବା ସମ୍ପୂର୍ଣ୍ଣ ଅର୍ଥ ଖର୍ଚ୍ଚ କରାଯାଇ ନାହିଁ। ବନ ବିଭାଗର ନିୟମ ଅନୁଯାୟୀ ପୁରସ୍କାର ରାଶି ଏମିତି ହେବା କଥା - ପ୍ରଥମ ଏକ ହଜାର ଟଙ୍କା ଶହ ସିଲ,ଦ୍ୱିତୀୟ ୭ଶହ ଟଙ୍କା ଶହ ସିଲ , ତୃତୀୟ ୫ଶହ ଟଙ୍କା ଶହ ସିଲ ଓ ୫ ସାନ୍ତ୍ୱନା ମୂଳକ ପୁରସ୍କାର ୨ଶହ ଟଙ୍କା ଲେଖାଏଁ। ସହିତ ସାର୍ଟିଫିକେଟ୍ ଓ ମେଡାଲ୍ ମଧ ଦିଆଯିବା କଥା। କିନ୍ତୁ ଅନେକ ସ୍କୁଲରେ କେବଳ ସାର୍ଟିଫିକେଟ୍ ଦିଆଯାଇ ନ ଥିବା ବେଳେ ପୁରସ୍କାର ରାଶି ଦିଆଯାଇ ନଥିବା ଅଭିଯୋଗ ହୋଇଛି।ବନ୍ୟ ପ୍ରାଣୀ ସପ୍ତାହ ରେ କୃତି ଛାତ୍ର, ଛାତ୍ରୀ ଙ୍କୁ ପୁରସ୍କାର ମିଳିବ ବୋଲି ସୂଚନା ମିଳିଛି।କିନ୍ତୁ ସଠିକ ତଦନ୍ତ କଲେ ସତ୍ୟ ସାମ୍ନାକୁ ଆସିବ ବୋଲି କିଛି ଅଭିଭାବକ ସ୍ୱର ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ କାକଟପୁର ବ୍ଲକର କିଛି ସ୍କୁଲ କୋଣାର୍କ ବନାଞ୍ଚଳ ଅଧୀନରେ ଆସୁଥିବା ବେଳେ ଅଧିକାଂଶ ଅସ୍ତରଙ୍ଗ ବନାଞ୍ଚଳ ଅଧୀନରେ ରହିଛନ୍ତି। ତେଣୁ ସେହି ସମସ୍ତ ସ୍କୁଲରେ ଏହି କାର୍ଯ୍ୟକ୍ରମ ହେବା ଆବଶ୍ୟକ ଥିଲା। ଏନେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କହିଛନ୍ତି ଚିତ୍ରାଙ୍କନ କାର୍ଯ୍ୟକ୍ରମ ହେବ ବୋଲି ବନ ବିଭାଗର କୌଣସି ଚିଠି ଆସି ନାହିଁ ଓ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ପାରି ନାହିଁ। ତେବେ ସାମାଜିକ କର୍ମୀମାନେ ଦାବି କରିଛନ୍ତି ଯେ ତୁରନ୍ତ ଏହାର ତଦନ୍ତ କରାଯାଉ। ୨୦୨୫ ମସିହା ପାଇଁ କେତେ ଟଙ୍କା ବରାଦ ହୋଇଥିଲା, କେଉଁ କେଉଁ ସ୍କୁଲରେ କେତେ ଖର୍ଚ୍ଚ ହେଲା ତାହାର ୟୁସି ଓ ବିଲ୍ ସହ ହିସାବ ପିସିସିଏଫ ଙ୍କୁ ଦାଖଲ କରାଯାଉ। ଯଦି ଟଙ୍କା ଅପଚୟ ହୋଇଥାଏ ତେବେ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉ।ଯାହାକି ଆଗାମୀ ଦିନରେ ଅଭିଭାବକ ସୂଚନା ଅଧିକାର ଆଇନି ମାଧ୍ୟମରେ ତଥ୍ୟ ମାଗିବେ ବୋଲି ସୂଚନା ଦେଇଛନ୍ତି। ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଯଦି ତାହା ସଠିକ୍ ଭାବେ ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚୁ ନଥାଏ, ତେବେ ସେହି ସପ୍ତାହ ପାଳନର କ'ଣ ଅର୍ଥ ବୋଲି ପ୍ରଶ୍ନ ଉଠୁଛି।

# ପାଲା ଗାୟନାଚାର୍ଯ୍ୟଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି



**ସତ୍ୟବାଦୀ /ସୁଆଣ୍ଡୋ(ଅମୃତ ମିଡିଆ):** ଓଡ଼ିଆ ପାଲା ଜଗତର ଦୁଇ ପ୍ରଥିତଯଶା ପ୍ରତିଭା ଗାୟକ ଶେଖର ଜଗନ୍ନାଥ ବେହେରା ଓ ଗାୟକ ସମ୍ରାଟ ଅଭୟ ଚରଣ ସ୍ୱାଇଁ ନିକଟରେ ପରଲୋକ ଗମନ କରିଛନ୍ତି ଯାହା ପାଲା ଜଗତ ପାଇଁ ଅପୂରଣୀୟ କ୍ଷତି। ଏଥିରେ ମ୍ରିୟମାଣ ସତ୍ୟବାଦୀ ପାଲା ଗାୟକ ମଣ୍ଡଳ ପକ୍ଷରୁ ଏକ ସ୍ମୃତି ଚାରଣ ସଭା ସ୍ଥାନୀୟ ଚଣ୍ଡୀ ମନ୍ଦିର ପରିସରରେ ସଭାପତି ବିଶ୍ୱନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।ମଣ୍ଡଳର ପୃଷ୍ଠପୋଷକ ଦେବୀପ୍ରସାଦ ମହାପାତ୍ର, ସମ୍ପାଦକ ରମେଶ ଚନ୍ଦ୍ର ପଲେଇ, ସହ ସମ୍ପାଦକ ବିଜୟ ଚନ୍ଦ୍ର ସାମନ୍ତରାୟ, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନ,ଉପଦେଷ୍ଟା ହେମେନ୍ଦ୍ର ନାଥ ପଟ୍ଟନାୟକ ଓ ଦୁର୍ଗେଶ ପ୍ରସାଦ ମିଶ୍ର ପ୍ରମୁଖ ଉଭୟ ଗାୟକଙ୍କ କର୍ମମୟ ଜୀବନରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିକୁ ଉଜ୍ଜିବୀତ କରି ରଖିବା ପାଇଁ ଯଥେଷ୍ଟ ଉଦ୍ୟମ କରିଯାଇଛନ୍ତି। ଯାହା ଆଜି ବି ଲୋକମୁଖରେ ଆଲୋଚିତ ହୋଇ ଆସୁଛି ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧୀର ସ୍ୱାଇଁ, ଗାୟକ ସଦାଶିବ ବରାଳ,ବିଜୟ ପଟ୍ଟନାୟକ, ନରେନ୍ଦ୍ର ଜେନା, ତ୍ରିଲୋଚନ ବେହେରା, ସୁଭଦ୍ରା ନାୟକ, ପୂର୍ଣ୍ଣିମା ମୁଦୁଲି, ଉର୍ମୀଳା ପଲେଇ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସତ୍ୟନାରାୟଣ ଆଚାର୍ଯ୍ୟ, ରବୀନ୍ଦ୍ର ସାହୁ, ସୁଦର୍ଶନ ପରିଡା, ସୁଦର୍ଶନ ପ୍ରଧାନ, ଗୌରାଙ୍ଗ ପ୍ରଧାନ, ବଳରାମ ଦାସ,ଲକ୍ଷ୍ମୀଧର ବାରିକ ଙ୍କ ସମେତ ମଣ୍ଡଳର ସଦସ୍ୟ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।





# ମା'ଙ୍କ ପାଇଁ ଔଷଧ ଆଣିବାକୁ ଯାଇ ବନ୍ୟାସ୍ରୋତରେ ଭାସିଗଲେ ଯୁବକ

## ୨୪ ଘଣ୍ଟା ପରେ ମୃତଦେହ ଉଦ୍ଧାର



ପ୍ରବୀର କୁମାର ଦାସ



ଆଳି (ଅମୃତ ମିଡିଆ): ମା'ଙ୍କ ଔଷଧ ପାଇଁ ସିଂହପୁର ଯିବା ସମୟରେ ମାନପୁର ଘୋଷରାରେ ପ୍ରବାହିତ ବନ୍ୟା ସ୍ରୋତରେ ଜଣେ ଯୁବକ ମଙ୍ଗଳବାର ସନ୍ଧ୍ୟାରେ ଭାସି ଯାଇଥିଲେ। ବୁଧବାର ଅପରାହ୍ନରେ ତାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଆଳି ଥାନା ଅନ୍ତର୍ଗତ ଠାକୁରପାଟଣା ଗ୍ରାମର ପ୍ରବୀର କୁମାର ଦାସ (୩୨)। ମଙ୍ଗଳବାର ଅପରାହ୍ନରେ ତାଙ୍କ ମା'ଙ୍କର ଔଷଧ ଆଣିବା ପାଇଁ ପ୍ରବୀର ସିଂହପୁର ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ଘରଲୋକ ମାନପୁର ଘୋଷରା ନିକଟକୁ ଯାଇ ପ୍ରବୀରଙ୍କ ବାଇକ୍ ମାନପୁର -ଡ଼ିମିରିପାଳ ରାସ୍ତାର ମାନପୁର ଘୋଷରା ପୋଲ ନିକଟରେ ପଡ଼ିଥିବା ବେଳେ ତାଙ୍କୁ ପାଇ ନ ଥିଲେ। ପ୍ରବୀର ବନ୍ୟାସ୍ରୋତରେ ଭାସି ଯାଇଥିବା ସନ୍ଦେହକରି ପରିବାର ଲୋକ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ସେଠାରେ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରି ଫେରି ଆସିଥିଲେ। ବୁଧବାର ସକାଳୁ ପୁଣି ଖୋଜାଖୋଜି ଜାରି ରଖିଥିବା ବେଳେ ତାଙ୍କ ମୃତଦେହ ଜବତ ହୋଇଥିଲା। ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କଲେ ମନ୍ତ୍ରୀ ବିଭୁତି ଭୂଷଣ ଜେନା



ବ୍ରହ୍ମପୁର (ଅମୃତ ମିଡିଆ): ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିଷ୍ଠାପର ଜନସେବା ଓ ଉଚ୍ଚ ମାନବୀୟ ସମ୍ବେଦନଶୀଳତାର ଆଉ ଏକ ଦୃଷ୍ଟାନ୍ତ ସାମ୍ନାକୁ ଆସିଛି । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ବ୍ରହ୍ମପୁର ରେଳଷ୍ଟେସନ୍ ଠାରେ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜଣାଇ ଗୋଳନ୍ଥରା ସ୍ଥିତ 'ବନ୍ଦେ ମାତରମ୍' କାର୍ଯ୍ୟାଳୟକୁ ଫେରୁଥିବା ସମୟରେ, ଜାତୀୟ ରାଜପଥ କନିସି ସ୍ଥିତ ଇଣ୍ଡିଆନ୍ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଅଟୋ ଭୟାବହ ସଡ଼କ ଦୁର୍ଘଟଣା ଘଟିଥିବା ମାନ୍ୟବର ମନ୍ତ୍ରୀ ଦେଖିବାକୁ ପାଇଥିଲେ । ଦୁର୍ଘଟଣାଗ୍ରସ୍ତ ଅଟୋରେ ଗୁରୁତର ଆହତ ହେଇଥିବା ଦୁଇ ଜଣ ମହିଳାଙ୍କ ଚିତ୍କାର ଶୁଣି ମନ୍ତ୍ରୀ ଶ୍ରୀ ଜେନା କ୍ଷଣେ ମାତ୍ର ବିଳମ୍ବ ନକରି ସଙ୍ଗେ ସଙ୍ଗେ ନିଜ କାର୍ଫିଲା ରଖାଇଥିଲେ । ଜଣେ ଦାୟିତ୍ୱବାନ ଜନପ୍ରତିନିଧି ଭାବେ ନିଜର ସମସ୍ତ ସୁରକ୍ଷା ଓ ବ୍ୟକ୍ତିଗତ ବ୍ୟସ୍ତତାକୁ ପଛରେ ପକାଇ, ସେ ନିଜେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରିଥିଲେ । ଜରୁରୀକାଳୀନ ଚିକିତ୍ସାର ମହତ୍ତ୍ୱକୁ ବୁଝି ସେ ତୁରନ୍ତ ନିଜର ପୋଲିସ ଏସ୍କର୍ଟ ଗାଡ଼ି ମାଧ୍ୟମରେ ସେମାନଙ୍କୁ ବ୍ରହ୍ମପୁର ସ୍ଥିତ ଏମ୍.କେ.ସି.ଜି. ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରିଥିଲେ। କେବଳ ସେତିକି ନୁହେଁ, ଆହତମାନେ ଯେପରି ବିନା ବିଳମ୍ବରେ ଉତ୍ତମ ଓ ଜରୁରୀକାଳୀନ ଚିକିତ୍ସା ସେବା ପାଇପାରିବେ, ସେଥିପାଇଁ ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ସିଧାସଳଖ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଛନ୍ତି । ଆହତମାନଙ୍କ ଶୀଘ୍ର ଆରୋଗ୍ୟ ଓ ସୁସ୍ଥତା କାମନା କରି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରଦର୍ଶନ କରିଥିବା ଏହି ତ୍ୱରିତ ପଦକ୍ଷେପ ଓ ମାନବୀୟ ମନୋଭାବକୁ ସ୍ଥାନୀୟ ଜନସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି ।

# ସରକାରୀ ମଦଦୋକାନ ସ୍ଥାନାନ୍ତର କରି ଖୋଲିବା ଉଦ୍ୟମକୁ ମହିଳାଙ୍କ ତୀବ୍ର ବିରୋଧ



ପାଟଣା (ଅମୃତ ମିଡିଆ): କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ଧନୁର୍ଜୟପୁର ଜଙ୍ଗଲ ଅଞ୍ଚଳରେ ରେଙ୍ଗାଳବେଡ଼। ସରକାରୀ ମଦ ଦୋକାନ ସ୍ଥାନାନ୍ତର କରି ଖୋଲିବା ଉଦ୍ୟମକୁ ବୁଧବାର ଶତାଧିକ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଘଟଣାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେବା ପରେ ତୁରୁମୁଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।

ଧନୁର୍ଜୟପୁର ଜଙ୍ଗଲ ଭିତରେ କଣ୍ଟେନର ରଖି ମଦ ଦୋକାନ ଖୋଲାଯାଉଥିବା ଖବର ପାଇ ଧନୁର୍ଜୟପୁର, ବାଉଁଶୁଳି, ବାରଡାଙ୍ଗୁଆ, ଗୋଡ଼ିପୋଖରୀ ସମେତ ବିଭିନ୍ନ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଜଙ୍ଗଲ ଅଞ୍ଚଳରେ ମଦ ଦୋକାନ ଖୋଲିଲେ ସାମାଜିକ ପରିବେଶ ନଷ୍ଟ ହେବା ସହ ମହିଳା ଓ ଯୁବପିଢ଼ିଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ କହିବାନୁସାରେ, ଦୀର୍ଘଦିନ ଧରି ସେମାନେ ଉକ୍ତ ଅଞ୍ଚଳରେ ମଦ ଦୋକାନ ଖୋଲିବାକୁ ବିରୋଧ କରିଆସୁଛନ୍ତି। ତଥାପି ପ୍ରଶାସନ ଏହାକୁ କାର୍ଯ୍ୟକାରୀ କଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ସର୍ପାଘାତରେ ମହିଳାଙ୍କ ମୃତ୍ୟୁ



ଦିଗପହଣ୍ଡି (ଅମୃତ ମିଡିଆ): ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ କଲରାପଦର ପଞ୍ଚାୟତ ଭୁଡୁକି ଗ୍ରାମର ଏ.ବାଉରୀ ପାତ୍ରଙ୍କ ସ୍ତ୍ରୀ ଏ.ସାଇଆମ୍ମା ପାତ୍ର(୭୦) ନାମ୍ନୀ ବୃଦ୍ଧା ବୁଧବାର ଅପରାହ୍ନରେ ସର୍ପାଘାତରେ ମୃତ୍ୟୁବରଣ କରିଛନ୍ତି। ସାଇଆମ୍ମା ଘର ଭିତରୁ ବାଡ଼ିପଟକୁ ଯିବା ପାଇଁ କବାଟ ଖୋଲୁଖୋଲୁ ତାଙ୍କ ଡାହାଣ ଗୋଡ଼କୁ ଏକ ବିଷଧର ସାପ ଚୋଟ ମାରିଥିଲା। ସେ ପାଟି କରିବାରୁ ପରିବାର ଲୋକେ ସେଠାରେ ପହଞ୍ଚି ସାପକୁ ଦେଖିଥିଲେ। ପରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଆଡ଼ପଡ଼ା ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଉପସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଟେଣ୍ଡେଣ୍ଟ ଡା.ବାହନ ଦାସ, ଡା.ସତ୍ୟ ନାରାୟଣ ଦାସ, ଡା.କ୍ରିଷ୍ଣା କୁମାର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏତଲା ହେବା ପରେ ପାଟପୁର ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ପୋଲିସ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ସନ୍ଧ୍ୟା ହୋଇଯିବାରୁ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

## କାନ୍ଦ ବୋବାଳିରେ ଫାଟିପଡିଲା ଗାଁ ଦାଣ୍ଡ



ଦିଗପହଣ୍ଡି (ଅମୃତ ମିଡିଆ): ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଛୋଟରାୟପୁର- ବାସୁଦେବପୁର ଗ୍ରାମ ବଡ଼ସାହିର ପ୍ରଦୀପ ମହାରଣାଙ୍କ ୨ୟ ପୁଅ ସନ୍ତୋଷ ମହାରଣା (୩୬) ପରିବାର ପରିପୋଷଣ ନିମନ୍ତେ ଦାଦନ ଶ୍ରମିକ ଭାବେ କାମ କରିବାକୁ ମୁମ୍ବାଇ ଯାଇଥିବା ବେଳେ ସେଠାରେ ସୋମବାର ତାଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ତାଙ୍କ ମୃତଦେହ ତାଙ୍କ ଭିଟାମାଟିରେ ପହଞ୍ଚିବା ପରେ ସମଗ୍ର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଏବଂ ସମ୍ପର୍କୀୟ ଲୋକଙ୍କ କାନ୍ଦ ବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ପରେ ମୃତଦେହକୁ ଗ୍ରାମବାସୀ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନେଇଥିଲେ। ସେଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ମୁମ୍ବାଇ ଥାନେ ଅଞ୍ଚଳର ଦିଭା ନାକା ରାବାଲେର ଏକ ଭଡ଼ା ଘରେ ରହୁଥିବା ସନ୍ତୋଷ ଆକସ୍ମିକ ଭାବେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ରବିବାର ରାତି ପ୍ରାୟ ସାଢେ ୯ ଟାରେ ନଭି ମୁମ୍ବାଇ ଭାସିସ୍ଥିତ ମ୍ୟୁନିସିପାଲ କର୍ପୋରେଶନ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋର୍‌ରେ ତାଙ୍କ ମୃତ୍ୟୁ ଘଟିଥିଲା। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପରିବାର ଲୋକେ ମୁମ୍ବାଇ ଯାଇ ପାରି ନ ଥିଲେ। ଏନେଇ ପରିବାର ଲୋକେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଏମ.ସନ୍ତୋଷଙ୍କୁ ଘଟଣା ଜଣାଇଥିଲେ। ସରପଞ୍ଚ ପ୍ରତିନିଧି ଘଟଣା ସମ୍ପର୍କରେ ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବିଧାୟକ ସେଠାକାର ପ୍ରଶାସନ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ କଥା ହେବା ପରେ ତାଙ୍କ ମୃତଦେହକୁ ସେଠାରେ ବ୍ୟବଚ୍ଛେଦ କରାଯାଇ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କ ମରଶରୀରକୁ ଭିଟାମାଟି ବାସୁଦେବପୁର ଗାଁକୁ ଅଣାଯାଇଥିଲା ବୋଲି ସରପଞ୍ଚ ପ୍ରତିନିଧି କହିଛନ୍ତି। ସନ୍ତୋଷ ସେଠାରେ କାଠ ମିସ୍ତ୍ରୀ ଶ୍ରମିକ ଭାବେ କାମ କରୁଥିଲେ। ଗତ ଫେବୃଆରୀ ମାସରେ ସାନଭାଇଙ୍କ ବାହାଘର ଭୋଜିକୁ ସେ ଗ୍ରାମକୁ ଆସି ଅଳ୍ପଦିନ ପରିବାର ସହ ବିତାଇବା

ପରେ ପୁଣି ମୁମ୍ବାଇ ଫେରି ଯାଇଥିଲେ। ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ ମୃତକଙ୍କ ଘରେ ପହଞ୍ଚି ତାଙ୍କ ବାପାଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଅନୁକମ୍ପା ମୂଳକ ସହାୟତା ଚେକ ପ୍ରଦାନ କରିଥିଲେ। ସରପଞ୍ଚ ଏମ୍.ଶ୍ୟାମଘନ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପରିବାର ଲୋକଙ୍କୁ ଦେଇଥିବା ଜଣାପଡ଼ିଛି।

# ଆସିକା ବ୍ଲକରେ ସ୍ଥାୟୀ ବିଡିଓ ନାହାନ୍ତି

## ବିକାଶ କାର୍ଯ୍ୟ ପ୍ରଭାବିତ

ଆସିକା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକରେ ଦିର୍ଘ ଦୀନ ଧରି ସ୍ଥାୟୀ ବିଡିଓ ନିଯୁକ୍ତି ନହେବା ନେଇ ସ୍ଥାନୀୟ ଅଚଂଳରେ ଅସନ୍ତୋଷ ବଢିବାରେ ଲାଗିଛି। ସ୍ଥାନୀୟ ଅଚଂଳରେ ଲୋକ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ବିକାଶ ମୂଳକ କାର୍ଯ୍ୟରେ ବିଳମ୍ବ ହେଉଥିବା ଏବଂ ସାଧାରଣ ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ ହେଉନଥିବା ଦାବୀ କରାଯାଉଛି । ଆସିକା ବ୍ଲକ ଗଞ୍ଜାମ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ ହୋଇଥିଲେ ମଧ୍ୟ ସ୍ଥାୟୀ ବିଡିଓ ନଥିବା କାରଣରୁ ବହୁ ସରକାରୀ କାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି । ଲୋକ ମାନଙ୍କ୍ ଅଭିଯୋଗ, ବିଭିନ୍ନ ଯୋଜନାର ଫାଇଲ ଅନୁମୋଦନରେ ବିଳମ୍ବ ହେଉଛି । ପଚାଂୟତ ସ୍ତରରେ ସମସ୍ୟାର ସମାଧାନ ତ୍ୱରିତ ହେଉନାହିଁ । ସାଧାରଣ ଲୋକଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଆସିବାକୁ ପଡୁଛି । ଏହି ପ୍ରସଙ୍ଗ ଏବଂ ରାଜନୈତିକ ମହଲରେ ଯେତିକି ସରଗରମ ହେଉଛି, ତାଠାରୁ ବୁଦ୍ଧିଜୀବୀ ମହଲରେ ଏହାର ଚର୍ଚ୍ଚା ଜୋର ଧରିଛି । ସରକାର ଆସିକା ବ୍ଲକ ପ୍ରତି ଅବହେଳା କରୁଛନ୍ତି ଏବଂ ପ୍ରଶାସନିକ ଶୁନ୍ୟତା ଯୋଗୁଁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଆସିକା ବ୍ଲକ ଅଧିନ ବିଭିନ୍ନ ପଚାଂୟତରେ ସରକାରୀ ଯୋଜନାର କାର୍ଯ୍ୟ, ଉନ୍ନୟନ ମୂଳକ ପ୍ରକଳ୍ପର ଅନୁମୋଦନ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟରେ ବିଳମ୍ବ ହେବା ସହିତ ନିଜ ନିଜ ଅଭିଯୋଗ ଓ ସମସ୍ୟା ନେଇ ବ୍ଲକ କାର୍ଯାଳୟକୁ ଆସୁଥିବା ଲୋକ ମାନେ ମଧ୍ୟ ତୁରନ୍ତ ପ୍ରତିକ୍ରିୟା ପାଉନଥିବା ଅଭିଯୋଗ କରୁଛନ୍ତି ।

ଏହି ପ୍ରସଙ୍ଗକୁ ନେଇ ରାଜନୈତିକ ମହଲରେ ମଧ୍ୟ ଆଲୋଚନା ପର୍ଯ୍ୟାଲୋଚନା କରୁଛନ୍ତି । ଏହାକୁ ସରକାରଙ୍କ ପ୍ରଶାସନିକ ବିଫଳତା ବୋଲି ପ୍ରତିକ୍ରିୟା ରଖିବା ସହିତ ଆସିକା ବ୍ଲକ ପରି ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତିରେ ବିଳମ୍ବ କାହିଁକି ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି ।

ଏବେ ପ୍ରଶ୍ନ ଉଠୁଛି ଆସିକା ବ୍ଲକକୁ କେବେ ମିଳିବ ସ୍ଥାୟୀ ବିଡିଓ ଆଉ କେବେ ଦୂର ହେବ ପ୍ରଶାସନିକ ଅଚଳାବସ୍ଥା ତାକୁ ଏବେ ଦେଖିବାକୁ ବାକି ରହିଛି ।

# ଛେଳି ଚରାଇବାକୁ ଯାଇଥିବାବେଳେ ସାପ କାମୁଡ଼ାରେ ଜଣେ ମୃତ



ବ୍ରହ୍ମପୁର /ଛତ୍ରପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ କାଠଗଡା ଗ୍ରାମରେ ସାପ କାମୁଡ଼ାରେ ଜଣେ ଛେଳି ଚରାଳିଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ସେହି ଗ୍ରାମର ବି. ଯୋଗୀ ପାତ୍ର ବୋଲି ଜଣାପଡିଛି । ଗୁରିବାର ସକାଳୁ ବି.ଯୋଗୀ ଘରୁ ବାହାରି ଛେଳି ଚରାଇବା ପାଇଁ ଗ୍ରାମ ନିକଟରେ ଥିବା ଚୈତନ୍ୟପୁର ବିଲ ମାଳକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ଫଳରେ ବି. ଯୋଗୀ ଘଟଣା ସ୍ଥଳରେ ହିଁ ପଡିଯାଇଥିବା ଦେଖି ସ୍ଥାନୀୟ ଲୋକେ ଏକ ଅଟୋ ଯୋଗେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ କୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ କ୍ଷ ସେ ଜଣେ ନିହାତି ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି ହୋଇଛି ।

# ପଟ୍ଟନାୟକ ପୋଖରୀ ନବୀକରଣରେ ୫୫.୬୯ ଲକ୍ଷ ଟଙ୍କାର ଦୁର୍ନୀତି ଅଭିଯୋଗ

## ପୂର୍ବତନ ଯନ୍ତ୍ରୀ, ଏମ୍ଇ ଠିକାଦାର ଗିରଫ



ପାରଳାଖେମୁଣ୍ଡି (ଅମୃତ ମିଡିଆ): ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ପଟ୍ଟନାୟକ ପୋଖରୀର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟରେ ୫୫ ଲକ୍ଷ ୬୯ ହଜାର ୩୩ ଟଙ୍କାର ସରକାରୀ ପାଣ୍ଠି ଅପବ୍ୟବହାର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ବୁଧବାର ପୂର୍ବତନ କନିଷ୍ଠ ଯନ୍ତ୍ରୀ (ଜେଇ), ମ୍ୟୁନିସିପାଲ ଇଞ୍ଜିନିୟର (ଏମ୍ଇ) ଓ ସମ୍ପୃକ୍ତ ଠିକାଦାରଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ଜିଲାରେ ଚର୍ଚ୍ଚା ଜୋର୍ ଧରିଛି।

ଭିଜିଲାନ୍ସ ସୂଚନାନୁସାରେ, ୨୦୧୯ରୁ ୨୦୨୨ ମଧ୍ୟରେ ପଟ୍ଟନାୟକ ପୋଖରୀର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ପାଇଁ ମୋଟ୍ ୧ କୋଟି ୨୨ ଲକ୍ଷ ୪୦ ହଜାର ୭୦୦ ଟଙ୍କା ତିନୋଟି ରନିଂ ଆକାଉଣ୍ଟ (ଆର୍ଏ) ବିଲ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ତଦନ୍ତରେ ପୂର୍ବତନ ଜେଇ ଡି. ଯୁଧିଷ୍ଠିର ସରକାରୀ ମେଜରମେଣ୍ଟ ବୁକ (ଏମ୍ବି)ରେ ମିଥ୍ୟା ଓ ବଢ଼ାଇ ଦିଆଯାଇଥିବା ମାପଚୋପ ଲିପିବଦ୍ଧ କରିଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ମ୍ୟୁନିସିପାଲ ଇଞ୍ଜିନିୟର ସଞ୍ଜୀବ ଚମ୍ପତି ସେହି ମାପଚୋପକୁ ଯାଞ୍ଚ କରି ସଠିକ ବୋଲି ପ୍ରମାଣିତ କରିଥିଲେ। ଏହା ଆଧାରରେ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା। ଭିଜିଲାନ୍ସର ସ୍ୱାଧୀନ ବୈଷୟିକ ଯାଞ୍ଚରେ ନିମ୍ନମାନର କାର୍ଯ୍ୟ ଓ ଜାଲିଆତିପୂର୍ଣ୍ଣ ମାପଚୋପ ଯୋଗୁ ୫୫,୬୯,୦୩୩ ଟଙ୍କାର ସରକାରୀ କ୍ଷତି ହୋଇଥିବା ସ୍ପଷ୍ଟ ହୋଇଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ମାମଲା ନଂ ୭/୨୬ ରୁଜୁ କରାଯାଇ ବିଭିନ୍ନ ଦଫାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ବୁଧବାର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିବାବେଳେ ମାମଲାର ତଦନ୍ତ ଜାରି ରହିଛି।

# ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ



ମହାକାଳପଡା (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସମ୍ମୁଖରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୪ ଦଫା ଦାବି ନେଇ ବୁଧବାର ଧାରଣା ଦିଆଯାଇଛି। ରାଜ୍ୟ ସରକାରଙ୍କ ପାତର ଅନ୍ତର ନୀତିକୁ ନେଇ ସଂଘ କାର୍ଯ୍ୟକର୍ତ୍ତା ବର୍ଷିଥିଲେ। ପରେ ଏକ ୪ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉଦ୍ଦେଶ୍ୟରେ ପୃଥକ୍ ପୃଥକ୍ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀଙ୍କ ବୟସସୀମା ୬୦ରୁ ୬୨ ବର୍ଷ ବୃଦ୍ଧି, ନୂତନ ପେନସନ କାର୍ଯ୍ୟକାରୀ, ଗ୍ରେଡ୍‌ପେ ଓ ସ୍ଥାୟୀ ଅନୁଦାନ ପ୍ରଦାନ ଉପରେ ଆଧାରିତ ରହିଛି। ଏହି ଦାବିଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ସମନ୍ୱୟ ସମିତି ପକ୍ଷରୁ ଦାବି କରାଯାଇଛି।

ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ବ୍ୟାସଦେବ ବେବର୍ତ୍ତା, ସଭାପତି ନିମାଇଁ ରାଉତ, ପ୍ରଭାତ ବେହେରା, ଅଶୋକ ମହାପାତ୍ର, ନରୋତ୍ତମ ପାର୍ଥ ସାରଥୀ, ବୃନ୍ଦାବନ ସାଇଁ, ସଚ୍ଚିଦାନନ୍ଦ ପାଇକରାୟ, ପ୍ରଶାନ୍ତ ଦାସ, ଜ୍ୟୋତି ରଞ୍ଜନ ମିଶ୍ର ଓ ଆଦିକନ୍ଦ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ରୋଗୀଙ୍କ ଜୀବନକୁ ଅଣଦେଖା, ଏସ୍‌ଡିଏମ୍‌ଓଙ୍କ ମନମାନୀ !

## ପେରିଫେରି ଏରିଆ ଛାଡି ଦୂରରେ କରିବୁନି ରକ୍ତଦାନ ଶିବିର : ଏସ୍‌ଡିଏମ୍‌ଓ




ନୀଳଗିରି (ଅମୃତ ମିଡିଆ) : ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ବିଚିତ୍ର ବ୍ୟବସ୍ଥା । ରକ୍ତ କେନ୍ଦ୍ରରେ ରକ୍ତ ଅଭାବ, ସମାଜସେବୀ ସଂସ୍ଥା ଶିବିର ଆୟୋଜିତ କଲେ ଯିବା ପାଇଁ ମନା କରୁଛନ୍ତି ଡାକ୍ତରଖାନା କର୍ତ୍ତୃପକ୍ଷ ।ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲାରେ ମୋଟ ଦୁଇଟି ରକ୍ତକେନ୍ଦ୍ର ନୀଳଗିରି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିଛି । ଜିଲ୍ଲା ତମାମ ଲୋକଙ୍କ ରକ୍ତ ସମସ୍ୟାର ସମାଧାନ ନିମନ୍ତେ ଏହି ଦୁଇଟି କେନ୍ଦ୍ର ଉପରେ ରୋଗୀମାନେ ନିର୍ଭର କରିଥାଆନ୍ତି । ନୀଳଗିରି ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ବାହାନଗା,ନୀଳଗିରି ଓ ଔପଦା ବ୍ଲକର ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହା ଉପରେ ନିର୍ଭର କରିଥାଆନ୍ତି ।ହେଲେ ନୀଳଗିରି ରକ୍ତକେନ୍ଦ୍ର ଉପରେ ବାହାନଗା, ନୀଳଗିରି, ଔପଦା, ସମେତ ସୋର, ସିମୁଳିଆ, ଖଇରା, ପ୍ରମୁଖ ବ୍ଲକ୍‌ରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାଆନ୍ତି । ନୀଳଗିରି ରକ୍ତ କେନ୍ଦ୍ରରେ ଅନେକ ସମୟରେ ରକ୍ତ ଅଭାବ ଦେଖାଦେଇଥାଏ । ଫଳରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ମାନେ ଭିନ୍ନଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ କରି ରକ୍ତକେନ୍ଦ୍ରରେ ରକ୍ତର ଅଭାବ ପୂରଣ କରିଥାଆନ୍ତି । ହେଲେ ଏବେ ନୀଳଗିରି ରକ୍ତକେନ୍ଦ୍ରରେ ଅଜବ ନୀତି ଦେଖିବାକୁ ମିଳିଛି ରକ୍ତ ଅଭାବ ରହିଥିଲେ ମଧ୍ୟ ରକ୍ତଦାନ ଶିବିର ଆୟୋଜନକୁ ବିଭିନ୍ନ ଆଳ ଦେଖାଇ ମନା କରୁଛନ୍ତି ଡାକ୍ତରଖାନା କର୍ତ୍ତୃପକ୍ଷ । ସୂଚନା ମୁତାବକ ଆଜି ନୀଳଗିରି ରକ୍ତ କେନ୍ଦ୍ରରେ ବି ପଜିଟିଭି ଗୋଟିଏ ଓ ଏବି ପଜିଟିଭର ୨ ଟି ୟୁନିଟ ରକ୍ତ ମହଜୁଦ ରହିଛି । ଓ, ଏ ଭଳି ପ୍ରମୁଖ ପ୍ରକାରର ରକ୍ତ ଏହି କେନ୍ଦ୍ରରେ ମହଜୁଦ ନାହିଁ । ଅନେକ ରୋଗୀ ରକ୍ତ ଆବଶ୍ୟକତାରେ ଆସି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଫେରୁଛନ୍ତି । ପୂର୍ବରୁ ମଧ ଉକ୍ତ କେନ୍ଦ୍ରରେ ରକ୍ତ ଅଭାବକୁ ନେଇ ଖବର ମଧ ପ୍ରକାଶିତ ହୋଇଛି । ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ଅନୁମତି ମଗା ଯାଇଥିବା ବେଳେ ଶିବିରକୁ ଯାଇ ରକ୍ତ ସଂଗ୍ରହ କରିବାକୁ ମନା କରିଛନ୍ତି ନୀଳଗିରି ରକ୍ତ କେନ୍ଦ୍ରର ମୁଖ୍ୟ । ଏ ନେଇ ଏସ୍‌ଡିଏମ୍‌ଓ ସତ୍ୟନାରାୟଣଙ୍କୁ ପଚାରିବାରୁ ଆମର ଷ୍ଟାଫ ନାହାନ୍ତି ଆମେ ଏ ଶିବିର କରିପାରିବୁ ନାହିଁ, ଆମେ କେବଳ ଆମ ପେରିଫେରି ଅଞ୍ଚଳରେ ଶିବିର କରିବୁ। ତେବେ ପ୍ରଶ୍ନଉଠେ ବାଲେଶ୍ୱର ଜିଲ୍ଲାରେ ମୋଟ ଦୁଇଟି ରକ୍ତକେନ୍ଦ୍ର ଥିବା ବେଳେ ନୀଳଗିରି ରକ୍ତକେନ୍ଦ୍ରର ପେରିଫେରି କେଉଁ ଅଞ୍ଚଳ ଓ ବାଲେଶ୍ୱର ଜିଲ୍ଲା ରକ୍ତକେନ୍ଦ୍ରର କେଉଁ ଅଞ୍ଚଳ ତାହା ଲୋକଙ୍କୁ ଅବଗତି କରାଯାଉ ବୋଲି ସ୍ୱେଚ୍ଛାସେବୀ ସଙ୍ଗଠନ ମାନେ ଦାବି କରିଛନ୍ତି । ଏନେଇ ସିଡିଏମ୍‌ଓ ଦିଲ୍ଲିପ ଜେନାଙ୍କୁ ପଚାରିବାରୁ କୌଣସି ରକ୍ତକେନ୍ଦ୍ରର ପେରିଫେରି ଏରିଆ କିଛି ନାହିଁ , ପ୍ରତ୍ୟେକ ରକ୍ତ ୟୁନିଟ୍ ଆମ ପାଇଁ ମୂଲ୍ୟବାନ କିପରି ରକ୍ତଶିବିର ଆୟୋଜନ କରାଯାଇପାରିବ ସେ ନେଇ ଆଲୋଚନା କରିବେ । କାହିଁକି ଏସ୍‌ଡିଏମ୍‌ଓ ଏପରି କହିଛନ୍ତି ସେ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି । ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ତଦନ୍ତ କରି କାର୍ଯ୍ୟରେ ଅବହେଳା ବା ଦାୟିତ୍ୱହୀନତା ଦେଖାଉଥିବା ଡାକ୍ତରମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଦଶପଲ୍ଲା ଯୋଗାଣ ଅଧିକାରୀଙ୍କ ପ୍ରତ୍ୟକ୍ଷ ମଧୁଚନ୍ଦ୍ରିକା

## ‘ଦୁଇ ହଜାର’ ଲାଞ୍ଚ ନେଇ ବଣ୍ଟାଯାଉଛି ନୂଆ ରେସନ କାର୍ଡ, ତଦନ୍ତ ଦାବି




**ଦଶପଲ୍ଲା (ଅମୃତ ମିଡିଆ) :** ଦଶପଲ୍ଲା ବ୍ଲକ ଯୋଗାଣ ବିଭାଗରେ ଚାଲିଥିବା ମହାଦୁର୍ନୀତିର ମୁଖ୍ୟ ନାୟକ ସାଜିଛନ୍ତି ସ୍ଥାନୀୟ ଯୋଗାଣ ଅଧିକାରୀ । ଶିଳ୍ପ ବିହୀନ ତଥା ଆଦିବାସୀ ବହୁଳ ଏହି ଅଞ୍ଚଳର ଶତାଧିକ ଗରିବ ଓ ଅସହାୟ ପରିବାର ଆଜି ମଧ ମୁଠେ ରେସନ ଚାଉଳ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । କାର୍ଡ ପାଇଁ ଯୋଗ୍ୟ ଥିବା ବହୁ ପରିବାର ଅନଲାଇନରେ ଆବେଦନ କରିବା ପରେ ଦୀର୍ଘ ଦିନ ଧରି ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି । କିନ୍ତୁ ଅନ୍ୟପଟେ ଯୋଗାଣ ଅଧିକାରୀଙ୍କ ସବୁଜ ସଙ୍କେତରେ କାର୍ଯ୍ୟ କରୁଥିବା ଦଲାଲମାନଙ୍କୁ ମୋଟା ଅଙ୍କର ଟଙ୍କା ଦେଲେ ତୁରନ୍ତ କାମ ହୋଇଯାଉଥିବା ଭଳି ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଅଞ୍ଚଳରେ ସକ୍ରିୟ ଥିବା ଦଲାଲ ଚକ୍ର ସରଳ ହିତାଧିକାରୀମାନଙ୍କ ଠାରୁ କାର୍ଡ କରାଇଦେବା ବାହାନାରେ ୩ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି । ତେବେ ଏହି ବେଆଇନ କାରବାର ସେତେବେଳେ ସଫଳ ହେଉଛି, ଯେତେବେଳେ ଦଲାଲମାନେ କାର୍ଡ ପିଛା ପ୍ରତିବଦଳରେ ନଗଦ ୨ ହଜାର ଟଙ୍କା ସିଧାସଳଖ ଯୋଗାଣ ଅଧିକାରୀଙ୍କ ହାତକୁ ବଢ଼ାଇ ଦେଉଛନ୍ତି । ଏହି ଲାଞ୍ଚ କାରବାରରେ ଯୋଗାଣ ଅଧିକାରୀ ସମ୍ପୂର୍ଣ୍ଣ ଭାବେ ସାମିଲ ଥିବା ବେଳେ ତାଙ୍କ ଇସାରାରେ ହିଁ ଦଲାଲମାନେ ଖୋଲାଖୋଲି ଭାବେ ଗରିବ ଲୋକଙ୍କୁ ଶୋଷଣ କରୁଛନ୍ତି । ଯୋଗାଣ ଅଧିକାରୀଙ୍କ ବ୍ୟକ୍ତିଗତ ‘ଫୋନପେ’ ଆକାଉଣ୍ଟର କାରବାର ଉପରେ ଯଦି ଉଚ୍ଚସ୍ତରୀୟ ତଦନ୍ତ କରାଯାଏ, ତେବେ ଏହି ରସାତଳକୁ ଯାଇଥିବା ଦୁର୍ନୀତିର ବହୁ ରହସ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଦୂରଦୂରାନ୍ତର ଅଞ୍ଚଳରୁ ଭୋକିଲା ପେଟରେ ଅଫିସକୁ ଆସୁଥିବା ଗରିବ ଆଦିବାସୀ ଜନସାଧାରଣଙ୍କୁ ଯୋଗାଣ ଅଧିକାରୀ ସିଧାସଳଖ ମନା ନକରି, ‘ସରକାରୀ ସାଇଟ୍ ବନ୍ଦ ଅଛି’ କିମ୍ବା ‘ଇଣ୍ଟରନେଟ ନେଟଓ୍ୱର୍କ ଖୋଲୁନାହିଁ’ ବୋଲି ଚିରାଚରିତ ଢଙ୍ଗରେ ମିଥ୍ୟା ଉତ୍ତର ଦେଇ ଫେରାଇ ଦେଉଛନ୍ତି । ଜନସେବା ପାଇଁ ନିଯୁକ୍ତ ଏହି ଅଧିକାରୀ ଜଣକ ଅଫିସ ସମୟରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହି ପ୍ରାୟ ସମୟ ନିଜ ସରକାରୀ ବାସଗୃହରେ ଆରାମ କରୁଛନ୍ତି । କୌଣସି ବ୍ୟକ୍ତି ସେଠାରେ ତାଙ୍କୁ ଭେଟିବାକୁ ଚେଷ୍ଟା କଲେ, ‘ମିଲ୍ ତଦନ୍ତରେ ଅଛନ୍ତି’ ବୋଲି କହି ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରୁଛନ୍ତି । ଏହି ଯୋଗାଣ ଅଧିକାରୀଙ୍କ କଳା କାରନାମା କେବଳ ରେସନ କାର୍ଡ ଜାଲିଆତିରେ ସୀମିତ ନାହିଁ । ଗତବର୍ଷ ସ୍ଥାନୀୟ ଡିଲରମାନଙ୍କ ସହ ଗୋପନୀୟ ବୁଝାମଣା କରି ଆଦିବାସୀ ଅଞ୍ଚଳରୁ ବେଆଇନ ଭାବେ ଧାନ ବ୍ୟବସାୟ କରି ସରକାରୀ ପାଣ୍ଠି ହରିଲୁଟ କରିଥିବା ନେଇ ମଧ ତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ରହିଛି । ବିଭାଗୀୟ ସ୍ତରରେ ବର୍ତ୍ତମାନ କେବଳ ‘ଦୁଇ ହଜାର ଦିଅ, ନୂଆ କାର୍ଡ ନିଅ’ ନୀତି ଚାଲିଥିବାରୁ ଏହା ପ୍ରଶାସନର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯୋଗାଣ ଅଧିକାରୀଙ୍କ ପ୍ରତ୍ୟକ୍ଷ ସଂପୃକ୍ତିରେ ଚାଲିଥିବା ଏହି ବ୍ୟାପକ ପିସି କାରବାର ବିରୋଧରେ ବର୍ତ୍ତମାନ ଦଶପଲ୍ଲା ଅଞ୍ଚଳରେ ଜନଆନ୍ଦୋଳନର ସୂତ୍ରପାତ ହେବାକୁ ଯାଉଛି । ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ଭିଜିଲାନ୍ସ ବିଭାଗ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ସମ୍ପୃକ୍ତ ଯୋଗାଣ ଅଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ, ଫୋନପେ ରେକର୍ଡ ଏବଂ ବଣ୍ଟା ଯାଇଥିବା ସମସ୍ତ ନୂଆ ରେସନ କାର୍ଡର ଫାଇଲ ଯାଞ୍ଚ କରିବାକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି ।

# ନିଶାସେବନ ନିଶାମୁକ୍ତି ଯୋଜନା ପ୍ରସଙ୍ଗ ଓ କିଶୋର ନ୍ୟାୟ ଆଇନ ଉପରେ ସଚେତନତା ଶିବିର




ଜୟପୁର (ଅମୃତ ମିଡିଆ) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଆଜି ଜୟପୁର ଇରିଗେସନ କଲୋନୀ ସାଇ ଅରବିନ୍ଦ ଇଣ୍ଟିଗ୍ରାର ଶିକ୍ଷା ଅନୁଷ୍ଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ ପ୍ରାୟତଃ ଜେଜେ ଆଇନ ଭାବରେ ସଂକ୍ଷିପ୍ତ ଏବଂ ଶିଶୁଙ୍କ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ (ଆରଟିଇ ଆଇନ, ୨୦୦୯) ହେଉଛି ଶିଶୁ ଅଧିକାରକୁ ସୁରକ୍ଷା ଦେଉଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭାରତୀୟ ଆଇନ । ଶିକ୍ଷା ଅଧିକାର ଆଇନ ୬ ରୁ ୧୪ ବର୍ଷ ବୟସର ପିଲାମାନଙ୍କ ପାଇଁ ମାଗଣା ପ୍ରାଥମିକ ଶିକ୍ଷାର ସୁନିଶ୍ଚିତତା ପ୍ରଦାନ କରେ, ଯେତେବେଳେ ଜେଜେ ଆଇନ ନାବାଳକ ଏବଂ ଯତ୍ନ ଆବଶ୍ୟକ କରୁଥିବା ପିଲାମାନଙ୍କ ପାଇଁ ଯତ୍ନ, ସୁରକ୍ଷା ଏବଂ ପୁନର୍ବାସ ପ୍ରଦାନ କରେ । ଭାରତ ସମେତ ସାରା ବିଶ୍ୱରେ ନିଶା ଏବଂ ମଦ୍ୟପାନ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ, ନିଶା ଚାହିଦା ହ୍ରାସ ପାଇଁ ନୋଡାଲ ମନ୍ତ୍ରଣାଳୟ । ନିଶା ଅପବ୍ୟବହାର ସମସ୍ୟାର ସମାଧାନ ପାଇଁ, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଜାତୀୟ ନିଶା ଚାହିଦା ହ୍ରାସ ଯୋଜନା କାର୍ଯ୍ୟକାରୀ କରୁଛି, ଯାହା ଏକ ଛାତା ଯୋଜନା, ଯାହା ଅଧୀନରେ ସରକାର ଦେଶବ୍ୟାପୀ ଏହି ଲୋକମାନଙ୍କ ମଧ୍ୟରେ ନିଶା ଅପବ୍ୟବହାର ସମସ୍ୟାକୁ ରୋକିବା ପାଇଁ ଏକ ନିରନ୍ତର ଏବଂ ସମନ୍ୱିତ ପଦକ୍ଷେପ ନେଉଛି । ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରଦ୍ୟୋମୟୀ ସୁଜତା ସଚିବ ତଥା ବିଚାର ପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଏବଂ ସମ୍ମାନୀୟ ଅତିଥି ଭାବରେ କିଶୋର ନ୍ୟାୟ ବୋର୍ଡର ପ୍ରିନ୍ସିପାଲ ମାଜିଷ୍ଟ୍ରେଟ, ମଧୁସ୍ମିତା ଜେନା, ଯୋଗ ଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ଦାଶ, ଚିଫ ଲିଗାଲ ଡେଫନ୍ସ କାଉନସେଲ, ସୁଶ୍ରୀ ରଚନା ରାଉଳ, ଉଦିତ ନାରାୟଣ ପ୍ରଧାନ ଆସିଷ୍ଟାଣ୍ଟ ଲିଗାଲ ଏଡ ଡିଫେନ୍ସ କାଉନସେଲ ଏବଂ ଅରବିନ୍ଦ ଇଣ୍ଟିଗ୍ରାଲ ଶିକ୍ଷା କେନ୍ଦ୍ର ର ପ୍ରଧାନ ଶିକ୍ଷୟିତ୍ରୀ ସୂଚିସ୍ମିତା ମହାନ୍ତି ଏବଂ ଅନ୍ୟ ଶିକ୍ଷୟିତ୍ରୀ ବୃନ୍ଦ ଏହି ଶିବିରରେ ଉପସ୍ଥିତ ରେ ଆଇନ ସାକ୍ଷରତା କ୍ଲବର ଛାତ୍ରଛାତ୍ରୀମାନଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାରୀ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ଆଜି ...

କୋଟି, ଭଦ୍ରକକୁ ୨୦.୧୨କୋଟି, ଜଗତସିଂହପୁରକୁ ୮.୧୮କୋଟି, କେନ୍ଦୁଝରକୁ ୬.୧୧ କୋଟି, ସମ୍ବଲପୁରକୁ ୫.୫୬କୋଟି, କେନ୍ଦ୍ରାପଡ଼ାକୁ ୫.୦୪କୋଟି, ମୟୁରଭଞ୍ଜକୁ ୫.୦୨କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ମାନ୍ୟବର ମନ୍ତ୍ରୀ କହିଛନ୍ତି ଯେ, ଗତ ବର୍ଷ ଜୁଲାଇ ମାସ ଅପେକ୍ଷା ଚଳିତ ବର୍ଷ ଜୁଲାଇ ମାସରେ ୬୫% ଅଧିକ ବୃଷ୍ଟିପାତ ହୋଇଥିବାବେଳେ କେତେକ ସ୍ଥାନରେ ୯୭% ପର୍ଯ୍ୟନ୍ତ ଅଧିକ ବୃଷ୍ଟିପାତ ମଧ୍ୟ ହୋଇଛି ।ଏହା ଭିତରେ ବିଭିନ୍ନ ନଦୀର ବନ୍ୟା ଜଳ ହ୍ରାସ ପାଇଥିଲାବେଳେ ଅନେକ ସ୍ଥାନରେ ସମ୍ପୂର୍ଣ୍ଣ ହ୍ରାସ ହୋଇ ନାହିଁ । ବିଭିନ୍ନ ଜିଲ୍ଲାରେ ସାମ୍ପ୍ରତିକ ବନ୍ୟା ଜନିତ ଭିତ୍ତିଭୂମି କ୍ଷୟକ୍ଷତି ଆକଳନ ଚାଲିଥିବାବେଳେ ଆସନ୍ତାକାଲି ସନ୍ଧ୍ୟା ୫ଟା ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଆସନ୍ତାକାଲି ସନ୍ଧ୍ୟାରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସହ ପ୍ରଭାବିତ ଅଞ୍ଚଳର ଜିଲ୍ଲା ପ୍ରଶାସନ, ବିଡିଓ, ତହସିଲଦାରମାନଙ୍କ ସହ ରାଜସ୍ୱ ମନ୍ତ୍ରୀ ବୈଠକରେ ଆଲୋଚନା କରିବେ । ବନ୍ୟାର ପ୍ରକୋପ ହ୍ରାସ, ବିଭିନ୍ନ ସ୍ଥାନରେ ସୃଷ୍ଟ ଘାଇର ମରାମତି, ନଦୀଶଯ୍ୟା ସଫା ଏବଂ ଗଭୀର କରିବା ଆଦି ସମ୍ପର୍କରେ ଆଲୋଚନା କରାଯିବ । ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀଗଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ବିଭିନ୍ନ ପ୍ରଭାବିତ ଜିଲ୍ଲାମାନଙ୍କୁ ଗସ୍ତ କରି କ୍ଷେତ୍ରସ୍ତରରେ ବନ୍ୟା ପରିଚାଳନା ଏବଂ କ୍ଷୟକ୍ଷତି ଆକଳନ ସମ୍ପର୍କରେ ତଦାରଖ କରି ରିପୋର୍ଟ ପ୍ରଦାନ କରିଛନ୍ତି । ତଦନୁସାରେ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ତ୍ୱରାନିତ କରାଯିବାକୁ ନିଷ୍ପତ୍ତି ହୋଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ଉଦ୍ୟମରତ ଅଛନ୍ତି । ବର୍ତ୍ତମାନ ପ୍ରାୟ ୫୭୩କିମିର ଉପକୂଳ ଅଞ୍ଚଳରେ ୧୨୨ଟି ଟାୱାର ଅବସ୍ଥାପିତ ଥିବାବେଳେ ତାହାର ଆଧୁନିକୀକରଣ ସହ ପ୍ରତ୍ୟେକ ଟାୱାରରେ ୩୬୦ଡିଗ୍ରୀ କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ହୋଇଛି । ସାଟେଲାଇଟ୍ ଟେଲି କମ୍ୟୁନିକେସନ୍ ସିଷ୍ଟମ୍ ଦ୍ୱାରା ଏହି ସବୁ ଟାୱାର ଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ସହ ସମସ୍ତ ୩୧୪ଟି ବ୍ଲକରେ ଆଧୁନିକ ବ୍ୟବସ୍ଥା ସହ ମୁଖ୍ୟ କଣ୍ଟ୍ରୋଲ ରୁମରୁ ଆଗାମୀ ଦିନରେ ଉଚ୍ଚଗତିଶୀଳ ବ୍ୟବସ୍ଥା ସ୍ଥାପନ କରି ସୂଚନା ଆଦାନପ୍ରଦାନ ଆହୁରି ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପମାନ ହାତକୁ ନିଆଯାଇଛି । ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଗୋଆ ଏବଂ କେରଳ ରାଜ୍ୟ ଗସ୍ତ କରି ସେଠାକାର ପୂର୍ବ ସୂଚନା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଅବଗତ ହୋଇଛନ୍ତି ।

### ଶୋଇଥିବା...

ତୁରନ୍ତ ପ୍ରଥମେ ସେମାନଙ୍କୁ ପଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ମେଡିକାଲକୁ ଅଣାଯାଇ ଚିକିତ୍ସା କରିଥିବା ଜଣାପଡ଼ିଛି । ପରିବାରର ୪ ଜଣଙ୍କ ମଧ୍ୟରୁ ଲିଙ୍ଗରାଜ ଭୋଇ ଓ ତାଙ୍କ ପୁଅ ଦୁଇ ଜଣ ଗୁରୁତର ଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ସ୍ତ୍ରୀ ସୁମିତ୍ରା ଭୋଇ ଓ ଝିଅ ଅବସ୍ଥା ଠିକ୍ ଥିବା ଜଣାପଡ଼ିଛି । ଗତ ୨ ବର୍ଷ ହେଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ ଦେଖିବାକୁ ମିଳିଛି । ହାତୀ ଆକ୍ରମଣରେ ପୂର୍ବରୁ ଜଣେ ବନ କର୍ମଚାରୀ ଓ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିଲା ।

### ଡିଏମକେ...

କେତେକ ନିର୍ଦ୍ଦିଷ୍ଟ ଆଞ୍ଚଳିକ ଦଳ ପ୍ରାଧାନ୍ୟ ବିସ୍ତାର କରିଥିବା ଏହି ରିପୋର୍ଟରୁ ସ୍ପଷ୍ଟ ଜଣାପଡ଼ିଛି । ଶୀର୍ଷ ପାଞ୍ଚଟି ଆଞ୍ଚଳିକ ପାଣ୍ଠି ଗ୍ରହଣକାରୀ ଦଳ ଯଥା ଡିଏମକେ, ଏଆଇଟିସି, ୱାଇଏସ୍‌ଆର କଂଗ୍ରେସ, ଟିଡିପି ଏବଂ ଏଆଇଏଡିଏମ୍‌କେ ମୋଟ ୮୪୦.୧୨୬୪ କୋଟି ଟଙ୍କା ପାଇଛନ୍ତି, ଯାହାକି ସେହି ସମୟ ମଧ୍ୟରେ ସମସ୍ତ ଆଞ୍ଚଳିକ ଦଳ ପାଇଥିବା ମୋଟ ଚାନ୍ଦାର ୭୯.୯ ପ୍ରତିଶତ ଅଟେ ।

### ରଣନୈତିକ ...

ଦୁଇ ପ୍ରଧାନମନ୍ତ୍ରୀ ସେମାନଙ୍କ ଫୋନ ବାର୍ତ୍ତାଳାପ ସମୟରେ ଏହି ରଣନୈତିକ ସହଭାଗୀତା ବିଷୟରେ ଆଲୋଚନା କରିଥିଲେ । ଦୁଇ ରାଷ୍ଟ୍ର ମଧ୍ୟରେ ଏକ ବ୍ୟାପକ ରଣନୈତିକ ଏବଂ ସାମରିକ ସହଭାଗୀତା ୧୯୯୨ ମସିହାରେ ଆରମ୍ଭ ହୋଇଥିଲା । ଏହି ସହଭାଗୀତାରେ ବ୍ୟାପକ ପ୍ରତିରକ୍ଷା ସହଯୋଗ, ମିଳିତ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଏବଂ ଇଓ ଗବେଷଣା ଏବଂ ୩.୭୫ ବିଲିୟନ ଡଲାର ମୂଲ୍ୟର ଦ୍ୱିପାକ୍ଷିକ ବାଣିଜ୍ୟ ଅନ୍ତର୍ଭୁକ୍ତ ।

# ରଥରେ ଶ୍ରୀବଳଦେବଜୀଉଙ୍କ ପାଖରେ ଚୂଡାଘଷା ଭୋଗ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ ପ୍ରଭୁ ଆଜି ବ୍ରହ୍ମତାଳଧ୍ୱଜ ରଥରେ ବସି ରତ୍ନସିଂହାସନକୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ବାଟରେ ଜିଲ୍ଲା କୈବର୍ତ୍ତସମାଜ ପକ୍ଷରୁ ଶ୍ରୀଜୀଉଙ୍କ ନିକଟରେ ଚୂଡାଘଷା ଲାଗି କରାଯାଇଥିଲା । ଶୁକ୍ରବାର ବାହୁଡାଦଶମୀରେ ଶ୍ରୀଜୀଉ ରଥାରୁଢ ହେବା ପରେ ରଥ ଟଣା ହୋଇ ଅଧବାଟରେ ଅଟକି ରହିଥିଲା । ଆଜି ଅପରାହ୍ନରେ ପୁନର୍ବାର ରଥ ଟଣା ହୋଇ କୈବର୍ତ୍ତସାଇ ନିକଟରେ ପହଞ୍ଚିବା ପରେ ପ୍ରତିବର୍ଷ ଭଳି ପରମ୍ପରା ଅନୁଯାୟି ସେଠାରେ ଜିଲ୍ଲା କୈବର୍ତ୍ତସମାଜ ପକ୍ଷରୁ ଚୂଡାଘଷା ଭୋଗ ଲାଗି କରାଯାଇଥିଲା । କୈବର୍ତ୍ତସମାଜର ମହାଲପଣ୍ଡା ନୃସିଂହ ପ୍ରସାଦ ପତ୍ରୀ ପୂଜାର୍ଚ୍ଚନା କରିବା ସହିତ ଶ୍ରୀଜୀଉଙ୍କ ପାଖରେ ଚୂଡାଘଷା ଲାଗି କରିଥିଲେ । କୈବର୍ତ୍ତସମାଜ ପକ୍ଷରୁ କୁଳମଣୀ ବେହେରା, ସୁରେନ୍ଦ୍ର ବେହେରା, ଦିଲ୍ଲିପ ମହାପାତ୍ର, ସଚ୍ଚିଦାନନ୍ଦ ବେହେରା, ହଳଧର ବେହେରା, ସଞ୍ଜୟ ପାତ୍ର, ସତ୍ୟାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରୀଜୀଉଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ ।

# ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ୬ ନମ୍ବର ୱାର୍ଡ ରାସ୍ତା ମରଣଯନ୍ତା

## ବିପଦରେ ସ୍କୁଲ-କଲେଜ ପିଲା, ପ୍ରଶାସନ ବେପରୁଆ



**ଦଶପଲ୍ଲା (ଅମୃତ ମିଡିଆ) :** ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୬ ନମ୍ବର ୱାର୍ଡର ମୁଖ୍ୟ ରାସ୍ତା ଏବେ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ସ୍ଥାନୀୟ ପ୍ରଶାସନ ଓ ଠିକାଦାରଙ୍କ ଚରମ ଅବହେଳା ଯୋଗୁଁ ଏହି ପ୍ରମୁଖ ରାସ୍ତାଟି ଏବେ ପଥଚାରୀଙ୍କ ପାଇଁ ଏକ ବଡ଼ ‘ମରଣଯନ୍ତା’ ସଦୃଶ ହୋଇଛି । ଏହି ଅଞ୍ଚଳ ଦେଇ ପ୍ରତିଦିନ ଶତାଧିକ ସ୍କୁଲ ଓ କଲେଜ ପଢୁଥିବା ଛାତ୍ରଛାତ୍ରୀ ଯାତାୟାତ କରୁଥିବାରୁ, ସେମାନଙ୍କ ସୁରକ୍ଷା ଓ ଜୀବନ ଏବେ ସମ୍ପୂର୍ଣ୍ଣ ବିପଦପନ୍ନ । ୱାର୍ଡବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ଧରି ମରାମତି ଅଭାବରୁ ସମ୍ପୂର୍ଣ୍ଣ ରାସ୍ତାଟି ବଡ଼ ବଡ଼ ଗଭୀର ଖାଲଖମାରେ ଭର୍ତ୍ତି ହୋଇ ରହିଛି । ବିଶେଷ କରି ସକାଳ ଓ ଉପରବେଳା ସ୍କୁଲ-କଲେଜ ସମୟରେ ପିଲାମାନେ ଏହି ରାସ୍ତା ଦେଇ ଯିବାଆସିବା କରିବା ବେଳେ ପ୍ରବଳ ଅସୁବିଧା ଭୋଗୁଛନ୍ତି । ସାମାନ୍ୟ ବର୍ଷା ହେଲେ ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ସାଇକେଲ କିମ୍ବା ପାଦରେ ଯାଉଥିବା କୋମଳମତି ଶିଶୁମାନେ ଖାଲର ଗଭୀରତା ଜାଣିନପାରି ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି । ଅନେକ ସମୟରେ ପିଲାମାନେ ଗାଡ଼ିରୁ ଖସିପଡ଼ି ଆହତ ହେବା ସହ ସେମାନଙ୍କ ବହିପତ୍ର ଓ ୟୁନିଫର୍ମ କାଦୁଅ ପାଣିରେ ନଷ୍ଟ ହେଉଛି । ଏହି ସମସ୍ୟାକୁ ଆହୁରି ମାରାତ୍ମକ କରୁଛି ରାସ୍ତା ଉପରେ ଅଳିଆ ଭଳି ଗଦା ହୋଇ ରହିଥିବା ନିର୍ମାଣ ସାମଗ୍ରୀ । ଏହି ରାସ୍ତା କଡ଼ରେ କରାଯାଇଥିବା ନବନିର୍ମିତ ଡ୍ରେନ୍ କାର୍ଯ୍ୟରୁ ବାହାରିଥିବା ବାଲି, ଗୋଡ଼ି ଏବଂ ମାଟି ଦୀର୍ଘ ଦିନ ହେବ ରାସ୍ତା ଉପରେ ହିଁ ଢାଳି ଦିଆଯାଇଛି । ଫଳରେ ରାସ୍ତାର ଅଧାରୁ ଅଧିକ ଅଂଶ ଏହି ଆବର୍ଜନାରେ ପୋତି ହୋଇ ରହିଛି । ଗାଡ଼ି ଚାଳକମାନେ ଯିବାଆସିବା ବେଳେ ବାଲି-ଗୋଡ଼ିରେ ଚକ ଖସି ନିୟନ୍ତ୍ରଣ ହରାଉଛନ୍ତି । ଏହାକୁ ତୁରନ୍ତ ସଫା କରାଯାଉ ନଥିବାରୁ ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ ଜୀବନଯାତ୍ରା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଅନ୍ୟପଟେ ରାସ୍ତା କଡ଼ରେ ନିର୍ମାଣ ହୋଇଥିବା ସେହି ଡ୍ରେନର ସ୍ଥିତି ମଧ ଅତ୍ୟନ୍ତ ସଙ୍କଟାପନ୍ନ । ଡ୍ରେନ୍ ନିର୍ମାଣ ଶେଷ ହେବାକୁ ଯାଉଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାହା ଉପରେ କଂକ୍ରିଟ୍ ପ୍ଲେଟ୍ (ଢାଙ୍କୁଣୀ) ପକାଯାଇ ନାହିଁ । ରାସ୍ତା ସାରା ଖାଲଖମା ଏବଂ ବାଲି-ଗୋଡ଼ି ଜମି ରହିଥିବା ବେଳେ ଏହାର ଠିକ୍ କଡ଼ରେ ଖୋଲା ଡ୍ରେନ୍ ରହିବା ଏକ ବଡ଼ ଦୁର୍ଘଟଣାର ଆହ୍ୱାନ ପାଲଟିଛି । ରାସ୍ତାରେ ଯାଉ ଯାଉ ସାମାନ୍ୟ ଅସାବଧାନତା କାରଣରୁ ଛାତ୍ରଛାତ୍ରୀ କିମ୍ବା ବୃଦ୍ଧବୃଦ୍ଧାମାନେ ସେହି ଗଭୀର ଖୋଲା ଡ୍ରେନ୍ ଭିତରକୁ ଖସିପଡ଼ିବାର ପ୍ରବଳ ଆଶଙ୍କା ରହିଛି । ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ଦଶପଲ୍ଲା ଏନଏସି କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏନଏସି କର୍ତ୍ତୃପକ୍ଷଙ୍କ ନଜର କେବେ ଏହି ବିପର୍ଯ୍ୟସ୍ତ ରାସ୍ତା ଉପରେ ପଡ଼ିବ, ତାହାକୁ ନେଇ ଏବେ ସ୍ଥାନୀୟ ଅଭିଭାବକ ଓ ସଚେତନ ନାଗରିକମାନେ ପ୍ରଶ୍ନ କରିଛନ୍ତି । ପ୍ରଶାସନର ଏଭଳି ଚରମ ଦାୟିତ୍ୱହୀନତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି । ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତାର ପୁନରୁଦ୍ଧାର ନକଲେ ଏବଂ ଡ୍ରେନ୍ ଉପରେ ସ୍ଲାବ୍ ନପକାଇଲେ, ଆଗାମୀ ଦିନରେ ଅଭିଭାବକ ଓ ୱାର୍ଡବାସୀ ମିଳିତ ଭାବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।



# ବିଧାନସଭା ବିଭାଗୀୟ ସ୍ଥାୟୀ କମିଟିଙ୍କ ଜିଲ୍ଲା ପରିଦର୍ଶନ

## ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନକୁ ସଶକ୍ତ କରିବାକୁ ଗୁରୁତ୍ୱ

**ଖୋର୍ଦ୍ଧା (ଅମୃତ ମିଡିଆ) :** ଆଜି ଓଡ଼ିଶା ବିଧାନ ସଭାର ବିଭାଗୀୟ ସ୍ଥାୟୀ କମିଟି (ଦଶମ) ମାନ୍ୟବର ବିଧାୟକ, ଆଠଗଡ଼, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ବିଧାନସଭା ମୁଖ୍ୟ ସଚେତକ, ବିଧାୟକ ସରୋଜ କୁମାର ପ୍ରଧାନ, ବିଧାୟକ, ଚିତ୍ରକୁଣ୍ଡା ମଙ୍ଗୁ ଖିଲା, ମାନ୍ୟବର ବିଧାୟକ, ସୋରୋ, ମାଧବ ଧଡା ଏକ ଦିନିକିଆ ଖୋରଧା ଜିଲ୍ଲା ଗସ୍ତରେ ଆସି ଛତାବର ନିକଟସ୍ଥ ଓଡ଼ିଶା ରାଜ୍ୟ ପାନୀୟ ତଥା ପେୟ ଦ୍ରବ୍ୟ ନିଗମ ଭଣ୍ଡାର ଘର,ପରେ ଯୁବିଲି ବଟଲର ପ୍ରାଇଭେଟ୍ ଲିମିଟେଡ ପରେ ୟୁନାଇଟେଡ ବ୍ରିଓରିଜ୍ ପ୍ରାଇଭେଟ୍ ଲିମିଟେଡ, ଜିଲ୍ଲା ଅବକାରୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରି ଖୋରଧା ଜିଲ୍ଲା କୁ ନିଶାମୁକ୍ତ କରି ଭାରତ ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନକୁ ସଫଳ କରିବା ନିମନ୍ତେ ସମସ୍ତେ ଆଗେଇ ଆସିବାକୁ ଗୁରୁତ୍ୱାରୋପ କରି ତୃଣମୂଳ ସ୍ତରରେ ଛାତ୍ରଛାତ୍ରୀ ଯୁବକଯୁବତୀମାନେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ଏହି ପରି ପ୍ରେକ୍ଷିରେ ଖୋରଧା ଏବଂ ଭୁବନେଶ୍ୱର ଅବକାରୀ ଜିଲ୍ଲାର ସଂପୃକ୍ତ ଅଧିକାରୀଙ୍କ ସହ କମିଟି ବିଭିନ୍ନ ଅଗ୍ରଣୀ ଯୋଜନା ଓ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଥିଲେ । ଅବକାରୀ ବିଭାଗର ଭିତ୍ତିଭୂମି ସୁଦୃଢ କରିବାକୁ ଅବକାରୀ ଅଧିକ୍ଷକ, ଭୁବନେଶ୍ୱର ଦେବାଶିଷ ପଟେଲ କମିଟିର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ମାନ୍ୟବର ବିଧାୟକ ବୃନ୍ଦ ଖୋରଧା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଜବତ କରାଯାଇଥିବା ଯାନ ଗୁଡ଼ିକୁ ହଟାଇବା ଦାବିରେ ବିଧିବଦ୍ଧ ଆଇନ ଆଣିବାକୁ ଅବକାରୀ ଅଧିକ୍ଷକ, ଖୋରଧା ଶ୍ରୀମତୀ ସୁମତି ତ୍ରିପାଠୀ ପ୍ରସ୍ତାବ କମିଟି ସମ୍ମୁଖରେ ରଖିଥିଲେ । କମିଟିର ବିଧାୟକ ବୃନ୍ଦ ଅବକାରୀ ଖୋରଧା ରେଞ୍ଜ ଅଧୀନ, ଖୋରଧା,ଜଟଣୀ, ବେଗୁନିଆ, ଟାଙ୍ଗୀ ରେଞ୍ଜ ଅଧୀନ ଟାଙ୍ଗୀ ଓ ବାଲୁଗାଁ, ଜିଲ୍ଲା ମୋବାଇଲ ୟୁନିଟ୍, ଖୋରଧା, ଭୁବନେଶ୍ୱର ରେଞ୍ଜ ୧ ଅଧୀନ ଭୁବନେଶ୍ୱର -୧, ବାଲିଅନ୍ତା, ଭୁବନେଶ୍ୱର ରେଞ୍ଜ ୨ ଅଧୀନ ଭୁବନେଶ୍ୱର ୨, ଭୁବନେଶ୍ୱର ୩ ଏବଂ ଭୁବନେଶ୍ୱର ଜିଲ୍ଲା ମୋବାଇଲ ୟୁନିଟ୍ ର ନିଶାମୁକ୍ତ ଭାରତ ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ କର୍ମଚାରୀ ବୃଦ୍ଧି, ମଦ ଦୋକାନ ନବୀକରଣ, ବେଆଇନ ନିଶା କାରବାର ଚଢ଼ାଇକୁ ଜୋରଦାର କରିବା ।




# ଟିମ୍ ଇଣ୍ଡିଆ ଫିଟନେସ୍ ନେଇ ଖେଳାଳିଙ୍କ ପାଇଁ କଠୋର ହେବ ନିୟମ



**ନୂଆଦିଲ୍ଲୀ :** ଟିମ୍ ଇଣ୍ଡିଆର ଫିଟନେସ୍ ନେଇ ବିସିସିଆଇର ଚିନ୍ତା ବଢ଼ିଯାଇଛି। ଖେଳାଳିଙ୍କ ବାରମ୍ବାର ଆହତ ଓ ଫିଲ୍ଡିଂ ସମୟରେ ଫିଟନେସ୍ ସମସ୍ୟାକୁ ନେଇ ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ୍ ଏକ୍ସଲେନ୍ସ ନୂଆ ଫିଟନେସ୍ ପ୍ରୋଗ୍ରାମ୍ ତିଆରି କରୁଛି। ରିପୋର୍ଟ ଅନୁସାରେ, ଅଲଗା ଅଲଗା ଖେଳାଳିଙ୍କ ପାଇଁ ଭିନ୍ନ ମାନଦଣ୍ଡ ବଦଳରେ ଏବେ ସମସ୍ତଙ୍କ ପାଇଁ ଗୋଟିଏ ଫିଟନେସ୍ ପାରାମିଟର ରଖିବା ଯୋଜନା ହୋଇଛି। ୟୋ-ୟୋ ଟେଷ୍ଟ ବଦଳରେ ବ୍ରୋଙ୍କୋ ଟେଷ୍ଟକୁ ମୁଖ୍ୟ ଫିଟନେସ୍ ଟେଷ୍ଟ କରାଯାଇଛି। ବିସିସିଆଇ ମେଡିକାଲ ଟିମ୍ ଫିଟନେସ୍ ପାଇଁ ୫ ମିନିଟ୍ ୧୫ରୁ ୨୦ ସେକେଣ୍ଡ ମଧ୍ୟରେ ଡ୍ରିଲ୍ ସମ୍ପୂର୍ଣ୍ଣ କରିବା ଏବଂ ୨ କିଲୋମିଟର ଦୌଡ଼ ପାଇଁ ୯ରୁ ୧୦ ମିନିଟ୍‌ର ସମୟ ସୀମା ଧାର୍ଯ୍ୟ କରିଥିବା ଖବର ରହିଛି। ସୂତ୍ର ଅନୁସାରେ, କିଛି ଖେଳାଳିଙ୍କ ଫିଟନେସ୍ ମାନ ନେଇ ଟିମ୍ ମ୍ୟାନେଜମେଣ୍ଟ ଅସନ୍ତୋଷ ପ୍ରକାଶ କରିଛି। ଭାରତୀୟ ଦଳର ଫିଜିଓ କମଲେଶ ଜୈନଙ୍କୁ ମଧ୍ୟ ଏନେଇ ପ୍ରଶ୍ନ କରାଯାଇଥିବା ଜଣାପଡ଼ିଛି। ଇଂଲଣ୍ଡ ଗସ୍ତ ସମୟରେ ଖେଳାଳିଙ୍କ ବାରମ୍ବାର କ୍ରାମ୍ପ ଓ ଫିଲ୍ଡିଂରେ ଧିମା ଗତି ନେଇ ଚିନ୍ତା ପ୍ରକାଶ ପାଇଛି। ଫିଜିଓଙ୍କୁ କୌଣସି ଖେଳାଳିଙ୍କ ନାମ ଦେଖି ନୁହେଁ, ବରଂ ଫିଟନେସ୍ ଆଧାରରେ ନିଷ୍ପତ୍ତି ନେବାକୁ କୁହାଯାଇଛି। ସେପଟେ ହର୍ଷିତ ରାଣାଙ୍କୁ ତୃତୀୟ ଟି-୨୦ ପରେ ବାଦ ଦେବାର କାରଣ ମଧ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ତାଙ୍କ ଓଜନ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଥିଲା। ବର୍ତ୍ତମାନ ତାଙ୍କ ଓଜନ କମିଥିବା ଏବଂ ଶୀଘ୍ର ଫିଟନେସ୍ କ୍ଲିୟରାନ୍ସ ମିଳିବା ଆଶା କରାଯାଉଛି। ଟିମ୍ ଇଣ୍ଡିଆରେ ଏବେ ଫିଟନେସ୍ ନିୟମକୁ ଆହୁରି କଠୋର କରିବା ଉପରେ ବିସିସିଆଇ ଗୁରୁତ୍ୱ ଦେଉଛି।

# ଫେବୃଆରୀରୁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ, ଖେଳିବେ ୧୦ ଟିମ୍

**ଦୁବାଇ :** ଆସନ୍ତା ବର୍ଷ ଆୟୋଜିତ ହେବ ଦିନିକିଆ ବିଶ୍ୱକପ୍ । ଏହା ପୂର୍ବରୁ ଆଇସିସି ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ । ଆସନ୍ତା ଫେବୃଆରୀ ୨୨ ତାରିଖରୁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ମାର୍ଚ୍ଚ ୨୩ ତାରିଖରେ ଶେଷ ହେବ । ମୋଟ୍ ୧୦ଟି ଦଳକୁ ନେଇ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳ ବିଶ୍ୱକପ୍‌କୁ ସିଧା ସଳଖ ଯୋଗ୍ୟତା ଅର୍ଜନ କରିବ । ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଦଖଲ କରିଥିବା ଦଳ ବିଶ୍ୱକପ୍ର ପ୍ରଥମ ରାଉଣ୍ଡ ଖେଳିବେ । ଏହି ରାଉଣ୍ଡର ନାମ ରଖା ଯାଇଛି ସୁପର ସିରିଜ । ସୁପର ସିରିଜର ଚାମ୍ପିଅନ ଦଳ ବିଶ୍ୱକପ୍‌ର ମୁଖ୍ୟ ଡ୍ର'ରେ ପ୍ରବେଶ କରିବେ । ଏଥର ବିଶ୍ୱକପ୍ ପାଇଁ ପ୍ରସ୍ତୁତ କରାଯାଇଥିବା ଫର୍ମାଟ୍ ଅନୁଯାୟୀ ମୋଟ୍ ୧୪ଟି ଦେଶ ବିଶ୍ୱକପ୍ରେ ଭାଗ ନେବେ । ମାନ୍ୟତା ତାଲିକାର ୧ରୁ ୧୦ ମଧ୍ୟରେ ରହିଥିବା ଦଳ ସିଧା ସଳଖ ବିଶ୍ୱକପ୍ ଟିକେଟ୍ ହାସଲ କରିବେ । ବାକି ୪ଟି ଦଳ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରୁ ବିଶ୍ୱକପ୍ରେ ପ୍ରବେଶ କରିବେ । ବିଶ୍ୱକପ୍‌ର ୧୪ତମ ସଂସ୍କରଣକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିୟା ମିଳିତ ଭାବେ ଆୟୋଜନ କରୁଛନ୍ତି । ମୋଟ୍ ୧୪ଟି ଦଳକୁ ନେଇ ବିଶ୍ୱକପ୍ ଆୟୋଜନ କରାଯିବ । ଏଥର ବିଶ୍ୱକପ୍ରେ ମୋଟ୍ ୫୭ଟି ମ୍ୟାଚ ରହିଛି । ୩ଆୟୋଜକ ଦେଶର ୮ଟି ସହରରେ ସମସ୍ତ ମ୍ୟାଚ ଆୟୋଜନ କରାଯିବ । ଦକ୍ଷିଣ ଆଫ୍ରିକାର ୮ଟି, ଜିମ୍ବାୱେର ୩ଟି ଓ ନାମିବିୟାର ଗୋଟିଏ ଷ୍ଟାଡ଼ିୟମେ ଖେଳାଯିବ ସମସ୍ତ ମ୍ୟାଚ । ୧୦ଟି ଦଳକୁ ନେଇ ଯୋଗ୍ୟତା ପର୍ଯ୍ୟାୟ ଖେଳାଯିବ । ଚାମ୍ପିଅନ ଦଳ ସିଧା ସଳଖ ମୁଖ୍ୟ ଡ୍ର'କୁ ଉନ୍ନୀତ ହେବେ । ମୁଖ୍ୟ ଡ୍ର'ରେ ଦଳ ସଂଖ୍ୟା ୧୧ରେ ପହଞ୍ଚିବ । ଏହାପରେ ୩ଟି ପର୍ଯ୍ୟାୟରେ ବିଶ୍ୱକପ୍ ଖେଳାଯିବ । ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଦଖଲ କରିଥିବା ୩ଟି ଦଳ ମଧ୍ୟରେ ଏକ ସୁପର ସିରିଜ ଖେଳାଯିବ । ବିଜୟୀ ଦଳ ମୁଖ୍ୟ ଡ୍ର'ରେ ପ୍ରବେଶ କରିବେ । ମାନ୍ୟତାର ୧ରୁ ୧୧ ମଧ୍ୟରେ ରହିଥିବା ଦଳଗୁଡ଼ିକ ସହ ସୁପରସିରିଜ ବିଜେତା ଯୋଗ ଦେବେ । ୧୨ଟି ଦଳକୁ ୨ଟି ଗ୍ରୁପରେ ଭାଗ କରାଯିବ । ପ୍ରତି ଗ୍ରୁପ୍ରେ ୬ଟି ଲେଖାଏଁ ଦଳ ରହିବେ । ରାଉଣ୍ଡ ରବିନ ଫର୍ମାଟରେ ଗ୍ରୁପ୍ ପର୍ଯ୍ୟାୟ ଖେଳାଯିବ । ଉଭୟ ଗ୍ରୁପ୍‌ରୁ ଶ୍ରେଷ୍ଠ ୩ଟି ଲେଖାଏଁ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବେ । ଏମାନଙ୍କ ସହ ଶ୍ରେଷ୍ଠ ଚତୁର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟ ପରବର୍ତ୍ତୀ ରାଉଣ୍ଡ୍ରେ ପ୍ରବେଶ କରିବ । ଫଳରେ ମୋଟ୍ ୭ଟି ଦଳକୁ ନେଇ ସୁପର ସେଭେନ ରାଉଣ୍ଡ ଖେଳାଯିବ । ଏହି ରାଉଣ୍ଡ୍ରେ ମୋଟ୍ ୨୧ଟି ମ୍ୟାଚ ରହିଛି । ଶେଷରେ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ ପ୍ରବେଶ କରିବେ ।



# ୨୦ ବର୍ଷରୁ କମ୍ ବିଶ୍ୱ ଦୌଡ଼କୁଦ ଜାଭେଲିନ୍ ଫାଇନାଲ୍‌ରେ ଆଶିଷ, ଧରଣୀଧରନ

**ୟୁଗେନ:** ଚଳିତ ୨୦ ବର୍ଷରୁ କମ୍ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାର ଜାଭ୍‌ଲିନ୍ ଫାଇନାଲ୍‌ରେ ୨ ଭାରତୀୟ ଖେଳାଳି ଆଶିଷ ଯାଦବ ଓ ଟି ଧରଣୀଧରନ୍ ପ୍ରବେଶ କରିଛନ୍ତି। ଏହି ଦୁଇ ଭାରତୀୟ ଫାଇନାଲ୍ ପାଇଁ ଥିବା ସିଧାସଳଖ ମାନଦଣ୍ଡ ୭୨.୫୦ ମିଟର ଛୁଇଁବାରେ ବିଫଳ ହୋଇଥିଲେ ମଧ୍ୟ ଶୀର୍ଷ ୧୨ରେ ରହି ଏହି ସ୍ଥାନ ସୁରକ୍ଷିତ କରିଥିଲେ। ଦୁଇ ଗ୍ରୁପ୍‌ର ୨୬ ଆଥ୍‌ଲେଟ୍‌ଙ୍କ ମଧ୍ୟରେ ଆଶିଷ (୬୯.୮୭ ମିଟର) ଓ ଧରଣୀଧରନ୍ (୬୮.୦୭ ମିଟର) ଯଥାକ୍ରମେ ଦ୍ୱିତୀୟ ଓ ଦ୍ୱାଦଶ ସ୍ଥାନରେ ରହିଥିଲେ। ଫାଇନାଲ୍ ଶୁକ୍ରବାର ଖେଳାଯିବ। ଦକ୍ଷିଣ ଆଫ୍ରିକାର ଜାନ୍-ହେଣ୍ଡ୍ରିକ୍ସ ହେମାନ୍ସ (୭୬.୦୨ ମିଟର) ଏକ ମାତ୍ର ଆଥ୍‌ଲେଟ୍ ଭାବେ ସିଧାସଳଖ ମାନଦଣ୍ଡ ଛୁଇଁଥିଲା ବେଳେ ଟେବୁଲର ଶୀର୍ଷରେ ରହିଥିଲେ। ପୁରୁଷ ୮୦୦ ମିଟରରେ ୱିନ୍ ଆନନ୍ଦ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା ବେଳେ ମୋଗାଲି ଭେଙ୍କଟରାମ ସେମିଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ମହିଳା ଡିସ୍‌କସ୍ ଫିଙ୍ଗାଳି ଅମାନତ କମ୍ବୋଜ (୫୨.୫୮ ମିଟର) ଋତୁ ଶ୍ରେଷ୍ଠ ପ୍ରଦର୍ଶନ ସହ ୧୨ ଜଣିଆ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପୀୟୂଷ ରାଜ, ତହୁରା ଖାତୁନ, ସୟେଦ ସବିର ଓ ଥିୟା ଅରୁମୁଗାମଙ୍କୁ ନେଇ ଗଠିତ ୪ଗୁଣା୪୦୦ ମିଟର ମିଶ୍ରିତ ରିଲେ ଦଳ (୩:୨୨.୮୫) ଋତୁ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ ମଧ୍ୟ ଫାଇନାଲ୍‌ରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ।

# ମ୍ୟାଚ୍ ବେଳେ ମାରିଲା ବିଜୁଳି, ପଡ଼ିଆରେ ଚାଲିଗଲା ଫୁଟ୍‌ବଲରଙ୍କ ଜୀବନ



**ନୂଆଦିଲ୍ଲୀ :** କ୍ୟାମେରାରେ କଏଦ ହୋଇଛି ବିଜୁଳି ମାଡ଼ର ତାଜାଚିତ୍ର। ପଡ଼ିଆରେ ଫୁଟବଲ ମ୍ୟାଚ୍ ଚାଲିଥିବା ବେଳେ ମାରିଛି ବୁଜୁଳି। ଆଉ ବିଜୁଳି ମାଡ଼ରେ ଜଣେ ଯୁବ ଫୁଟବଲରଙ୍କ ଜୀବନ ଚାଲି ଯାଇଛି। ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ମ୍ୟାଚ୍‌କୁ ଉପଭୋଗ କରୁଥିବା ଦର୍ଶକଙ୍କ କ୍ୟାମେରାରେ କଏଦ ହୋଇଯାଇଛି। ଏବେ ଏହି ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ୨୪ ବର୍ଷୀୟ ଏହି ଫୁଟବଲରଙ୍କ ନାଁ ସୋଫଓ୍ୱାନ ଆଓ୍ୱାଏ। ଦକ୍ଷିଣ ଥାଇଲ୍ୟାଣ୍ଡର ଗୋଟିଏ ସ୍ଥାନୀୟ ଫୁଟବଲ ମ୍ୟାଚ୍ ସମୟରେ ଏପରି ହୃଦୟବିଦାରକ ଘଟଣା ଘଟିଛି। ବଜ୍ରାଘାତରେ ସୋଫଓ୍ୱାନ ପଡ଼ିଆରେ ଆଖି ବୁଜିଥିଲେ ହେଁ ଆଉ ୧୨ ଜଣ ଖେଳାଳି ଆହତ ହୋଇଛନ୍ତି। ଏହି ଘଟଣା ଫୁଟବଲ ଜଗତକୁ ଶୋକରେ ବୁଡ଼ାଇ ଦେଇଛି। ସୋସିଆଲ ମିଡିଆରେ ଭାଇରାଲ ଭିଡିଓରେ ଦେଖାଯାଉଛି ଯେ ଝୁଡ଼ୁ ବର୍ଷାରେ ମଧ୍ୟ ପଡ଼ିଆରେ ମ୍ୟାଚ୍ ଚାଲିଛି। ଦର୍ଶକମାନେ ଓଦା ହୋଇ ଏହାର ମଜା ଉଠାଉଛନ୍ତି। କିନ୍ତୁ ମ୍ୟାଚ୍ ଚାଲିଥିବା ବେଳେ ହଠାତ ହୋଇଥିଲା ବଜ୍ରପାତ। କିଛି ସେକେଣ୍ଡ ପରେ ହଠାତ୍ ଜୋରଦାର ବିସ୍ଫୋରଣ ଭଳି ଶବ୍ଦ ଶୁଣାଯାଇଥିଲା। ଆକାଶରୁ ନିଆଁ ହୁଳା ଭଳି କିଛି ଖସିଥିଲା। ଆଉ ଏହପରେ ସୋଫଓ୍ୱାନ ପଡ଼ିଆ ମଝିରେ ହିଁ ଟଳି ପଡ଼ିଥିଲେ। ସାଥୀ ଖେଳାଳିମାନେ ତୁରନ୍ତ ତାଙ୍କ ପାଖକୁ ଦୌଡ଼ି ଯାଇଥିଲେ ହେଁ ସେତେବେଳକୁ ସବୁ କିଛି ଶେଷ ହୋଇ ଯାଇଥିଲେ। ସୋଫଓ୍ୱାନଙ୍କୁ ଜରୁରୀକାଳୀନ ଚିକିତ୍ସା ଦଳ ସମସ୍ତ ପ୍ରକାରର ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ ହେଁ ସେ ଆଉ ଆଖି ଖୋଲି ନଥିଲେ। ରିପୋର୍ଟ ଅନୁସାରେ ଏହି ଘଟଣା ଗୋଲୋକ ଏଫଏ କପ୍ ନାମକ ଏକ ସ୍ଥାନୀୟ ଟୁର୍ଣ୍ଣାମେଣ୍ଟ ସମୟରେ ଘଟିଛି। ଏହି ପ୍ରତିଯୋଗିତାରେ ଥାଇ ଓ ଥାଇ-ମାଲେସିଆନ୍ ଆମେଚର ଦଳଗୁଡ଼ିକ ଅଂଶଗ୍ରହଣ କରୁଥିଲେ। ମ୍ୟାଚ୍‌ଟି ଆଓ୍ୱାଏଙ୍କ ଦଳ SAMCOLTS ଓ Abu x Nong Sirin ମଧ୍ୟରେ ଖେଳାଯାଉଥିଲା। ହେଲେ ଏହି ମ୍ୟାଚ୍ ସୋଫଓ୍ୱାନଙ୍କ ପାଇଁ ଶେଷ ମ୍ୟାଚ୍ ହୋଇଯାଇଛି।

# ଶ୍ରୀଲଙ୍କା ଟେଷ୍ଟ ସିରିଜ ପୂର୍ବରୁ ଗିଲ୍ ଆହତ



**ନୂଆଦିଲ୍ଲୀ :** ଶୁବମନ ଗିଲଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ଅଗଷ୍ଟ ୧୫ରୁ ଶ୍ରୀଲଙ୍କାରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଯାଉଛି। ଏହା ପୂର୍ବରୁ, 'ମେନ ଇନ ବ୍ଲୁ' ଅଗଷ୍ଟ ୭ ରୁ ଶ୍ରୀଲଙ୍କା ଏକାଦଶ ବିପକ୍ଷରେ ଏକ ତିନି ଦିନିଆ ମ୍ୟାଚ ଖେଳିବ। ତଥାପି, ସିରିଜ ଏବଂ ଅଭ୍ୟାସ ମ୍ୟାଚ ପୂର୍ବରୁ ଭାରତୀୟ ଅଧିନାୟକ ଶୁବମନ ଗିଲଙ୍କ ଆଘାତ ଚିନ୍ତାର କାରଣ ହୋଇଛି। ରିପୋର୍ଟ ଅନୁଯାୟୀ, ଦଳ କଲମ୍ବୋରେ ଅଭ୍ୟାସ କରୁଥିବା ସମୟରେ ଗିଲ ତାଙ୍କ ଡାହାଣ ହାତର ଆଙ୍ଗୁଠିରେ ଆଘାତ ପାଇଥିଲେ। ଏହି ଆଘାତ ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ତାଙ୍କୁ ବ୍ୟାଟିଂ ବନ୍ଦ କରିବାକୁ ଏବଂ ଡାକ୍ତରୀ ଦଳର ଧ୍ୟାନ ଆକର୍ଷଣ କରିବାକୁ ବାଧ୍ୟ କରିଥିଲା। କିନ୍ତୁ ଏକ ସକାରାତ୍ମକ କଥା ହେଉଛି, ଚିକିତ୍ସା ପରେ ଗିଲ ପୁଣି ବ୍ୟାଟିଂ ଆରମ୍ଭ କରିବାକୁ ନେଟ୍ସକୁ ଫେରିଥିଲେ। ଆଘାତକୁ ଗୁରୁତର ବୋଲି ବିବେଚନା କରାଯାଇ ନାହିଁ; ତଥାପି, ଏହା ସ୍ପଷ୍ଟ ନୁହେଁ ଯେ ସେ ପ୍ରଥମ ଟେଷ୍ଟ କିମ୍ବା ଅଭ୍ୟାସ ମ୍ୟାଚ ହରାଇବେ କି ନାହିଁ। ରିପୋର୍ଟ ଅନୁଯାୟୀ, ଫିଲ୍ଡିଂ ଅଭ୍ୟାସ ସମୟରେ ବଲ ବାଜିବା ପରେ ଗିଲଙ୍କ ହାତରେ ଆଘାତ ଲାଗିଥିଲା। ପରେ ସେ ଡାକ୍ତରୀ ଦଳ ସହିତ ପରାମର୍ଶ କରିଥିଲେ। ଘଟଣା ପରେ ସେ ଫିଲ୍ଡିଂ ଦାୟିତ୍ୱରେ ଫେରିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ, ଗିଲ ସିରିଜରେ କୌଣସି ମ୍ୟାଚ ହରାଇବେ କି ନାହିଁ ସେ ବିଷୟରେ କୌଣସି ସରକାରୀ ନିଶ୍ଚିତକରଣ ନାହିଁ। ସୂଚନାଯୋଗ୍ୟ, ୱିକେଟକିପର କେଏଲ ରାହୁଲଙ୍କୁ ଗିଲଙ୍କ ଉପ-ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି , ତେଣୁ ଗିଲଙ୍କ ଅନୁପସ୍ଥିତିରେ ସେ ଦଳର ଦାୟିତ୍ୱ ନେବେ।

# ପାକିସ୍ତାନୀ କ୍ରିକେଟରଙ୍କ ଉପରେ ଲାଗିଲା ୨ବର୍ଷର ବ୍ୟାନ୍



**ନୂଆଦିଲ୍ଲୀ :** ପାକିସ୍ତାନୀ କ୍ରିକେଟର ହମଜା ନଜରଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ । ପାକିସ୍ତାନ କ୍ରିକେଟ ବୋର୍ଡ଼ ତାଙ୍କ ବିରୁଦ୍ଧରେ କଡ଼ା ପଦକ୍ଷେପ ଉଠାଇ ୨ ବର୍ଷ ଲାଗି ବ୍ୟାନ୍ କରି ଦେଇଛି, ଏହାସହ ଜରିମାନା ବି ଲଗାଇଛି । ଏବେ ସେ ୨ବର୍ଷ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟ ବ୍ୟତୀତ ଘରୋଇ କ୍ରିକେଟରେ ବି ଭାଗ ନେଇପାରିବେ ନାହିଁ । ପ୍ରକାଶ ଯେ, ପିସିବି ଏହି ମାମଲାରେ ଏକ ଯାଞ୍ଚ ସମିତି କରିଥିଲା, ଯିଏ ହମଜାଙ୍କୁ ତାଙ୍କ ପକ୍ଷ ରଖିବା ଏବଂ ଜବାବ ଦେବାର ସୁଯୋଗ ଦେଇଥିଲେ । ବୋର୍ଡ଼ ଏହାକୁ ନେଇ ଷ୍ଟେଟମେଣ୍ଟ ଜାରି କରିଛି । PCB ନିଜର ଷ୍ଟେଟମେଣ୍ଟରେ କହିଛି କି ହମଜା ନଜରଙ୍କ ଉପରେ ସମସ୍ତ ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରିକେଟ ଗିତିବିଧିରେ ଭାଗ ନେବାରେ ଦୁଇ ବର୍ଷର ବ୍ୟାନ୍ ଲଗାଇ ଦିଆଯାଇଛି । ତାଙ୍କ ଉପରେ ୧୦ଲକ୍ଷ ପାକିସ୍ତାନ ଟଙ୍କାର ଜରିମାନା ବି ଲଗାଯାଇଛି । ବୋର୍ଡ଼ ୩ସଦସ୍ୟ ଭିତ୍ତିକ ଏକ ଯାଞ୍ଚ ସମିତି କରିଥିଲା ଯେଉଁମାନେ ହମଜାଙ୍କୁ ନିଜ ପକ୍ଷ ରଖିବା ଏବଂ ବିଚାରାଧୀନ ମାମଲାରେ ଜବାବ ଦେବାକୁ ସୁଯୋଗ ଦେଇଥିଲେ । ତାଙ୍କ କଥା ଶୁଣିବା, ଉପଲବ୍ଧ ସୂଚନାର ସମୀକ୍ଷା କରିବା ଏବଂ ସମସ୍ତ ସମ୍ବନ୍ଧିତ ପରିସ୍ଥିତି ଉପରେ ବିଚାର କରିବା ପରେ ସମିତି ନିଜ ରିପୋର୍ଟ ଏବଂ ସୁପାରିଶ ପାକିସ୍ତାନ କ୍ରିକେଟ ବୋର୍ଡ଼କୁ ଦେଇଛି । ଚଉଇ ମାଧ୍ୟମରେ ଭିସା ଲାଗି ଆବେଦନ କରିବା ସମୟରେ ହମଜା ନଜର ଭୁଲ ସୂଚନା ଦେଇଥିଲେ, ଯାହାପରେ ଏହି ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନ କରାଯାଇଛି । ତାଙ୍କ ବିରୁଦ୍ଧରେ ଯାଞ୍ଚ ହୋଇଥିଲା, ଯେଉଁଥିରେ ସାମ୍ନାକୁ ଆସିଥିଲା କି ଆବେଦନ ସମୟରେ କ୍ରିକେଟର ଭୁଲ୍ ଏବଂ ଅଧା ସୂଚନା ଦେଇଥିଲେ। ସମିତିର ରିପୋର୍ଟ ପରେ ପାକିସ୍ତାନ କ୍ରିକେଟ ବୋର୍ଡ଼ ହମଜା ନଜର ସମସ୍ତ ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରିକେଟରୁ ବ୍ୟାନର ନିଷ୍ପତ୍ତି ନେଇଛନ୍ତି । ବୋର୍ଡ଼ ୨ ବର୍ଷର ପ୍ରତିବନ୍ଧ ଲଗାଇଛି ଏବଂ ୧୦ଲକ୍ଷ ପାକିସ୍ତାନୀ ଟଙ୍କାର ଜରିମାନା ଲଗାଇଛି ।



# ଜାତୀୟ କନିଷ୍ଠ ହକି: ଫାଇନାଲ୍‌ରେ ଓଡ଼ିଶା



**କୋଏମ୍ବାଟୁର:** ଏଠାରେ ଚାଲିଥିବା ଜାତୀୟ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି। ଗୁରୁବାର କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲ୍‌ରେ ଓଡ଼ିଶା ୬-୪ ଗୋଲ୍‌ରେ ପଞ୍ଜାବକୁ ପରାସ୍ତ କରିଛି। ମ୍ୟାଚ୍‌ର ସପ୍ତମ ଓ ଅଷ୍ଟମ ମିନିଟ୍‌ରେ ପଞ୍ଜାବ ଲଗାତାର ୨ଟି ଗୋଲ୍ ଲଦି ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଅମନଦୀପ ଓ ମନଦୀପ ସିଂହ ଏହି ଦୁଇ ଗୋଲ୍ କରିଥିଲେ। ୧୧ତମ ମିନିଟ୍‌ରେ ଆଲୋକ କୁଜୁରଙ୍କ ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରକୁ ୧-୨ରେ ଶେଷ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ବିକ୍ରମ ଓରାମ (୨୮ ମିନିଟ୍)ଙ୍କ ଗୋଲ୍‌ରେ ସ୍ଥିତି ସମାନ କରିଥିଲା ଓଡ଼ିଶା। ତୃତୀୟ କ୍ୱାର୍ଟରରେ ଅଜୟ ପାଲ୍ (୩୪ ମିନିଟ୍)ଙ୍କ ଗୋଲ୍‌ରେ ପଞ୍ଜାବ ପୁଣି ଆଗୁଆ ହୋଇଯାଇଥିଲ। ୩୭ତମ ମିନିଟ୍‌ରେ ଅଧିନାୟକ ଦୀପକ ପ୍ରଧାନଙ୍କ ଫିଲ୍ଡ ଗୋଲ୍‌ରେ ସ୍ଥିତି ସମାନ ହୋଇଥିଲା। ୪୧ତମ ମିନିଟ୍‌ରେ ଓଡ଼ିଶାକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ବିକ୍ରମ ଓଡ଼ିଶାକୁ ଆଗୁଆ କରିଥିଲେ। ଏହାପର ମିନିଟ୍‌ରେ ଅମନଦୀପ (୪୨ ମିନିଟ୍) ବ୍ୟକ୍ତିଗତ ଦ୍ୱିତୀୟ ସଫଳତା ପାଇବା ସହ ସ୍ଥିତି ସମାନ କରିଥିଲେ। ୫୨ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ବିକ୍ରମ ହ୍ୟାଟ୍ରିକ୍ ଅର୍ଜନ କରିବା ସହ ଦଳକୁ ପୁଣି ଥରେ ଅଗ୍ରଣୀ ଦେଇଥିଲେ। ୫୯ତମ ମିନିଟ୍‌ରେ ସୁଜିତ ତିର୍କିଙ୍କ ଫିଲ୍ଡ ଗୋଲ୍‌ରେ ଓଡ଼ିଶା ୬-୪ରେ ବିଜୟ ବାନା ଉଡ଼ାଇଥିଲା।

# ଶ୍ରୀଲଙ୍କାକୁ ସୁହାଇଲା ଭଳି ଘାସଥିବା ପିଚ୍‌କୁ ନେଇ ଅସନ୍ତୁଷ୍ଟ ଟିମ୍ ଇଣ୍ଡିଆ



**ନୂଆଦିଲ୍ଲୀ:** ଶ୍ରୀଲଙ୍କା ଗସ୍ତରେ ଟିମ୍ ଇଣ୍ଡିଆ । ଆସନ୍ତା ୧୫ରୁ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ । ତେବେ ଏହା ପୂର୍ବରୁ ଏକ ଅଭ୍ୟାସ ମ୍ୟାଚ୍ ଖେଳାଯିବ । ଶୁକ୍ରବାରଠାରୁ ଏହି ଅଭ୍ୟାସ ମ୍ୟାଚ ଖେଳାଯିବାକୁ ଥିବାବେଳେ ଅସନ୍ତୁଷ୍ଟ ରହିଛି ଟିମ୍ ଇଣ୍ଡିଆ । ଏହି ମ୍ୟାଚ୍ ପାଇଁ ପ୍ରସ୍ତୁତ କରାଯାଇଥିବା ପିଚ୍ରେ ଅଧିକ ଘାସ ଥିବା ଦେଖି ଟିମ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଅସନ୍ତୋଷ ବ୍ୟକ୍ତ କରିଛି । କୋଚ୍ ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଥିବା ଭାରତୀୟ ଦଳ ସ୍ପିନ୍ ପିଚ୍ରେ ଅଭ୍ୟାସ କରିବାକୁ ଆଶା ରଖିଥିଲା, କିନ୍ତୁ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡର ଏହି ପଦକ୍ଷେପ ଦଳକୁ ଟିକେ ନିରାଶ କରିଛି । ଶୁକ୍ରବାରଠାରୁ କଲମ୍ବୋର ନନଡେସ୍କ୍ରିପ୍ଟସ କ୍ରିକେଟ୍ କ୍ଲବ୍ ଗ୍ରାଉଣ୍ଡରେ ଶ୍ରୀଲଙ୍କା ଏକାଦଶ ବିପକ୍ଷରେ ଭାରତ ଏହି ୱାର୍ମ-ଅପ୍ ମ୍ୟାଚ୍ ଖେଳିବ । ସାଧାରଣତଃ ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ସୁହାଉଥିବା ବେଳେ ଅଭ୍ୟାସ ମ୍ୟାଚ୍ ପାଇଁ ପିଚ୍ରେ ସବୁଜ ଘାସ (ଗ୍ରୀନ୍ ପିଚ୍) ଛଡ଼ାଯାଇଛି । ରେଭସ୍ପୋର୍ଟଜ୍ର ଏକ ରିପୋର୍ଟ ଅନୁଯାୟୀ, ଏହା ଦେଖି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଭିଯୋଗ କରିଥିଲା ଯେ ପିଚ୍ ଆବଶ୍ୟକତାଠାରୁ ଅଧିକ ଘାସ ରହିଛି । ଭାରତୀୟ ଦଳ ଆଗାମୀ ଟେଷ୍ଟ ସିରିଜ୍ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ଏପରି ପିଚ୍ ସେମାନଙ୍କ ପ୍ରକୃତ ପ୍ରସ୍ତୁତିରେ ବାଧା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି । କାରଣ ମୁଖ୍ୟ ଟେଷ୍ଟ ମ୍ୟାଚ୍ଗୁଡ଼ିକ ସ୍ପିନ୍ ଟ୍ରାକ୍ରେ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଏନସିସି ଗ୍ରାଉଣ୍ଡର ଅଧିକାରୀ ଏ. ଫ୍ରାଙ୍କେ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ପିଚ୍କୁ ସମର୍ଥନ କରି କହିଛନ୍ତି ଯେ, 'ଭାରତୀୟ ଦଳ ପିଚ୍ରେ ଅଧିକ ଘାସ ଥିବା କହିଛି, କିନ୍ତୁ ଏହା ଏକ ୩ ଦିନିଆ ମ୍ୟାଚ୍ ହୋଇଥିବାରୁ ଆମେ ଏପରି ରଖିଛୁ। ବିନା ଘାସରେ ୱିକେଟ୍ ଦେଲେ ତାହା ଜଲଦି ଖରାପ ହୋଇଯିବ।' ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡର ଅନୁରୋଧ କ୍ରମେ ହିଁ ପିଚ୍ ଘାସ ଛଡ଼ାଯାଇଛି। ତେବେ ଘାସ ଥିଲେ ମଧ୍ୟ ଏହା ଏକ ଭଲ ବ୍ୟାଟିଂ ଟ୍ରାକ୍ ହେବ ଏବଂ ଦ୍ୱିତୀୟ କିମ୍ବା ତୃତୀୟ ଦିନରେ ଏଠାରେ ସ୍ପିନରମାନେ ଫାଇଦା ପାଇବେ ବୋଲି ଫ୍ରାଙ୍କେ ଆଶାବ୍ୟକ୍ତ କରିଛନ୍ତି। ଟସ୍ ଜିତିଥିବା ଦଳ ପ୍ରଥମେ ବ୍ୟାଟିଂ କରିବା ଉଚିତ୍ ବୋଲି ସେ ପରାମର୍ଶ ମଧ୍ୟ ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ଅଗଷ୍ଟ ୧୫ ତାରିଖରୁ ଗାଲେଠାରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟେଷ୍ଟ ଖେଳାଯିବ। ଏହା ପରେ ଅଗଷ୍ଟ ୨୩ରୁ କଲମ୍ବୋରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆରମ୍ଭ ହେବ। ମାତ୍ର ଦୁଇଟି ଟେଷ୍ଟ ଖେଳାଯିବାକୁ ଥିବାରୁ ଏହି ଅଭ୍ୟାସ ମ୍ୟାଚ୍ ଜରିଆରେ ଖେଳାଳିମାନେ ଶ୍ରୀଲଙ୍କା ମାଟିର ପରିସ୍ଥିତି ସହ ଖାପ ଖୁଆଇବାକୁ ପୂରା ପ୍ରୟାସ କରିବେ।

# ଶାକିବ ଅଲ୍ ହାସନଙ୍କ ପୈତୃକ ଘର ଉପରେ ଆକ୍ରମଣ



**ଢାକା :** ବାଂଲାଦେଶରେ ଶାକିବ ଅଲ ହାସନଙ୍କ ପୈତୃକ ଘର ଉପରେ ଆକ୍ରମଣ ହୋଇଛି । ନିଆଁ ଲଗାଇବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି । ବାଂଲାଦେଶର ପୂର୍ବତନ କ୍ରିକେଟ୍ ଅଧିନାୟକ ତଥା ଆୱାମୀ ଲିଗ୍ ର ପୂର୍ବତନ ସାଂସଦ ଶାକିବ ଅଲ ହାସନଙ୍କ ମାଗୁରା ଜିଲ୍ଲାସ୍ଥିତ ପୈତୃକ ଘର ଉପରେ ରାତିରେ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି । ରାତି ପ୍ରାୟ ୮ଟା ୪୫ରୁ ୯ଟା ମଧ୍ୟରେ ଏହି ଆକ୍ରମଣ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ଆକ୍ରମଣରେ ଘରକୁ ଟେକାପଥର ମାଡ଼ କରାଯିବା ସହ ଝରକା କାଚ ଭାଙ୍ଗିଦିଆଯାଇଥିଲା। ଏହାସହ ଘରର ମୁଖ୍ୟ ଗେଟ୍ ନିକଟରେ ପେଟ୍ରୋଲ ଢାଳି କିମ୍ବା ପେଟ୍ରୋଲ ବୋମା ଫିଙ୍ଗି ନିଆଁ ଲଗାଇବାକୁ ଉଦ୍ୟମ କରାଯାଇଥିଲା । ସ୍ଥାନୀୟ ଲୋକଙ୍କ ତତ୍ପରତାରେ ନିଆଁକୁ ଶୀଘ୍ର ନିୟନ୍ତ୍ରଣ କରାଯାଇଥିବାରୁ ବଡ଼ ଧରଣର କ୍ଷତିକୁ ରୋକାଯାଇପାରିଥିଲା । ହେଲେ ଘଟଣାରେ କେହି ଆହତ ହୋଇନଥିବା ବେଳେ ଘରଟି ଖାଲି ଥିବା ସୂଚନା ମିଳିଛି । ମାଗୁରା ସଦର ଥାନା ପୁଲିସ ଘର ଭଙ୍ଗାରୁଜା ଓ ନିଆଁ ଲଗାଇବାକୁ ଉଦ୍ୟମକୁ ନିଶ୍ଚିତ କରିଛି । ତେବେ ପେଟ୍ରୋଲ ବୋମା ବ୍ୟବହାର ହୋଇଥିଲା କି ନାହିଁ, ତାହାର ଏବେ ତଦନ୍ତ ଚାଲିଛି । ଅନ୍ୟପଟେ ଏହି ଘଟଣା ପରେ ଘର ନିକଟରେ ପୋଲିସ ମୁତୟନ କରାଯାଇଛି ଏବଂ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ ପାଇଁ ତଦନ୍ତ ଜାରି ରହିଛି । ଏହି ଆକ୍ରମଣ ଶେଖ ହାସିନାଙ୍କ ଭର୍ଚୁଆଲ୍ ସାମ୍ବାଦିକ ସମ୍ମିଳନୀରେ ଶାକିବ ଅଲ ହାସନ ଯୋଗଦେବାର କିଛି ଘଣ୍ଟା ପରେ ଘଟିଛି। ଆୱାମୀ ଲିଗ୍ ଏହାକୁ ଯୋଜନାବଦ୍ଧ ଆକ୍ରମଣ ବୋଲି ଅଭିଯୋଗ କରି ଏହାର ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ଦାବି କରିଛି । ତେବେ ବାଂଲାଦେଶ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କୌଣସି ରାଜନୈତିକ କାରଣକୁ ସ୍ୱୀକାର କରିନାହାନ୍ତି ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)
ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**

# ବନ୍ୟା କ୍ଷୟକ୍ଷତି, କୃଷକଙ୍କ ସମସ୍ୟାର ସ୍ଥାୟୀ ପ୍ରତିକାର ସମ୍ପର୍କିତ ଦାବିପତ୍ର ପ୍ରଦାନ

**ଭଦ୍ରକ (ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବନ୍ୟାଞ୍ଚଳରେ ଅଦ୍ୟାବଧି ବନ୍ୟା ପ୍ରଭାବିତଙ୍କ ଗହଣରେ ରହି ସେମାନଙ୍କ ସମସ୍ୟା ବୁଝିବା, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା ସହିତ ବନ୍ୟା ପରବର୍ତ୍ତୀ ସ୍ଥିତି ପରଖିବା ପରେ ବୁଧବାର ବିଜେପିର ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ ବିଜେପି ନେତା ବଦ୍ରି ନାରାୟଣ ଧଳ ଭଦ୍ରକ ଜିଲ୍ଲା ଗସ୍ତରେ ଥିବା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ସାକ୍ଷାତ କରି ଭଣ୍ଡାରିପୋଖରୀ ଅଞ୍ଚଳର ବନ୍ୟା ଜନିତ କ୍ଷୟକ୍ଷତି, କୃଷକମାନଙ୍କର ସମସ୍ୟା, ବିଭିନ୍ନ ଆଞ୍ଚଳିକ ସମସ୍ୟା ସମେତ ବନ୍ୟାର ସ୍ଥାୟୀ ପ୍ରତିକାର ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିବା ସହିତ ସବିଶେଷ ଆଲୋଚନା କରିଛନ୍ତି। ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡାଙ୍କ ଉପସ୍ଥିତିରେ ଏହାର ଏକ ନକଲ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଚଳିତ ବୈତରଣୀ, ରେବ ଓ କପାଳୀ ନଦୀ ବନ୍ୟାରେ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୮ଟି ଗ୍ରାମ ପଞ୍ଚାୟତର ୭୮ ଟି ଗ୍ରାମର ୭୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏଥି ସହିତ ରାସ୍ତାଘାଟ, ପୋଲ, ବୈତରଣୀ ନଦୀବନ୍ଧ, ଶିକ୍ଷାନୁଷ୍ଠାନ ଏବଂ ଶହଶହ ହେକ୍ଟର ଜମିରେ ଧାନ ଓ ପନିପରିବା ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ମୁଖ୍ୟତଃ ବୈତରଣୀ ବାମପାର୍ଶ୍ୱ ନଦୀବନ୍ଧର ତେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ବଡ ବନସ୍ତା ଓ ସାନ ବନସ୍ତା ନିକଟରେ ନଦୀ ବନ୍ଧ ଧସିଯାଇ ବିପଦ ସୃଷ୍ଟି କରିଛି। ସେହିପରି ବନ୍ଦାଳୋ ନିକଟସ୍ଥ ବୈତରଣୀ ସେତୁର ସଂଯୋଗୀକରଣ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇ ଯାତାୟାତ ଅନୁପଯୋଗୀ ହୋଇଯାଇଛି। ସେହିପରି ଷୋଳମପୁର ପଞ୍ଚାୟତର ଦାଣ୍ଡକୁଳ ନିକଟସ୍ଥ ଗେଙ୍ଗୁଟି ସେତୁର ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ବନ୍ୟା ସ୍ରୋତରେ କ୍ଷତିଗ୍ରସ୍ତ ହୋଇଛି। ଗେଙ୍ଗୁଟି ନଦୀ ଉପର ମୁଡ଼ାପଦା-ବରାହ ନୂଆପଡ଼ାକୁ ସଂଯୋଗ କରୁଥିବା ସେତୁ ଦବିଯାଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଆଖୁଆପଦା ଠାରୁ ମଣିନାଥପୁର ପର୍ଯ୍ୟନ୍ତ ଥିବା ନଦୀବନ୍ଧର ସୁଦୃଢ଼ିକରଣ କରାଯିବା, ଧାନ ତଳି ଓ ପନିପରିବା ଚାଷ ନଷ୍ଟ ହୋଇଥିବା ଚାଷୀ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବା। ବନ୍ୟା ଯୋଗୁଁ ନଷ୍ଟ ହୋଇଥିବା ରାସ୍ତା,ସେତୁ ଓ ନଦୀ ବନ୍ଧର ତୁରନ୍ତ ମରାମତି କରିବା ସହ ଗୃହପାଳିତ ପଶୁ ମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ଗୋ ଖାଦ୍ୟ ଓ ଆବଶ୍ୟକୀୟ ଔଷଧ ଯୋଗାଇଦେବାକୁ ଶ୍ରୀ ଧଳ ନିବେଦନ କରିଛନ୍ତି। ଏହାଛଡା ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବୈତରଣୀ ନଦୀର ଆଖୁଆପଦା ଠାରେ ବ୍ୟାରେଜ ନିର୍ମାଣ ସହିତ କର୍ଣ୍ଣି ଏସକେପର ଉଚ୍ଚତା ବୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ସହ ଭଣ୍ଡାରିପୋଖରୀବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସମସ୍ତ ପ୍ରସଙ୍ଗକୁ ଉପମୁଖ୍ୟମନ୍ତ୍ରୀ ଗୁରୁତର ସହ ବିଚାର କରିବେ ବୋଲି ବିଜେପି ନେତା ବଦ୍ରିନାରାୟଣ ଧଳ ଦାବିପତ୍ର ଦେଇ ଅନୁରୋଧ କରିଛନ୍ତି।

# ୮୦% ମାନସିକ ଦିବ୍ୟାଙ୍ଗ ହୋମଗାର୍ଡ ପରୀକ୍ଷାରେ ପାସ୍ !

## ପୋଲିସ ପରୀକ୍ଷାରେ ସକ୍ଷମ, ପ୍ରମାଣକୁ ନେଇ ସନ୍ଦେହ



**ସଠିପୁର(ଅମୃତ ମିଡିଆ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମିଳିଛି ୮୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର । ୨୦୨୪ ଅଗଷ୍ଟ ୪ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମାନସିକ ବିକାରଗ୍ରସ୍ତ ବୋଲି ପ୍ରମାଣପତ୍ର ଦେବା ପରେ ମଧୁବାବୁ ପେନସନ୍ ଯୋଜନାରେ ୩୫ଶହ ଟଙ୍କା ଭତ୍ତା ରାଶି ପ୍ରଦାନ କରାଯାଉଛି । ଆଶ୍ଚର୍ଯ୍ୟର କଥା ସଂପୃକ୍ତ ଦିବ୍ୟାଙ୍ଗ ଯୁବକ ଯାଜପୁର ପୁଲିସ ପକ୍ଷରୁ କରାଯାଇଥିବା ହୋମଗାର୍ଡ ନିଯୁକ୍ତି ପରୀକ୍ଷାରେ ଉଭୟ ଲିଖିତ ଓ ଶାରୀରିକ ପରୀକ୍ଷାରେ ଅନ୍ୟମାନଙ୍କୁ ପଛରେ ପକାଇ କୃତକାର୍ଯ୍ୟ ହୋଇଛନ୍ତି । କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତର ମୁକ୍ତିକାନ୍ତ ସାହୁଙ୍କ ପୁଅ ବାସୁଦେବ ସାହୁ(୨୯)ଙ୍କ ଏହି ନିଯୁକ୍ତିକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି । ଯଦି ହୋମଗାର୍ଡ ପରୀକ୍ଷାରେ ସେ ପାସ୍ କରିବା ସହ ମେଡିକାଲ ପରୀକ୍ଷାରେ ସଂପୂର୍ଣ୍ଣ ଫିଟ୍ ଘୋଷଣା ହୋଇଛନ୍ତି ତେବେ ତାଙ୍କୁ ୮୦ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର କିପରି ପ୍ରଦାନ କରାଯାଇଛି ତାହା ତଦନ୍ତସାପେକ୍ଷ । ସୂଚନା ଥାଉ କି, ଜିଲ୍ଲାରେ ୧୨୨ଟି ଗୃହରକ୍ଷୀ ପଦବି ପରୀକ୍ଷା ପାଇଁ ୮୪୭୨ଜଣ ପ୍ରାର୍ଥୀ ଆବେଦନ କରିଥିଲେ । ଯାଞ୍ଚ ବେଳେ ୧୫୭୪ଜଣଙ୍କ ଆବେଦନ ଖାରଜ ହୋଇଥିଲା । ୬୮୯୮ଜଣ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇଥିଲେ । ପରେ ଶାରୀରିକ ପରୀକ୍ଷା, ଲିଖିତ ପରୀକ୍ଷା, ସାକ୍ଷାତକାର, ମେଡିକାଲ ପରୀକ୍ଷା କରାଯାଇଥିଲା । ଏହି ପରୀକ୍ଷାର ପ୍ରାୟ ୧୮ମାସ ପରେ ଚଳିତ ମାସ ୧ ତାରିଖ ଦିନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଏଥିରେ କ୍ରମିକ ସଂଖ୍ୟା ୬୨ରେ ବାସୁଦେବ ସାହୁଙ୍କ ନାମ ରହିଛି । ପ୍ରମାଣପତ୍ର ଯାଞ୍ଚ ପରେ ବାସୁଦେବଙ୍କୁ ନିଯୁକ୍ତିପତ୍ର ମଧ ମିଳିସାରିଛି । ଏବେ ସେ ପ୍ରଶିକ୍ଷଣ ନେଉଛନ୍ତି । ଅନ୍ୟପକ୍ଷରେ ଏହି ନିଯୁକ୍ତିରେ ଚଞ୍ଚକତା କରାଯାଇଥିବା ନେଇ କିଛି ଆବେଦନକାରୀ ଅଭିଯୋଗ କରିବା ସହ ପୁଲିସ ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଯୋଗ୍ୟ ପ୍ରାର୍ଥୀଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିଥିବା ନେଇ ଅଭିଯୋଗରେ ଦର୍ଶାଇଥିଲେ । ଏହାର ପୁନର୍ବିଚାର ପାଇଁ ଡିଏସ୍ପି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି । ଏପରି ସ୍ଥଳେ ବାସୁଦେବଙ୍କ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ଯଦି ବାସୁଦେବ ସମସ୍ତ ପରୀକ୍ଷାରେ ପାସ୍ କରି ନିଯୁକ୍ତି ପାଇଛନ୍ତି ତେବେ କିପରି ତାଙ୍କୁ ୮୦ ପ୍ରତିଶତ ମାନସିକ ବିକାରଗ୍ରସ୍ତ ପ୍ରମାଣପତ୍ର ସହ ୩୫ଶହ ଟଙ୍କା ଲେଖାଁଏ ମାସିକ ଭତ୍ତା ପ୍ରଦାନ କରାଯାଉଛି ତାହାର ତଦନ୍ତ କରାଯିବା ଆବଶ୍ୟକ । ଏ ସଂପର୍କରେ ଅତିରିକ୍ତ ଏସ୍ପି ଶୀତିକଣ୍ଠ କାନୁନଗୋଙ୍କ ସହ ଯୋଗାଯୋଗ କରିବାରୁ ଘଟଣାସଂପର୍କରେ ତଦନ୍ତ କରାଯିବ ବୋଲି କହିଥିଲେ । ସେହିପରି କୋରେଇ ବିଡିଓ ଅବନିକାନ୍ତ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ଡାକ୍ତରଙ୍କ ନିକଟରୁ ପ୍ରମାଣପତ୍ର ପାଇଥିବା ଆଧାରରେ ବାସୁଦେବଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ମନୋଜ ସେନାପତିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ପ୍ରତି ଦୁଇବର୍ଷରେ ଥରେ ଦିବ୍ୟାଙ୍ଗ ପ୍ରମାଣପତ୍ର ନବୀକରଣ କରାଯାଉଛି । ନବୀକରଣ ପାଇଁ ଆସିଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ପରୀକ୍ଷା କରାଯାଇ ଯଦି ସେ ଫିଟ୍ ହୋଇଯାଇଥିବେ ନୂତନ ପ୍ରମାଣପତ୍ର ପ୍ରଦାନ କରାଯିବ ।

## ଭାଙ୍ଗିଲା ସ୍କୁଲ ପାଚେରି, ୨ ଛାତ୍ର ଆହତ



**ଲମତାପୁଟ(ଅମୃତ ମିଡିଆ) :** ଭାଙ୍ଗିଲା ସ୍କୁଲ ପାଚେରୀ, ୨ ଛାତ୍ର ଆହତ ହୋଇଛନ୍ତି । କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ କସନ୍ଦୀ ପଞ୍ଚାୟତ କାଲାଡ଼ି ପ୍ରାଥମିକ ବିଦ୍ୟାଳୟରେ ଏପରି ଅଘଟଣ ଘଟିଛ । ୨ ଛାତ୍ର ଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଛି । ଆହତ ଛାତ୍ରଙ୍କ ଅବିଭାବକ ନୀଳ ଖିଲ ଓ ପୂର୍ଣ୍ଣ ଖିଲଙ୍କ ସୂଚନା ମୁତାବକ ଦୁଇ ଶିଶୁ ଘରୁ ସ୍କୁଲ ଯାଇଥିଲେ। ସ୍କୁଲ ଫାଟକ ଧରି ଭିତରକୁ ପ୍ରବେଶ ବେଳେ ଦୁର୍ବଳ ସ୍ଥିତିରେ ଥିବା ଲୁହା ଫାଟକ ସମେତ ସିମେଣ୍ଟ ପାଚେରି ଭୁଶୁଡ଼ି ଦୁଇ ଛାତ୍ରଙ୍କ ଉପରେ ପଡ଼ିଥିଲା । ଉଭୟଙ୍କ ମୁଣ୍ଡରେ ଆଘାତ ଲାଗି ଗୁରୁତର ହୋଇପଡ଼ିଥିଲେ । ସଙ୍ଗେ ସଙ୍ଗେ ଗ୍ରାମବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହାୟତାରେ ଦୁଇ ଛାତ୍ରଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଦୁଇ ଜଣଙ୍କ ଚିକିତ୍ସା ପରେ ବର୍ତ୍ତମାନ ସୁସ୍ଥ ଥିବା ସୂଚନା ଦେଇଛନ୍ତି । ଫାଟକ ଭୁଶୁଡ଼ି ପଡ଼ିବା ନେଇ କର୍ତ୍ତୃପକ୍ଷ ନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଓ ବିଡିଓଙ୍କୁ ଅବଗତ କରିଥିବା ସୂଚନା ଦେଇଛନ୍ତି ।

## ଦୁଃସ୍ଥିତିରେ ଓଡ଼ିଶାର ସୀମାନ୍ତ ଶିକ୍ଷା

# ୫ବ୍ଲକ୍‌ର ସୀମାନ୍ତ ପଞ୍ଚାୟତରେ ନାହିଁ ଶିକ୍ଷାନୁଷ୍ଠାନ



**ନବରଙ୍ଗପୁର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲାର ୫ଟି ବ୍ଲକ କୋଷାଗୁମୁଡା, ଡାବୁଗାଁ, ଉମରକୋଟ, ରାଇଘର ଓ ଚନ୍ଦାହାଣ୍ଡି ବ୍ଲକ୍‌ର ଭୌଗଳିକ ସୀମାନ୍ତକୁ ଲାଗିକି ରହିଛି ପଡୋଶୀ ରାଜ୍ୟ ଛତିଶଗଡ଼। ଜିଲ୍ଲାସୀମାନ୍ତରେ ଥିବା ବହୁ ପଂଚାୟତରେ ଏଯାଏଁ ହାଇସ୍କୁଲ ଖୋଲିନାହିଁ। ଯେଉଁ ସ୍କୁଲ ରହିଛି ସେଗୁଡ଼ିକ ଦୁର୍ଗମ ରହିଥିବାରୁ ଅନେକ ଯିବାକୁ ଅମଙ୍ଗ ହେଉଛନ୍ତି। ସୀମାନ୍ତର ଏହି ସବୁ ବ୍ଲକର ଶତାଧିକ ପିଲା ଏବେ ଛତିଶଗଡ଼ର ବିଦ୍ୟାଳୟକୁ ପଢ଼ିବାକୁ ଯାଉଛନ୍ତି। ସୀମାନ୍ତରେ ବସବାସ କରୁଥିବା ଲୋକଙ୍କ ଚାଲିଚଳଣ, ଭାଷା ଓ ପରମ୍ପରା ଏକାଭଳି ରହିଥିବାରୁ ସ୍କୁଲ ସହ କଲେଜ ଆଦି ପଢ଼ିବା ପାଇଁ ପିଲା ସେଠାକୁ ଯିବାକୁ ସହଜ ମଣୁଛନ୍ତି। ଏହା ସହ ନିଜ ଅଚଂଳରେ କାମ ଧନ୍ଦା ମିଳୁନଥିବାରୁ ଛତିଶଗଡ଼କୁ ମୂଲଲାଗିବାକୁ ନଗରନାରରୁ ଆରମ୍ଭ କରି ଜଗଦଲପୁର ଯାଉଛନ୍ତି।ଏହି ସ୍ଥିତିରେ ସୀମାନ୍ତ ଗାଁ ଗୁଡିକରେ ଓଡିଆ ଭାଷା ଅସ୍ତିତ୍ୱ ହରାଇବା ଭଳି ଚିତ୍ର ଦେଖିବାକୁ ମିଳୁଛି। ସୂଚନା ଅନୁସାରେ, ଜିଲ୍ଲାର ୫ଟି ବ୍ଲକରୁ କୋଷାଗୁମୁଡା ବ୍ଲକର ସନ୍ତୋଷପୁର, ମଝିଧାନୁଆ, ଏମ.କେରେଗାଁ, ମୋତିଗାଁ, ଆଟିଗାଁ, ବାଙ୍ଗୁଲି ଆଦି ପଂଚାୟତର ୨୦ରୁ ଉର୍ଦ୍ଧ୍ୱ ଗାଁ ଛତିଶଗଡ଼କୁ ଲାଗିକି ରହିଛି। ଆଉଁଳି ଗାଁର ପିଲା ମାନେ ବଦଳାବନ୍ଦକୁ ଯାଇ ପଢୁଛନ୍ତି। ସେହିପରି ଡାବୁଗାଁ ବ୍ଲକର ନନ୍ଦପୁରା ପଂଚାୟତର କିଛି ଗାଁର ପିଲା ବି ଛତିଶଗଡରେ ପଢୁଛନ୍ତି। ଉମରକୋଟ ବ୍ଲକର ତରେଙ୍ଗା, ସିଂସାରୀ,ରାଜପୁର, ହୀରାପୁର, ଜାମରୁଣ୍ଡା,କପେନା, ନେହେରା, ତହରା ,ଚନ୍ଦାହାଣ୍ଡି ବ୍ଲକର ମାଲଗାଁ, ଗମ୍ଭାରୀଗୁଡା, ଶରଦାପୁର,ବେହେରାମୁଣ୍ଡା, କୋଇଲିମୁଣ୍ଡା, ଫଟକି , ରାଇଘର ବ୍ଲକର କାଉଡୋଲା,କୁଡକୁ, ପରଚିପାରା, କୁନ୍ଦେଇ ଓ ହାଟଭରଣ୍ଡି ପଞ୍ଚାୟତ ସୀମାନ୍ତରେ ରହିଛି। ରାଇଘର ବ୍ଲକର କାନାଡ଼ିହି, ସୋନାରପାରା, ଖିଲୋଲି ଓ କୁନ୍ଦେଇ ଗାଁର ଛାତ୍ରଛାତ୍ରୀ ଓଡ଼ିଶାରେ ପାଠ ନ ପଢ଼ି ଛତିଶଗଡ଼ ମୁହାଁ ହୋଇଛନ୍ତି। ଅଷ୍ଟମରୁ ଆରମ୍ଭ କରି ମାଧମିକ ଶିକ୍ଷା ପର୍ଯ୍ୟନ୍ତ ଏହି ପିଲାମାନେ ଘୁଟକେଲ୍ ବିଦ୍ୟାଳୟ ଉପରେ ନିର୍ଭର । ଏହି ୫ବ୍ଲକର କିଛି କିଛି ଗାଁର ପିଲା ହାଇସ୍କୁଲ କିମ୍ବା କଲେଜ ପଢ଼ିବା ପାଇଁ ଛତିଶଗଡ ସ୍କୁଲ ଓ କଲେଜରେ ନାମ ଲେଖାଇ ନିୟମିତ ଯାଉଛନ୍ତି । ସୀମାନ୍ତ ବ୍ଲକର କିଛି ସ୍କୁଲ ଓ ହାଇସ୍କୁଲର ଏପରିକି ଚନ୍ଦାହାଣ୍ଡିରୁ ମଧ ଛତିଶଗଡର ଦେଓଭୋଗକୁ ଇଂରାଜୀ ମାଧମିକ ପଢ଼ିବାପାଇଁ ପିଲା ସବୁଦିନରେ ବସରେ ଯାଉଛନ୍ତି। ଓଡ଼ିଶାର ସୀମାନ୍ତର ଅଧିକାଂଶ ବିଦ୍ୟାଳୟରେ ଧାର୍ଯ୍ୟସଂଖ୍ୟକ ଶିକ୍ଷକ ନାହାନ୍ତି। ତାସହ ଅଧିକାଂଶ ଘରୋଇ କିମ୍ବା ସରକାରୀ ସହାୟତାରେ ଚାଲୁଥିବା ଘରୋଇ ବିଦ୍ୟାଳୟ ରହିଛି। ସେଠାରେ ପାଠପଢ଼ା ଖର୍ଚ୍ଚ ଅଧିକ ହେଉଛି। ବହୁ ସ୍କୁଲରେ ଜଣେ କିମ୍ବା ଦୁଇ ଜଣ ଶିକ୍ଷକରେ ସୀମାନ୍ତ ହାଇସ୍କୁଲ ଗୁଡିକ ଚାଲିଛି। ଏହି ସ୍ଥିତିରେ ଗୁଣାତ୍ମକ ଶିକ୍ଷା କିଭଳି ଛାତ୍ରଛାତ୍ରୀ ପାଇବେ, ତେଣୁ ଛତିଶଗଡ଼ ଉପରେ ନର୍ଭର କରିବାକୁ ପଡୁଛି ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଚିନ୍ତାର ବିଷୟ ଓଡ଼ିଶାରେ ବାସବାସ କରୁଥିଲେ ସୁଦ୍ଧା ଲେଖିବା ଓ ପଢ଼ିବା ତ ଦୂରର କଥା ପିଲା ଓଡ଼ିଆ କହିବା ମଧ ଭୁଲିଗଲେଣି। ବର୍ତ୍ତମାନ ଠାରୁ ଏ ଦିଗରେ ସଚେତନ ନହେଲେ ଆଗାମୀ ଦିନରେ ସୀମାନ୍ତ ଗାଁଗୁଡ଼ିକରେ ଓଡ଼ିଆ ଭାଷା ସଂପୂର୍ଣ୍ଣ ଲୋପ ପାଇଯିବ ବୋଲି ଉତ୍କଳସମ୍ମିଳନୀ ପକ୍ଷରୁ ଆଶାଙ୍କା ପ୍ରକାଶ କରିଛନ୍ତି। ଜିଲ୍ଲାର କିଛି ପଂଚାୟତରେ ପ୍ରାଥମିକ, ଉଚ୍ଚପ୍ରାଥମିକ ସହ ହାୟରସେକଣ୍ଡରୀ ସ୍କୁଲ ରହିଛି, କିଛି ପଂଚାୟତରେ ନାହିଁ ବୋଲି କହିଛନ୍ତି ଏଡିଇଓ ପ୍ରକାଶ କୁମାର ମହାଳିକ। କିଛି ପଂଚାୟତର ବ୍ଲକ୍ ଅନୁଦାନ କିମ୍ବା ସରକାରୀ ଅନୁଦାନରେ ଚାଲୁଥିବା ସ୍କୁଲରୁ ଶିକ୍ଷକ ଅବସରନେବା ପରେ କିମ୍ବା କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଥିବା ପରେ ବି ସ୍କୁଲ ବନ୍ଦ ହୋଇଛି। ଛତିଶଗଡ କେତେ ପିଲା ପଢ଼ିବାକୁ ଯାଉଛନ୍ତି ତାହାର କିଛି ଖବର ନାହିଁ ବୋଲି କହିଛନ୍ତି ଏଡିଇଓ।

## କୁକୁଡ଼ାଗାଲୀ ଓ ଜୁଆଅଡ୍ଡାରେ ପୋଲିସ ଚଢ଼ଉ, ୧୦ଗିରଫ



**କୋଷାଗୁମୁଡା(ଅମୃତ ମିଡିଆ):** ନବରଙ୍ଗପୁରଜିଲ୍ଲା କୋଷାଗୁମୁଡ଼ା ଥାନା ପୁଲିସ ପକ୍ଷରୁ ଗତକାଲି(ମଙ୍ଗଳବାର) ସନ୍ଧ୍ୟାରେ ଘୋଡ଼ାଧନୁଆ ଗ୍ରାମ ନିକଟ ଜଙ୍ଗଲରେ ଚାଲିଥିବା କୁକୁଡ଼ା ଗାଲୀ(କୁକୁଡ଼ା ଲଢ଼େଇ)ଓ ଖୁଡୁକୁଡ଼ି ଜୁଆ ଉପରେ ଆତର୍କିତ ଚଢ଼ାଉ କରାଯାଇଥିଲା। ଏଥିରେ ୧୦ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜୁଆ ସାମଗ୍ରୀଜବତ କରାଯାଇଛି। ବିଶେଷ ସୂତ୍ରରୁ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ଚଢାଉ କରିଥିଲା। ଏହି ଚଢ଼ାଉରେ କୋଷାଗୁମୁଡ଼ା ଥାନାର ଏ ଏସ ଆଇ ରାମଚନ୍ଦ୍ର ଖଣ୍ଡଗିରିଙ୍କ ସହ ଅନ୍ୟ ପୁଲିସ କର୍ମଚାରୀମାନେ ସାମିଲ ଥିଲେ। ପୁଲିସକୁ ଦେଖି ଅନେକ ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ କାବୁ କରିବାରେ ପୁଲିସ ସକ୍ଷମ ହୋଇଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୨୦ ହଜାର ୮୪୬ ଟଙ୍କା ନଗଦ, ୭ଟି ମୋବାଇଲ୍ ଫୋନ୍, ୧୧ଟି ମୋଟରସାଇକେଲ୍, ୧୫ଟି କୁକୁଡ଼ା ଲଢ଼େଇ ଛୁରୀ, ୬ଟି ଖୁଡୁଖୁଡୀ ପାଶାପାଲି , ଖୁଡୁକୁଡ଼ି ଖେଳ ସାମଗ୍ରୀ ଓ ଅନ୍ୟାନ୍ୟ ଜୁଆ ଖେଳର ସାମଗ୍ରୀ ଜବତ କରାଯାଇଛି। ପଚରାଉଚରା ବେଳେ ସାନ୍ତୋଷପୁର ଗ୍ରାମର ଇନ୍ଦ୍ର ଗଣ୍ଡା, କେଲାଗୁଡ଼ାର ଶ୍ୟାମ ହରିଜନ ଓ ଡାଙ୍ଗାଚୁଆଁର ଦେବାନନ୍ଦ ହରିଜନ ଏହି ଜୁଆ ଓ କୁକୁଡ଼ା ଲଢ଼େଇର ଆୟୋଜନ କରିଥିବା ସ୍ୱୀକାର କରିଥିବା ପୁଲିସ ସୂଚନା ଦେଇଛି। ଏହି ଘଟଣାରେ ଓଡ଼ିଶା ଜୁଆ ନିବାରଣ ଆଇନ ଧାରା–୩ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ମାମଲା ସମ୍ପର୍କରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ମହାନଦୀ ବନ୍ୟାରେ ଉଜୁଡ଼ିଲା ଚାଷ, ହତାଶ ଚାଷୀ



**ବାଙ୍କୀ(ଅମୃତ ମିଡିଆ) :** ମହାନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ପ୍ରଭାବ ରେ ମହାନଦୀ ଅବବାହିକାରେ ଥିବା କଟକ ଜିଲ୍ଲାର ବାଙ୍କୀ ଉପଖଣ୍ଡ ର ଦୁଇ ଗୋଟି ଯାକ ବ୍ଲକ୍ ର ୧୬ ଗୋଟି ଗ୍ରାମ ପଞ୍ଚାୟତ ର ଚାଷୀ ପ୍ରଭାବିତ ହୋଇଛନ୍ତି । ଚଳିତ ବର୍ଷ ବାଙ୍କୀ ରେ ୧୪ ହଜାର ସାତ ଶହ ହେକ୍ଟର ଜମିରେ ଧାନ ଫସଲ କରିଥିଲେ ଚାଷୀ ।୧୫ ଶହ ହେକ୍ଟର ଜମିରେ ପରିବା ଫସଲ କରିଥିଲେ ଚାଷୀ । ଏବେ ପ୍ରାୟ ଶତକଡ଼ା ୮୦ ଭାଗ ପରିବା ଫସଲ ପାଣି ରେ ବୁଡି ନଷ୍ଟ ହୋଇଯାଇଛି। ଧାନ ଫସଲ ଶାଖା ନଦୀ ର ବନ୍ୟା ପାଣିରେ ସମ୍ପୂର୍ଣ୍ଣ ଭାବେ ବୁଡ଼ି ନଷ୍ଟ ହୋଇଯାଇଛି। ଏବେ ପାଣି ମହାନଦୀ ରୁ ଛାଡିଛି ହେଲେ ବହୁ ଅଞ୍ଚଳ ରେ ପାଣି ମାଡି ରହିଛି ।କୃଷି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ର ଆକଳନ କରିବା ପାଇଁ ନିର୍ଦ୍ଦେଶ ହୋଇଛି । ହେଲେ ତୁରନ୍ତ କ୍ଷୟକ୍ଷତି ର ଆକଳନ କରିବା ପାଇଁ ଚାଷୀ ମାନେ ଦାବି କରିଛନ୍ତି। ସେପଟେ କ୍ଷତିଗ୍ରସ୍ତ ଅଞ୍ଚଳ କୁ ଯାଇ ବାଙ୍କୀ ର ପୂର୍ବତନ ବିଧାୟକ ଦେବାଶିଷ ପଟନାୟକ କହିଛନ୍ତି ଚାଷୀ ଙ୍କୁ ସହାୟତା ରାଶି ସରକାର ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି ।

# ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦାବି ପୂରଣ ନେଇ ବିଡିଓଙ୍କୁ ଦାବିପତ୍ର

**ମହାକାଳପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସମ୍ମୁଖରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୪ ଦଫା ଦାବି ନେଇ ବୁଧବାର ଧାରଣା ଦିଆଯାଇଛି। ରାଜ୍ୟ ସରକାରଙ୍କ ପାତର ଅନ୍ତର ନୀତିକୁ ନେଇ ସଂଘ କାର୍ଯ୍ୟକର୍ତ୍ତା ବର୍ଷିଥିଲେ। ପରେ ଏକ ୪ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉଦ୍ଦେଶ୍ୟରେ ପୃଥକ୍ ପୃଥକ୍ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀଙ୍କ ବୟସସୀମା ୬୦ରୁ ୬୨ ବର୍ଷ ବୃଦ୍ଧି, ନୂତନ ପେନସନ କାର୍ଯ୍ୟକାରୀ, ଗ୍ରେଡ୍‌ପେ ଓ ସ୍ଥାୟୀ ଅନୁଦାନ ପ୍ରଦାନ ଉପରେ ଆଧାରିତ ରହିଛି। ଏହି ଦାବିଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ସମନ୍ୱୟ ସମିତି ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ବ୍ୟାସଦେବ ବେବର୍ତ୍ତା, ସଭାପତି ନିମାଇଁ ରାଉତ, ପ୍ରଭାତ ବେହେରା, ଅଶୋକ ମହାପାତ୍ର, ନରୋତ୍ତମ ପାର୍ଥ ସାରଥୀ, ବୃନ୍ଦାବନ ସାଇଁ, ସଚ୍ଚିଦାନନ୍ଦ ପାଇକରାୟ, ପ୍ରଶାନ୍ତ ଦାସ, ଜ୍ୟୋତି ରଞ୍ଜନ ମିଶ୍ର ଓ ଆଦିକନ୍ଦ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ପୁନଃପଞ୍ଜୀକରଣରୁ ବଞ୍ଚିତ ୧୫୧୭ ଶ୍ରମିକ, ମିଳୁନି ସରକାରୀ ସୁବିଧା




**ନବରଙ୍ଗପୁର(ଅମୃତ ମିଡିଆ):** ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନାର ଲାଭ ଶ୍ରମିକ କିମ୍ବା ସେମାନଙ୍କ ପରିବାର ଯେଭଳି ଉଠାଇବା କଥା ଉଠାଇ ପାରୁନାହାନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକର ୧୫୧୭ଜଣ ଶ୍ରମିକ ପୁନଃପଂଜୀକରଣରୁ ବଂଚିତ ହୋଇଛନ୍ତି। ସେ ଅନୁମୋଦନ କରିବା ପରେ ହିଁ ଏମାନେ ଯୋଜନାରେ ସାମିଲ ହୋଇ ପାରିବେ। ତେବେ ନବରଙ୍ଗପୁର ଜିଲ୍ଲାର ଜିଲ୍ଲା ଶ୍ରମ ଆୟୁକ୍ତ ପଦବି ଖାଲି ପଡିଥିବାରୁ ଏହା ହୋଇପାରୁ ନାହିଁ। ଗତ ୫ବର୍ଷ ହେବ ଏମାନେ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ ହୋଇ ସାରିଲେଣି। ଯୋଗ୍ୟ ଶ୍ରମିକମାନେ ଯୋଜନାର ଲାଭ ଉଠାଇ ପାରୁନାହାନ୍ତି। ଜିଲ୍ଲାର ୧୦ଟି ବ୍ଲକ୍, ୨ପୌରାଂଚଳରେ ୨୦୦୯ ମସିହାରୁ ୧,୨୮,୬୮୧ ଜଣ ନିର୍ମାଣ ଶ୍ରମିକଙ୍କର ନାମ ପଂଜୀକୃତ ହୋଇଥିଲା। ଏଥିରୁ ୬୦ବର୍ଷରୁ ଉର୍ଦ୍ଧ୍ୱ ୪୪୪୬ଜଣ ଓ ୩୦୩୧ଜଣଙ୍କର ମୃତ୍ୟୁ ପରେ କଟିଯାଇଛନ୍ତି। ୨୯,୦୩୧ଜଣ ନିଜ କାର୍ଡକୁ ପୁନଃପଂଜୀକରଣ କରୁନଥିବା ବେଳେ ୯୨,୦୭୩ ଜଣଙ୍କର କାର୍ଡ ସଚଳ ରହିଛି ବୋଲି କହିଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ। ଅଣସଂଗଠିତ କ୍ଷେତ୍ର କର୍ମଚାରୀ ୨୦୧୭ ମସିହାରୁ ୨୦,୮୭୯ଜଣଙ୍କ କାର୍ଡ ସଚଳ ଅଛି। ୨୦୨୧ମସିହାରୁ ଚନ୍ଦାହାଣ୍ଡି ବ୍ଲକର ଦୁର୍ଗମ ତଥା ଛତିଶଗଡ଼ ସୀମାନ୍ତ ମାଲଗାଁର ହରଗୌଡ଼ ଗତ ପୁନଃପଂଜୀକରଣ ପାଇଁ ବାରମ୍ବାର ଦୌଡ଼ିଦୌଡ଼ି ନୟାନ୍ତ ହୋଇପଡ଼ିଥିବା କହିଛନ୍ତି। ଝିଅ ଯୁକ୍ତ ଦୁଇ ପଢୁଥିଲେ ହେଁ ଝିଅ କିମ୍ବା ପରିବାରବର୍ଗ ସରକାରୀ ଯୋଜନାରୁ କିଛି ଲାଭ ପାଇନଥିବା କହିଛନ୍ତି। ଥରକୁ ୩୦୦କିଲୋମିଟର ଯିବା ଆସିବା କରି ଅଯଥାରେ ବସ୍‌ଭଡ଼ା, ଖାଇବା ଖର୍ଚ୍ଚ ଓ କାମ ବନ୍ଦ କରି ଯିବା ପରେ ବି ତାଙ୍କର ନ ହେବାରୁ ସେ ନିରାଶ ହୋଇ ପଡ଼ିଛନ୍ତି। ସେହିପରି ନବରଙ୍ଗପୁର ବ୍ଲକର ପୁଜାରୀଗୁଡ଼ା ଗାଁର ଚନ୍ଦ୍ରା ବୈରାଗୀ ମଧ ବାରମ୍ବାର ଦୌଡ଼ିବା ପରେ ବି ହୋଇପାରିନି। ତାଙ୍କ ଦୁଇ ଝିଅ ମଧ୍ୟରୁ ଜଣେ କଲେଜ ଓ ଅନ୍ୟ ଜଣେ ନର୍ସିଂ ପଢୁଥିଲେହେଁ ସେମାନେ ବି ନିର୍ମାଣ ଶ୍ରମିକଙ୍କୁ ମିଳିବାକୁ ଥିବା ଯୋଜନାରୁ ଲାଭ ପାଇ ନଥିବା କହିଛନ୍ତି। ଏମାନଙ୍କ ପରି ଫୁଲ ଭତ୍ରା, ହର ଭତ୍ରା, କଳାବତୀ ଭତ୍ରା, ତୁଳା ହରିଜନ, ଯଶୋଦା ଗୌଡ, ସୁଜାତା ଠାକୁର, ବେଳମତି ମାଝୀ, ଗଙ୍ଗାଇ ଭତ୍ରା ଭଳି ବହୁ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କର ପୁନଃପଞ୍ଜୀକରଣ ହୋଇପାରୁନି। ଏଠାରେ କିଛି ଶ୍ରମିକ ସଂଗଠନର କର୍ମକର୍ତ୍ତା ନାଁରେ ଦଲାଲମାନେ ଡେରା ପକାଇ ଶ୍ରମିକଙ୍କ ଠାରୁ ୨ହଜାରରୁ ୫ହଜାର ଯାଏଁ ଟଙ୍କା ନେଇ କିଛି ଶ୍ରମିକଙ୍କର ପୁନଃପଞ୍ଜୀକରଣ କରାଇଥିବା ଏମାନେ ଅଭିଯୋଗ କରିଛନ୍ତି। ଶ୍ରମିକ ଦଲାଲମାନେ ଆଡ୍ଡା ଜମାଉଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ଅଚାନକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ଗସ୍ତ କରି ଜଣେ ଦଲାଲଙ୍କୁ ଧରିଥିଲେ। କିଛି ଦିନ ଏହା ବନ୍ଦ ପରେ ପୁଣି ଚାଲୁଥିବା ଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ଦଲାଲ ରହୁନାହାନ୍ତି ବୋଲି ସଫେଇ ଦେଇଛନ୍ତି ଜିଲ୍ଲାଶ୍ରମ ଅଧିକାରୀ। ପୁନଃପଞ୍ଜୀକରଣ କିଏ ଓ କାହିଁକି କରୁନାହାନ୍ତି ତାହାର କାରଣ ଖୋଜି ସର୍ଭେ ହୋଇନି ବୋଲି କହିଛନ୍ତି ଜିଲ୍ଲାଶ୍ରମ ଅଧିକାରୀ। ଜଣେ ଅଧିକାରୀଙ୍କୁ ତିନି ଜିଲ୍ଲାର ଦାୟିତ୍ୱ ଦିଆଯାଇଥିବାରୁ ଏଭଳି ସମସ୍ୟା ହେଉଥିବ, ତାହା ଯାଂଚ କରିବେ ବୋଲି କହିଛନ୍ତି ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଆୟୁକ୍ତ ବୃନ୍ଦାବନ ସେଠୀ। କିଏ ମରିଯାଇଥିବ କିମ୍ବା ଜାଲ୍ ହେଉଥିବ ତାହାର ଯାଂଚ କରିବାକୁ ପଡ଼ିବ। ତେଣୁ ସେ ଯାଇ ଯାଂଚ କରିବା ପରେ ପୁନଃପଂଜୀକରଣ କରାଯାଉଛି ବୋଲି କହିଛନ୍ତି।

## ପ୍ରେମ ବ୍ୟାପାରକୁ ନେଇ

# ଛାତ୍ରଙ୍କୁ ଅପହରଣ ପରେ ସଂଘବଦ୍ଧ ଆକ୍ରମଣ, ୩ ଦିନ ପରେ ଉଦ୍ଧାର



**ପଟ୍ଟାମୁଣ୍ଡାଇ(ଅମୃତ ମିଡିଆ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ମଦନପୁର କଲେଜ ଛାତ୍ର ଆକାଶ ମଲିକଙ୍କୁ ଅପହରଣ ଓ ସଂଘବଦ୍ଧ ଆକ୍ରମଣ ଘଟଣା । ୩ ଦିନ ପରେ ଉଦ୍ଧାର ହେଲେ ଛାତ୍ର । ରାଜନଗର ଥାନା ଖଣ୍ଡେଇପଡା ଅଞ୍ଚଳରୁ ପୁଲିସ ତାଙ୍କୁ ଉଦ୍ଧାର କରିଛି । ଅନ୍ୟପକ୍ଷରେ ଆକାଶ ଏ ସମ୍ପର୍କରେ ଚାଞ୍ଚଲ୍ୟକର ବୟାନ ରଖିଛନ୍ତି । ସେ ଦର୍ଶାଇଛନ୍ତି ଯେ, ତାଙ୍କୁ ମାରଣାସ୍ତ୍ର ସହ କରିଥିଲେ ୧୫ରୁ ଅଧିକ ଯୁବକ ଆକ୍ରମଣ କରିଥିଲେ । କାହାକୁ କହିଲେ କିମ୍ବା ଥାନାରେ ଅଭିଯୋଗ କଲେ ହାଣି ଖଣ୍ଡ ଖଣ୍ଡ କରି ନଦୀରେ ଭସେଇ ଦେବାକୁ ଧମକ ଦେଇଥିଲେ । ଗ୍ରାମାଞ୍ଚଳ ଥାନାରେ ପହଞ୍ଚି ଛାତ୍ର ଏଭଳି ବୟାନ ଦେଇଛନ୍ତି । ଘଟଣାରେ ୩ ଜଣଙ୍କୁ ଅଟକ ରଖିଥିବା ଏସ୍‌ଡିପିଓ ସୁକାନ୍ତ କୁମାର ପାତ୍ର କହିଛନ୍ତି । ସୂଚନା ମୁତାବକ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ଭାଇଗିରି ଦେଖାଉଥିବା ଏକ ଭିଡିଓ ଭାଇରାଲ ହୋଇଥିଲା । ଭିଡିଓରେ ପଟ୍ଟାମୁଣ୍ଡାଇ ମଦନପୁର କଲେଜ ଜଣେ ଛାତ୍ର ଆକାଶଙ୍କୁ ସଂଘବଦ୍ଧ ଭାବେ ନିସ୍ଠୁର ମାଡ଼ ମରାଯାଇଥିଲା । ଯାହାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା । ଏନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତେଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ୩ ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି । ଅଭିଯୋଗ ମୁତାବକ ରାଜନଗର ପଶ୍ଚିମଭେଡା ଗାଁର ଡଲି ମଲିକଙ୍କ ପୁଅ ଆକାଶ ମଦନପୁର କଲେଜରେ ପାଠ ପଢ଼ନ୍ତି । ଗତ ୩ ତାରିଖ ଦିନ କିଛି ଦୁର୍ବୃତ୍ତ ତାଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିବା ସହ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଭିଡିଓକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା । ତେବେ ପ୍ରେମ ସମ୍ପର୍କକୁ ନେଇ ଏଭଳି ଘଟଣା ଘଟିଥିବା ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ସୂଚନା ଦେଇଛନ୍ତି ।

## ୧୨୮ ଦିନରେ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଅଧିକାର ପୁନଃସ୍ଥାପନ ପାଇଁ ନୀରବ ସତ୍ୟାଗ୍ରହ ପଦଯାତ୍ରା





## ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଆଇଏଏଫଏସ୍ ପକ୍ଷରୁ ୮୧ତମ ହିରୋସୀମା ଦିବସ ପାଳିତ











## ମୋବାଇଲ୍ ବ୍ୟବହାର କରି ଗାଡ଼ି ଚାଳନା ବିରୋଧରେ ପୋଲିସର ସ୍ୱତନ୍ତ୍ର ସଚେତନତା













## ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ଜୟନ୍ତୀ ପାଳିତ

**ମାହାଙ୍ଗା (ଅମୃତ ମିଡ଼ିଆ) :** ମାହାଙ୍ଗା ବ୍ଲକ କଂଗ୍ରେସ ପକ୍ଷରୁ ମାହାଙ୍ଗା ମାଟିର ଅନ୍ୟତମ ବରପୁତ୍ର ପୂଣ୍ୟାତ୍ମା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ୧୭୬ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଶୁ ଲୁଣ୍ଡା ସ୍ଥିତ ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ ପରିସରରେ ପ୍ରତିଷ୍ଠା କରାଯାଇଥିବା ପ୍ୟାରୀମୋହନଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ମାହାଙ୍ଗା ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ଦୀପକ କୁମାର ମହାନ୍ତି ଅଧ୍ୟକ୍ଷତା କରି ପ୍ୟାରୀମୋହନଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁକାନ୍ତ ନନ୍ଦ, ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସଂଗ୍ରାମ ସାମଲ, ବରିଷ୍ଠ କର୍ମୀ ନଳିନୀକାନ୍ତ ନାୟକ, ରବି ନାରାୟଣ ସାହୁ, କିଶୋର ବେହେରା ଓ ଦୀପକ କୁମାର ନାୟକ ପ୍ରମୁଖ ଯୋଗଦେଇ ଆଚାର୍ଯ୍ୟ ପ୍ୟାରୀମୋହନ ମାହାଙ୍ଗା ମାଟିର ଗର୍ବ ଓ ଗୌରବ ଥିଲେ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ମଉଦା ପଞ୍ଚାୟତ କଂଗ୍ରେସ ସଭାପତି ଗଣେଶ୍ୱର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନିଶାମୁକ୍ତି ଅଭିଯାନ



**ବେତନଟୀ (ଅମୃତ ମିଡିଆ) :** ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବେତନଟୀ ସେବା କେନ୍ଦ୍ର ତରଫରୁ ବେତନଟୀ ମହାବିଦ୍ୟାଳୟରେ 'ନିଶା ମୁକ୍ତି ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେତନଟୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୟୂରଭଞ୍ଜ ଜିଲ୍ଲା ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀ, ମୁଖ୍ୟବକ୍ତା ଭାବେ ବେତନଟୀ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ, ସ୍ୱତନ୍ତ୍ର ସମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡଃ. ବନବିହାରୀ ମହାନ୍ତି, ସଂଯୋଜକ ବ୍ରହ୍ମାକୁମାର କୃପାସିନ୍ଧୁ ପ୍ରମୁଖ ମଞ୍ଚାସୀନ ଥିଲେ। ନିଶା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନୁହେଁ, ପରିବାର, ସମାଜ ଓ ଜାତିର ଭବିଷ୍ୟତକୁ ମଧ୍ୟ କ୍ଷତିଗ୍ରସ୍ତ କରିଥାଏ। ତେଣୁ ଏହି ନିଶାକୁ ଦୂରେଇ ନିଜକୁ ଭଗବତ ବିଶ୍ୱାସୀ ହେବା ନିମନ୍ତେ ମଞ୍ଚାସୀନ ଅତିଥି ସମୂହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ସମାଜରୁ ନିଶା ସେବନର କୁପ୍ରଭାବ ଦୂର କରି ସୁସ୍ଥ, ସଚେତନ ଓ ମୂଲ୍ୟବୋଧ ସମ୍ପନ୍ନ ସମାଜ ଗଠନ ନିମନ୍ତେ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅତିଥି ସାମୁହିକ ଶପଥ ପାଠ କରିଥିଲେ। ବ୍ରକୁ ବନିତା ବିଭିନ୍ନ ନିଶାର କୁପ୍ରଭାବତା ଏବଂ ଏହାର ନିବାରଣକୁ ଚିତ୍ର ପ୍ରଦର୍ଶନୀ ଆଧାରରେ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ସାରା ଜିଲ୍ଲାର ବିଭିନ୍ନ ସେବା କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ବେତନଟୀ ବ୍ଲକରେ ମଧ ଏହି ଅଭିଯାନ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଗ୍ରାମାଞ୍ଚଳ ମାନଙ୍କରେ ସଚେତନତା ସଭା, ପଦଯାତ୍ରା, ନିଶାମୁକ୍ତ ଶପଥ, ରାଜଯୋଗ ଧ୍ୟାନ ଶିବିର, ମୂଲ୍ୟବୋଧ ଭିତ୍ତିକ ଆଲୋଚନାଚକ୍ର କରାଯିବ ବୋଲି ମୂଖ୍ୟ ସଞ୍ଚାଳିକା ବ୍ରକୁ ବନିତା ସୂଚନା ପ୍ରଦାନ କରିଛନ୍ତି। ପରିଶେଷରେ ଭଉଣୀମାନଙ୍କ ଦ୍ୱାରା ରାଜଯୋଗର ଅଭ୍ୟାସ ମଧ କରାଯାଇଥିଲା। ଏଥିରେ +୨ ଏବଂ +୩ର ଏନଏସଏସ ୟୁନିଟର ମୁଖ୍ୟ, ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଏବଂ ବ୍ରକୁ ପ୍ରଭାତି, ବ୍ରକୁ ବାସନ୍ତୀ, ବ୍ରକୁ ଅନିଲ, ବ୍ରକୁ ବିଜୟ ସହଯୋଗ କରିଥିଲେ। ଶେଷରେ ବ୍ରହ୍ମାକୁମାର ପ୍ରଶାନ୍ତ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗଷ୍ଟ ୯ କ୍ରାନ୍ତି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଚଳିତ ବର୍ଷ ଅଗଷ୍ଟ ୯ କ୍ରାନ୍ତୀ ଦିବସ ତିନିମୁହାଣୀସ୍ଥିତ ଗାନ୍ଧୀସ୍ମାରକୀ ପୀଠରେ ପାଳନ କରାଯିବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗରାପୁରସ୍ଥିତ ଗାନ୍ଧୀଭବନରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୧୯୪୨ ମସିହା ଅଗଷ୍ଟମାସ ୯ ତାରିଖ ଭାରତ ଇତିହାସରେ ଏକ ଅବିସ୍ମରଣୀୟ ଦିନ। ଏହିଦିନ ଭାରତକୁ ପରାଧୀନତାର ବେଡିରୁ ମୁକୁଳାଇବା ପାଇଁ ଇଂରେଜମାନଙ୍କୁ ମହାତ୍ମାଗାନ୍ଧୀ ଆହ୍ୱାନ ଦେଇଥିଲେ ଭାରତଛାଡ। ସେହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତିବର୍ଷ ଭଳି ତିନିମୁହାଣୀ ଠାରେ ଅଗଷ୍ଟ କ୍ରାନ୍ତୀ ଦିବସ ପାଳନ କରାଯିବ। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରଫୁଲ୍ଲ ଦାସ, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ସତ୍ୟପ୍ରିୟ ସାମଲ, ପ୍ରଦୀପ ନାୟକ, ଆଦିକନ୍ଦ ରାଉଳ, ପ୍ରଭାଶିଷ ପଣ୍ଡା, ଦେବେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱାଧୀନୋତ୍ତର ଭାରତବର୍ଷର ଉତ୍ତରପୀଢ଼ିର ଦାୟାଦ ମାନେ ଏଥିରେ ସାମିଲ ହେବାକୁ ନିବେଦନ କରିଥିଲେ।

## ପକ୍ଷାଘାତ ପୀଡ଼ିତ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କଲା ବ୍ୟାସ ଫାଉଣ୍ଡେସନ




**ପାରାଦୀପ (ଅମୃତ ମିଡ଼ିଆ) :** ବନ୍ଦର ସହର ପାରାଦୀପରେ ବିଭିନ୍ନ କମ୍ପାନୀରେ ଠିକା ଶ୍ରମିକ ଭାବେ କାର୍ଯ୍ୟକରି, ବୟସ ର ଅପରାହ୍ନ ରେ ପଦାର୍ପଣ କରିବାପରେ ବଳରାମ ଖିଲାର ନାମକ ଜଣେ ୭୧ ବର୍ଷୀୟ ବୃଦ୍ଧ, ଯେତେବେଳେ କିଛି କାମ କରିପାରିଲେ ନାହିଁ, ସେତେବେଳେ କେହି ଲୋକ ତାଙ୍କୁ ଗଣ୍ଡାଏ ଖାଇବାକୁ ଦେବାତ ଦୂରର କଥା ତାଙ୍କୁ ମୁଣ୍ଡଗୁଞ୍ଜିବାକୁ ଆଶ୍ରୟ ମଧ ଦେଇନଥିଲେ। କ୍ରମଶଃ ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ, ଭୋକ ଉପାସରେ ଭାଗ୍ୟକୁ ଆଦରି ପଡିରହିଥିଲେ। ଏହି ଦୁଃଖଦ ଘଟଣାଟି ସମାଜସେବୀ ବିଭୁତିଭୂଷଣ ସ୍ୱାଇଁ, ଚିନ୍ମୟ ଦାସ, ଯୀଶୁ ପ୍ରସାଦ ସ୍ୱାଇଁ, ସୁଜିତ୍ କୁମାର ତ୍ରିପାଠୀଙ୍କ ନଜରକୁ ଆସିଥିଲା। ସେମାନେ ଏ ସମ୍ପର୍କରେ ବ୍ୟାସଫାଉଣ୍ଡେସନର ଅଧକ୍ଷକ୍ଷ ତଥା ଜଣାଶୁଣା ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ। ଶ୍ରୀମତୀ ଆଚାର୍ଯ୍ୟ ବିପନ୍ନ ଅବସ୍ଥାରେ ଜୀବନ ବିତାଉଥିବା ବଳରାମ ଖିଲାରଙ୍କୁ ସେଠାରୁ ଉଦ୍ଧାର କରି ରଘୁଥାନପୁର ସ୍ଥିତ 'ମୋ ଘର' ବୃଦ୍ଧାଶ୍ରମରେ ପ୍ରଦୀପ କୁମାର ଜେନାଙ୍କ ଉପସ୍ଥିତିରେ ଅବସ୍ଥାପିତ କରାଇଥିଲେ। ଏଠାରେ ସୂଚନାଥାଉ କି, ବନ୍ଦର ସହର ପାରାଦୀପରେ ଯେତେବେଳେ ଅସହାୟ ମାନିସିକ ଭିନ୍ନକ୍ଷମ ମାନଙ୍କ ସଂଖ୍ୟା ବୃଦ୍ଧି ପାଇ ସାଧାରଣରେ ଚିନ୍ତାର କାରଣ ପାଲଟିଥିଲା, ସେତେବେଳେ ସ୍ନେହମୟୀ ଏବଂ ତାଙ୍କ ସଂଗଠନର ସଦସ୍ୟ ମାନେ ସେମାନଙ୍କୁ ଉଦ୍ଧାର କରି ପୁରୀର କଣାସ ଠାରେ ଅବସ୍ଥାପିତ କରାଇ ଚିକିତ୍ସା କରାଇ ଅନେକଙ୍କୁ ସୁସ୍ଥ କରାଇଥିବା ଦେଖିବାକୁ ମିଳିଛି। ତେବେ ସେବା କ୍ଷେତ୍ରରେ ତାଙ୍କର ନିରବଚ୍ଛିନ୍ନ ପ୍ରୟାସ କୁ ସର୍ବସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଥିବା ବେଳେ ତାଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ ନିମନ୍ତେ ସାଧାରଣରେ ଆଲୋଚନା ହେଉଛି।

## ଶକ୍ତିଶ୍ରୀ ସଶକ୍ତୀକରଣ ପ୍ରକୋଷ୍ଠ ପକ୍ଷରୁ ଆଲୋଚନାଚକ୍ର

**ବାଲୁଗାଁ (ଅମୃତ ମିଡିଆ) :** ବାଲୁଗାଁ ମହାବିଦ୍ୟାଳୟ ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ ପକ୍ଷରୁ ଛାତ୍ରୀମାନଙ୍କ ସୁରକ୍ଷା, ଶୃଙ୍ଖଳା ଓ ସଶକ୍ତିକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଆଲୋଚନାଚକ୍ର ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯୁକ୍ତଦୁଇ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଅଭ୍ୟନ୍ତରୀଣ ଅଭିଯୋଗ ପ୍ରକୋଷ୍ଠ ସଭାପତି ଡକ୍ଟର ମୋନାଲିସା ମାନସିଂହ, ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧାପକ ପ୍ରବୀଣ କୁମାର ଜେନା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ରୀନା ରାଉତ, ଡକ୍ଟର ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମହିଳା ଓ ଛାତ୍ରୀମାନଙ୍କ ପ୍ରତି ଘଟୁଥିବା ହିଂସା ଓ ଅଶୋଭନୀୟ ଆଚରଣର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିବା ସହ ମହିଳା ସଶକ୍ତକରଣର ଆବଶ୍ୟକତା ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ଆୟୋଜିତ ବର୍ଷବ୍ୟାପି ସହ ପାଠ୍ୟକ୍ରମ କାର୍ଯ୍ୟକ୍ରମରେ ନେତୃତ୍ୱ ନେବାପାଇଁ ଅଧକ୍ଷ ଓ ଅତିଥିମାନେ ଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଅଧାପିକା ଡକ୍ଟର ମନସ୍ୱିନୀ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଡକ୍ଟର ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଖଣ୍ଡସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

### 'ଶିଳଘାଟି ବନ୍ଧ' ଓ 'ବାଘାଯତିନ ପୀଠ' ସ୍ୱାଧୀନତା ଆନ୍ଦୋଳନର ସ୍ମୃତି ସ୍ମାରକୀ : ପ୍ରମିଳା



**ବାରିପଦା/ଉଦଳା (ଅମୃତ ମିଡିଆ) :** ପ୍ରତିବର୍ଷ ପରି ଉଦଳା ଠାରେ କପ୍ତିପଦା ଉପଖଣ୍ଡ ସ୍ତରୀୟ ସ୍ୱାଧିନତା ଦିବସ ପାଳନ ପାଇଁ ଚଳିତ ଅଗଷ୍ଟ ୫ ତାରିଖ ବୁଧବାର ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଏହି ବୈଠକ ଆୟୋଜନର ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା। କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ବୈଠକରେ ଅଧକ୍ଷତା କରି ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧିନତା ଦିବସ ପାଳନ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସମସ୍ତେ ନିଜ ନିଜର ମତ ଉପସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଆମ ଅଂଚଳର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ 'ଶିଳଘାଟି ବନ୍ଧ' ଓ କପ୍ତିପଦା ବ୍ଲକ ଅନ୍ତର୍ଗତ 'ବାଘାଯତିନ ପୀଠ' ସ୍ୱାଧିନତା ଆନ୍ଦୋଳନର ସ୍ମୃତି ସ୍ମାରକି ଅଟେ। ଏ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ବର୍ତମାନ ଜରୁରୀ ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଉଦଳା ପଂଚାୟତ ସମିତିର ଅଧକ୍ଷା ମଂଜୁଲତା ବିଶ୍ୱାଳ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଆଶିଷ ମହାପାତ୍ର ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମୁରଲିଧର ଚାନ୍ଦ ବିଗତ ବର୍ଷ ସ୍ୱାଧିନତା ଦିବସ ପାଳନର ରୂପରେଖ କିପରି ଥିଲା ଅବଗତ କରାଇବା ସହ ଚଳିତ ବର୍ଷ କାର୍ଯ୍ୟକ୍ରମର ଏଜେଣ୍ଡା ପ୍ରସ୍ତୁତ କରିଥିଲେ। ବୈଠକରେ ବିଭିନ୍ନ ବ୍ଲକ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନଙ୍କ ସହ ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବି ସଂଗଠନର କର୍ମକର୍ତା ଓ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରି ବୃନ୍ଦ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲାପାଳ ପ୍ରତୀକ ପଣ୍ଡା ଚଳିତ ବର୍ଷ ପତାକା ଉତୋଳନ ପୁର୍ବରୁ 'ବନ୍ଦେ ମାତରମ୍' ଓ ଉତୋଳନ ପରେ ଜାତୀୟ ସଂଗୀତ ପରିବେଷିତ ହେବ। ଏଥିପାଇଁ ଦାୟିତ୍ୱରେ ଥିବା ଗୁରୁଜୀ ଗୁରୁମା ମାନେ ପିଲାଙ୍କୁ ୨ଟି ଯାକ ଜାତୀୟ ସଂଗୀତ ପ୍ରସ୍ତୁତ କରାଇବେ ବୋଲି ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକକୁ ସଫଳ କରିବାରେ ଅଜିତ ମହାପାତ୍ର, କରୁଣାକର ମହାନ୍ତ, ସୀତାକାନ୍ତ ମହାପାତ୍ର, ସୁବ୍ରତ ମହାନ୍ତି, ଆଶିଷ ମଲିକ, ସବିତା ଶଙ୍ଖୁଆ, ନମିତା ରାଉତ, ଅଜୟ ବେହେରା, ଦୁଳମଣି ପୁହାଣ, ପ୍ରଭାତ ପରିଡ଼ା, ସନ୍ତୋଷ ବାଛିନି ପ୍ରମୁଖ ସହଯୋଗ କରିଥିଲେ।

## ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ପୂର୍ବୀ ସୋନି ବ୍ଲକ ଟପ୍ପର



**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷାରେ ପୂର୍ବୀ ସୋନି ପଢିଆରି ୬୩:୨୫ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଦୟାଶୁଣି ଇଉପି ସ୍କୁଲ ଷଷ୍ଠ ଶ୍ରେଣୀର ଛାତ୍ରୀ ଅଟନ୍ତି, ବ୍ଲକରେ ମୋଟ ୧୧ଜଣ ଛାତ୍ର ଛାତ୍ରୀ ଷଷ୍ଠ ଶ୍ରେଣୀ ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବେଳେ ତନ ମଧ୍ୟରୁ ପୂର୍ବୀ ସୋନି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ପୂର୍ବରୁ ସେ ଥରେ ତୃତୀୟରେ ଓ ଆଉ ଥରେ ପଞ୍ଚମ ଶ୍ରେଣୀରେ ମଧ ବୃତ୍ତି ପରୀକ୍ଷାରେ ବ୍ଲକ ରେ କୃତିତ୍ୱ ହାସଲ କରିଛନ୍ତି। ବନ୍ତଲା ଗ୍ରା ପ ଅନ୍ତର୍ଗତ ଉପୁଲା ଗ୍ରାମର ପିତା ପବିତ୍ର ପଢିଆରି ଓମାତା ଖୁଲଣା ଦେବୀଙ୍କ ଝିଅ ଭାବରେ ପରିଚିତ, ସୋନିଙ୍କର ଏହି କୃତିତ୍ୱ ପଛରେ ବିଶେଷ କରି ମା ଖୁଲଣା ଦେବୀ ବାପା ପବିତ୍ର, ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପ ଲତା ସ୍ୱାଇଁ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପ୍ରଚେଷ୍ଟା ଓ ପ୍ରେରଣା ରହିଛି ବୋଲି ସେ କହିଛନ୍ତି, ଏହି ଖୁସି ଖବର ଶୁଣି ଦୟାଶୁଣି ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ଦେଖିବାକୁ ମିଳିଛି।

## ମା' ଶାରଳା ଡେକୋରେଟର, ଲାଇଟ୍, ସାଉଣ୍ଡ ମାଲିକ ସଙ୍ଘର କାର୍ଯ୍ୟକାରିଣୀ ବୈଠକ

**ଜଗତସିଂହପୁର (ଅମୃତ ମିଡ଼ିଆ) :** ଜଗତସିଂହପୁର ଜିଲ୍ଲାର ମା' ଶାରଳା ଟେଣ୍ଟ, ଲାଇଟି, ଡେକୋରେଟର, ସାଉଣ୍ଡ ମଲିକ ସଂଘର କାର୍ଯ୍ୟକାରିଣୀ ବୈଠକ ଖେରସ ଠାକୁର ପାଟଣା ସ୍ଥିତ ରୁପଶ୍ରୀ ମଣ୍ଡପ ଠାରେ ସଂଘର ସଭାପତି ଯଥା ଜଗତସିଂହପୁର ପୂର୍ବତନ ପୌର ପରିଷଦର ଅଧକ୍ଷ ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚଳିତ ବର୍ଷ ସଂଘର ବାର୍ଷିକ ଉତ୍ସବ କିପରି ଓ କେଉଁ ସ୍ଥାନରେ କରାଯିବ ସେ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ସଙ୍ଘର ସୁଦୃଢ଼ୀକାରଣ, ସଙ୍ଘର ନିୟମ କାନୁନକୁ କିଭଳି ସଦସ୍ୟମାନେ ବ୍ୟତିକ୍ରମ ନଆଣିବେ ସେ ସମ୍ପର୍କରେ ସଭାପତି ସମସ୍ତ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ,ଏଥି ସହିତ ନୂତନ ସଦସ୍ୟ ମନେ କିଭଳି ସଂଘରେ ଯୋଗଦେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ ସଭାପତି। ଆଜିର ଏହି ବୈଠକରେ ମଞ୍ଚାସିନ ପଦାଧିକାରୀଙ୍କ ମଧ୍ୟରେ ରାଜକିଶୋର ସାହୁ, ମିର୍ଜା ରଜାଓ୍ୱାଲୀ ବେଗ, ହୋତାବାବୁ, ବେବେନ୍ଦ୍ର କାଲୁଆ, କୁନୁ ମିଶ୍ର, ନାରାୟଣ ନାୟକ, ଅଲେଖ ବିଶୋଇ, ଦିଲ୍ଲୀପ ମହାନ୍ତି, ସନ୍ଦୀପ ମହାନ୍ତି, ଶରତ ସାମଲ, ଚିତ୍ତ ରଂଜନ ଶଢ଼ଙ୍ଗୀ, ଅଭିନ୍ନ ନାୟକ, ରାଧାକାନ୍ତ ସାହୁ, ଗଣେଶ୍ୱର ପାଲ, ଜଗନ୍ନାଥ ନାୟକ, ଶଙ୍କର ନନା, ମାନସ ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ ସଦସ୍ୟ ଯୋଗଦେଇଥିଲେ। ଶେଷରେ ଧନେଶ୍ୱର ନାୟକ ଧନ୍ୟବାଦ ଆର୍ପଣ କରି ସଭା ସାଙ୍ଗ କରାଯାଇଥିଲା।

## ବାଲୁଗାଁର ସ୍ଥାୟୀ ବିକାଶ ଦିଗରେ ଐତିହାସିକ ପଦକ୍ଷେପ

**ବାଲୁଗାଁ (ଅମୃତ ମିଡ଼ିଆ) :** ଚିଲିକା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ବାଲୁଗାଁ ସହରରେ ଆଗାମୀ ୩୦ ବର୍ଷରେ ଜନସଂଖ୍ୟା ବୃଦ୍ଧି ଓ ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ବୈଠକ ଲୋକସେବା ଭବନ ସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ସହରର ଡ୍ରେନେଜ୍ ସମ୍ପ୍ରସାରଣ, ପୁନଃ ବ୍ୟବହାର ଯୋଗ୍ୟ ବର୍ଜ୍ୟ ଜଳ ପରିଚାଳନା, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଜଳ ବିଶୋଧନ କେନ୍ଦ୍ର ସ୍ଥାପନ ନିମନ୍ତେ ପ୍ରସ୍ତୁତ ହେଉଥିବା ସମନ୍ୱିତ ମାଷ୍ଟର ପ୍ଲାନ୍ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି।ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୁପରିକଳ୍ପିତ ନଗରୀକରଣ, ଜଳ ପରିଚାଳନା ଏବଂ ପରିବେଶ ଅନୁକୂଳ ଭିତ୍ତିଭୂମିର ବିକାଶ ମାଧ୍ୟମରେ ବାଲୁଗାଁ ସହରକୁ ଏକ ସ୍ୱଚ୍ଛ, ସୁରକ୍ଷିତ, ସୁସ୍ଥାୟୀ ଓ ଆଧୁନିକ ସହରରେ ପରିଣତ କରିବା ପାଇଁ ମଧ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ବାଲୁଗାଁ ପ୍ଲାନିଂ ଏରିଆ ପାଇଁ ଜିଆଇଏସ/ଆରଏସ ଆଧାରିତ ମାଷ୍ଟର ପ୍ଲାନ-୨୦୫୧ ପ୍ରସ୍ତୁତି ସମ୍ପର୍କିତ ଉପସ୍ଥାପନାର ମଧ ମନ୍ତ୍ରୀ ସମୀକ୍ଷା କରିଛନ୍ତି। ଜିଆଇଏସ ମାଧ୍ୟମରେ ସହରର ସମସ୍ତ ଭୌଗଳିକ ସ୍ଥିତିକୁ ଡାଟା ବେସ ମାଧ୍ୟମରେ ସଂରକ୍ଷିତ ରଖାଯିବା ସହ ଆରଏସ ଦ୍ୱାରା ସହରର ଜମି, ନାଳ, ନର୍ଦ୍ଦମା ପ୍ରଭୃତି ଡ୍ରୋନ ସାହାଯ୍ୟରେ ଚିହ୍ନଟ କରାଯାଇ ଏହା ସଂପ୍ରସାରଣ କିପରି ହୋଇପାରିବ ତାହା ନିର୍ଦ୍ଧାରିତ କରାଯିବ। ଜିଆଇଏସ/ଆରଏସ ପ୍ରଯୁକ୍ତିକୁ ଆଧାର କରି ପ୍ରସ୍ତୁତ ହେଉଥିବା ଏହି ଦୀର୍ଘମିଆଦି ମାଷ୍ଟର ପ୍ଲାନ ବାଲୁଗାଁ ଅଞ୍ଚଳର ସୁବ୍ୟବସ୍ଥିତ ନଗରୀକରଣ, ଉନ୍ନତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା, ଜନସାଧାରଣଙ୍କ ପାଇଁ ଉନ୍ନତ ନାଗରିକ ସୁବିଧା, ପରିବେଶ ସଂରକ୍ଷଣ ଓ ସନ୍ତୁଳିତ ବିକାଶର ଏକ ଦୀର୍ଘମିଆଦି ସାମାଜିକ ରୂପରେଖ ପ୍ରଦାନ କରିବ। ବିଶ୍ୱପ୍ରସିଦ୍ଧ ଚିଲିକା ହ୍ରଦର ପରିବେଶୀୟ ଗୁରୁତ୍ୱକୁ ଅକ୍ଷୁର୍ଣ୍ଣ ରଖି ଯୋଜନାବଦ୍ଧ ବିକାଶ, ଜଳାଶୟ ଓ ସବୁଜ କ୍ଷେତ୍ରର ସଂରକ୍ଷଣ, ଉନ୍ନତ ସଡ଼କ ନେଟୱାର୍କ, ସାମାଜିକ ଓ ଆର୍ଥିକ ଭିତ୍ତିଭୂମିର ବିକାଶ ସହିତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ଲୋକକେନ୍ଦ୍ରିକ, ବୈଜ୍ଞାନିକ ଓ ଦୂରଦର୍ଶୀ ଯୋଜନା ମାଧ୍ୟମରେ ଓଡ଼ିଶାର ପ୍ରତ୍ୟେକ ସହର ଓ ଅଞ୍ଚଳକୁ ସୁପରିକଳ୍ପିତ, ଆଧୁନିକ ଏବଂ ବିକଶିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ସୃଜନଶୀଳ ପ୍ରତିଯୋଗିତା




**ଜୟପୁର (ଅମୃତ ମିଡ଼ିଆ) :** ଜୟପୁରର ଏସଡିପିଓ ସୁଶ୍ରୀ ଅର୍ଚ୍ଚିତା ମିଉଲଙ୍କ ପ୍ରେରଣାଦାୟକ ପଦକ୍ଷେପରେ ପୋଲିସ ବିଭାଗ ଏବଂ ରୋଟାରୀ କ୍ଲବ ଅଫ୍ ଜୟପୁର ପ୍ରାଇଡ଼ର ମିଳିତ ଆୟୋଜନରେ ସୃଜନ ଶିଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅଗ୍ରସେନ ଭବନଠାରେ ଜୟପୁର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଇଣ୍ଡିଆ ଅ ୨୦୪୭ : ଆଜିର ଯୁବପିଢ଼ି ଗଢୁଛନ୍ତି ଆସନ୍ତାକାଲିର ଭାରତ'। ଏହି ବିଷୟକୁ ଆଧାର କରି ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ରଙ୍ଗଚିତ୍ର, ପ୍ରବନ୍ଧ ଲେଖନ, କବିତା ରଚନା ଏବଂ ସୁନ୍ଦର ହସ୍ତାକ୍ଷର ମାଧ୍ୟମରେ ନିଜର ଚିନ୍ତାଧାରା, ସ୍ୱପ୍ନ ଓ ଭବିଷ୍ୟତ ଦୃଷ୍ଟିକୋଣକୁ ପ୍ରକାଶ କରିଥିଲେ। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୦୦ ଜଣଏବଂ ପ୍ଲସ ଦୁଇର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀମାନେ ବହୁତ ଉତ୍ସାହ ଓ ସୃଜନଶୀଳତା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋଟ ୫୫୦ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ କାର୍ଯ୍ୟକ୍ରମକୁ ଏକ ବିରାଟ ସଫଳତାରେ ପରିଣତ କରିଥିଲେ। ଏହି କୁନି କୁନି ପ୍ରତିଭାମାନଙ୍କର ଉତ୍ସାହ, କଳ୍ପନାଶକ୍ତି ଏବଂ ଦେଶପ୍ରେମ କାର୍ଯ୍ୟକ୍ରମକୁ ଅବିସ୍ମରଣୀୟ କରିଥିଲା ଏବଂ ଉପସ୍ଥିତ ସମସ୍ତଙ୍କ ମନରେ ନୂତନ ଆଶା ଓ ପ୍ରେରଣା ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମ ଏସଡିପିଓ ଅର୍ଚ୍ଚିତା ମିଉଲ ଉପସ୍ଥିତିରେ ଏବଂ ଜୟପୁର ପୋଲିସ ଉପବିଭାଗର ପୋଲିସ କର୍ମଚାରୀମାନଙ୍କ ସହଯୋଗରେ ସଫଳତାର ସହ ଆୟୋଜିତ ହୋଇଥିଲା। ରୋଟାରୀ କ୍ଲବ ଅଫ୍ ଜୟପୁର ପ୍ରାଇଡ୍ ପକ୍ଷରୁ କ୍ଲବ ସଭାପତି ରୋଟାରିଆନ୍ କାଳୁରାମ ପଣ୍ଡା, ସମ୍ପାଦକ ରୋଟାରିଆନ୍ ନରେଶ ମହାକୁଳ, ବରିଷ୍ଠ ସଦସ୍ୟ ରୋଟାରିଆନ୍ ରାମନାଥ ସାହୁ, ରୋଟାରିଆନ୍ ରାମହରି ପଣ୍ଡା, ରୋଟାରିଆନ୍ ସୁରେଶ ପାଣିଗ୍ରାହୀ, ରୋଟାରିଆନ୍ ଜି. ଭି. ରାଓ, ରୋଟାରିଆନ୍ ମୁରଲି ସାବତ, ରୋଟାରିଆନ୍ ସଂଜୀବ ମିଶ୍ର, ରୋଟାରିଆନ୍ ସଞ୍ଜୟ ସୁଆରୋ ଏବଂ ରୋଟାରିଆନ୍ ରତ୍ନାକର ଚୌଧୁରୀଙ୍କ ସମେତ ଅନ୍ୟାନ୍ୟ ରୋଟାରିଆନମାନେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଶିକ୍ଷକ, ବିଦ୍ୟାଳୟ ପ୍ରତିନିଧି, ଗାଇଡ୍, ଅଭିଭାବକ ଓ ଅଭିଭାବିକାମାନେ ଏହି ଅଭିନବ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ଏପରି ଅର୍ଥପୂର୍ଣ୍ଣ ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମର ଅଂଶୀଦାର ହୋଇଥିବାରେ ଆନନ୍ଦ ପ୍ରକାଶ କରିଥିଲେ। ପ୍ରତ୍ୟେକ ଶିଶୁର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଏକ ଉଜ୍ଜ୍ୱଳ ଓ ବିକଶିତ ଭାରତର ସ୍ୱପ୍ନକୁ ପ୍ରତିଫଳିତ କରୁଥିଲା। ଆସନ୍ତା ୧୫ ଅଗଷ୍ଟ ସ୍ୱାଧୀନତା ଦିବସ ଅବସରରେ ପରେଡ୍ ପଡ଼ିଆରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଶେଷରେ ଉପସ୍ଥିତ ସମସ୍ତେ ମତବ୍ୟକ୍ତ କରିଥିଲେ ଯେ, 'ଆସନ୍ତୁ, ଆମେ ସମସ୍ତେ ମିଶି ଆମର ଯୁବପିଢ଼ିଙ୍କୁ ପ୍ରେରଣା ଦେଇ ଚାଲିବା, କାରଣ ସେମାନେ ହିଁ ୨୦୪୭ ସୁଦ୍ଧା ଏକ ବିକଶିତ ଓ ସମୃଦ୍ଧ ଭାରତର ପ୍ରକୃତ ନିର୍ମାତା।

## ଯୁବକମାନେ ସମାଜ ସୁଧାର ଦିଗରେ ଦୁଇପାଦ ଆଗରେ



**ବାଲିଚନ୍ଦ୍ରପୁର (ଅମୃତ ମିଡ଼ିଆ) :** ବଡଚଣା ବ୍ଲକ ଅଣକା ଗ୍ରାମ ପଞ୍ଚାୟତର ଯୁବକ ମାନେ ଏବେ ସମାଜ ସୁଧାର ଦିଗରେ ଦୁଇ ପାଦ ଆଗକୁ ଯାଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସ୍ୱେଚ୍ଛାକୃତ ଭାବେ ନିୟୋଜିତ କରି ବିଭିନ୍ନ ମହଲରୁ ପ୍ରଶଂସା ସାଉଁଟିଛନ୍ତି। ସେମାନେ ସାମାଜିକ ଗଣମାଧ୍ୟମରେ ପ୍ରଚାର, ପ୍ରସାରକୁ ଗୁରୁତ୍ୱ ଦେବା ବଦଳରେ ବାସ୍ତବିକ୍ ଢଙ୍ଗରେ କେତେବେଳେ ଅସହାୟ ଲୋକଙ୍କୁ ସାହାଯ୍ୟ,ସହଯୋଗ କରିବା, କେତେବେଳେ ଦୁର୍ଘଟଣା ଘଟିଥିବା ଗୋମାତାଙ୍କ ସେବା ଓ ଚିକିତ୍ସା କରିବା ଭଳି ଅନେକ ପ୍ରଶଂଶନୀୟ କାର୍ଯ୍ୟ କରି ଅଞ୍ଚଳର ଉନ୍ନତି ପାଇଁ ଚେଷ୍ଟା କରୁଛନ୍ତି। ଅଣକା ଗ୍ରାମ ପଞ୍ଚାୟତର ଅନେକ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ବିଭିନ୍ନ ପ୍ରକାର ଘାସ ଓ ଅନ୍ୟାନ୍ୟ ଅନାବନା ଗଛ, ଲତା ମାଡି ରାସ୍ତା ଦୃଶ୍ୟମାନ ହେଉନଥିବା ବେଳେ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇବା ସତ୍ତ୍ୱେ ସୁଧାର ନଆସିବାରୁ Power of Youth ନାମକ ଏକ ଛୋଟିଆ ସଂଗଠନ ପ୍ରଥମ ପର୍ଯ୍ୟାୟରେ ଭାକୁଡ ଠାରୁ ରାହାଳ, ଭୁଲୁକା-ଗଡଜିତ ରାସ୍ତା ର ଉଭୟ ପାର୍ଶ୍ୱକୁ ସଫା କରିବା ସହିତ ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବା ଜାଗାକୁ ସଫା କରିଛନ୍ତି ଏବଂ ଆଗାମୀ ଦିନରେ ପଞ୍ଚାୟତର ସମସ୍ତ ରାସ୍ତା, ବିଦ୍ୟାଳୟ ପରିସର, ମନ୍ଦିର, ଡାକ୍ତରଖାନା ର ପରିବେଶକୁ ସଫା ସୁତୁରା ରଖିବାର ଆବେଗ ପ୍ରକାଶ କରିଛନ୍ତି। ଯୁବକ ମାନଙ୍କର ଏଭଳି ମହତ୍ କାର୍ଯ୍ୟ ଓ ଉଦ୍ଦେଶ୍ୟକୁ ସମସ୍ତ ଅଞ୍ଚଳବାସୀ ଭୁରି ଭୁରି ପ୍ରଶଂସା କରିଛନ୍ତି।

## ଅଜଣାଗାଡ଼ି ଧକ୍କାରେ ସ୍କୁଟି ଆରୋହୀ ମୃତ

**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାର ଥାନା ଅନ୍ତର୍ଗତ ନୁନ୍‌କିରି ହନୁମାନ ଛକ ନିକଟରେ ଆଜି ସନ୍ଧ୍ୟା ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସୂଚନାଥାଉକି, ବଡ଼ପଦାଗାଁ ପଂଚାୟତର ବଜ୍ରକୋଟ ଗ୍ରାମର ଦିଲ୍ଲୀପ ଦାସ (୫୦) ଏକ ସ୍କୁଟି ଯୋଗେ ଜଗତ୍‌ପୁରରୁ ଘରକୁ ଫେରୁଥିବା ବେଳେ ଏକ ଚୌଦ୍ୱାରର ନୁନ୍‌କିରି ହନୁମାନ ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିବା ବେଳେ ୨ଟି ଆମ୍ବୁଲାନ୍ସ ସେଠାକୁ ଆସିଥିଲେ ମଧ ଗୁରୁତର ଦିଲ୍ଲୀପଙ୍କୁ ନ ନେଇ ଫେରିଯାଇଥିଲେ। ଏ ସମ୍ପର୍କରେ ଖବର ପାଇ ଚୌଦ୍ୱାର ପୁଲିସ୍ ଘଟଣାସ୍ଥଳରେ ପହଂଚିଲା ବେଳେକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## କାଳାଡ଼ି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରବେଶ ଫାଟକ ଉପୁଡ଼ି ୪ଛାତ୍ର ଆହତ



**ଜୟପୁର (ଅମୃତ ମିଡିଆ) :** କୋରାପୁଟ ନନ୍ଦପୁର ବ୍ଲକ କସନ୍ଦି ପଞ୍ଚାୟତର କାଳାଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରବେଶ ଫାଟକ ଉପୁଡ଼ି ଗୁରୁବାର ଦୁଇ ଛାତ୍ର ଆହତ ହୋଇଛନ୍ତି । ଚାରି ଛାତ୍ର ଦୀପକ ମାଝୀ (୭) ଓ କାମେଶ ଖିଲ (୮)ଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଛି । ଅନ୍ୟ ଦୁଇ ଜଣ ବାଳବଟିକାର ବୋଲି ଜଣାଯାଇଛି । ଆହତ ଛାତ୍ରଙ୍କ ଅବିଭାବକ ନୀଳ ଖିଲ ଓ ପୂର୍ଣ୍ଣ ଖିଲଙ୍କ ସୂଚନା ମୁତାବକ ଦୁଇ ଶିଶୁ ଘରୁ ସ୍କୁଲ ଯାଇଥିଲେ । ସ୍କୁଲ ଫାଟକ ଧରି ଭିତରକୁ ପ୍ରବେଶ ବେଳେ ଦୁର୍ବଳ ସ୍ଥିତିରେ ଥିବା ଲୁହା ଫାଟକ ସମେତ ସିମେଣ୍ଟ ପାଚେରି ଭୁଶୁଡ଼ି ଛାତ୍ରଙ୍କ ଉପରେ ପଡ଼ିଥିଲା । ସଙ୍ଗେ ସଙ୍ଗେ ଗ୍ରାମବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହାୟତାରେ ଦୁଇ ଛାତ୍ରଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଦୁଇ ଜଣଙ୍କ ଚିକିତ୍ସା ପରେ ବର୍ତ୍ତମାନ ସୁସ୍ଥ ଥିବା ସୂଚନା ଦେଇଛନ୍ତି । ଫାଟକ ଭୁଶୁଡ଼ି ପଡ଼ିବା ନେଇ କର୍ତ୍ତୃପକ୍ଷ ନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଓ ବିଡିଓଙ୍କୁ ଅବଗତ କରିଥିବା ସୂଚନା ଦେଇଛନ୍ତି ।

# ଯାଜପୁର ଗସ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ

## ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ପରିଚାଳନା ସମୀକ୍ଷା



**ଯାଜପୁର (ଅମୃତ ମିଡିଆ) :** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯାଜପୁର ଜିଲ୍ଲା ଗସ୍ତରେ ଆସି ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ଓ ଜନସ୍ୱାସ୍ଥ୍ୟ ପରିଚାଳନାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଗସ୍ତ ଅବସରରେ ମନ୍ତ୍ରୀ ଡ. ମହାଲିଙ୍ଗ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ମା'–ଶିଶୁ ୱାର୍ଡ ଏବଂ ଅନ୍ୟାନ୍ୟ ବିଭାଗ ବୁଲି ଦେଖିଥିଲେ । ସେଠାରେ ବନ୍ୟା ସମୟରେ ଉଦ୍ଧାର କରାଯାଇଥିବା ଗର୍ଭବତୀ ମା'ମାନଙ୍କ ସମେତ ଚିକିତ୍ସାଧୀନ ଅନ୍ୟ ରୋଗୀମାନଙ୍କ ସହ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ସମ୍ପର୍କରେ ସିଧାସଳଖ ପଚାରି ବୁଝିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବା, ରୋଗ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅନୁଧ୍ୟାନ କରିଥିଲେ । ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ବନ୍ୟା ଜଳ ଅପସାରଣ ପରେ ଝାଡ଼ାବାନ୍ତି (ଡାଇରିଆ), କଲେରା, ମ୍ୟାଲେରିଆ ଓ ଡେଙ୍ଗୁ ଭଳି ଜଳ ଓ ବାହକବାହିତ ରୋଗ ବ୍ୟାପିବାର ସମ୍ଭାବନା ଅଧିକ ଥାଏ । ଏହି ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଭାବେ 'ଆଗୁଆ ଯୋଜନା' ଏବଂ 'ବିସ୍ତୃତ ଯୋଜନା' ଆଧାରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମକୁ ପ୍ରଶଂସା କରି କହିଥିଲେ ଯେ ବନ୍ୟା ସମୟରେ ୬୦ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୪୭ ଜଣ ସୁସ୍ଥ ମାତୃତ୍ୱ ଲାଭ କରିସାରିଥିବା ବେଳେ ୪୦ ଜଣ ହସ୍ପିଟାଲରୁ ଡିସଚାର୍ଜ ହୋଇସାରିଛନ୍ତି । ଏହାସହିତ ବନ୍ୟା ସମୟରେ ସର୍ପାଘାତ ରୋଗୀଙ୍କ ଚିକିତ୍ସା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରସ୍ତର ପର୍ଯ୍ୟନ୍ତ ଆଣ୍ଟି–ସ୍ନେକ୍ ଭେନମ୍ ଇଞ୍ଜେକସନ ଯୋଗାଇ ଦିଆଯାଇଛି । ପ୍ରଭାବିତ ଅଂଚଳରେ ଷ୍ଟପ ଡାଇରିଆ ଅଭିଯାନ ସକ୍ରିୟ ଭାବେ କାର୍ଯ୍ୟ କରିବା ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ଘରେ ଘରେ ସଚେତନତା ସୃଷ୍ଟି ପାନୀୟଜଳ ଫୁଟାଇ ପିଇବା, ଜଳ ଉତ୍ସ ଗୁଡିକର ନିୟମିତ ବିଶୋଧନ ଆବଶ୍ୟକୀୟ ଔଷଧର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରିବା ସହ ମେଡିକାଲ ଟିମ କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଜନ ଜୀବନର ସୁରକ୍ଷା ଏବଂ ସମ୍ମାନର ସହିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଥିବା ରିଲିଫ୍, ଉଦ୍ଧାର କାର୍ଯ୍ୟ, ମେଡିକାଲ୍ ଟିମ୍ ନିୟୋଜନ, ହାଲୋଜେନ ବଟିକା, ଓ.ଆରଏସ୍. ବଣ୍ଟନ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ । ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ, ରବୀନ୍ଦ୍ର ନାଥ ମିଶ୍ର, ସ୍ୱତନ୍ତ୍ର ସଚିବ, ଜନସ୍ୱାସ୍ଥ୍ୟ ଡଃ ବିଜୟ କୁମାର ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ, ଡଃ. ସୁବାଶିଷ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ନଗେନ୍ଦ୍ର ନାଥ ମହାପାତ୍ର, ଏଡିଏମଓ ଡା. ରମେଶ ଚନ୍ଦ୍ର ମଲ୍ଲିକ, ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଓ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଡାକ୍ତରମାନେ ଉପସ୍ଥିତ ଥିଲେ ।

## ଚୌଦ୍ୱାର ପୌରପାଳିକା ପାଇଁ ବିଧାୟକ ପ୍ରତିନିଧି ହେଲେ ଛାତ୍ରନେତା ଭରତ



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାର ପୌରପାଳିକା ପାଇଁ ବିଧାୟକ ସୌଭିକ୍ ବିଶ୍ୱାଳ ନିଜର ପ୍ରତିନିଧି ଭାବେ ଛାତ୍ରନେତା ଭରତ ଚନ୍ଦ୍ର ସାହୁଙ୍କୁ ଚୟନ କରିଥିବା ନେଇ ଚିଠି ପ୍ରଦାନ କରିଛନ୍ତି । ବିଧାୟକଙ୍କ ଚିଠି ଅନୁସାରେ ପୌର ପରିଷଦର କାଉନ୍‌ସିଲ ବୈଠକରେ ଶ୍ରୀ ସାହୁ ତାଙ୍କ ତରଫରୁ ଯୋଗ ଦେଇପାରିବେ ଏବଂ ପ୍ରତିନିଧି ସମ୍ବନ୍ଧୀୟ ଆଗରୁ ଦେଇଥିବା ଚିଠିକୁ ଖାରଜ କରିଛନ୍ତି । ଅର୍ଥାତ୍ ପୂର୍ବରୁ ପ୍ରତିନିଧି ଦାୟିତ୍ୱରେ ଥିବା ଚୌଦ୍ୱାର ନଗର ବିଜେଡ଼ି ସଭାପତି ତଥା ପୂର୍ବତନ ଚେୟାରମ୍ୟାନ ପ୍ରେମଚାନ୍ଦ ନାୟକ ଆଜିଠାରୁ ତାଙ୍କର ପ୍ରତିନିଧି ପଦରୁ ବାଦ୍ ପଡ଼ିଲେ । ଅନ୍ୟପକ୍ଷରେ କିଛିଦିନ ତଳେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳ ବିଧାୟକ ସୌଭିକ ବିଶ୍ୱାଳଙ୍କର ପ୍ରତିନିଧି ହେବାର ଏକ ଚିଠି ସାମାଜିକ ଗଣମାଧ୍ୟମରେ ଘୁରିବୁଲିବା ପରେ ଚୌଦ୍ୱାରରେ ବେଶ୍ ଚର୍ଚ୍ଚା ହୋଇଥିଲା । ଉକ୍ତ ଚିଠି ଚୌଦ୍ୱାର ପୌର କାର୍ଯ୍ୟାଳୟରେ ପହଂଚିଥିଲେ ସୁଦ୍ଧା ପରବର୍ତ୍ତୀ ମୁହୂର୍ତ୍ତରେ ଏହାକୁ ପ୍ରତ୍ୟାହୃତ କରି ନିଆଯାଇଥିବା ଜଣାପଡ଼ିଛି । ଭରତ ଚନ୍ଦ୍ର ସାହୁ ୨୦୧୨ ମସିହାରୁ ଛାତ୍ର ରାଜନୀତିରେ ସକ୍ରିୟ ଥିବା ବେଳେ ଦୀର୍ଘ ବର୍ଷ ଧରି ୨୦୨୬ ପର୍ଯ୍ୟନ୍ତ ଚୌଦ୍ୱାର ନଗର ଛାତ୍ର ସଭାପତି ଭାବରେ କାର୍ଯ୍ୟ କରିଆସୁଥିଲେ । ଶ୍ରୀ ସାହୁ ମଧ୍ୟ ଆଜିର ଏହି ଚିଠି ପାଇଲା ପରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ପ୍ରକାଶ କରିଛନ୍ତି ।

## ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ମାମଲା

## SCERTର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ସର୍ତ୍ତମୂଳକ ଜାମିନ



**କଟକ (ବ୍ୟୁରୋ) :** ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ମାମଲା । ମନୋଜ ପାଢୀଙ୍କୁ ମିଳିଲା ସର୍ତ୍ତମୂଳକ ଜାମିନ । ସର୍ତ୍ତମୂଳକ ଜାମିନ ପ୍ରଦାନ କଲେ କଟକ ସ୍ୱତନ୍ତ୍ର SC/ST କୋର୍ଟ । ଝଉରଜଞ୍ଜର ନିଲମ୍ବିତ ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ । ମନୋଜ ପାଢ଼ୀଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକ ତ୍ରୁଟି ମାମଲାରେ ଗିରଫ ହୋଇଥିଲେ ଝଉରଜଞ୍ଜର ପୂର୍ବତନ ନିର୍ଦ୍ଦେଶକ । ତାଙ୍କ ସହିତ ୫ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ରାଜ୍ୟ ସରକାର । ତେବେ କଟକର ସ୍ୱାତନ୍ତ୍ର ଏସସି/ଏସଟି କୋର୍ଟ ସର୍ତ୍ତମୂଳକ ଭାବେ ଜାମିନ ପ୍ରଦାନ କରିଛନ୍ତି । ସ୍କୁଲ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଜୁଲାଇ ୧୪ ତାରିଖରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଏହି ମାମଲାରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ (୫୭)ଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି କରି ଜେଲକୁ ପଠାଇଥିଲା । କଟକ JMFC-୩ କୋର୍ଟକୁ ଚାଲାଣ: ମନୋଜଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ କ୍ରାଇମବ୍ରାଞ୍ଚ ହାତରେ ଲାଗିଥିଲା । ଏହା ପରେ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଦଳ ମନୋଜଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଥିଲା । ସେହି ଦିନ ଅପରାହ୍ନରେ ତାଙ୍କୁ କଟକ JMFC-୩ କୋର୍ଟକୁ ଚାଲାଣ କରାଯାଇଥିଲା । ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପିକୁ ଯାଞ୍ଚ କରି ନଥିବା ଅଭିଯୋଗ:କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ମାମଲାରେ ହୋଇଥିବା ତଦନ୍ତରୁ ଜଣାପଡିଛି ଯେ, ମନୋଜ ପାଢୀ SCERT ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସମୟରେ ଆପରାଧିକ କାର୍ଯ୍ୟ କରିଥିଲେ । ସଞ୍ଜୟ NEP-୨୦୨୦ ଅନୁଯାୟୀ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାର ତଦାରଖ, ସମନ୍ୱୟ, ନିରୀକ୍ଷଣ ଏବଂ ଅନୁମୋଦନ ଦାୟିତ୍ୱରେ ଥିଲେ । ହେଲେ ସେ ତାଙ୍କ ଦାୟିତ୍ୱ ପାଳନ କରିବାରେ ଅବହେଳା କରିଥିଲେ । ଏପରିକି ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପିଗୁଡ଼ିକୁ ଯାଞ୍ଚ ନକରି ପ୍ରକାଶନ ପାଇଁ ପଠାଇ ଦେଇଥିଲେ । ବିଭିନ୍ନ ତଥ୍ୟ, ବୈଜ୍ଞାନିକ, ଭୌଗୋଳିକ, ଅନୁବାଦ ଏବଂ ଚିତ୍ର ବିଷୟକ ବିଷୟବସ୍ତୁ ଗୁଡିକୁ ସେ ଯାଞ୍ଚ ନ କରିବା ଯୋଗୁଁ ଦଣ୍ଡନୀୟ ଅବହେଳା ଭାବେ ଏହାକୁ ପରିଗଣିତ କରାଯାଇଛଥିଲା । ମନୋଜଙ୍କ ଏହି କାର୍ଯ୍ୟ ଏବଂ ଅବହେଳା ଫଳରେ ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକଗୁଡ଼ିକର ପ୍ରକାଶନ ଏବଂ ବଣ୍ଟନ ହୋଇଥିଲା । ଯାହା ଫଳରେ ରାଜ୍ୟ ରାଜକୋଷକୁ ପ୍ରାୟ ୧୭୫ କୋଟି ଟଙ୍କାର କ୍ଷତି ହୋଇଥିଲା ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ଉଲ୍ଲେଖ କରାଯାଇଛି । ପ୍ରଥମରୁ ଅଷ୍ଟମ ପାର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ପ୍ରାୟ ଦୁଇ ହଜାରରୁ ଅଧିକ ତ୍ରୁଟି ଥିବା ସାମ୍ନାକୁ ଆସିଛି ।

## ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ସାପ୍ତାହିକ ଏକାଡେମିକ୍ ଫ୍ୟାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମ ଶୁଭାରମ୍ଭ



**ଜୟପୁର (ଅମୃତ ମିଡିଆ) :** ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକମାନଙ୍କର ଶୈକ୍ଷିକ ଦକ୍ଷତା ବୃଦ୍ଧି ଓ ଜ୍ଞାନର ନିରନ୍ତର ଅଦ୍ୟତନ ଉଦ୍ଦେଶ୍ୟରେ ସାପ୍ତାହିକ ଏକାଡେମିକ୍ ଫ୍ୟାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମର ଶୁଭାରମ୍ଭ ବୁଧବାର ଅପରାହ୍ନ ୪.୧୫ ଘଟିକାରେ ବିଶ୍ୱବିଦ୍ୟାଳୟର ଏଲ୍-୨ କକ୍ଷରେ ଅନୁଷ୍ଠିତ ହୋଇଥିଲା । କୁଳପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଭାଗୀୟ ମୁଖ୍ୟମାନଙ୍କ ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ ପ୍ରତି କାର୍ଯ୍ୟଦିବସ ବୁଧବାର ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହାର ପ୍ରଥମ ଅଧିବେଶନରେ 'କୃତ୍ରିମ ବୁଦ୍ଧିମତା' ବିଷୟ ଉପରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ମୁଖ୍ୟ ଶ୍ରୀ ସନ୍ତୋଷ କୁମାର ପଣ୍ଡା ବିସ୍ତୃତ ଆଲୋଚନା କରିଥିଲେ । ସେ ଉଚ୍ଚଶିକ୍ଷା, ଗବେଷଣା, ଶିକ୍ଷାଦାନ, ପ୍ରଶାସନିକ କାର୍ଯ୍ୟ ଏବଂ ଭବିଷ୍ୟତର ଶୈକ୍ଷିକ ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତାର ବ୍ୟାପକ ପ୍ରୟୋଗ, ସମ୍ଭାବନା ଓ ଚ୍ୟାଲେଞ୍ଜ ସମ୍ପର୍କରେ ଉପସ୍ଥିତ ଅଧ୍ୟାପକମାନଙ୍କୁ ଅବଗତ କରାଇଥିଲେ । ସେ ଏଆଇର ସଦୁପଯୋଗ ସହିତ ନୈତିକତା, ତଥ୍ୟର ସୁରକ୍ଷା ଏବଂ ଦାୟିତ୍ୱଶୀଳ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏପରି ସାପ୍ତାହିକ ଫ୍ୟାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମ ଅଧ୍ୟାପକମାନଙ୍କର ବୃତ୍ତିଗତ ଦକ୍ଷତା ବୃଦ୍ଧି ସହ ଶିକ୍ଷାର ଗୁଣାତ୍ମକ ଉନ୍ନତିରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା ।

## ପଲିଥିନ ତଳେ ଦିନ ବିତାଉଛନ୍ତି ବିଧବା ମା' 'କୁନି'



**ବାରିପଦା /ଉଦଳା (ଅମୃତ ମିଡିଆ) :** ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ଅଠଣଗାଁ ଗ୍ରାମରେ ବସବାସ କରୁଥିବା ବିଧମା ମା' କୁନି ମହାକୁଡ଼ ଦୀର୍ଘବର୍ଷ ଧରି ପଲିଥିନ ତଳେ ଦିନ ବିତାଇବାକୁ ବାଧ୍ୟ ହୋଇଛନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ସେ ସମ୍ପୂର୍ଣ୍ଣ ଭୂମିହୀନ ହୋଇଥିବାରୁ ଆବାସ ଯୋଜନାରେ ଘରଟିଏ ପାଇପାରିନଥିବାର ଜଣାଇଛନ୍ତି । ସେହିପରି ପାଇଖାନା ଓ ପାଣିପାଇଁ ତାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବାର କଥା କହିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଧାରଣା ଓ ପ୍ରତିବାଦ ସଭା



**ଜଗତସିଂହପୁର (ଅମୃତ ମିଡ଼ିଆ) :** ଓଷ୍ଟା ଆନୁକୁଲ୍ୟରେ ଆୟୋଜିତ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଧାରଣା ଓ ପ୍ରତିବାଦ ସଭା ବ୍ଲକ୍ ଓଷ୍ଟା ସଭାପତି ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଷ୍ଟା ବ୍ଲକ ସଂପାଦକ ରଂଜନ କୁମାର ମିଶ୍ର ଯୋଗଦେଇ ଆଜିର ଧାରଣା ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ଅବସର ପରେ ପେନସନ ପ୍ରଦାନ, ଯୋଗ୍ୟ ବିବେଚିତ ବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ କରିବାକୁ ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ ପ୍ରତାରିତ କରିବାରୁ ଆଜି ରାଜ୍ୟର ସମସ୍ତ ବ୍ଲକରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହେଉଛି । ଦାବି ପୂରଣ ନହେଲେ ଆସନ୍ତା ଅଗଷ୍ଟ ୧୬ରେ ଭୁବନେଶ୍ୱରରେ ବିଶାଳ ସମାବେଶ ଓ ଧାରଣା କରାଯିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଓଷ୍ଟାର କର୍ମକର୍ତ୍ତା ତୁଷାର କାନ୍ତ ମହାନ୍ତି, ବିଜୟ କୁମାର ନାୟକ, ସୁଧାକର ନାୟକ, ପବିତ୍ର କୁମାର ସ୍ୱାଇଁ, ନିରାକାର ମହାପାତ୍ର, ବିଷ୍ଣୁ ଚନ୍ଦ୍ର କର, ଜ୍ଞାନରଂଜନ ମହାପାତ୍ର , ନିରଂଜନ ଦାଶ, ସମିର କୁମାର ସାମଲ, ସୁଦର୍ଶନ ପଣ୍ଡା, ସୁଶାନ୍ତ ମହାପାତ୍ର ଓ ସୁଧୀର କୁମାର ନାୟକ ବକ୍ତବ୍ୟ ରଖି ଆନ୍ଦୋଳନ କୁ ଯୋରଦାର କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ବ୍ଲକ୍ ଉନ୍ନୟନ ଅଧିକାରୀ ବିରଞ୍ଚିନାରାୟଣ ବେହେରା ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ ଓ ଆଇନ୍ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ । ଶେଷରେ ଶିକ୍ଷକ ନେତା ସୁଦର୍ଶନ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିରାମୟରେ ମିଳୁନାହିଁ ଔଷଧ

## ବଢୁଛି ଗରିବ ରୋଗୀଙ୍କ ଦୁର୍ଦ୍ଦଶା



**ଜେନାପୁର (ଅମୃତ ମିଡିଆ) :** ସ୍ୱାସ୍ଥ୍ୟ ହେଉଛି ସମ୍ପଦ । ସେଥିପାଇଁ ଅନେକ ଗରୀବ ଲୋକ ଅର୍ଥାଭାବରୁ ରୋଗ ପାଇଁ ଔଷଧ କିଣି ନପାରି ଅକାଳ ମୃତ୍ୟୁର ସମ୍ମୁଖୀନ ହୋଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ସରକାର ନିରାମୟ ଯୋଜନା କରି ପ୍ରତି ରୋଗ ପାଇଁ ମାଗଣାରେ ଔଷଧ ପ୍ରଦାନ କରିବାର ଯୋଜନା କଲେ । ହେଲେ ଔଷଧ କମ୍ପାନୀ ମାନଙ୍କ ସହ ଅଦୃଶ୍ୟ ମେଂଟ କରି ଅନେକ ଔଷଧ ନିରାମୟରେ ପ୍ରଦାନ କରାଯାଉ ନାହିଁ । ଫଳରେ ଗରୀବ ଲୋକେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମ୍ଧ ଆରୋଗ୍ୟ ହେବା ପାଇଁ ଔଷଧ କିଣିପାରୁନାହାନ୍ତି । ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଏ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି । ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଗୋଡିପାଟିଆ ଗ୍ରାମର ଲକ୍ଷ୍ମଣ ପ୍ରଧାନ ଜଣେ ନିହାତି ଗରୀବ ଭିନ୍ନକ୍ଷମ ଯୁବକ । ତାଙ୍କର ବିଭିନ୍ନ ସମୟରେ ବାତ ରୋଗ ବାହାରି ଥାଏ । ଏହି ବାତ ରୋଗ ବାହାରିବା ସମୟରେ ତାଙ୍କର ଦେହରେ ଖୁବ ଜୋରରେ କମ୍ପନ ହେବା ସହ ସେ ଥରି ଉଠି ଛଟପଟ ହୋଇଥାନ୍ତି । ଏହି ସମୟରେ ଯନ୍ତ୍ରଣା ଏବଂ ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ । ପୂର୍ବରୁ ଲକ୍ଷ୍ମଣଙ୍କୁ ଆବଶ୍ୟକ ଚିକିତ୍ସା ସେବା ଏସ.ସି.ବିରେ ମିଳି ପାରୁ ନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପରେ ଏଥିନେଇ ଏସ.ସି.ବି ମେଡିକାଲ ତରଫରୁ ଏକ ତଦନ୍ତ ହୋଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି । ଏଥିନେଇ ଏସ.ସି.ବିର ତତ୍କାଳୀନ ସ୍ନାୟୁ ବିଭାଗର ମୁଖ୍ୟ ଡ଼ ଅଶୋକ ମଲିକ ପତ୍ର ନଂ-୩୬୮ ତା୨୨.୦୭.୨୫ ରେ ଏକ ରିପୋର୍ଟ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ । ଏହାପରେ ଲକ୍ଷ୍ମଣଙ୍କୁ ଏସ.ସି.ବିରେ ଆବଶ୍ୟକ ଚିକିତ୍ସାସେବା ମିଳିଥିଲେ ମଧ୍ୟ ପରେ ତାଙ୍କୁ ନିରାମୟରୁ ଆବଶ୍ୟକ ଔଷଧ ମିଳି ପାରୁନାହିଁ । ଯେଉଁ ରୋଗୀଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ ପରେ ତଦନ୍ତ ହୋଇ ଆବଶ୍ୟକ ଚିକିତ୍ସା ସେବା ମିଳିଲା, ସେହି ରୋଗୀଙ୍କୁ ନିରାମୟ ଔଷଧ ନମିଳିବା ରାଜ୍ୟରେ ଚାଲିଥିବା ସ୍ୱାସ୍ଥ୍ୟସେବାର ନମୁନା ହୋଇଛି । ତାଙ୍କୁ କଟକ ଏସ.ସି.ବିରୁ ପ୍ରଦାନ କରାଯାଇ ଥିବା ଔଷଧ ଚିଠା ଅନୁସାରେ ସୋଡିୟମ ଭାଲପ୍ରୋଏଟ ଏବଂ ଭାଲପ୍ରୋକ ଏକିଡ କଂଟ୍ରୋଲଡ ରିଲିଜ ଟାବଲେଟ ଦୁଇଟି ପ୍ରଦାନ କରାଯାଉ ନାହିଁ । ଫଳରେ ଏହି ଦୁଇଟି ଟାବଲେଟ ପାଇଁ ମାସକୁ ଲକ୍ଷ୍ମଣ ପ୍ରଧାନଙ୍କ ପରି ଗରୀବ ଭିନ୍ନକ୍ଷମଙ୍କୁ ମାସକୁ ଦୁଇ ହଜାର ଟଙ୍କା ବ୍ୟୟ କରିବା କାଠିକର ପାଠ ହେଉଛି । ଲକ୍ଷ୍ମଣ ପ୍ରଧାନ ଏ କ୍ଷେତ୍ରରେ ଏକ ଦୃଷ୍ଟାନ୍ତ ମାତ୍ର । ବହୁ ଗରୀବ ଲୋକ ଏହିଭଳି ନିରାମୟରୁ ଔଷଧ ନପାଇ ନିରାଶ ହୋଇ ଫେରୁଛନ୍ତି । ଏସ.ସି.ବିରେ ରୋଗୀଟିଏ ଲମ୍ବା ଧାଡିରେ ଠିଆ ହୋଇ ଡାକ୍ତରଙ୍କୁ ରୋଗ ଦେଖାଇ ଔଷଧ ଚିଠା ଧରି ଆସିଥାଏ । ଏହାପରେ ଲମ୍ବା ଧାଡିରେ ଦୀର୍ଘ ସମୟ ଠିଆ ହୋଇ ନିରାମୟରେ ନିଜର ଚିଠା ପ୍ରଦାନ ପରେ ଏହି ଔଷଧ ନଥିବାର କୁହାଯାଇ ଥାଏ । ଏହି ଯନ୍ତ୍ରଣା ରୋଗୀର ରୋଗକୁ ଅଧିକ ବଢାଇ ଦେଇଥାଏ । ସମସ୍ତ ଔଷଧ ନିରାମୟରେ ଉପଲବ୍ଧ ବୋଲି ପ୍ରଚାର କରାଯାଉ ଥିବା ବେଳେ ବାସ୍ତବରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି । ଏଭଳି ଗୁରୁତର ଜନସ୍ୱାର୍ଥ ପ୍ରସଙ୍ଗରେ ଯୁବନେତା ସତୀଶ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କ ପତ୍ର ଲେଖି ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି । ନଚେତ ଜନସ୍ୱାର୍ଥ ପାଇଁ ସେ ଏସ.ସି.ବି ରେ ଏଥିନେଇ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶଥାଉ କି, ଏହି ନିରାମୟ କେନ୍ଦ୍ରରେ ରୋଗୀକୁ ସିଧା ଠିଆ ହୋଇ ଔଷଧ ଦେଉଥିବା କର୍ମଚାରୀଙ୍କ ସହ କଥା ହେବା ପାଇଁ ଥିବା କଣାଟିକୁ ବନ୍ଦ କରି ଦିଆଯାଉଛି । ଏସ.ସି.ବିର ନିରାମୟରେ ରୋଗୀଟିଏ ଭିତରେ ବସି ଔଷଧ ପ୍ରଦାନ କରୁଥିବା କର୍ମଚାରୀଙ୍କୁ ଦେଖିବା ପାଇଁ ଗୋଟିଏ ମାତ୍ର କଣାରେ ନଇଁକରି କଥା ହେବାକୁ ପଡୁଛି । ଏହା ରୋଗୀ ପାଇଁ ମଧ୍ୟ ଯନ୍ତ୍ରଣା ଦାୟକ । ଭିତରେ ଥିବା କର୍ମଚାରୀ ମାନଙ୍କ କୋଠରୀରୁ ଏ.ସିର ଥଣ୍ଡା ବାହାରକୁ ନଯିବା ପାଇଁ ଏଭଳି ଅମାନବୀୟ ପଦକ୍ଷେପ ପାଇଁ ମଧ୍ୟ ସାଧାରଣରେ ଉଦବେଗ ପ୍ରକାଶ ପାଉଛି ।




# ଅବିଭକ୍ତ ସାଧାରଣବର୍ଗ ଦିବସ ପାଳିତ

## ଏକତା ଓ ଆତ୍ମସମୀକ୍ଷା ସହ ସମାନ ସୁଯୋଗ ଉପରେ ଗୁରୁତ୍ୱ



**ଭୁବନେଶ୍ୱର (ବ୍ୟୁରୋ) :** ଅବିଭକ୍ତ ସାଧାରଣ ବର୍ଗ ପକ୍ଷରୁ ଆଜି ବିଧାନସଭା ସମ୍ମୁଖରେ 'ଅବିଭକ୍ତ ସାଧାରଣ ବର୍ଗ ଦିବସ' ଶ୍ରଦ୍ଧା ଓ ଗମ୍ଭୀରତାର ସହ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ୧୯୯୦ ପୂର୍ବର ସାମାଜିକ ପରିସ୍ଥିତିକୁ ସ୍ମରଣ କରାଯିବା ସହିତ ଜାତିଭିତ୍ତିକ ବର୍ଗୀକରଣ ପରେ ସମାଜ, ରାଜନୀତି ଓ ଜାତୀୟ ଏକତା ଉପରେ ପଡ଼ିଥିବା ପ୍ରଭାବକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସଭାର ଆବାହକ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ କହିଥିଲେ ଯେ, ୭ ଅଗଷ୍ଟ ୧୯୯୦ ଭାରତର ସାମାଜିକ ଓ ରାଜନୈତିକ ଇତିହାସରେ ଏକ ଚର୍ଚ୍ଚିତ ଦିବସ। ସେହିଦିନ ମଣ୍ଡଳ କମିଶନର ସୁପାରିଶ କାର୍ଯ୍ୟକାରୀ କରିବାର ଘୋଷଣା ହୋଇଥିଲା। ଏହା ପୂର୍ବରୁ ଆଜିର ଓବିସି ଓ ସାଧାରଣ ବର୍ଗ ଗୋଟିଏ ବର୍ଗ ରୂପେ ପରିଚିତ ଥିଲେ। ସାଧାରଣ ବର୍ଗରେ ଥିବା ଅନେକ କୁଶଳୀ କର୍ମଜୀବୀ ସମୁଦାୟଙ୍କୁ ଅନ୍ୟ ପଛୁଆ ବର୍ଗ ଭାବେ ବର୍ଗୀକୃତ କରାଯାଇଥିଲା। ଏହା ଫଳରେ ଦୀର୍ଘଦିନ ଧରି ଏକାଠି ଥିବା ସାମାଜିକ ପରିଚୟରେ ଏକ ନୂତନ ବିଭାଜନ ସୃଷ୍ଟି ହୋଇଥିଲା ବୋଲି ସେ କହିଥିଲେ। ବରିଷ୍ଠ ସଦସ୍ୟା ଟାଇଫୁନ୍ ଦାସ୍ ନିଜ ବକ୍ତବ୍ୟରେ କହିଥିଲେ ଯେ, ୬ ଅଗଷ୍ଟକୁ 'ଅବିଭକ୍ତ ସାଧାରଣ ବର୍ଗ ଦିବସ' ଏବଂ ୭ ଅଗଷ୍ଟକୁ 'ସାଧାରଣ ବର୍ଗ ବିଭାଜନ ଦିବସ' ଭାବେ ସ୍ମରଣ କରିବାର ଉଦ୍ଦେଶ୍ୟ ସରକାରଙ୍କ ପକ୍ଷରୁ ସମାଜରେ ଘଟିଥିବା ଏହି କୃତ୍ରିମ ବିଭାଜନର ବିଭୀଷିକା ଉପରେ ସମାଜକୁ ସଚେତନ କରିବା ସହ ଏହି ବିଭାଜନ ପରେ ସମାଜର କେତେ ଲାଭ କେତେ କ୍ଷତି ହୋଇଛି ଏହାର ସମୀକ୍ଷା କରିବା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ, ସମାନ ଅଧିକାର ଓ ଯୋଗ୍ୟତାଭିତ୍ତିକ ବ୍ୟବସ୍ଥା ଉପରେ ଗଠନମୂଳକ ଆଲୋଚନା କରିବା ଏହାର ମୂଳ ଲକ୍ଷ୍ୟ। ସାମାଜିକ ସ୍ତରରେ କୌଣସି ଜାତିକୁ ସମ୍ପୂର୍ଣ୍ଣ ଭାବରେ ପଛୁଆ ବୋଲି ଘୋଷଣା କରିବା ବା ଚିହ୍ନିତ କରିବା ଏକ ସାମାଜିକ ଅପରାଧ ବୋଲି କହିଥିଲେ ସାମାଜିକ କର୍ମୀ ଶିବାଶିଷ ମହାପାତ୍ର। କାର୍ଯ୍ୟକ୍ରମରେ ଯୋଗ ଦେଇ ବରିଷ୍ଠ ସଦସ୍ୟ ମନୋରଞ୍ଜନ ମହାରଣା କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ପ୍ରତୀକ ତଥା ଓଡ଼ିଶାର ହଜାର ହଜାର ମଠ ମନ୍ଦିରରେ ନିଜର ନିପୁଣତା ପ୍ରଦର୍ଶନ କରିଥିବା ମହାରଣା କୂଳକୁ ପଛୁଆ ବର୍ଗ ଘୋଷିତ କରିବା ସେ ଜାତିର ଅସ୍ମିତା ପ୍ରତି ଅପମାନ। ଏହି ସ୍ୱାଭିମାନସମ୍ପନ୍ନ ଜାତି ପ୍ରତି ସରକାର ଯଦି ସଦୟ ଅଛନ୍ତି ତେବେ ବିଶ୍ୱକର୍ମା ପ୍ରୋତ୍ସାହନ ରାଶି କିମ୍ବା ସେହିଭଳି କୌଣସି ସମ୍ମାନଜନକ ଶବ୍ଦରେ ସମ୍ମାନର ସହ ସହଯୋଗ କରି ପାରିବେ ବୋଲି ସେ ମତ ଦେଇଛନ୍ତି। ଓଡ଼ିଆ ଜାତିର ଗୌରବ ସାଧବ ପୁଅ ତଥା ମହାଜନ ଶ୍ରେଣୀର ସାହୁକାର କୁବେର ଆଦି ଅନେକ ସାମାଜିକ ବିଭୂଷଣର ଅଧିକାରୀ ସାହୁ ସମାଜକୁ ପଛୁଆ ବର୍ଗ ବୋଲି ଚିହ୍ନିତ କରାଯିବା ଆମ ଜାତିର ଇତିହାସରେ କଳଙ୍କିତ ଅଧ୍ୟାୟ ବୋଲି ଅତ୍ୟନ୍ତ କ୍ଷୋଭର ସହ କହିଛନ୍ତି ଅବସରପ୍ରାପ୍ତ ବରିଷ୍ଠ ବ୍ୟାଙ୍କ୍ ଅଧିକାରୀ ଅମରେନ୍ଦ୍ର ପ୍ରସାଦ ସାହୁ। ଆଲୋଚନାରେ ଅଂଶଗ୍ରହଣ କରି ସାମାଜିକ କର୍ମୀ ସୁକାନ୍ତ ମହାନ୍ତି କହିଛନ୍ତି ଯେ ଗତ ତିନି ଦଶନ୍ଧିରେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଘଟିଥିବା ପରିବର୍ତ୍ତନକୁ ନିରପେକ୍ଷ ଭାବରେ ସମୀକ୍ଷା କରିବା ସମୟର ଆବଶ୍ୟକତା। ଜାତିଗତ ବିଭାଜନ ପରିବର୍ତ୍ତେ ସାମାଜିକ ସମନ୍ୱୟ, ପରସ୍ପର ସମ୍ମାନ ଓ ଜାତୀୟ ଏକତାକୁ ଅଧିକ ସୁଦୃଢ଼ କରିବା ଉପରେ ସମସ୍ତଙ୍କୁ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ସୈନିକ ଉମେଶ ଚଇନି ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତର ଶକ୍ତି ବିଭାଜନରେ ନୁହେଁ, ବରଂ ସମସ୍ତ ବର୍ଗର ଏକତା, ସହଯୋଗ ଓ ପାରସ୍ପରିକ ବିଶ୍ୱାସରେ ନିହିତ। ଏହି ଦିବସ କେବଳ ଇତିହାସକୁ ସ୍ମରଣ କରିବାର ଦିନ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ଆତ୍ମସମୀକ୍ଷା ଓ ରାଷ୍ଟ୍ରହିତରେ ସାମୂହିକ ଚିନ୍ତନର ଅବସର ବୋଲି ସେ କହିଥିଲେ। ଶେଷରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଭବାନୀ ଶଙ୍କର ପାଢ଼ୀ ସମସ୍ତ ଉପସ୍ଥିତ ସଦସ୍ୟଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା, ସାମାଜିକ ସମରସତା, ସମାନ ସୁଯୋଗ ଏବଂ ଯୋଗ୍ୟତାଭିତ୍ତିକ ବ୍ୟବସ୍ଥା ସପକ୍ଷରେ ସଚେତନତା ସୃଷ୍ଟି ପାଇଁ ସଙ୍କଳ୍ପ କରାଇଥିଲେ।

# ପ୍ରତିରକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଶୌର୍ଯ୍ୟ ବିଜୟ ଯାତ୍ରା ଉଦ୍‌ଘାଟିତ




**ଭୁବନେଶ୍ୱର (ବ୍ୟୁରୋ) :** ଦେଶବ୍ୟାପୀ କାରଗିଲ ବିଜୟ ଦିବସ ୨୦୨୬ ପାଳନ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀଠାରୁ ଶୌର୍ଯ୍ୟ ବିଜୟ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ରାଇଡରମାନେ ଜାୱା ଏବଂ ୟେଜଦୀ ମୋଟରସାଇକେଲରେ ୧୩ ଦିନିଆ ଅଭିଯାନରେ ସାମିଲ ହୋଇଛନ୍ତି। 'ୱାନ ରାଇଡ, ୱାନ ନ୍ୟାଶନ, ୱାନ ସାଲ୍ୟୁଟ, ମୂଳମନ୍ତ୍ର ସହିତ ଏହି ୧୯୦୦ କିଲୋମିଟର ଅଭିଯାନରେ ୨୮ ଜଣ ରାଇଡର, କାର୍ଯ୍ୟରତ ଓ ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀ ଏବଂ ବୀର ସହିଦଙ୍କ ନିକଟତମ ଆତ୍ମୀୟ ସଦସ୍ୟମାନେ ଲଦାଖର ଦ୍ରାସ୍‌ରେ ଥିବା କାରଗିଲ ଯୁଦ୍ଧ ସ୍ମାରକୀକୁ ଯାତ୍ରା କରିବେ। ଏହି ଅଭିଯାନ ୧୯୯୯ କାର୍ଗିଲ ଯୁଦ୍ଧରେ ବିଜୟ ସୁନିଶ୍ଚିତ କରିଥିବା ଭାରତୀୟ ବୀର ସୈନିକଙ୍କ ସାହସ, ସଂକଳ୍ପ ଏବଂ ସର୍ବୋଚ୍ଚ ବଳିଦାନକୁ ସମ୍ମାନ ଜଣାଇବାରେ ଏହି ଯାତ୍ରା ଚଣ୍ଡିମନ୍ଦିର, ରେଜାଙ୍ଗ ଲା ଏବଂ ଲେହ ଯୁଦ୍ଧ ସ୍ମାରକୀ ଦେଇ ଗତି କରିବ ଏବଂ ୨୬ ଜୁଲାଇ ୨୦୨୬ ରେ କାର୍ଗିଲ ଯୁଦ୍ଧ ସ୍ମାରକୀରେ ଶେଷ ହେବ। ଏହି ଅଭିଯାନ ଜାତୀୟ ଯୁଦ୍ଧ ସ୍ମାରକୀରୁ କାର୍ଗିଲ ପର୍ଯ୍ୟନ୍ତ ପବିତ୍ର ମାଟି ବହନ କରିବ ଯାହା ଭାରତ ଦେଖିଥିବା ଯୁଦ୍ଧ ବୀରମାନଙ୍କ ପିଢ଼ିର ସଙ୍ଗମକୁ ସୂଚିତ କରିବ। ରାଇଡରମାନେ ବୀର ଯୋଦ୍ଧାଙ୍କୁ ସେମାନଙ୍କର ସାହସ ପାଇଁ ସମ୍ମାନିତ କରିବେ। ଏହି ଶୁଭାରମ୍ଭ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ; ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଏନ. ଏସ. ରାଜା ସୁବ୍ରମଣି; ଏବଂ ସେନା ମୁଖ୍ୟ ଜେନେରାଲ ଧୀରଜ ସେଠ, ବରିଷ୍ଠ ସାମରିକ ଅଧିକାରୀ, ବରିଷ୍ଠ ଓ ନିମନ୍ତ୍ରିତ ଅତିଥିମାନେ ଯୋଗ ଦେଇଥିଲେ। ଏହି ଅବସରରେ ରାଜନାଥ ସିଂହ କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଭାରତୀୟ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣେ କରିଥିଲେ। ସେ ଏହି ବିଜୟକୁ ଭାରତର ଭୂମି ଏବଂ ପରିଚୟକୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂକଳ୍ପର ପ୍ରତୀକ ଭାବରେ ବର୍ଣ୍ଣନା କରିଥିଲେ ଏବଂ ପରମ ବୀର ଚକ୍ର ପୁରସ୍କାରପ୍ରାପ୍ତ କ୍ୟାପଟେନ୍ ବିକ୍ରମ ବାତ୍ରା, ଲେଫ୍ଟନାଂଟ ମନୋଜ କୁମାର ପାଣ୍ଡେ, ସୁବେଦାର ମେଜର (ଅନୋରାରି କ୍ୟାପଟେନ୍) ଯୋଗେନ୍ଦ୍ର ସିଂହ ଯାଦବ (ଅବସରପ୍ରାପ୍ତ), ଏବଂ ସୁବେଦାର ମେଜର (ଅନୋରାରି କ୍ୟାପଟେନ୍) ସଞ୍ଜୟ କୁମାର (ଅବସରପ୍ରାପ୍ତ)ଙ୍କ ଅବଦାନକୁ ମନେ ପକାଇଥିଲେ। ଅନ୍ୟପକ୍ଷରେ ଏହି ଅଭିଯାନ ଜାୱା ୩୫୦, ୪୨, ୪୨ ଏଫଜେ, ୟେଜଦି ଆଡଭେଂଚର ଓ ସ୍କ୍ରାମ୍ବଲର ମୋଟର ସାଇକେଲ ମାଧ୍ୟମରେ ସମ୍ପନ୍ନ ହେବ। ଏସମ୍ପର୍କରେ କ୍ଲାସିକ୍ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, " ଶୌର୍ଯ୍ୟ ବିଜୟ ଯାତ୍ରା ହେଉଛି ଆଜିର ପିଢ଼ିକୁ କାରଗିଲର ବୀର ଓ ସେମାନଙ୍କ ପରିବାରର ବଳିଦାନକୁ ମନେ ରଖିବାରେ ସାହାଯ୍ୟ କରିବାର ଆମର ଏକ ମାଧ୍ୟମ। ଏହି ଅଭିଯାନ ନୂତନ ପିଢ଼ିକୁ ବୀରତ୍ୱ, ଶୃଙ୍ଖଳା, ସଂକଳ୍ପ ଏବଂ ନିଃସ୍ୱାର୍ଥପରତାର ମୂଲ୍ୟବୋଧ ସହିତ ପରିଚିତ କରାଇବା ପାଇଁ ଭାରତୀୟ ସଶସ୍ତ୍ର ବାହିନୀ ସହିତ ଏକତାରେ ଯାତ୍ରା କରିବା । ଭାରତୀୟ ସେନା ସହିତ ଆମେ ଆମର ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ନିଜକୁ ଗୌରବାନ୍ୱିତ ମନେ କରୁଛୁ।

# ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍‌କୁ ଏଏ/ଷ୍ଟେବଲ୍ ରେଟିଂ ପ୍ରଦାନ

ଭୁବନେଶ୍ୱର (ବ୍ୟୁରୋ) : ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍‌ର ପ୍ରସ୍ତାବିତ ଦୀର୍ଘକାଳୀନ ବ୍ୟାଙ୍କ କାରବାରକୁ କ୍ରିସିଲ୍ ରେଟିଂସ୍ ପକ୍ଷରୁ କ୍ରିସିଲ୍ ଏଏ/ଷ୍ଟେବଲ୍ ରେଟିଂ ପ୍ରଦାନ କରାଯାଇଛି ଯାହା ବେଦାନ୍ତରୁ ପୃଥକ ହେବା ପରେ କମ୍ପାନିର ଦୃଢ଼ ବ୍ୟବସାୟ ମୂଳଦୁଆ, ସମନ୍ୱିତ ପରିଚାଳନା ମଡେଲ୍ ଓ ଉନ୍ନତ ଆର୍ଥିକ ପୋର୍ଟଫୋଲିଓକୁ ଦର୍ଶାଉଛି। ଏକ ସ୍ୱାଧୀନ ତାଲିକାଭୁକ୍ତ କମ୍ପାନି ଭାବରେ ଦୀର୍ଘକାଳୀନ ଅଭିବୃଦ୍ଧି ରଣନୀତିକୁ କାର୍ଯ୍ୟକାରୀ କରିବା ସହିତ ସ୍ଥିର ପରିଚାଳନା ପ୍ରଦର୍ଶନ ବଜାୟ ରଖିବାରେ ବେଦାନ୍ତ ଆଇରନ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍‌ର ଦକ୍ଷତା ଉପରେ ରହିଥିବା ବିଶ୍ୱାସକୁ ଏହି ରେଟିଂ ସୁଦୃଢ଼ କରିଛି। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକକୁ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ଦୃଢ଼ ଭାବେ ଆରମ୍ଭ କରିଛି। ଏହାର ରାଜସ୍ୱ ୧୮ ପ୍ରତିଶତ ବୃଦ୍ଧି ପାଇ ୩,୬୬୨ କୋଟିଇ ଟଙ୍କା, ଏବିଟଡା ୫୪% ବୃଦ୍ଧି ପାଇ ୫୧୫ କୋଟି ଟଙ୍କା, ଏବିଟଡା ମାର୍ଜିନ ୧୧ ପ୍ରତିଶତରୁ ୧୪ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ଗତବର୍ଷର ୧୪୫ କୋଟି ଟଙ୍କାର କ୍ଷତି ତୁଳନାରେ ଏହା ୧୨୧ କୋଟି ଟଙ୍କାର ଲାଭ କରିଥିବା ବେଳେ ସୁସ୍ଥକର ପୁଞ୍ଜି ସୃଷ୍ଟି ଓ ଦୃଢ଼ ପୁଞ୍ଜି ଆବଂଟନର ସମର୍ଥନ ରହିଛି। କ୍ରିସିଲ୍ ଅନୁସାରେ ବେଦାନ୍ତ ଆଇରନ ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌ର ବହୁବିଧ ଖଣି ପୋର୍ଟଫୋଲିଓ, ସମନ୍ୱିତ ଲୁହାରୁ ଇସ୍ପାତ ମୂଲ୍ୟ ଶୃଙ୍ଖଳା, ସୁସ୍ଥକର ନଗଦ. ଉନ୍ନତ ଲିଭରେଜ୍ ଓ ବେଦାନ୍ତ ଗ୍ରୁପ୍‌ରୁ ନିରନ୍ତର ଗୁରୁତ୍ୱପୂର୍ଣ୍ଣ ସହାୟତାକୁ ଏହି ରେଟିଂ ପ୍ରତିଫଳିତ କରୁଛି। ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ହେଉଛି ବେଦାନ୍ତ ଗ୍ରୁପ୍‌ରୁ ପୃଥକ ହୋଇଥିବା ଲୁହା ଓ ଇସ୍ପାତ ବ୍ୟବସାୟ ଏବଂ ଏଥିରେ ବେଦାନ୍ତ ରିସୋର୍ସେସ୍ ଲିମିଟେଡ୍‌ର ୫୬.୪% ମାଲିକାନା ରହିଛି।

# ସ୍କାଉଟ୍‌ସ ଓ ଗାଇଡ୍‌ସର ନିର୍ବାଚନ ସ୍ଥଗିତ

**ଭୁବନେଶ୍ୱର (ବ୍ୟୁରୋ) :** ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ପ୍ରତି ୫ ବର୍ଷରେ ଥରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥାଏ । ଆଜି ପର୍ଯ୍ୟନ୍ତ ଠିକ୍ ସମୟରେ ଅନୁଷ୍ଠିତ ହେଉଥିବା ବେଳେ ନିର୍ବାଚନ ଠିକ୍ ସମୟରେ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ଏକ ଭିନ୍ନ ପ୍ରକାରର ନିର୍ବାଚନ ହେଉଛି। ଏହି ନିର୍ବାଚନ ପ୍ରକ୍ରିୟା ଚଳିତ ବର୍ଷ ଦୁଇ ଦୁଇ ଥର ସ୍ଥଗିତ ହେବାରେ ଲାଗିଛି। ବିଶେଷ ସୂତ୍ରରୁ ଖବର ଭାରତୀୟ ଜନତା ଦଳର କିଛି ଲୋକଙ୍କୁ ଅନୈତିକ ଭାବରେ ବିଭିନ୍ନ ପଦବୀରେ ଥଇଥାନ କରିବା ଲାଗି ଏହି ନିର୍ବାଚନ କରାଇ ଦିଆଯାଉନାହିଁ। ବର୍ଷ ବର୍ଷ ଧରି ଛୋଟ ପିଲାଙ୍କର ଚରିତ୍ର ଗଠନ ଠାରୁ ଆରମ୍ଭ କରି ବିଭିନ୍ନ ଗୋଷ୍ଠୀ ଉନ୍ନୟନମୂଳକ କାର୍ଯ୍ୟ କରିଆସୁଥିବା ଏହି ସଂସ୍ଥା ସବୁବେଳେ ପ୍ରଶଂସିତ ହୋଇଆସିଛି। ପୂର୍ବରୁ ବସନ୍ତ ବିଶ୍ୱାଳ, ବିଷ୍ଣୁ ଦାସ ଏବଂ ଅତନୁ ସବ୍ୟସାଚୀ ନାୟକ ବିଭିନ୍ନ ଦଳର ହୋଇ ମଧ୍ୟ ସଂସ୍ଥାର ଉନ୍ନତି ଲାଗି ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସିଥିଲେ। ଚଳିତ ବର୍ଷ କାର୍ଯ୍ୟକାଳ ପୂରୁଛି ଏବଂ ନୂତନ ସଭାପତି ଲାଗି ଶାସକ ଦଳ ଭାଗ ଛିଣ୍ଡେଇ ପାରୁନାହାନ୍ତି ବୋଲି ସଂସ୍ଥା ହନ୍ତସନ୍ତ ହଉଛି। ଅଭିଭାବକମାନେ ଏକ ସ୍ୱେଚ୍ଛାସେବୀ ସଂଗଠନରେ ଏପରି ରାଜନୀତିକୁ ନାପସନ୍ଦ କରିଛନ୍ତି ଏବଂ ବିଭିନ୍ନ ଜିଲ୍ଲାରୁ ପ୍ରତିବାଦର ସ୍ୱର ଉଠିଲାଣି। ଏହା ସରକାରର ବିଫଳତାକୁ ଦର୍ଶାଉଛି।

# ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ପରିଦୃଶ୍ୟରେ ଉନ୍ନତି ପାଇଁ ସୁଧ ଅପରିବର୍ତ୍ତିତ ରଖିଛି ଭାରତୀୟ ରିଜର୍ଭ ବ୍ୟାଙ୍କ

ଭୁବନେଶ୍ୱର (ବ୍ୟୁରୋ) : ନିଜର ଜୁନ ନୀତି ତୁଳନାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୁଧ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବା ସହ ନିରପେକ୍ଷ ଆଭିମୁଖ୍ୟ ବଜାୟ ରଖିଛି, କିନ୍ତୁ ୨୦୨୬-୨୭ ଆର୍ଥିକ ବର୍ଷର ମାକ୍ରୋଇକୋନମିକ୍ ଆଉଟ୍‌ଲୁକ୍‌ରେ ଉନ୍ନତି ଆଣିଛି। ବାସ୍ତବ ଜିଡିପି ଅଭିବୃଦ୍ଧି ୬.୭ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି ଯାହା ପୂର୍ବର ୬.୬ ପ୍ରତିଶତ ଆକଳନଠାରୁ ଅଧିକ। ସେହିପରି ମୁଦ୍ରାସ୍ଫୀତି ଆକଳନକୁ ମଧ୍ୟ ପୂର୍ବର ୫.୧୦ ପ୍ରତିଶତଠାରୁ କମ୍ କରି ୫.୦ ପ୍ରତିଶତ କରାଯାଇଛି। ଏହି ସଂଶୋଧନ ସେହି ବିଶ୍ୱାସକୁ ଦର୍ଶାଉଛି ଯେ ତୁରନ୍ତ କୌଣସି ନୀତିଗତ ପଦକ୍ଷେପ ଗ୍ରହଣ ନ କରି ଘରୋଇ ଚାହିଦା ଓ ଆର୍ଥିକ ସ୍ଥିତି ଜରିଆରେ ବାହ୍ୟ ଚାପର ମୁକାବିଲ କରାଯାଇପାରିବ। ଭୂରାଜନୈତିକ ସଙ୍କଟ, ଅସ୍ଥିର ଶକ୍ତି ମୂଲ୍ୟ, ଯୋଗାଣ ଶୃଙ୍ଖଳ ବିଭ୍ରାଟ ଓ ଏଲ୍‌ନିନୋ ଜନିତ ଅନିଶ୍ଚିତତା ସତ୍ତ୍ୱେ ଭାରତର ଅଭିବୃଦ୍ଧି ଦୃଢ଼ ରହିଛି। ବଳିଷ୍ଠ ବ୍ୟକ୍ତିଗତ ଉପଭୋଗ, ନିରନ୍ତର ନିବେଶ ଗତି ଓ ସୁଦୃଢ଼ ସେବା କାର୍ଯ୍ୟକଳାପ ବିକାଶ ପରିଦୃଶ୍ୟକୁ ସମର୍ଥନ କରୁଛି ଯଦିଓ ଉଚ୍ଚ ଇନପୁଟ୍ ଓ ଲଜିଷ୍ଟିକ୍ସ ଖର୍ଚ୍ଚ କେତେକ ମନୋନୀତ କ୍ଷେତ୍ର ଉପରେ ଚାପ ସୃଷ୍ଟି କରିଛି। ସ୍ୱାସ୍ଥ୍ୟକର ବ୍ୟାଙ୍କିଙ୍ଗ-ସିଷ୍ଟମ୍ ତରଳତା ଓ ନିରନ୍ତର ଋଣ ଚାହିଦା ସଂଚରଣ ସାହାଯ୍ୟ କରିବା ଉଚିତ, ଯେତେବେଳେ କି ସମ୍ଭାବ୍ୟ ଏଫସିଏନଆର (ବି) ପ୍ରବାହ ବୈଦେଶିକ ମୁଦ୍ରା ପାଣ୍ଠିକୁ ସୁଦୃଢ଼ କରିବା ଏବଂ ବଜାର ତରଳତା ଉପରେ ଚାପ ହ୍ରାସ କରିବା ସମ୍ଭାବନା ରହିଛି। ଅପରିବର୍ତ୍ତିତ ହାର ଋଣଗ୍ରହିତା ଓ ବ୍ୟବସାୟଗୁଡ଼ିକୁ ଅଧିକ ନିକଟତର ଅବଧି ନିଶ୍ଚିତତା ମଧ୍ୟ ପ୍ରଦାନ କରୁଛି। ତଥାପି ଆରବିଆଇ ସଜାଗ ରହିବାର ସମ୍ଭାବନା ଅଛି କାରଣ ଅଶୋଧିତ ତୈଳ ମୂଲ୍ୟ, ମୁଦ୍ରା ଚଳପ୍ରଚଳ, ଖାଦ୍ୟ ମୁଦ୍ରାସ୍ଫୀତି ଓ ବୈଶ୍ୱିକ ମୁଦ୍ରା କଠୋରତା ବିପଦର ସନ୍ତୁଳନକୁ ବଦଳାଇଦେବାର ଆଶଙ୍କା ରହିଛି। ସାମଗ୍ରିକ ଭାବେ ଫଳାଫଳ ପୂର୍ବ ନୀତି ପରିଦୃଶ୍ୟ ତୁଳନାରେ ଅଧିକ ଆଶାବାଦୀ କିନ୍ତୁ ତଥାପି ସତର୍କତାମୂଳକ। ବିକାଶ ଆଶା ସୁଦୃଢ଼ ହୋଇଛି, ମୁଦ୍ରାସ୍ଫୀତି ଚିନ୍ତା ସାମାନ୍ୟ ହ୍ରାସ ପାଇଛି ଏବଂ କେନ୍ଦ୍ରୀୟ ବ୍ୟାଙ୍କ ପରିସ୍ଥିତି ବଦଳିଲେ ପ୍ରତିକ୍ରିୟା ଦେବା ପାଇଁ ନମନୀୟତା ବଜାୟ ରଖିଛି। ଆମେ ନାମଦେବ ଫିନଭେଷ୍ଟ ଲିମିଟେଡ୍‌ରେ ପଶ୍ଚିମ ଏସିଆ ସଂଘର୍ଷ ଓ ସାଧାରଣ ଭାବରେ ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ଏଲ୍ ନିନୋର ପ୍ରଭାବର ଦ୍ୱନ୍ଦ୍ୱାତ୍ମକ ବିପଦ ହେତୁ ଅସ୍ପଷ୍ଟ ପରିଦୃଶ୍ୟ ମଧ୍ୟରେ ଏକ ରକ୍ଷଣଶୀଳ ଆଭିମୁଖ୍ୟ ବଜାୟ ରଖୁଛୁ। ଏମଏସଏମଇ କ୍ଷେତ୍ର ପାଇଁ ବିଗତ ଦୁଇ ବର୍ଷ ନିୟାମକ କଠୋରତା ଓ ଉଚ୍ଚ ବିପଦ- ଭାର ଆବଶ୍ୟକତାର ସମୟ ଥିଲା ଯାହା ଅଣ୍ଡରରାଇଟିଂ ମାନକକୁ ସୁଦୃଢ଼ କରିଛି ଓ ସମଗ୍ର ଉଦ୍ୟୋଗରେ ଋଣ ଅନୁଶାସନକୁ ସୁଧାରିଛି। ସମ୍ପତି ଗୁଣବତା ସୁଧୁରିଛି, ଲିଭରେଜ୍ ସ୍ତର ସୀମିତ ହୋଇଛି ଓ ଋଣ ଚାହିଦା ସୁସ୍ଥକର ରହିଛି। ଆମେ ବିଶ୍ୱାସ କରୁ ଯେ ଏହି କ୍ଷେତ୍ର ପ୍ରାୟତଃ ଚାପ ଚକ୍ରର ଶୀର୍ଷ ଦେଇ ଗତି କରିସାରିଛି ଏବଂ ଉନ୍ନତ ଋଣ ଗୁଣବତା, କମ୍ ଅତ୍ୟଧିକ ଲିଭରେଜ୍ ଏବଂ ସୁଦୃଢ଼ ଋଣଗ୍ରହିତା ସହନଶୀଳତା ସହିତ ଏକ ଅଧିକ ସ୍ଥାୟୀ ବିକାଶ ପର୍ଯ୍ୟାୟରେ ପ୍ରବେଶ କରୁଛି। ଏମ୍‌ଏସ୍‌ଏମ୍‌ଇ ଋଣ ବକେୟା ବାର୍ଷିକ ଆଧାରରେ ୧୬% ବୃଦ୍ଧି ପାଇ ୬୭.୬ ଲକ୍ଷ କୋଟି ଟଙ୍କାରେ ପହଂଚିଛି ଓ ମୋଟ ଏନପିଏ ଗତ ବର୍ଷ ତୁଳନାରେ ପ୍ରାୟ ଏକ ପ୍ରତିଶତ ସୁଧୁରିଛି। ଏହି ପରିବେଶରେ ଗଭୀର ଗ୍ରାମୀଣ ଓ ଅର୍ଦ୍ଧ-ସହରୀ ଉପସ୍ଥିତି ଏବଂ ସୁଦୃଢ଼ ବିପଦ ଆକଳନ କ୍ଷମତା ଥିବା ଏନବିଏଫସିଗୁଡ଼ିକ ବିଚକ୍ଷଣ ବିକାଶ ବଜାୟ ରଖିବା ସହିତ ଅବହେଳିତ ଏମଏସଏମଇ ଓ ମାଇକ୍ରୋଫାଇନାନ୍ସ ଋଣଗ୍ରହିତାମାନଙ୍କୁ ସମର୍ଥନ କରିବା ପାଇଁ ସର୍ବୋତ୍ତମ ସ୍ଥିତିରେ ରହିବେ। ଆମେ ଆଶା କରୁଛୁ ଯେ ଏହି ବଜାରଗୁଡ଼ିକ ଋଣ ଚାହିଦାର ମୁଖ୍ୟ ଚାଳକ ହୋଇ ରହିବ ଯାହା ସୁଧୁରୁଥିବା ସଂପତି ଗୁଣବତା, ପାଣ୍ଠି ଉପଲବ୍ଧତା ଓ ସୁଦୃଢ଼ ଋଣଗ୍ରହିତା ମୌଳିକତା ଦ୍ୱାରା ସମର୍ଥିତ। ସ୍ଥିର ନୀତି ପରିବେଶ ପାଣ୍ଠି ଖର୍ଚ୍ଚ ଓ ସୁଧ ହାର ଆଶା ଉପରେ ଅଧିକ ସ୍ପଷ୍ଟତା ମଧ୍ୟ ପ୍ରଦାନ କରୁଛି ଯାହା ଏନବିଏଫସିଗୁଡ଼ିକୁ ଅଧିକ ପ୍ରଭାବଶାଳୀ ବାଲାନ୍ସ ସିଟ୍ ଯୋଜନା ଓ ଦୂରଦର୍ଶୀ ତରଳତା ପରିଚାଳନା କରିବାକୁ ସକ୍ଷମ କରିଥାଏ। ଆଗକୁ ବଢ଼ିବା ସହିତ ଯଦିଓ ବୈଶ୍ୱିକ ଅନିଶ୍ଚିତତାଗୁଡ଼ିକ ଉପରେ ନିକଟରୁ ନଜର ରଖାଯିବ ତଥାପି ବର୍ତ୍ତମାନର ନୀତିଗତ ଆଭିମୁଖ୍ୟ ଉତରଦାୟୀ ଋଣ ସମ୍ପ୍ରସାରଣକୁ ସମର୍ଥନ କରିବା ଏବଂ ଭାରତର ଦୀର୍ଘକାଳୀନ ବିକାଶ ଗତିକୁ ବଜାୟ ରଖିବା ପାଇଁ ଆବଶ୍ୟକ ଆତ୍ମବିଶ୍ୱାସ ଓ ସ୍ଥିରତା ପ୍ରଦାନ କରୁଛି।

NAMDEV FINVEST

# ତ୍ରୁଟିମୁକ୍ତ ସ୍କୁଲପିଲାଙ୍କ ବହି କେବେ ମିଳିବ

## ମୁଖ୍ୟମନ୍ତ୍ରୀ ତାରିଖ ଘୋଷଣା କରନ୍ତୁ : କଂଗ୍ରେସ

ଭୁବନେଶ୍ୱର (ବ୍ୟୁରୋ) : ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଦ୍ୱାରା ଛପା ଯାଇଥିବା ଦ୍ୱିତୀୟ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିଯୁକ୍ତ ବହିର କେବେ ତ୍ରୁଟି ସୁଧାର ହେବ ଓ କେଉଁ ତାରିଖରେ ବହି ପିଲାମାନଙ୍କୁ ରାଜ୍ୟ ସରକାର ଯୋଗାଇ ଦେବେ ଏହା ସବୁଠାରୁ ବଡ ଓ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇରହିଛି। ପ୍ରକାଶଥାଉ କି ରାଜ୍ୟ ସରକାର ୨ କୋଟି ୯୨ ଲକ୍ଷ ୭୭ ହଜାର ରୁ ଅଧିକ ପୁସ୍ତକ ୫୧ଟି ବିଷୟ ପାଇଁ ରାଜ୍ୟର ୫୫ଲକ୍ଷ ଛାତ୍ରଛାତ୍ରୀଙ୍କ ୧୭୫ କୋଟି ଟଙ୍କା ରାଜ୍ୟ ରାଜକୋଷରୁ ବ୍ୟୟ କରି ଯେଉଁ ବହି ଛାପିଥିଲେ ତାହା ସଂପୂର୍ଣ୍ଣ ତ୍ରୁଟିଯୁକ୍ତ ବୋଲି କାହାକୁ ଆଉ ଅଛପା ନାହିଁ। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଖୋଦ ମୁଖ୍ୟମନ୍ତ୍ରୀ ବହି ଛାପିବାରେ ଷଡଯନ୍ତ୍ର ହୋଇଛି ବୋଲି ପ୍ରକାଶ କରିବା ସହିତ ଏହି ଷଡଯନ୍ତ୍ରରେ ସାମିଲ ଥିବା ବ୍ୟକ୍ତିଙ୍କୁ ଛଡାଯିବ ନାହିଁ ବୋଲି କହିବା ସହିତ ଏହି ଘଟଣାର ତଦନ୍ତ ଭାର ରାଜ୍ୟ କ୍ରାଇମ ବ୍ରାଂଚକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବାର ୩ ଦିନ ଭିତରେ ଓଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ମନୋଜ ପାଢ଼ୀଙ୍କୁ ଗିରଫ କରିବା ସହିତ ବିଚାର ବିଭାଗୀୟ ହାଜତକୁ ପଠାଇଥିଲା କିନ୍ତୁ ଦୁଃଖର କଥା ତଦନ୍ତର ଏକମାସ ପରେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ମନୋଜ ପାଢ଼ୀଙ୍କ ବ୍ୟତିତ ଅନ୍ୟ କାହାରିକୁ ଏପର୍ଯ୍ୟନ୍ତ କାହିଁକି ଗିରଫ କରି ନାହିଁ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ମନୋଜ ପାଢ଼ୀ କଣ ଏକାକୀ, ଏହି ତ୍ରୁଟିଯୁକ୍ତ ବହି ଛାପିବା ଷଡଯନ୍ତ୍ରରେ ସାମିଲ କି ? ଯେଉଁ ଡିଟିପି ସଂସ୍ଥାର କର୍ମଚାରୀ, ପ୍ରୁଫ୍ ରିଡିଙ୍ଗ ଦାୟିତ୍ୱରେ ଥିବା କର୍ମଚାରୀ, ତଥା ପୁସ୍ତକ ପ୍ରିଂଟିଙ୍ଗ ଦାୟିତ୍ୱରେ ଥିବା କର୍ମଚାରୀ ଏପରିକି ବିଭାଗୀୟ ଅଧିକାରୀ ଗଣଶିକ୍ଷା ବିଭାଗର ସଚୀବ ଓ ଖୋଦ ଏହି ମହାଜନୟର ମନ୍ତ୍ରୀଙ୍କର କିଛି ସଂପୃକ୍ତି ଅଛି କି ନାହିଁ ? ଏମାନଙ୍କୁ କେବେ ଗିରଫ କରାଯିବ ? ଚଳିତ ଶିକ୍ଷାବର୍ଷର ୪ ମାସରୁ ଅଧିକ ସମୟ ଚାଲିଗଲାଣି। ବାକି ୫ ମାସ ପରେ ଶିକ୍ଷା ବର୍ଷ ସରିଯିବ। କିନ୍ତୁ ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ପ୍ରତିଶ୍ରୁତି ପରେ ମଧ୍ୟ ରାଜ୍ୟର ୫୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ ସ୍କୁଲ ବହି ଯୋଗାଇ ଦିଆଯାଇପାରିଲା ନାହିଁ। ଫଳରେ ରାଜ୍ୟରେ ଗୋଟିଏ ପିଢ଼ିରେ ଛାତ୍ରଛାତ୍ରୀ ନିର୍ଭୁଲ ଓ ଗୁଣାତ୍ମକ ଶିକ୍ଷାରୁ ସଂପୂର୍ଣ୍ଣ ରୂପେ ବଂଚିତ ହେଲେ, ଏହା କଣ ଆମ ଓଡ଼ିଆ ଅସ୍ମିତାର ଦାୟିତ୍ୱବୋଧ କି ? ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟର ଗରୀବ ଖଙ୍କିଆଙ୍କ ପଇସାରେ ଗାଡି, ଘର, କର୍ମଚାରୀ ଓ ଚାକର ବାକର ସବୁ ଉପଭୋଗ କରିବେ କିନ୍ତୁ ନିଜର ଦାୟିତ୍ୱକୁ ନିଜ ମୁଣ୍ଡକୁ ନେବେ ନାହିଁ। ଆମ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ମନ୍ତ୍ରୀ ମନ୍ତ୍ରୀ ହିଁ ବିଭାଗର ଦୋଷ ତ୍ରୁଟି ପାଇଁ ଉତ୍ତରଦାୟୀ ରହିବା କଥା। କିନ୍ତୁ ବିଜେପି ଦଳ ପାଖରେ ଏଭଳି ଆଚରଣ ଦେଖିବାକୁ ମିଳୁନାହିଁ। ଏହା ତାଙ୍କ ମାନସିକ ଦେବାଳିଆପଣ ବୋଲି ବୁଝାପଡୁଛି। ମୁଖ୍ୟମନ୍ତ୍ରୀ ତୁରନ୍ତ କେଉଁ ତାରିଖରେ ବହି ପିଲାମାନଙ୍କୁ ଯୋଗାଇଦେବେ ତାହା ଘୋଷଣା କରନ୍ତୁ। ବିଭାଗୀୟ ମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ। କେଉଁ ଅଦୃଶ୍ୟ ଚାପରେ ମୁଖ୍ୟମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ବହିଷ୍କାର କରିବା ପାଇଁ ଭୟ କରୁଛନ୍ତି ତାହା ମଧ୍ୟ ରାଜ୍ୟବାସୀ ଜାଣିବା ଉଚିତ୍। ପ୍ରଧାନମନ୍ତ୍ରୀ ୨୦୨୪ ନିର୍ବାଚନ ସମୟରେ ବାରମ୍ବାର ରାଜ୍ୟକୁ ଗସ୍ତ କରି ଜନସାଧାରଣଙ୍କୁ ବିଶ୍ୱାସ ଦେଇଥିଲେ ଯେ ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ପ୍ରତିଷ୍ଠା ହେଲେ ବିକାଶ ଦ୍ରୁତଗତିରେ ହେବ ଏବଂ ସେ ନିଜେ ରାଜ୍ୟର ଦାୟିତ୍ୱ ନେବେ କିନ୍ତୁ ଦୁଃଖର କଥା ୨ ବର୍ଷ ପରେ ମଧ୍ୟ ବିକାଶର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ। ଡବଲ ଇଞ୍ଜିନ ସରକାର ଓଡ଼ିଶାର ଜନସାଧାରଣ ପାଇଁ ବୋଝ ପାଲଟିଯାଇଛି। ଅନ୍ୟତମ ମୁଖପାତ୍ର ଶ୍ରୀ କୃଷ୍ଣଚନ୍ଦ୍ର ପତି କହିଲେ ଯେ ସେପ୍ଟେମ୍ବର ମାସରେ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହେବ କିନ୍ତୁ ପିଲାମାନଙ୍କ ପାଖରେ ବହି ଦେଖାନାହିଁ। ଯଦି ବହି ଖୁବ୍‌ଶୀଘ୍ର ଯୋଗାଇ ନ ଦିଆଯାଏ ଏ ଶିକ୍ଷାବର୍ଷଟି ବେକାରରେ ଯିବ। ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦିଅନ୍ତୁ ନ ହେଲେ ରାଜ୍ୟ କଂଗ୍ରେସ ତରଫରୁ ତାଙ୍କୁ ଅଣ୍ଡା, ଟମାଟୋ ମାଡ କରିବା ସହିତ ତାଙ୍କୁ ଘୋର ବିରୋଧ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ତଥା ମୁଖପାତ୍ର ଶ୍ରୀ ମନୋରଞ୍ଜନ ଦାସ ଓ ଜଗଦାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ।





# ରାଜ୍ୟର ସମସ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

## ବିଡିଓଙ୍କ ମାଧ୍ୟମରେ ସରକାରଙ୍କୁ ଦାବିପତ୍ର

**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ସମସ୍ତ ସାମିଲ ସଂଗଠନର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କର ଅନେକ ଅସମାହିତ ସମସ୍ୟାର ସମାଧାନ ଲାଗି ପ୍ରସ୍ତୁତ ଦାବିପତ୍ରକୁ ଆଜି ରାଜ୍ୟର ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ, ମାନ୍ୟବର ଉଚ୍ଚଶିକ୍ଷାମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି। ପ୍ରକାଶଥାଉ କି, ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କର ନ୍ୟାଯ୍ୟ ଦାବି ଅନୁଦାନ, ଚାକିରି ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ ଓ ଶୂନ୍ୟ ପଡ଼ିଥିବା ପଦରେ ନିଯୁକ୍ତି ନିମନ୍ତେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ମାନ୍ୟବର ମୁଖ୍ୟମନ୍ତ୍ରୀ ପବିତ୍ର ବିଧାନସଭା ଗୃହରେ ଘୋଷଣା କରିଥିବା ଉଚ୍ଚସ୍ତରୀୟ କମିଟିର ସମୟ ଅବଧି ସରିଗଲା ପରେ ପୁନଶ୍ଚ ଆଉ ୬ ମାସ ବୃଦ୍ଧି କରିଛନ୍ତି ଏବଂ ଏହାକୁ ଆଳକରି ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କର ସମସ୍ୟା ସମାଧାନ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଅବସର ନେବାପରେ ଟଙ୍କାଟିଏ ପେନସନ୍ ନପାଇ ହା ହତାଶ ମଧ୍ୟରେ କାଳାତିପାତ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଏହି ବର୍ଗର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ଦୀର୍ଘ ୩୦ ବର୍ଷ ସେବା ଯୋଗାଇ ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି। ସେହି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କ ପାଇଁ କୋର୍ଟର ନିର୍ଦ୍ଦେଶ ଥିଲେ ମଧ୍ୟ ସେମାନଙ୍କୁ ପେନସନ୍ ମିଳୁନାହିଁ । ଅବସର ପରେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ପାନଦୋକାନ କରୁଛନ୍ତି ବା କେଉଁ ସ୍ଥାନରେ ମୂଲ ଲାଗୁଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଔଷଧ ଟୋପାଏ ଖାଇବାକୁ ମଧ୍ୟ ତାଙ୍କ ପାଖରେ ସମ୍ବଳ ନାହିଁ। ରାଜ୍ୟର ଜନପ୍ରିୟ ସରକାରଙ୍କର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳର ନେତା ଥିବାବେଳେ ଦେଇଥିବା ପ୍ରତିଶ୍ରୁତିକୁ ଦୀର୍ଘ ଦୁଇବର୍ଷ ଦୁଇମାସ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ କରିବାକୁ ଟାଳଟୁଳ ନୀତି ଅବଲମ୍ବନ କରିବା ଅତ୍ୟନ୍ତ ଦୁଃଖର ବିଷୟ। ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ରକ୍ଷାକରି ତୁରନ୍ତ ଏହି ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ୧୯୮୧ ପେନସନ୍ ରୁଲ ଅନୁଯାୟୀ ପେନସନ୍ ପ୍ରଦାନ କରନ୍ତୁ ବୋଲି ସମନ୍ୱୟ ସମିତି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଶୂନ୍ୟ ପଡ଼ିଥିବା ସ୍ଥାନରେ ସରକାର ଅଦ୍ୟାବଧି ନିଯୁକ୍ତିର ବ୍ୟବସ୍ଥା ସୃଷ୍ଟି କରିନାହାଁନ୍ତି। ଏଣୁ ଅନେକ ବିଦ୍ୟାଳୟ ଜଣେ କିମ୍ବା ଦୁଇଜଣ ଶିକ୍ଷକରେ ଚାଲିଛି। ଆଉ ବର୍ଷେ ଦୁଇବର୍ଷ ମଧ୍ୟରେ ଏହି ବିଦ୍ୟାଳୟଗୁଡ଼ିକ ଭାଙ୍ଗିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଏଣୁ ଏହି ବର୍ଗର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା କରନ୍ତୁ ଓ ଅବସର ନେଇଥିବା ଓ ନେବାକୁଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ କରନ୍ତୁ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ସେହିପରି ଦୀର୍ଘ ୨୫ ରୁ ୩୦ ବର୍ଷ ଧରି ଅଭାବ ଅସୁବିଧାରେ ଗ୍ରାମାଞ୍ଚଳରେ ଗଢ଼ି ଉଠିଥିବା ଅନୁଦାନ ଯୋଗ୍ୟ ବିଦ୍ୟଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ବିନା ପାରିଶ୍ରମିକରେ ଶିକ୍ଷାଦାନ କରି ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ସେମାନଙ୍କର ବଞ୍ଚିବାର ରାହା ନାହିଁ ଓ ସେହି ଅନୁଦାନ ଯୋଗ୍ୟ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ କୌଣସି ସରକାରୀ ସୁବିଧା ଯଥା- ବହି, ପୋଷାକ, ସାଇକେଲ ଓ ମଧ୍ୟାହ୍ନ ଭୋଜନ ଆଦି ମିଳୁ ନାହିଁ ଯାହା ଏକ ଦୁର୍ଭାଗ୍ୟଜନକ ଘଟଣା। ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସମାନ ସୁବିଧା ଯୋଗାଇ ଦେବା ସରକାରଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ତେଣୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ବିରୋଧରେ ଆଜି ରାଜ୍ୟର ୩୧୪ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ନେତୃବୃନ୍ଦ ଶିକ୍ଷକ ଓ କର୍ମଚାରୀମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା ମାଧ୍ୟମରେ ସରକାରଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନାହିଁ ଏବଂ ଶିକ୍ଷକମାନଙ୍କ ସମସ୍ୟାକୁ ନେଇ ସରକାର ଗଠନ କରିଥିବା କମିଟିର ରିପୋର୍ଟ ସରକାରଙ୍କର ହସ୍ତଗତ ହୋଇଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନାହିଁ । ଶିକ୍ଷକ କର୍ମଚାରୀ ମାନଙ୍କର ବିଭିନ୍ନ ଦାବିଗୁଡ଼ିକ ମଧ୍ୟରେ 'ଅନୁଦାନ ପାଉନଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ, ଖାଲିପଡ଼ିଥିବା ପଦବୀରେ ନିଯୁକ୍ତିର ବ୍ୟବସ୍ଥା, ଗ୍ରେଡ଼ପେରେ ଥିବା ଅସଙ୍ଗତି, ୨୦୦୪ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସରକାରୀ କରଣ ଓ ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି' ଆଦି ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମରେ ସମସ୍ତ ସାମିଲ ସଂଗଠନର ବ୍ଲକ ତଥା ଜିଲ୍ଲାର ନେତୃତ୍ୱଙ୍କ ସହିତ ଶିକ୍ଷକ, ଶିକ୍ଷିକା, ଶିକ୍ଷାକର୍ମଚାରୀ ମାନେ ଉପସ୍ଥିତ ରହି ବି.ଡ଼ି.ଓ.ଙ୍କ ମାଧ୍ୟମରେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବା ପାଇଁ ପ୍ରଚେଷ୍ଟା କରିଛନ୍ତି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ଗଣମାଧ୍ୟମକୁ ଜଣାଇଛନ୍ତି।

## 'ଆମ ରାହୁଲ ଗାନ୍ଧୀ ସଙ୍ଗୀତ' ଭିଡିଓ ଉନ୍ମୋଚିତ




ଭୁବନେଶ୍ୱର (ବ୍ୟୁରୋ) : ସାଇ ଶକ୍ତି ପ୍ରଡକ୍ସନ ବ୍ୟାନରରେ ପ୍ରତାପ କୁମାର ପ୍ରଧାନଙ୍କ ପ୍ରଯୋଜନାରେ, ଓଡ଼ିଆ ସଙ୍ଗୀତ ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ଅନୁରାଗ ଦାସଙ୍କ ସୁମଧୁର କଣ୍ଠରେ ଏବଂ ଇଞ୍ଜିନିୟର ଅଜୟ କୁମାର ସେଠୀଙ୍କ ରଚନାରେ ପ୍ରସ୍ତୁତ ଜନନାୟକ ରାହୁଲ ଗାନ୍ଧୀଙ୍କ ଜୀବନ, ଆଦର୍ଶ, ସଂଘର୍ଷ ଓ ଜନସେବାକୁ ଆଧାର କରି ନିର୍ମିତ ସଙ୍ଗୀତ ଭିଡିଓ ଆମ ରାହୁଲ ଗାନ୍ଧୀର ଶୁଭ ଉନ୍ମୋଚନ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଛି। ଏହି ସଙ୍ଗୀତ ଭିଡିଓକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଉନ୍ମୋଚନ କରିଥିଲେ। ନିଜ ଅଭିଭାଷଣରେ ସେ ଏହି ସଙ୍ଗୀତ ଭିଡିଓ ମାଧ୍ୟମରେ ରାହୁଲ ଗାନ୍ଧୀଙ୍କ ଆଦର୍ଶ, ସଂଘର୍ଷ ଓ ଦେଶ ପ୍ରତି ସମର୍ପଣର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ ବୋଲି ଆଶା ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଯଶବନ୍ତ ସିଂହ ଲାଗୁରି, ବିଧାୟକ ଅଶୋକ ଦାସ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ପ୍ରକାଶ ମିଶ୍ର, ରଜନୀକାନ୍ତ ମହାନ୍ତି, ମାନସ ଆଚାର୍ଯ୍ୟ, ସନ୍ତୋଷ ପ୍ରଧାନ, ବିଶ୍ୱଜିତ ରାଉତ, ସନ୍ତୋଷ ନାୟକଙ୍କ ସମେତ ବହୁ ବରିଷ୍ଠ ଓ ଯୁବ କଂଗ୍ରେସ ନେତୃବୃନ୍ଦ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଙ୍ଗୀତ ଭିଡିଓର ପ୍ରଯୋଜକ ପ୍ରତାପ କୁମାର ପ୍ରଧାନ କହିଥିଲେ ଯେ ଆମ ରାହୁଲ ଗାନ୍ଧୀ କେବଳ ଏକ ସଙ୍ଗୀତ ନୁହେଁ, ବରଂ ଦେଶର ଯୁବପିଢ଼ିଙ୍କ ପାଇଁ ରାହୁଲ ଗାନ୍ଧୀଙ୍କ ଚିନ୍ତାଧାରା, ସରଳତା, ସଂଘର୍ଷ ଓ ଜନସେବାର ଆଦର୍ଶକୁ ସଙ୍ଗୀତ ମାଧ୍ୟମରେ ପହଞ୍ଚାଇବାର ଏକ ବିନମ୍ର ପ୍ରୟାସ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସୁବାସ ଚନ୍ଦ୍ର ପ୍ରଧାନ, ତାପସ ସେଠୀ, ଯୁଗଳ କିଶୋର ନାୟକ, ପ୍ରକାଶ ଦିଗାଳ ଏବଂ ନିରଞ୍ଜନ ଲେଙ୍କାଙ୍କ ବିଶେଷ ସହଯୋଗ ରହିଥିଲା। ଶେଷରେ ସମସ୍ତ ଅତିଥି, ସାମ୍ବାଦିକ ବନ୍ଧୁ ଏବଂ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା।

# ୨୦୪୭ ବିକଶିତ ଓଡ଼ିଶା ଗଠନରେ ଯୁବପିଢ଼ିଙ୍କ ରହିବ ମୁଖ୍ୟ ଭୂମିକା : ଡକ୍ଟର ପୁରଞ୍ଜନ

ଭୁବନେଶ୍ୱର (ବ୍ୟୁରୋ) : ବିକଶିତ ଭାରତର ସ୍ୱପ୍ନ ସାକାର କରିବା ସହ ବିକଶିତ ଓଡ଼ିଶା ଗଠନ ପାଇଁ ବିଜ୍ଞାନ, ପ୍ରଯୁକ୍ତି, ନବସୃଜନ ଓ ଯୁବଶକ୍ତିର ସମନ୍ୱିତ ପ୍ରୟାସ ଅପରିହାର୍ଯ୍ୟ ବୋଲି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର)ର ପ୍ରାକ୍ତନ ଉପ-ନିର୍ଦ୍ଦେଶକ (କୃଷି ସଂପ୍ରସାରଣ) ଡ଼କ୍ଟର ପୁରଞ୍ଜନ ଦାସ ମତ ରଖିଛନ୍ତି। ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ରେ ସୋମବାର ଆୟୋଜିତ "ଗ୍ଲୋବାଲ ଲେକ୍‌ଚର ସିରିଜ"ର ଏକ ବିଶେଷ ଅଧିବେଶନରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡକ୍ଟର ଦାସ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା ଗଠନରେ ଯୁବପିଢ଼ିଙ୍କ ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। ନିଜ ବକ୍ତବ୍ୟରେ ଡକ୍ଟର ଦାସ କହିଥିଲେ ଯେ କୃଷି କ୍ଷେତ୍ରର ଆଧୁନିକୀକରଣ, ଖାଦ୍ୟଶସ୍ୟ ଉତ୍ପାଦନରେ ଉନ୍ନତ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ, ରାଜ୍ୟର ବିପୁଳ ଖଣିଜ ସଂପଦର ସୁଚିନ୍ତିତ ସଦୁପଯୋଗ, ଅତ୍ୟାଧୁନିକ କୌଶଳର ବିକାଶ ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ)ର ବ୍ୟାପକ ପ୍ରୟୋଗ ମାଧ୍ୟମରେ



ଓଡ଼ିଶା ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ନୂତନ ଉଚ୍ଚତାରେ ପହଂଚିପାରିବ। ସେ ଛାତ୍ରଛାତ୍ରୀଙ୍କୁ ନୂତନ ଜ୍ଞାନ, ନବସୃଜନ ଏବଂ ଉଦ୍ୟମିତା ପ୍ରତି ଆଗ୍ରହୀ ହେବା ସହ ସମାଜ ଓ କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ଡକ୍ଟର ଦାସଙ୍କ ବକ୍ତବ୍ୟକୁ ଅତ୍ୟନ୍ତ ପ୍ରେରଣାଦାୟକ ଓ ସମୟୋପଯୋଗୀ ବୋଲି କହିଥିଲେ। ଏଭଳି ଗ୍ଲୋବାଲ ଲେକ୍‌ଚର ସିରିଜ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ନେତୃତ୍ୱ ନେବାର ଶକ୍ତି ଏବଂ ରାଷ୍ଟ୍ର ଗଠନର ଦାୟିତ୍ୱବୋଧ ସୃଷ୍ଟି କରିବାରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହାସହ ଆଗାମୀ ଦିନରେ ମଧ୍ୟ ଏଭଳି ଜ୍ଞାନବର୍ଦ୍ଧକ ଆଲୋଚନା ଓ ବକ୍ତୃତାର ଆୟୋଜନ ଜାରି ରଖିବାକୁ ମତ ଦେଇ ଡକ୍ଟର ଦାସଙ୍କୁ ତାଙ୍କ ମୂଲ୍ୟବାନ ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ ପ୍ରଫେସର ନନ୍ଦ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ସରୋଜ କୁମାର ମହାନ୍ତି ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ, ଅଶୁଂମାନ ଜେନା, ରାଜୀବ କୁମାର ବେହେରା ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୋଆ ପକ୍ଷରୁ ଡକ୍ଟର ପୁରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଗବେଷକ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନାରୁ ଉପକୃତ ହୋଇଥିଲେ।

# ଡିଭାଇସ ସୁରକ୍ଷା ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏଆଇ+ ସ୍ମାର୍ଟଫୋନ

ଭୁବନେଶ୍ୱର (ବ୍ୟୁରୋ) : ଭାରତୀୟ ସ୍ମାର୍ଟଫୋନ କ୍ଷେତ୍ର ପାଇଁ ଏକ ନୂତନ ପଦକ୍ଷେପରେ ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ପ୍ରୋଜେକ୍ଟ ଟ୍ରଷ୍ଟ୍ +ର ଶୁଭାରମ୍ଭ କରାଯାଇଛି, ଏହା ହେଉଛି ଦୀର୍ଘକାଳିନ ସମୁଦାୟ ଯୋଗଦାନ ମାଧ୍ୟମରେ ଦେଶର ସବୁଠାରୁ ସୁରକ୍ଷିତ ସ୍ମାର୍ଟଫୋନ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ଉତ୍ସର୍ଗୀକୃତ ଏକ ନିର୍ଭୀକ ପଦକ୍ଷେପ। କମ୍ପାନୀ ଏହାର ଡିଭାଇସ ଗୁଡିକରେ ସୁରକ୍ଷା ବୃଦ୍ଧି କରିବା ଏବଂ ବିଶ୍ୱାସ ସ୍ଥାପନ କରିବା ପାଇଁ ଟେକ୍ନୋଲୋଜି ଓ ଡେଭ୍‌ଲପର୍ ସମୁଦାୟକୁ ଆମନ୍ତ୍ରଣ କରିବା ଲାଗି ଆଗାମୀ ୫ ବର୍ଷ ପାଇଁ ବାର୍ଷିକ ୨୦କୋଟି ଟଙ୍କା ବା ମୋଟ ୧୦୦ କୋଟି ଟଙ୍କା ନିବେଶ କରିବ। ଏହି ପଦକ୍ଷେପ ମାଧ୍ୟମରେ କମ୍ପାନୀ ଏହାର ସିଷ୍ଟମଗୁଡିକୁ ସକ୍ରିୟ ଭାବେ ପରୀକ୍ଷଣ କରିବା, ଏହାର ସିକ୍ୟୁରିଟି ଆର୍କିଟେକ୍‌ଚରକୁ ଚ୍ୟାଲେଞ୍ଜ କରିବା ଏବଂ ଉପଭୋକ୍ତାଙ୍କୁ ପ୍ରଭାବିତ କରିବା ପୂର୍ବରୁ ସମସ୍ୟାଗୁଡିକୁ ଚିହ୍ନଟ କରିବା ପାଇଁ ସ୍ୱାଧୀନ ଗବେଷକମାନଙ୍କୁ ଆମନ୍ତ୍ରଣ କରୁଛି। ପ୍ରୋଜେକ୍ଟ ଟ୍ରଷ୍ଟ+ ଏହି ବିଶ୍ୱାସ ଦ୍ୱାରା ପରିଚାଳିତ ଯେ, ସୁରକ୍ଷା ଏକ ଚୂଡାନ୍ତ ଗନ୍ତବ୍ୟସ୍ଥଳୀ ନୁହେଁ ବରଂ ଏକ ନିରନ୍ତର ଯାତ୍ରା । ଏହି ପଦକ୍ଷେପ ଏକ ଖୋଲା ପରିବେଶ ସୃଷ୍ଟି କରିଛି ଯେଉଁଠାରେ ଡେଭ୍‌ଲପର, ସୁରକ୍ଷା ଗବେଷକ ଓ ଏଥିକାଲ ହ୍ୟାକରମାନେ ଏଆଇ+ ପ୍ରଡକ୍ଟଗୁଡିକର ସୁରକ୍ଷା ଓ ସ୍ଥିରତା ପ୍ରତି ସାମୂହିକ ଭାବେ ଯୋଗଦାନ ଦେଇପାରିବେ। ଏସମ୍ପର୍କରେ ଏଆଇ+ ସ୍ମାର୍ଟଫୋନର ସିଇଓ ଏବଂ ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିର ପ୍ରତିଷ୍ଠାତା ମାଧବ ସେଠ୍ କହିଛନ୍ତି, "ଅଧିକାଂଶ କମ୍ପାନୀ ସେମାନଙ୍କ ଡିଭାଇସଗୁଡିକ ସୁରକ୍ଷିତ ବୋଲି ଉପଭୋକ୍ତାଙ୍କୁ କହିଥାନ୍ତି। ଆମେ ଏହାକୁ ପ୍ରମାଣିତ କରିବାକୁ ଚାହୁଁଛୁ। ବାସ୍ତବତା ହେଉଛି କୌଣସି ସ୍ମାର୍ଟଫୋନ, କୌଣସି ପ୍ଲାଟଫର୍ମ ଏବଂ କୌଣସି ଟେକ୍ନୋଲୋଜି ଇକୋସିଷ୍ଟମ ସୁରକ୍ଷାକୁ ଏକ ଚୂଡାନ୍ତ ଗନ୍ତବ୍ୟସ୍ଥଳୀ ଭାବେ ଦାବି କରିପାରିବେ ନାହିଁ। ଏହା ପ୍ରତିଦିନ ବିକଶିତ ହୋଇଥାଏ। ପ୍ରୋଜେକ୍ଟ ଟ୍ରଷ୍ଟ+ ଆମର ବିଶ୍ୱାସକୁ ପ୍ରତିଫଳନ କରୁଛି ଯେ, ବିଶ୍ୱାସକୁ ସ୍ୱଚ୍ଛତାର ସହ ଓ ସହଭାଗୀ ରୂପେ ସୃଷ୍ଟି କରାଯିବା ଉଚିତ। ଆମେ ଭାରତର ଟେକ୍ନୋଲୋଜି ସମୁଦାୟ ପାଇଁ ଆମର ଦ୍ୱାର ଖୋଲା ରଖିଛୁ କାରଣ ଆମେ ବିଶ୍ୱାସ କରୁଛୁ ଯେ, ସବୁଠାରୁ ସୁରକ୍ଷିତ ଉତ୍ପାଦଗୁଡିକୁ ଏକାନ୍ତରେ ନୁହେଁ ବରଂ ମିଳିତ ଭାବେ ନିର୍ମାଣ କରାଯାଇଥାଏ। ଏହି ପଦକ୍ଷେପ ସ୍ୱଚ୍ଛତା, ଗୋପନୀୟତା ଓ ଉପଭୋକ୍ତା ମାଲିକାନାକୁ ନେଇ ଏଆଇ+ର ବିସ୍ତୃତ ଫିଲୋସୋଫିକୁ ଆହୁରି ସୁଦୃଢ଼ କରିଛି। ପ୍ରୋଜେକ୍ଟ ଟ୍ରଷ୍ଟ+ ସହିତ ଏଆଇ+ ସ୍ମାର୍ଟଫୋନ, ସ୍ମାର୍ଟଫୋନ ସୁରକ୍ଷାକୁ ନେଇ ରହିଥିବା ଆଲୋଚନାକୁ ଦାବି ଓ ପ୍ରତିଶ୍ରୁତିରୁ ନିରନ୍ତର ଉନ୍ନତିକରଣ ଓ ସାର୍ବଜନିନ ଉତରଦାୟିତ୍ୱ ପର୍ଯ୍ୟନ୍ତ ସ୍ଥାନାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପ୍ରୋଗ୍ରାମ ପାଇଁ ଆବେଦନ କରିବା ଲାଗି ମାଧବ ସେଠ୍‌ଙ୍କ ଆଇଜି ହ୍ୟାଣ୍ଡେଲରେ ବାୟୋରେ ଥିବା ଲିଙ୍କ୍‌ରେ ଭିଜିଟ କରନ୍ତୁ।

# ଆଇଇଇଏମଏ ପକ୍ଷରୁ ଏନର୍ଜାଇଜ୍ ଏମପାୱାର୍ ଇଷ୍ଟର ୫ମ ସଂସ୍କରଣ




ଭୁବନେଶ୍ୱର (ବ୍ୟୁରୋ) : ଇଣ୍ଡିଆନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ମାନୁଫାକଚର୍ସ ଆସୋସିଏସନ୍ (ଆଇଇଇଏମଏ) ପକ୍ଷରୁ ଆଜି ଓଡ଼ିଶାର ଭୁବନେଶ୍ୱରସ୍ଥିତ ମେ'ଫେୟାର କନଭେନସନରେ ପାୱାର ଏବଂ ବୈଦ୍ୟୁତିକ ସରଞ୍ଜାମ ଶିଳ୍ପ ପାଇଁ ପୂର୍ବାଞ୍ଚଳର ପ୍ରମୁଖ ପ୍ରଦର୍ଶନୀ 'ଇ୩: ଏନର୍ଜାଇଜ୍. ଏମପାୱାର୍. ଇଷ୍ଟ'ର ୫ମ ସଂସ୍କରଣ ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ନୀତି ନିର୍ଦ୍ଧାରକ, ୟୁଟିଲିଟି, ଉତ୍ପାଦକ, ପ୍ରଯୁକ୍ତିବିଦ୍ୟା ଯୋଗାଣକାରୀ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକୁ ଏକାଠି କରିଛି ଯାହାଦ୍ୱାରା ଓଡ଼ିଶା ଏବଂ ପୂର୍ବ ଭାରତର ପାୱାର ସେକ୍ଟର ଇକୋସିଷ୍ଟମରେ ପୁଞ୍ଜିନିବେଶ ସୁଯୋଗ, ଆଞ୍ଚଳିକ କ୍ୟାପେକ୍ସ ଆଉଟଲୁକ୍, ଚାହିଦା ଏବଂ ଏସଏମଇର ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇପାରିବ । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ବିଭାଗର ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, "ଓଡ଼ିଶା ଦଶନ୍ଧି ଧରି ଚାଲିଆସୁଥିବା ପାରମ୍ପରିକ ବିଦ୍ୟୁତ୍ ଉତ୍ପାଦନରୁ ରାଜ୍ୟ ନିଜକୁ ପରିବର୍ତ୍ତନ କରି କ୍ଲିନ୍ ପାୱାର, ଗ୍ରୀନ୍ ଫୁଏଲ ଏବଂ କମ୍ କାର୍ବନଯୁକ୍ତ ଶିଳ୍ପ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି। ଏହାର ଦୃଢ଼ ଶିଳ୍ପ ଭିର୍ତ୍ତିଭୂମି, ଜଳସମ୍ପଦ, ୫୭୫ କିଲୋମିଟର ଉପକୂଳବର୍ତୀ ଅଂଚଳ, ବନ୍ଦର, ଖଣିଜ ମୂଲ୍ୟ ଶୃଙ୍ଖଳା ଏବଂ ଦକ୍ଷ କର୍ମଚାରୀଙ୍କୁ ବ୍ୟବହାର କରି, ରାଜ୍ୟ ଏହାର ଅକ୍ଷୟ ଶକ୍ତି ନୀତି ଅଧୀନରେ ୨୦୩୦ ସୁଦ୍ଧା ସୌର, ପବନ, ଜଳବିଦ୍ୟୁତ୍, ସଂରକ୍ଷଣ ଏବଂ ବିତରିତ ଶକ୍ତିକୁ ମିଶାଇ ୧୦ ଗିଗାୱାଟରୁ ଅଧିକ ଅକ୍ଷୟ ଶକ୍ତି କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, "ଆମେ ସ୍ୱତନ୍ତ୍ର ବୈଦ୍ୟୁତିକ ସରଞ୍ଜାମ ଉତ୍ପାଦନ କ୍ଲଷ୍ଟର, ଉନ୍ନତ ପରୀକ୍ଷଣ ପରୀକ୍ଷାଗାର, ଏକ୍ସଲେନ୍ସ ସେଂଟର, ଏକ ଦୃଢ଼ ଏମଏସଏମଇ ଯୋଗାଣକାରୀ ଇକୋସିଷ୍ଟମ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗିତା ବିକଶିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଭବିଷ୍ୟତର ଉତ୍ପାଦ ସୁଯୋଗ ଚିହ୍ନଟ କରିବା, ଉତ୍ପାଦନ କ୍ଲଷ୍ଟରଗୁଡ଼ିକର ବିକାଶ କରିବା, ଆମର ଭେଣ୍ଡର ବେସକୁ ମଜବୁତ କରିବା ଏବଂ ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ତ୍ୱରାନ୍ୱିତ କରିବାରେ ଆମ ସହିତ ଭାଗିଦାରୀ ହେବା ପାଇଁ ମୁଁ ଆଇଇଇଏମଏକୁ ସ୍ୱାଗତ କରୁଛି, ଯାହାଦ୍ୱାରା ଆମେ ଏକାଠି ଶିଳ୍ପ ଉତ୍ପାଦନର ଭବିଷ୍ୟତ ନିର୍ମାଣ କରିପାରିବା। ଆଇଇଇଏମଏର ସଭାପତି ଶ୍ରୀ ବିକ୍ରମ ଗାଣ୍ଡୋତ୍ରା କହିଛନ୍ତି, "ଗତ ସପ୍ତାହରେ ପ୍ରକାଶିତ ଆଇଆଇପି ତଥ୍ୟ ଅନୁଯାୟୀ ଏହା ୨୩ ମାସର ସର୍ବୋଚ୍ଚ ସ୍ତର ୭.୩% ରେ ପହଂଚିଛି, ଯେଉଁଥିରେ ସୁଇଚ୍ ଗିଅର୍, ସର୍କିଟ୍ ବ୍ରେକର୍, ୟୁପିଏସ୍ ସିଷ୍ଟମ୍ ଏବଂ ମିଟର ପ୍ୟାନେଲ୍ ଦ୍ୱାରା ପରିଚାଳିତ ବୈଦ୍ୟୁତିକ ସରଞ୍ଜାମ ଉତ୍ପାଦନ ୩୪% ବୃଦ୍ଧି ପାଇଛି। ଏହି ସଂଖ୍ୟାଗୁଡ଼ିକ ଆମ ଶିଳ୍ପର ଶକ୍ତିକୁ ପ୍ରତିଫଳିତ କରେ। ପୂର୍ବାଂଚଳ, ବିକଶିତ ହେଉଥିବା ନୀତିଗତ ଢାଂଚା ଏବଂ ସରକାରଙ୍କ ପ୍ରତିଶ୍ରୁତି ମୋତେ ଆତ୍ମବିଶ୍ୱାସ ଦେଉଛି ଯେ ଶିଳ୍ପର ଏକ ବଡ଼ ବର୍ଗ ନୀତିର ସୁବିଧା ନେବା ପାଇଁ ଏହି ଅଞ୍ଚଳରେ ପୁଞ୍ଜିନିବେଶ କରିବ।

# ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତିଙ୍କ ଜନ୍ମବାର୍ଷିକ ପାଳିତ

ଭୁବନେଶ୍ୱର (ବ୍ୟୁରୋ) : ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ଶ୍ରାଦ୍ଧବାର୍ଷିକ ପାଳିତ ହୋଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରପରେ କଂଗ୍ରେସ ଭବନ ପ୍ରାଙ୍ଗଣରେ ପଂକ୍ତି ଭୋଜନର ଆୟୋଜନ କରାଯାଇଥିଲା। ଯେଉଁ ପଂକ୍ତି ଭୋଜନରେ ଗରିବ ଲୋକମାନଙ୍କୁ ଖାଦ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ ଯୁବ କଂଗ୍ରେସ ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ କଂଗ୍ରେସ ଦଳ ପାଇଁ ସ୍ୱର୍ଗତ ସଂଗ୍ରାମ କେଶରୀ ଜେନା ଜଣେ ସମ୍ଭାବନାମୟ ଏବଂ ପ୍ରଭାବଶାଳୀ ଯୁବ ନେତା ଥିଲେ। ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଏବଂ ଏଆଇସିସି ସଦସ୍ୟ ଭାବରେ ମଧ୍ୟ ସେ ଦାୟିତ୍ୱ ନିର୍ବାହ କରିଥିଲେ। ଭଦ୍ରକ ଲୋକସଭା କ୍ଷେତ୍ରରେ କଂଗ୍ରେସ ସାଂସଦ ଭାବେ ପ୍ରତିଦ୍ୱନ୍ଦିତା କରି ଏକ ଉତ୍ସାହଜନକ ଲଢ଼େଇ କରିପାରିଥିଲେ। ବିଜେବି କଲେଜ, ଉତ୍କଳ ୟୁନିଭରସିଟିରେ ଅଧ୍ୟୟନ ସମୟରେ ସେ ଜଣେ ଆଦୃତ ଛାତ୍ରନେତା ଭାବରେ ରାଜ୍ୟରେ ସୁପରିଚିତ



ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟରେ ଛାତ୍ର କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବାପାଇଁ ସେ ସବୁବେଳେ ଉଦ୍ୟମ କରୁଥିଲେ। ଏପରିକି ବିଭିନ୍ନ ଜିଲ୍ଲାରେ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ସଂଗଠନ ସହିତ ସେ ସିଧାସଳଖ ସମ୍ପର୍କ ରଖି ସଂଗଠନକୁ ମଜବୁତ କରିବାପାଇଁ ପରାମର୍ଶ ଦେଉଥିଲେ। ସେ ଜଣେ ଅତି ଭଦ୍ର ଓ ମାର୍ଜିତ ବ୍ୟବହାର ସମ୍ପନ୍ନ ବ୍ୟକ୍ତିଥିଲେ। ତାଙ୍କର ବହୁ ଅନୁଗାମୀ ଆଜି ଛାତ୍ର ଓ ଯୁବ କଂଗ୍ରେସରେ ରାଜ୍ୟରେ ନେତୃତ୍ୱ ନେଉଛନ୍ତି। ବ୍ୟକ୍ତିଗତ ଭାବରେ ସେ ମୋର ଅତି ପ୍ରିୟତମ ଥିଲେ। ଛୋଟପିଲା ବେଳୁ ମୋ ସହିତ ତାଙ୍କର ସମ୍ପର୍କ ଥିଲା। ମୋତେ ସେ ବହୁ ସମ୍ମାନ ପ୍ରଦର୍ଶନ କରୁଥିଲେ। ସଂଗଠନ କ୍ଷେତ୍ରରେ ତାଙ୍କର ଦକ୍ଷତା ପ୍ରଶଂସନୀୟ ଥିଲା କଂଗ୍ରେସ ଦଳର ବିଚାରଧାରା ଏବଂ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ପ୍ରତି ସେ ଅତୁଟ ବିଶ୍ୱାସ ରଖୁଥିଲେ। ଦଳୀୟ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ସେ ଥିଲେ ଓଡ଼ିଶାର ପ୍ରଥମ ଯୁବ କଂଗ୍ରେସ ସଭାପତି। ସେ ଆମ ନିକଟରେ ଚିର ସ୍ମରଣୀୟ ହୋଇରହିବେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ତାରା ପ୍ରସାଦ ବାହିନୀପତି, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅଶୋକ ଦାସ, ଦେବାଶିଷ ପଟ୍ଟନାୟକ, ସମିର ରାଉତରାୟ, ଯାସିର ନୱାଜ, ମିନାକ୍ଷୀ ବାହିନୀପତି, ପ୍ରକାଶ ଜେନା, ମହମ୍ମଦ ଇମଦାଦ, ମାନସ ଆଚାର୍ଯ୍ୟ, ପ୍ରଭାସକର ମହାପାତ୍ର, ମନୋଜ ରାଉତ, ମନୋଜ ଜେନା, ଅଜୟ ସାହୁ, ଅଭିଲାଷ ମାଣିଆ, ସ୍ୱାଗତ କର, ମିହିର ଆଚାର୍ଯ୍ୟ, ତୁଷାରକାନ୍ତି ତପସ୍ୱୀ, ଲକ୍ଷ୍ମୀପ୍ରିୟ ନାୟକ, ଲିପିକା ପାତ୍ର, କାର୍ତ୍ତିକେଶ୍ୱର କାଣ୍ଡି, ବଳରାମ ନନ୍ଦ, ଶଂକୁନା କହଁର, ମହମ୍ମଦ ଗୁଲଫାମ, ନିଆଜୁଲ ଇସଲାମ, ବଟକୃଷ୍ଣ ରାଉତରାୟ, ସଂଦୀପ ରାଉତରାୟ, ଅମରେଶ ପରିଡ଼ା, ଗୋପନ ମାର୍ଥା, ବିରଞ୍ଚି ବାରିକ, ଜ୍ୟୋତି ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ପ୍ରତାପ ପ୍ରଧାନ, ପବିତ୍ର ସେଠୀ, ଜଗଦିଶ ଗଜେନ୍ଦ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org

Vol.13, Issue.109, Friday, 7 August 2026, Puri, Pages - 25, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୯, ଶୁକ୍ରବାର, ୭ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

